

## ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ୍ ପାଇଁ ଲକ୍ଷ୍ମଣ ହେବେ କୋଚ୍

ପୃଷ୍ଠା ୬


# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 215 | ଭାଗ ୩୨ | ସଂଖ୍ୟା ୨୧୫ | Bhubaneswar | Tuesday 29 October 2024 | Page 8 Rs. 4.00 | ଭୁବନେଶ୍ୱର | ମଙ୍ଗଳବାର ୨୯ ଅକ୍ଟୋବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## ନୟାଗଡ଼ର ଗଛ ପୁରୁଷ ପୁପୁନ

ପେଷା କାଠ କାମ । ହେଲେ ନିଶା ଗଛ ଲଗାଇବା ତାହା ପୁଣି ନିଜ ପାଇଁ ନୁହେଁ । ନିଜ ଆଖପାଖ ଅଞ୍ଚଳ ସହିତ ପୂରା ନୟଗଡକୁ ସବୁଜ ସୁନ୍ଦର କରିବାପାଇଁ ଲାଗି ପଡିଛନ୍ତି ପୁପୁନ ସାହୁ । ଜୀବନର ଏକ ମାତ୍ର ଲକ୍ଷ୍ୟ ବୃକ୍ଷ ରୋପଣକୁ ଆୟୁଧ କରି ସେ ଆଗକୁ ବଢୁଛନ୍ତି । ନାମୀ ଦାମୀ ଗଛ ଠାରୁ ଆରମ୍ଭ କରି ଲଗାଉଛନ୍ତି ମସଲା ଓ ଔଷଧିୟ ବୃକ୍ଷ । ସେ ପାଲଟିଛନ୍ତି ଜିଲ୍ଲାର ଅନ୍ୟତମ ପ୍ରେରଣା ।



ପୁପୁନଙ୍କୁ ଅନୁକରଣ କରି ଏବେ ଅନେକ ଗଛ ଲଗାଇବା ଆରମ୍ଭ କରିଛନ୍ତି । ପୁପୁନ ସାହୁ ବିଗତ ଏକ ଦଶନ୍ଧି ଧରି ଟାଙ୍ଗରା ଜମିକୁ ସବୁଜିମାରେ ପରିଣତ କରିବା ପାଇଁ ନିଜକୁ ଉତ୍ସର୍ଗ କରିଛନ୍ତି। ୨୦୧୪ମସିହାରୁ ପୁପୁନ ଏକାକୀ ଆମ୍ବ, ଆଖୁ ଓ ବାଉଁଶ ଭଳି ବୃକ୍ଷରୋପଣ କରିଥିଲେ। ଅନେକ ଆହ୍ୱାନ ସତ୍ତ୍ୱେ ସେ କୁସୁମୀ ନଦୀରୁ ନିଜେ ପାଣି ଆଣି ନିଜ ଛୋଟ ଛୋଟ ଚାରା ଚଳାଉଥିଲେ।ପୁପୁନଙ୍କ ପ୍ରୟାସ ବୃକ୍ଷରୋପଣ ବ୍ୟତୀତ ବିସ୍ତାରିତ ହୋଇଥିଲା; ମହିମା ଆଲେଖ ଆଶ୍ରମ ର ଆଖପାଖ ଅଞ୍ଚଳକୁ ପୁନର୍ଜୀବିତ କରିବା ସହ ପାଖାପାଖି ୪୦୦ ଔଷଧୀୟ ଓ ଫଳଧାରୀ ବୃକ୍ଷ ରୋପଣ କରିଥିଲେ। ଏହି ସବୁଜ ଆଶ୍ରୟସ୍ଥଳୀ ସ୍ଥାନୀୟ ଛାତ୍ରଛାତ୍ରୀଙ୍କ ପାଇଁ ଏକ ମୂଲ୍ୟବାନ ଶିକ୍ଷା ସମ୍ବଳ ପାଲଟିଛି। ସେ ତୁଳସୀ, ଡାଲଚିନି, ଲବଙ୍ଗ, ଅଁଳା ଓ କେଶର ଭଳି ଚାରା ଓ ଔଷଧୀୟ ବୃକ୍ଷକୁ ପୋଷଣ କରି ଏକ ବିବିଧ ପରିବେଶ ସୃଷ୍ଟି କରିଛନ୍ତି ଯାହା ବିଭିନ୍ନ ଉଦ୍ଭିଦ ଓ ଜୀବଜନ୍ତୁଙ୍କୁ ଆକର୍ଷିତ କରିଥାଏ। ଜଙ୍ଗଲରେ ନିଆଁ ଲାଗିବା ଭଳି ବିପର୍ଯ୍ୟୟର ସମ୍ମୁଖୀନ ହେବା ପରେ ମଧ୍ୟ ପୁପୁନଙ୍କ ସଂକଳ୍ପ ଅତୁଟ ରହିଥିଲା। ସେ ଚାରାପୋଷଣ ଜାରି ରଖିଛନ୍ତି ଏବଂ ଭବିଷ୍ୟତ ପିଢ଼ି ପାଇଁ ଏକ ସ୍ଥାୟୀ ପରିବେଶ ସୃଷ୍ଟି କରୁଛନ୍ତି। ନୟାଗଡର ଏହି ଗଛ ପୁରୁଷଙ୍କ ସଫଳତାର ଖବର ଏବେ ଜିଲ୍ଲା ଓ ରାଜ୍ୟ ଡେଇଁ ସାରିଲାଣି । ତାଙ୍କର ମହତକାର୍ଯ୍ୟକୁ ପ୍ରଶଂସାରେ ସମସ୍ତେ ଶତମୁଖ। ସଂଚାର ପରିବାର ପକ୍ଷରୁ ପୁପୁନଙ୍କୁ ଶୁଭେଚ୍ଛା।

## ଦେବାଳୟ ଯୋଜନାରେ ସୁରକ୍ଷିତ ହେବ ମଠ ମନ୍ଦିର



ଭୁବନେଶ୍ୱର,୨୮।୧୦ (ସଂଚାର ବ୍ୟୁରୋ): ମନ୍ଦିର ସୁରକ୍ଷା ପାଇଁ ସରକାର ଆଣିବେ ଦେବାଳୟ ଯୋଜନା। ରକ୍ଷଣାବେକ୍ଷଣ ସହ ପରିଚଳନା ସମସ୍ୟା ସମାଧାନ ପାଇଁ ନୂଆ ଯୋଜନା ଆଣୁଛନ୍ତି ରାଜ୍ୟ ସରକାର। ଦେବାଳୟ ପ୍ରକଳ୍ପ ସମ୍ଭାବନା ନାଁରେ ଏକ ନୂଆ ଯୋଜନା ଆଣୁଛନ୍ତି ସରକାର। ପରିଚାଳନା ଦୃଷ୍ଟି କୋଣରୁ ଏବଂ ମନ୍ଦିରଗୁଡିକରେ ଆସୁଥିବା ସମସ୍ୟାର ସମାଧାନ ପାଇଁ ଯେଉଁ ସହାୟତାର କଥା ଆସୁଛି ସେନେଇ ଗଭୀରତାର ସହ ଚିନ୍ତା କରାଯାଉଛି ବୋଲି ରାଜ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ଶ୍ରୀ ହରିଚନ୍ଦନ କହିଛନ୍ତି, ଏନେଇ ବ୍ଲୁ ପ୍ରିଣ୍ଟ ତିଆରି କରୁଛନ୍ତି ସରକାର। ପୂର୍ବ ସରକାରରେ ଅବଢ଼ା ଯୋଜନାରେ କେବଳ ମରାମତି କରାଯାଉଥିଲା। କିନ୍ତୁ ଏହି ଯୋଜନାରେ ମରାମତି, ରକ୍ଷଣାବେକ୍ଷଣ, ପରିଚାଳନା ସମସ୍ୟା ସମାଧାନ ବ୍ୟବସ୍ଥା ରହିଛି। ସେଥିପାଇଁ ଯାହା ଯାହା ଆବଶ୍ୟକ ସରକାର ନିଶ୍ଚିତ ଭାବେ ସେକଥାକୁ ପ୍ରାଥମିକତା ଦେଇ କରିବେ। ଓଡ଼ିଶାର ସଂସ୍କୃତି ଯେଉଁ ମଠ ମନ୍ଦିର ସହ ଜଡ଼ିତ, ତାର ସୁରକ୍ଷା ଆମର ପ୍ରାଥମିକତା ବୋଲି କହିଛନ୍ତି ଆଇନ ମନ୍ତ୍ରୀ। ସେପଟେ ତିରୁପତି ବାଲାଜୀ ମନ୍ଦିର ଲଡୁ ବିବାଦ ପରେ ପୁରୀ ଜଗନ୍ନାଥ ମନ୍ଦିରକୁ ନେଇ ଯତ୍ନବାନ ହୋଇଛନ୍ତି ରାଜ୍ୟ ସରକାର। ଶ୍ରୀମନ୍ଦିର ରୋଷ ଘରକୁ ଯାଉଥିବା ଘିଅ ସହ ଅନ୍ୟ ସାମଗ୍ରୀ ଓ ସେଠୁ ବାହାରୁଥିବା ଅବଢ଼ାର ମାନ ଯାଞ୍ଚ ହେବ ବୋଲି ଗତ କିଛିଦିନ ତଳେ କହିଥିଲେ ଆଇନମନ୍ତ୍ରୀ। ସେଥିପାଇଁ ଜଣେ ଫୁଡ୍ ଇନସପେଟର ନିଯୁକ୍ତ ହେବେ ବୋଲି ଜଣା ପଡ଼ିଛି।

### ଦୁର୍ନୀତି ବିରୋଧରେ ମୋହନଙ୍କ ଅଲଟିମେଟମ୍

# ଆଇନର ହାତ ଆଉ ବନ୍ଧା ହୋଇନି

- ଆଉ ନାହିଁ ସେକାଳ ପଖାଳ: ମୁଖ୍ୟମନ୍ତ୍ରୀ
- ସୃଷ୍ଟି ହେବ ୮ ଅତିରିକ୍ତ ଏସ୍‌ପି, ୨୪ ନୂଆ ଡିଏସ୍‌ପି ପଦବୀ
- ପ୍ରତିଷ୍ଠା ହେବ ରାଜ୍ୟ ଫରେନସିକ ବିଜ୍ଞାନ ପରୀକ୍ଷାଗାର
- ଦୁର୍ନୀତି ବିରୋଧୀ ଅଭିଯାନ ଦୀର୍ଘସ୍ଥାୟୀ ହେବା ଆବଶ୍ୟକ



ଭୁବନେଶ୍ୱର,୨୮।୧୦ (ସଂଚାର ବ୍ୟୁରୋ): ଦୁର୍ନୀତି ହେଉଛି ଭୟଙ୍କର ମଧୁମେହ ସଦୃଶ୍ୟ। ଦୁର୍ନୀତିର କୁପ୍ରଭାବ ଧିରେ ଧିରେ ବ୍ୟକ୍ତିଗତ ଓ ସମାଜ ସ୍ତରରେ କୁପ୍ରଭାବ ପକାଇଥାଏ। ଭାରତୀୟ ସମାଜରେ ଦୁର୍ନୀତିର କୁପ୍ରଭାବ ଯେ କେତେ ଥିଲା, ଏହା ଜାଣିବାକୁ ରକେଟ ବିଜ୍ଞାନର ଜ୍ଞାନ ଆବଶ୍ୟକତା ନାହିଁ। ଜଣେ ପୂର୍ବତନ ପ୍ରଧାନମନ୍ତ୍ରୀ କହିଥିଲେ ଯେ ମୁଁ ଦିଲ୍ଲୀରୁ ଗୋଟିଏ ଟଙ୍କା ପଠାଇଲେ ହିତାଧିକାରୀ ମାତ୍ର ୧୫ ପଇସା ପାଉଛି। ଏଠାରେ ପ୍ରଶ୍ନ ହୁଏ, ଯେ ବାକି ୮୫ ପଇସା କାହା ପକେଟକୁ ଯାଉଥିଲା। ଏହାର ଉତ୍ତର ଆପଣମାନେ ସମସ୍ତେ ଜାଣିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମତବ୍ୟକ୍ତ କରିଛନ୍ତି। ଲୋକସେବା ଭବନରେ ସୋମବାର ରାଜ୍ୟସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୁର୍ନୀତିକୁ ଦୃଢ ଭାବେ ବିରୋଧ କରିବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଶପଥ ପାଠ କରାଇବା ସହିତ କହିଛନ୍ତି, ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହାର ୫୦ ପ୍ରତିଶତରୁ ଅଧିକ ➢ପୃଷ୍ଠା-୬

### ଏଟା କେବଳ ଟ୍ରେଲର, ପୂରା ଫିଲ୍ମ ବାକି ଅଛି

ରାଜ୍ୟରେ ନୂଆ ସରକାର ଆସିବା ପରେ ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଗ୍ରହଣ କରିଥିବା ବେଳେ ମାଳମାଳ ଅଫିସରଙ୍କୁ ଜେଲରେ ଠୁଙ୍କିଛନ୍ତି। ଆଜି ଦୁର୍ନୀତି ନିବାରଣ ସପ୍ତାହ ଆରମ୍ଭରେ ଏହାର ତାଲିକା ଦେଇଛି ଗୃହ ବିଭାଗ।

ଏହି ସୂଚନା ଅନୁଯାୟୀ ଚଳିତ ବର୍ଷ ଜୁନ ୧୨ ତାରିଖରୁ ଅକ୍ଟୋବର ୨୬ ତାରିଖ ମଧ୍ୟରେ ଦୁର୍ନୀତି ନିବାରଣ ବିଭାଗ ୧୨୩ ଜଣଙ୍କ ବିରୋଧରେ ୮୮ଟି ମାମଲା ରୁଜୁ କରିଛି। ସେଥିମଧ୍ୟରେ ୨୪ ଜଣ ପ୍ରଥମ ଶ୍ରେଣୀ ପାହ୍ୟାର ଅଫିସର ଥିବା ବେଳେ ୧୨ ଦ୍ୱିତୀୟ ଶ୍ରେଣୀ, ୫୪ ତୃତୀୟ ଶ୍ରେଣୀ ଓ ୭ ଅନ୍ୟ ଲୋକସେବକ ଏବଂ ୨୬ ସାଧାରଣ ବ୍ୟକ୍ତି ଅଛନ୍ତି। ଏହି ସମୟ ମଧ୍ୟରେ ମୋଟ ୭୭ କୋଟି ➢ପୃଷ୍ଠା-୬



# ବିଜେଡିକୁ ଗୋଡ଼ାଇଲାଣି ଆୟୁଷ୍ମାନ ଭୂତ


- ମହିଳାଙ୍କ ପରେ ଏବେ ବୟସ୍କ ବି ଯିବେ
- ଆଜିଠୁ ଯୋଡି ହେବେ ୩.୫ କୋଟି ଲୋକ
- ଖାଲି ହୋଇଯିବ ବିଜେଡି ଭାଡ଼ି
- ଡାକ୍ତରଖାନା ସୁରକ୍ଷାରେ ବିଜେଡି ମୁଖପାତ୍ର

ଭୁବନେଶ୍ୱର,୨୮।୧୦ (ସଂଚାର ବ୍ୟୁରୋ): ରାଜ୍ୟରେ ଆୟୁଷ୍ମାନ ଭାରତ ଯୋଜନା କାର୍ଯ୍ୟକାରୀ ନେଇ ଘୋଷଣା ହେବାପରେ ବିଜେଡିକୁ ଏବେ ଆୟୁଷ୍ମାନ ଭୂତ ଗୋଡାଇଛି। କାରଣ ଏହି ଯୋଜନା କାର୍ଯ୍ୟକାରୀ ହେଲେ ବିଜେଡିର ଭାଡି ଖାଲି ହୋଇଯିବା ଭଳି ଅବସ୍ଥା ହେବ। ପୂର୍ବରୁ ବିଜେଡିର ଭୋଟ ବ୍ୟାଙ୍କ୍ ମହିଳାଙ୍କୁ ସୁଭଦ୍ରା ଯୋଜନା ଜରିଆରେ ବିଜେପି ନିଜ ପଟକୁ ନେଇଥିବାବେଳେ ଏବେ ଅନ୍ୟମାନେ ଆୟୁଷ୍ମାନ ଜରିଆରେ ବିଜେପି ପଟକୁ ଢଳିବେ। ଆୟୁଷ୍ମାନ ଯୋଜନା କାର୍ଯ୍ୟକାରୀ ହେଲେ ୭୦ବର୍ଷରୁ ସମସ୍ତ ବ୍ୟକ୍ତି ଏହା ପରିସରକୁ ଆସିବେ। ସେମାନଙ୍କୁ ୫ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ମିଳିବ। ଯେଉଁମାନେ ବିଜେଡି ସରକାର ଅମଳରେ ବିଏସକେୱାଇରୁ ବାଦ୍ ପଡିଥିଲେ ସେମାନେ ଏଥିରୁ ବେଶ୍ ଲାଭ ଉଠାଇବେ । ସେମାନେ ଓଡ଼ିଶା ସମେତ ସାରା ଭାରତର ଯେକୌଣସି ଡାକ୍ତରଖାନାରେ ଚିକିତ୍ସିତ ହୋଇପାରିବେ । ଏଥିରେ ବୟସ୍କମାନେ ସାମିଲର ସୁଯୋଗ ପାଇବେ । ଆୟୁଷ୍ମାନ ଯୋଜନା ଏବେ ବୟସ୍କଙ୍କ ପାଇଁ ବରଦାନ ସାବ୍ୟସ୍ତ ହେବା ଜାଣିବାପରେ ବିଜେଡି ଏବେ ଏକ ପ୍ରକାର ଛାନିଆ ହୋଇଛି। କାରଣ ସରକାରରେ ଥିବାବେଳେ ସେମାନେ ଅନେକଙ୍କୁ ଦଳୀୟ ଭିତ୍ତିରେ ବିଏସ୍କୋୱାଇରୁ ବାଦ୍ ଦେଇଥିବାବେଳେ ପେନ୍ସନଭୋଗୀମାନଙ୍କୁ ବି ବାଦ୍ ଦେଇଥିଲେ । ଏବେ କିନ୍ତୁ ଏହି ସମସ୍ତ ବର୍ଗର ଲୋକେ ସାମିଲ ହେବେ । ଯେଉଁ ପରିବାରର ବୟସ୍କମାନେ ବିଜେପିର ଏହି ଲୋକାଭିମୁଖୀ ➢ପୃଷ୍ଠା-୬

### ଲିଙ୍ଗରାଜ ମନ୍ଦିର ଫଟୋ ଭାଇରାଲ୍

## ବିବାଦରେ ଶୀଲ୍ପା ସେଟ୍ଟୀ

ଭୁବନେଶ୍ୱର,୨୮।୧୦ (ସଂଚାର ବ୍ୟୁରୋ): ବଲିଉଡ୍‌ର ନାମୀଦାମୀ ଅଭିନେତ୍ରୀ ଶୀଲ୍ପା ସେଟ୍ଟୀ ଲିଙ୍ଗରାଜ ମନ୍ଦିର ଭିତରେ ଫଟୋ ଉଠାଇ ଓ ଭିଡିଓ କରି ସୋସାଲ ମିଡିଆରେ ଭାଇରାଲ କରିବା ପରେ ବିବାଦ ସୃଷ୍ଟି ହୋଇଛି। ସୋମବାର ଶୀଲ୍ପା ଭୁବନେଶ୍ୱର ଆସି ଲିଙ୍ଗରାଜଙ୍କୁ ଦର୍ଶନ କରିଥିଲେ। ଏହି ଅବସରରେ ଜଣେ ବ୍ୟକ୍ତିଙ୍କ ସହିତ ସେ ମନ୍ଦିର ➢ପୃଷ୍ଠା-୬



## ଖୁବ୍‌ଶୀଘ୍ର ତୃତୀୟ ପର୍ଯ୍ୟାୟ ଟଙ୍କା

ଭୁବନେଶ୍ୱର,୨୮।୧୦ (ସଂଚାର ବ୍ୟୁରୋ): ନଭେମ୍ବରରେ ମିଳିପାରେ ସୁଭଦ୍ରା ଯୋଜନା ପ୍ରଥମ ପର୍ଯ୍ୟାୟର ୩ୟ କିସ୍ତି। ବାକି ଥିବା ଯୋଗ୍ୟ ହିତାଧିକାରୀଙ୍କୁ ମିଳିବ ଟଙ୍କା।

ସୁଭଦ୍ରା



ହିତାଧିକାରୀଙ୍କ ଖାତାକୁ ଯିବ ଟଙ୍କା। ସୋମବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଏହା କହିଛନ୍ତି। ସେପ୍ଟେମ୍ବର ୧୭ ତାରିଖରେ ରାଜ୍ୟରେ ସୁଭଦ୍ରା ଯୋଜନା ଭୁବନେଶ୍ୱରରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁଭାରମ୍ଭ କରିଥିଲେ। ଉକ୍ତ ଦିନ ପ୍ରଥମ କିସ୍ତିର ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୨୫ ଲକ୍ଷ ମହିଳାଙ୍କୁ ସୁଭଦ୍ରା ଟଙ୍କା ମିଳିଥିଲା। ଏହାପରେ ଦ୍ୱିତୀୟ ପର୍ଯ୍ୟାୟରେ ଅନେକ ହିତାଧିକାରୀଙ୍କୁ ଦଶହରା ପୂର୍ବରୁ ୯ ତାରିଖରେ ମିଳିଥିଲା। ଉକ୍ତ ଦିନ ୩୫ ଲକ୍ଷରୁ ଅଧିକ ହିତାଧିକାରୀ ଏହି ଟଙ୍କା ପାଇଥିଲେ। ପ୍ରଥମ ଦୁଇ ପର୍ଯ୍ୟାୟରେ ଏଯାବତ ପ୍ରାୟ ୬୦ ଲକ୍ଷ ମହିଳା ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ଟଙ୍କା ପାଇ ସାରିଲେଣି। ରାଜ୍ୟ ସରକାର କୋଟିଏରୁ ଅଧିକ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରି ଟଙ୍କା ଦେବାକୁ ଲକ୍ଷ୍ୟ ରଖିଛନ୍ତି। ମାର୍ଚ୍ଚ ୮ରେ ଦ୍ୱିତୀୟ କିସ୍ତି ଟଙ୍କା ପ୍ରଦାନ କରାଯିବା ନିମନ୍ତେ ଘୋଷଣା କରାଯାଇଥିବାରୁ ତା' ପୂର୍ବରୁ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ଟଙ୍କା ପ୍ରଦାନ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଏହି ପର୍ଯ୍ୟାୟରେ କେବେ ଟଙ୍କା ଯିବ ତାହା ସ୍ପଷ୍ଟ ହୋଇନି। ସୂଚନା ଅନୁଯାୟୀ, ଚଳିତ ମାସ ୩୧ ସୁଦ୍ଧା ଆବେଦନକରିଥିବା ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ ଶେଷ କରାଯିବ। ନଭେମ୍ବର ପ୍ରଥମ ସପ୍ତାହରେ ଆକାଉଣ୍ଟକୁ ୫ ହଜାର ଲେଖାଏଁ ଟଙ୍କା ଯିବ। ଅଧିକ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ ଉଦ୍ଦେଶ୍ୟରେ ସୁଭଦ୍ରା ଗାଇଡ୍‌ଲାଇନରେ ସଂଶୋଧନ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ମଞ୍ଜୁରି ଦେଇ ସାରିଛନ୍ତି। ଯୋଗ୍ୟ ହିତାଧିକାରୀ ଚୟନ ନିମନ୍ତେ ରାସନକାର୍ଡ (ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା) ଡାଟାବେସରେ ନିଶ୍ଚିତ ନାମ ଥିବା ମାନଦଣ୍ଡକୁ ହଟାଇବାକୁ ସରକାର ନିଷ୍ପତ୍ତି ନେଇଛନ୍ତି।

## ଟ୍ରେଣ୍ଡିଂ ନ୍ୟୁଜ୍

- ଜମ୍ମୁର ଅଖନୁର ଅଞ୍ଚଳରେ ସେନା ଗାଡ଼ି ଉପରେ ଆକ୍ରମଣ ପରେ ସୁରକ୍ଷାବାହିନୀର ଅପରେସନରେ ୩ ଆତଙ୍କବାଦୀ ନିହତ। ସେମାନଙ୍କ ନିକଟରୁ ବିପୁଳ ଅସ୍ତ୍ରଶସ୍ତ୍ର, ଗୁଳି ଏବଂ ବିସ୍ଫୋରକ ସାମଗ୍ରୀ ଜବତ।
- ଲକ୍ଷ୍ନୌର ହଜରତଗଞ୍ଜ ଥାନା ଅଞ୍ଚଳରେ ଥିବା ତାଜ ହୋଟେଲ ସିଓ୍ୱାଟକୁ ବୋମା ଧମକ ଦିଆଯାଇଛି । ଧମକ ପରେ ପୋଲିସ ସହ ବୋମା ନିଷ୍କ୍ରିୟକାରୀ ଦଳ ପହଞ୍ଚି ତାଜ ସହ ରେନସା ହୋଟେଲରେ ଯାଞ୍ଚ କରିଛନ୍ତି।
- ବିହାରର ପୂର୍ଣ୍ଣିଆ ସାଂସଦ ରାଜେଶ ରଞ୍ଜନ ଓରଫ୍ ପପୁ ଯାଦବଙ୍କୁ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍ ହତ୍ୟା ଧମକ ଦେବା ପରେ ସେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ଚିଠି ଲେଖି 'ଜେଡ୍' ବର୍ଗର ସୁରକ୍ଷା ଦେବାକୁ ଦାବି କଲେ।
- ମହାରାଷ୍ଟ୍ରରେ ସସମସ୍ତ ୨୮୮ ଟି ଆସନରେ ମହାବିକାଶ ଅଘାଡି (ଏମ୍‌ଭିଏ) ଲଢ଼ିବାକୁ ଯାଉଛି । ୯୫ ପ୍ରତିଶତ ଆସନକୁ ନେଇ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ସରିଛି ଓ ଅବଶିଷ୍ଟ ଆସନ ଉପରେ ଆଲୋଚନା ଜାରି ରହିଛି ବୋଲି ଏନସିପି (ଏସପି) ପ୍ରମୁଖ ଶରଦ ପାଓ୍ୱାର ସ୍ପଷ୍ଟ କଲେ।
- ପଶ୍ଚିମବଙ୍ଗରେ ଉପ ନିର୍ବାଚନ ପାଇଁ ପ୍ରଚାର ବେଳେ ବଲିଉଡ୍ ଅଭିନେତା ତଥା ବିଜେପି ନେତା ମିଥୁନ ଚକ୍ରବର୍ତ୍ତୀ କୋଲକାତାରେ ଦେଇଥିବା ହିଂସା ଉଦ୍ରେକକାରୀ ଭାଷଣକୁ ନେଇ ରାଜନୈତିକ ସ୍ତରରେ ବିବାଦ।
- ଦୀପାବଳି ଏବଂ ଛଟ୍ ପୂଜା ପାଇଁ ଲୋକମାନେ ଘରକୁ ଫେରୁଥିବାରୁ ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି ଦେଶର ପ୍ରମୁଖ ଷ୍ଟେସନରେ ପ୍ଲାଟଫର୍ମ ଟିକଟ ବିକ୍ରି କରାଯିବ ନାହିଁ।
- କାର୍ତ୍ତିକର ୨ୟ ସୋମବାର ପ୍ରାୟ ୨୦ ହଜାର ଶ୍ରଦ୍ଧାଳୁ ପ୍ରଭୁ ଧବଳେଶ୍ୱରଙ୍କ ଦର୍ଶନ କଲେ। ଆଠଗଡ଼ ଉପଜିଲ୍ଲାପାଳ ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଦର୍ଶନକୁ ଶୃଙ୍ଖଳିତ କରାଯାଇଥିଲା।

### ବନ୍ୟାର ସ୍ଥାୟୀ ପ୍ରତିକାର ପାଇଁ ବନ୍ଧ ସୁରକ୍ଷା ଓ ଉନ୍ନତୀକରଣ ଯୋଜନା

# ୫ ବର୍ଷରେ ବ୍ୟୟ ହେବ ୨୦୦ କୋଟି

ଭୁବନେଶ୍ୱର,୨୮।୧୦ (ସଂଚାର ବ୍ୟୁରୋ): ରାଜ୍ୟ ସରକାର ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ନୂଆ ଯୋଜନା ପ୍ରଣୟନ କରିଛନ୍ତି। 'ବନ୍ଧ ସୁରକ୍ଷା ଓ ଉନ୍ନତୀକରଣ' ଯୋଜନାରେ ରାଜ୍ୟର ତଳମୁଣ୍ଡରେ ଅଧିକ ଜଳପ୍ରବାହ ଯୋଗୁ ସୃଷ୍ଟି ହେଉଥିବା ବନ୍ୟା ପରିସ୍ଥିତିକୁ ଏଡ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ନିଜସ୍ୱ ପାଣ୍ଠିରୁ ମୋହନ ମାଝୀ ସରକାର ୫ ବର୍ଷରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରିବେ। ବନ୍ଧ ସୁରକ୍ଷା ଓ ଉନ୍ନିତୀକରଣ ଯୋଜନାରେ ପୁରାତନ ତଥା ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଡ୍ୟାମଗୁଡ଼ିକର ପୁନରୁଦ୍ଧାର ଓ ସୁଦୃଢ଼ୀକରଣ କରାଯିବ।

ଜଳସମ୍ପଦ ବିଭାଗ ପକ୍ଷରୁ ଜାରି 'ସଂକଳ୍ପପତ୍ର' ଅନୁସାରେ, ପୁରାତନ ତଥା ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଡ୍ୟାମଗୁଡ଼ିକର ବିଫଳତା ଯୋଗୁ ତଳମୁଣ୍ଡରେ ଅତିରିକ୍ତ ଜଳପ୍ରବାହରୁ ଧନ ଜୀବନହାନି ହେବାସହିତ ପ୍ରାଣୀ ଏବଂ ପରିବେଶରେ ଅନୁଚିତ କ୍ଷତି ହେବା ଆଶଙ୍କା ଥାଏ। ସେଥିପାଇଁ ପୁରାତନ ବନ୍ଧଗୁଡ଼ିକର ସୁରକ୍ଷା ପାଇଁ ଏହାର ନିରବଚ୍ଛିନ୍ନ ନିରୀକ୍ଷଣ ଓ ରକ୍ଷଣାବେକ୍ଷଣ ସହିତ ଆବଶ୍ୟକତା ଅନୁସାରେ ମରାମତି ଓ ଉନ୍ନତୀକରଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହାକୁ ଦୃଷ୍ଟିରେ ରଖି ଡ୍ୟାମର ଅବକ୍ଷୟକୁ ଦୂର କରିବା ନିମନ୍ତେ 'ବନ୍ଧ ସୁରକ୍ଷା ଓ ଉନ୍ନତିକରଣ କାର୍ଯ୍ୟ' ଯୋଜନାକୁ ଆଗାମୀ ୫ବର୍ଷ ପାଇଁ କାର୍ଯ୍ୟକାରୀ କରିବା ନିମନ୍ତେ ୨୦୦କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଏହି ଯୋଜନା ପାଇଁ ଅତିରିକ୍ତ ମାନବ ସମ୍ବଳର ଆବଶ୍ୟକତା ନ ଥିବା ବିଭାଗ ପକ୍ଷରୁ କୁହାଯାଇଛି। ➢ପୃଷ୍ଠା-୬

## ବାତ୍ୟା ମୁକାବିଲା ପରେ ଭାବମୂର୍ତ୍ତି

ବାତ୍ୟା ମୁକାବିଲାରେ ରାଜ୍ୟ ସରକାର ବିଫଳ। ବିଜେଡି ଗତ ଚାରି ଦିନ ହେଲା ଏହି ଗୀତ ଗାଇଆସୁଛି। ହେଲେ ଏଯାଏଁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ବାତ୍ୟା ପ୍ରତିଡିତଙ୍କ ପାଖରେ ପହଁଚିଲେ ନାହିଁ। ବିଜେଡି ନେତାମାନେ ସବୁବେଳେ ନବୀନଙ୍କୁ ବିପର୍ଯ୍ୟୟ ମୁକାବିଲା ରଣନୀତିର ଷ୍ଟାଲଓ୍ୱାର୍ଟ ବୋଲି ଦାବି କରୁଥିଲେ। ଏହାକୁ ନେଇ ନବୀନ ସୋସିଆଲ ମିଡିଆରେ ଟ୍ରୋଲ ହେଉଛନ୍ତି। ସେପଟେ ମୋହନ ମାଝୀ ପ୍ରଥମ ଥର ପାଇଁ ରାଜ୍ୟ ଶାସନର ମଙ୍ଗ ଧରିଥିବା ବେଳେ ସେ ବାତ୍ୟା ଆକଳନ ପରଠାରୁ ପ୍ରତିଦିନ ପ୍ରାକ୍ ପ୍ରସ୍ତୁତି ଠାରୁ ପରବର୍ତ୍ତି ରିଲିଫ ଓ ଥଇଥାନ କାର୍ଯ୍ୟକୁ ସମୀକ୍ଷା କରୁଛନ୍ତି। ଫଳରେ ସାଧାରଣ ଲୋକ ଏବେ ନବୀନ ଓ ମୋହନଙ୍କୁ ପ୍ରଶାସନିକ ତତ୍ପରତାର ନିକିତିରେ ତଉଲିବା ଆରମ୍ଭ କରିଛନ୍ତି।

# ଗ୍ରାଉଣ୍ଡ ଜିରୋରେ ମୋହନ-ନବୀନ ହିସାବ



ଭୁବନେଶ୍ୱର,୨୮।୧୦ (ସଂଚାର ବ୍ୟୁରୋ): ବାତ୍ୟା ମୁକାବିଲା ପରେ ଏବେ ରାଜ୍ୟରେ ଆରମ୍ଭ ହୋଇଛି ଭାବମୂର୍ତ୍ତି ଲଢେଇ । ସରକାରରେ ଥିବା ବିଜେପି ଲୋକଙ୍କ ପାଖରେ ପହଞ୍ଚି ବାତ୍ୟା ମୁକାବିଲାରେ ଦିନ ରାତି ଏକ କରିଥିବାବେଳେ ବିଜେପିର ଭାବମୂର୍ତ୍ତି ଖରାପ କରିବାପାଇଁ ବିଜେଡି ଘନ ଘନ ସାମ୍ବାଦିକ ସମ୍ମିଳନୀ ଜରିଆରେ ସମାଲୋଚନା କରିବାରେ ଲାଗିଛି । ତେବେ ଦୁଇ ଦଳର ଏହି ଭାବମୂର୍ତ୍ତି ଲଢେଇ ଭିତରେ ବାତ୍ୟାଞ୍ଚଳ ଲୋକେ କିନ୍ତୁ ମୋହନ ଓ ନବୀନଙ୍କ ବାତ୍ୟା ମୁକାବିଲାର ହିସାବ କରିବାରେ ଲାଗିଛନ୍ତି ।

ରାଜ୍ୟରେ ନବୀନ ସରକାର ୨୫ବର୍ଷ ଶାସନ କରିବା ଭିତରେ ତିତିଲି, ଫାଇଲିନ୍, ଫନି, ହୁଡ୍‌ହୁଡ୍ ଭଳି ବାତ୍ୟା ଆସିଥିବାବେଳେ ମୋହନ ସରକାର ପ୍ରଥମ ବାତ୍ୟା ଭାବେ ଦାନାକୁ ସାମ୍ନା କରିଛନ୍ତି । ତେବେ ନୂଆ ସରକାରଙ୍କ ବାତ୍ୟା ମୁକାବିଲା ପୂର୍ବ ସରକାର ତୁଳନାରେ ନିଆରା ବୋଲି ଲୋକେ କହିବା ଆରମ୍ଭ କରିଛନ୍ତି । ବାତ୍ୟାର ଖବର ପାଇବା ମାତ୍ରେ ମୁଖ୍ୟମନ୍ତ୍ରୀ ମୋହନ ମାଝି ପୂରା ଟିମ୍‌କୁ ଜାଗତିଆର କରିବା ସହିତ ନିଜେ ରାଜଧାନୀରେ ବାତ୍ୟା ମୁକାବିଲା ଉପରେ ତୀକ୍ଷ୍ଣ ନଜର ରଖିଥିଲେ । ମନ୍ତ୍ରୀ ଓ ବରିଷ୍ଠ ଆଇଏଏସ୍ ଅଫିସରମାନଙ୍କୁ ଜିଲ୍ଲାକୁ ପଠାଇବା ସହିତ ବିଧାୟକମାନେ ବାତ୍ୟାଞ୍ଚଳରେ ନିଜ ନିଜ ନିର୍ବାଚନମଣ୍ଡଳୀରେ ରହିବାପାଇଁ କହିଥିଲେ।

ସେହି ଅନୁଯାୟୀ ମନ୍ତ୍ରୀମାନେ ବାତ୍ୟାଞ୍ଚଳରେ ଡେରା ପକାଇଥିଲେ। ବିଧାୟକମାନେ ଗାଁ ଗାଁରେ ବୁଲିଥିଲେ। ମନ୍ତ୍ରୀମାନେ ଉପସ୍ଥିତ ଥିବାରୁ ଅଫିସରମାନେ ବି ବାତ୍ୟା ➢ପୃଷ୍ଠା-୬

### ସରପଞ୍ଚଙ୍କୁ ଆକ୍ରମଣ ଘଟଣା

## ତିନି ଅଭିଯୁକ୍ତ ଗିରଫ

**କେନ୍ଦ୍ରାପଡ଼ା, ୨୮।୧୦ (ସଂଚାର ବ୍ୟୁରୋ):** ଗତ ରବିବାର ଦିନ ଅନ୍ତେଇ ପଞ୍ଚାୟତର ସରପଞ୍ଚ ସଞ୍ଜୟ ସେଠୀ ବାତ୍ୟା ଜନିତ କ୍ଷୟକ୍ଷତିର ଅନୁଧ୍ୟାନ ନିମନ୍ତେ ବ୍ଲକ ଅଧିକାରୀଙ୍କ ସହିତ ନିଜ ପଞ୍ଚାୟତ ଅଧିନରେ ଥିବା ବାଲିଘାଇ ଯାଉଥିବା ସମୟରେ ଅନ୍ତେଇ ସ୍ଥିତ ଥିବା ମୋବାଇଲ୍ ଟାୱାର ନିକଟରେ ଆଠ ଜଣ ଦୁର୍ବୃର୍ତ୍ତ ସଞ୍ଜୟଙ୍କୁ ଅତର୍କିତ ମରଣାନ୍ତକ ଆକ୍ରମଣ କରିଥିଲେ । ଯାହା ଫଳରେ ସଞ୍ଜୟ ଘଟଣା ସ୍ଥଳରେ ଅଚେତ ହୋଇପଡ଼ିଥିଲେ। ସଞ୍ଜୟଙ୍କୁ ଆକ୍ରମଣ କରୁଥିବାର ଦେଖି ସ୍ଥାନୀୟ ଲୋକେ ଘଟଣା ସ୍ଥଳକୁ ଧାଇଁ ଆସିଥିଲେ ଯାହା ଫଳରେ ଆକ୍ରମଣ କରିଥିବା ଦୁର୍ବୃର୍ତ୍ତ ମାନେ ଘଟଣା ସ୍ଥଳରୁ ଚମ୍ପଟ୍ ମାରିଥିଲେ । ଏହି ଘଟଣାରେ ସଞ୍ଜୟଙ୍କ ବାପା ନାରାୟଣ ସେଠୀ ଏକ ଲିଖିତ ଅଭିଯୋଗ ସ୍ଥାନୀୟ ପାଟକୁରା ଥାନାରେ କରିଥିଲେ। ଅଭିଯୋଗ ପରେ ପୁଲିସ୍ ଗତକାଲି ଏତଲାରେ ଦର୍ଶାଯାଇଥିବା ୮ଜଣଙ୍କ ମଧ୍ୟରୁ ତିନିଜଣଙ୍କୁ ତିର୍ତ୍ତୋଲ ବଜାର ନିକଟରୁ କାବୁ କରିବାରେ ସକ୍ଷମ ହୋଇଥିଲା। ସେମାନେ ହେଲେ ସତ୍ୟ ପ୍ରକାଶ ସ୍ୱାଇଁ (ଟିଟନ), ପ୍ରଭାସ ସାମନ୍ତରାୟ,ବିଶ୍ୱବିଜୟୀ ସ୍ୱାଇଁ। ଆଜି ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ୍। ଅନ୍ୟ ଅଭିଯୁକ୍ତଙ୍କୁ ପୁଲିସ୍ ଧରିନଥିଲେ ମଧ୍ୟ ସେମାନଙ୍କ ସୁରାଖ ଖୋଜୁଥିବା ଜଣାପଡିଛି । ଖବର ଅନୁଯାୟୀ ଗତ ବାତ୍ୟାରେ କିଛି ଯୁବକ ଉକ୍ତ ପଞ୍ଚାୟତର ଥିବା ବାତ୍ୟା ଆଶ୍ରୟସ୍ଥଳୀ ଯାଇ ରିଲଫ୍ ଖାଦ୍ୟ ପରଖିବା ସହିତ ଫଟୋ ଉତ୍ତୋଳନ କରି ସରପଞ୍ଚଙ୍କ ସହ ତିକ୍ତତା କରିଥିଲେ ଯାହାକି ଘଟଣାଟି ଉଗ୍ରରୂପ ଧାରଣ କରିଥିଲା ଶେଷରେ ଉକ୍ତ ଯୁବକ ମାନେ ସଞ୍ଜୟଙ୍କୁ ଅତର୍କିତ ଆକ୍ରମଣ କରିଥିଲେ । ଘଟଣା ସ୍ଥଳରେ ସଞ୍ଜୟଙ୍କ ଶରୀରରେ ଗଭୀର ଆଘାତ ଲାଗିଥିବାରୁ ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ପାଟକୁରା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ହେଲେ ସଞ୍ଜୟଙ୍କ ଶରୀର ଅଧିକ ସଙ୍କଟାପନ୍ନ ଥିବାରୁ ଡାକ୍ତର ତାଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଠାଇଥିଲେ ହେଲେ ସେଠାରୁ କଟକ ଏସସିବିକୁ ସ୍ଥାନାନ୍ତର କରାଯାଇଥିଲା। ବର୍ତ୍ତମାନ ସେ ଏସସିବି ମେଡିକାଲରେ ଚିକିତ୍ସିତ ହେଉଥିବା ଜଣାପଡିଛି ।

### ସାମ୍ବାଦିକଙ୍କୁ ଆକ୍ରମଣ ଅଭିଯୋଗ

## ୨୪ ଘଣ୍ଟା ପରେ ମଧ୍ୟ ପୋଲିସ ହାତ ଖାଲି



**ଅନୁଗୁଳ, ୨୮।୧୦ (ସଂଚାର ବ୍ୟୁରୋ):** ସୋମବାର ଦିନ ରାଜ୍ୟ ପଞ୍ଚାୟତି ରାଜ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ଦ୍ୱାରା ଅନୁଗୁଳ ଜିଲ୍ଲା ପାଲଲହଡା ଅଂଚଳରେ ଉଦଘାଟିତ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପର ଫଳକକୁ ଭାଙ୍ଗିଥିଲେ ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନାରାଣୀ ନାୟକ। ପ୍ରାୟ ସମସ୍ତ ଜିଲ୍ଲା ପରିଷଦ, ସରପଞ୍ଚ ଓ ସମିତି ସଭ୍ୟ ଫଳକ ଭାଙ୍ଗିବା ସହ ମନ୍ତ୍ରୀଙ୍କ ଗସ୍ତକୁ ବିରୋଧ କରିବାରେ ରୀନାରାଣୀଙ୍କ ସହାୟତା କରିଥଲେ। ଏହି ଘଟଣାର ସ୍ଥାନୀୟ ବଡଖବର ପ୍ରତିନିଧି ବିଭୁ ଖମାଣିଆ ଖବର ସଂଗ୍ରହ ଓ ପ୍ରସାରଣ କରାଇଥିଲେ। ଉକ୍ତ ସାମ୍ବାଦିକଙ୍କ ଅଭିଯୋଗ ଅନୁଯାୟୀ ଏହି ଖବର ପ୍ରସାରଣ ପରେ ଆକ୍ରୋଶ ମୂଳକ ଭାବେ ବିଜେଡି ର କିଛି ସ୍ଥାନୀୟ କର୍ମୀ ତାଙ୍କୁ ଆକ୍ରମଣ କରିଥିଲେ। ଯାହାଫଳରେ ତାଙ୍କ ବାଇକ ଭାଙ୍ଗି ଯାଉଥିବା ବେଳେ ତାଙ୍କୁ ଗଭୀର ଆଘାତ ଲାଗିଛି। ସାମ୍ବାଦିକ ଜଣଙ୍କ ଏହି ଘଟଣାର ଲିଖିତ ଅଭିଯୋଗ କରିଛନ୍ତି ଓ ପୋଲିସ ଏଫଆଇଆର ଗ୍ରହଣ ମଧ୍ୟ କରିଛି। କିନ୍ତୁ ଆମକୁ ମିଳିଥିବା ସୂଚନା ଅନୁଯାୟୀ ସ୍ଥାନୀୟ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ସେପରି କିଛି ଚେଷ୍ଟା କରିନାହିଁ। ରାଜ୍ୟରେ ବର୍ତ୍ତମାନ ବିଜେପି ସରକାର ଥିବା ସମୟରେ ପାଲଲହଡା ରୁ ମଧ୍ୟ ବିଜେପି ର ବିଧାୟକ ଅଛନ୍ତି। ତେଣୁ ପୋଲିସ ବିଜେଡି କର୍ମୀଙ୍କୁ ଗିରଫ ନ କରିବା ପାଇଁ କାହା ଚାପରେ ରହିଛି ତାହା ଏକ ଗୁଢ଼ ରହସ୍ୟ ହୋଇ ରହିଛି। କାରଣ ଅଭିଯୋଗକାରୀ ର କହିବା ଅନୁଯାୟୀ ପୋଲିସ କୌଣସି ଚାପରେ ଅଭିଯୁକ୍ତଙ୍କୁ ଗିରଫ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛି।




### ଯାଇଛି ଦିନ, ରହିଛି ଚିହ୍ନ

## ଏବେ ବି ଲିଭିନି କ୍ଷତ



**କାକଟପୁର/ଅସ୍ତରଙ୍ଗ, ୨୮।୧୦ (ସଂଚାର ବ୍ୟୁରୋ):** ସେ ଦିନ ଥିଲା ୧୯୯୯ମସିହା ଅକ୍ଟୋବର ୨୯ତାରିଖ। ପ୍ରକୃତି ତାଣ୍ଡବ ଆଗରେ ସବୁ କିଛି ହାର ମାନିଲା।୨୫ବର୍ଷର ଏହି କ୍ଷତ ଚିହ୍ନକୁ ଆଜି ବି ଭୁଲି ପାରୁନାହାନ୍ତି ପୁରୀ ଜିଲ୍ଲା ଅସ୍ତରଙ୍ଗ ବାସୀ। ଲୋକଙ୍କ ହୃଦୟରେ ଆଜି ବି ମନେ ପଡିଲେ ଆଖିରୁ ବହି ଆସୁଛି ଧାର ଧାର ଲୁହ। ଏହାରି ଭିତରେ କ୍ଷତିଗ୍ରସ୍ତ ଅସ୍ତରଙ୍ଗ ଚିତ୍ର ଅନେକ ବଦଳି ଯାଇଛି।ହେଲେ ସେହି ପ୍ରଳୟଙ୍କାରୀ ମହାବାତ୍ୟା ବିଭୀଷିକା କଥା ମନେ ପଡିଲେ ଆଜି ବି ଆତ୍ମୀୟଙ୍କୁ ହରାଇଥିବା ଲୋକଙ୍କ ମନରେ ଲୁହ ଆସିଯାଏ।

ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଝାଡ଼ଲିଙ୍ଗ ପଂଚାୟତ ମଧୁପୁର ଗ୍ରାମର କଳ୍ପନା ବେହେରା ମହାବାତ୍ୟାରେ ପୁଅ, ଝିଅ, ସ୍ୱାମୀ ସହ ପରିବାର ସଦସ୍ୟ ଙ୍କୁ ହରାଇଛନ୍ତି। ଆଉ ନୂଆଗଡ ଗାଁ ମୁଣ୍ଡରେ ଲୋଟି ରହିଥିବା ଅଶ୍ୱତଥ ଗଛ ବୟାନ କରୁଛି କେତେ ଭୟଙ୍କର ଥିଲା ବାତ୍ୟା। ୧୯୯୯ ମହାବାତ୍ୟା ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳ ରେ ଅନେକ କ୍ଷତି ହୋଇଥିଲା। ପୁରୀ ଜିଲ୍ଲାରେ ୩୦୧ଜଣ ମୃତ୍ୟୁ ହୋଇଥିବା ବେଳେ ଅସ୍ତରଙ୍ଗ ଅଞ୍ଚଳରେ ୧୬୦ଜଣରୁ ଉର୍ଦ୍ଧ ଲୋକଙ୍କ ମୃତ୍ୟୁ ହୋଇଥିଲା। ଆଜି ବି ମନେ ପଡିଲେ ଲୁହ ଜକାଇ ଆସୁଛି। କଳ୍ପନା ଜଣେ ନୁହନ୍ତି ସେହିଭଳି ନୂଆଗଡ ଗ୍ରାମର ସଜନୀ ନାୟକ ଓ କମଳା ବିଶ୍ୱାଳଙ୍କ ସ୍ୱାମୀ ନିକଟସ୍ଥ ଘେରିକୁ ମାଛ ଧରିବାକୁ ଯାଇଥିଲେ ଅଣଚାଷ ପବନରେ ଉଚ୍ଚ ଜୁଆରରେ ଭାସି ଯାଇଥିଲେ ଦୁହେଁ। ଦୁଇ ଦିନ ପରେ ସଜନୀ ନାୟକଙ୍କ ସ୍ୱାମୀଙ୍କ ମୃତଦେହ ମିଳିଥିବା ବେଳେ କମଳା ବିଶ୍ୱାଳଙ୍କ ସ୍ୱାମୀ ମୃତଦେହ ମିଳିନଥିଲା। ଆତ୍ମୀୟକୁ ହରାଇଥିବା ଲୋମହର୍ଷଣକାରି ଦୃଶ୍ୟକୁ ଆଜି ବି ଭୁଲିନାହାନ୍ତି ଲୋକେ।

୧୯୯୯ମସିହା ଅକ୍ଟୋବର ୨୯ତାରିଖ । ସେ ଦିନ ଉପକୂଳ ଓଡିଶାକୁ ଗ୍ରାସ କରିଥିଲା ମହାବାତ୍ୟା। ପ୍ରକୃତିର କରାଳ କାୟାରେ ଛାରଖାର ହୋଇଯାଇଥିଲା ଅସ୍ତରଙ୍ଗ ଅଞ୍ଚଳ ସହ ଅନେକ ପରିବାର। ୧୯୯୯ମସିହା ଅକ୍ଟୋବର ୨୫ ବଙ୍ଗୋପସାଗର ସୃଷ୍ଟି ହୋଇଥିବା ଲଘୁଚାପ ଧୀରେ ଧୀରେ ତାହା ଘନୀଭୂତ ହୋଇ ସ୍ଥଳଭାଗ ଛୁଇଁବାକୁ ଲାଗିଲା। ୨୮ତାରିଖ ସନ୍ଧ୍ୟାରେ ଅଣଚାଷ ପବନ ବହିବା ଆରମ୍ଭ ହୋଇଥିଲା। ତା ପରଦିନ ଅର୍ଥାତ ୨୯ତାରିଖ ପ୍ରଳୟଙ୍କାରୀ ରୂପ ଧାରଣ କରି ଉପକୂଳ ଓଡିଶାରେ ପହଞ୍ଚିଥିଲା ମହାବାତ୍ୟା। ସକାଳ ୧୦ଘ ୩୦ମିନିଟ ସମୟରେ ଓଡିଶାର ଉପକୂଳ ଜଗତସିଂହପୁର ଜିଲ୍ଲା ଏରସମା ନିକଟରେ ହିଟ କରିବା ସମୟରେ ଅସ୍ତରଙ୍ଗ ଅଞ୍ଚଳରେ ପ୍ରଭାବ ପ୍ରଚୁର ମାତ୍ରାରେ ପଡିଥିଲା।



ମହାବାତ୍ୟା ୨୫ବର୍ଷ ପରେ ଅସ୍ତରଙ୍ଗ ଉପକୂଳର ଚିତ୍ର ଅନେକ ପରିବର୍ତ୍ତନ ହୋଇଛି। ପ୍ରଶାସନ ପକ୍ଷରୁ ଉପକୂଳବାସୀଙ୍କ ସୁରକ୍ଷା ପାଇଁ ୧୯ଟି ବାତ୍ୟା ଆଶ୍ରୟସ୍ଥଳୀ, ଲୁଣା ବନ୍ଧ ନିର୍ମାଣ ସହ ହେନ୍ତାଳ ବଣ ସୃଷ୍ଟି କରାଯାଇଛି। ହେଲେ ସମୁଦ୍ର କୁଳିଆ ଲୋକଙ୍କ ପାଇଁ ପକ୍କାଘର ସାତ ସପନ ପାଲଟିଛି। ମା ଆଗରେ ଚାଲିଗଲା ପୁଅ, ସ୍ତ୍ରୀ ଆଗରେ ଚାଲିଗଲା ସ୍ୱାମୀ ଯୁଆଡେ ଚାହିଁଲେ ଖାଲି କୁଢ଼ କୁଢ଼ ମୃତ ଦେହ। କାହାର ଶବ କୁଆଡେ ପଳାଇଗଲା। ସେ ଦିନ ମହାବାତ୍ୟା କୁ ଦେଖିଥିବା ଲୋକଙ୍କ ମନରୁ ଆଜି ପର୍ଯ୍ୟନ୍ତ ଲିଭିନି ହୃଦୟବିଦାରକ ଦୃଶ୍ୟ। ଆଜିକୁ ୨୫ବର୍ଷ ପୁରିଛି ସେ ଦିନ ଘଟଣା ମନେ ପଡିଲେ ଆଜି ବି ଲୋମ ଟାଙ୍କୁରୀ ଉଠେ। ମହାବାତ୍ୟାକୁ ଅନୁଭବ କରିଥିବା ଲୋକେ ଏବେବି ଭୁଲି ପାରିନାହାନ୍ତି ପ୍ରକୃତିର ସେହି କରାଳରୂପ।

### ରାସ୍ତା କଡ଼ରେ ହାଟ, ଟ୍ରାଫିକ ସମସ୍ୟା ଅଣାୟତ୍ତ

## ହନ୍ତସନ୍ତ ଲୋକେ, ଯାଇପାରୁନି ଆମ୍ବୁଲାନ୍ସ

**କେନ୍ଦ୍ରାପଡ଼ା, ୨୮।୧୦ (ସଂଚାର ବ୍ୟୁରୋ):** ଦିନକୁ ଦିନ କେନ୍ଦ୍ରାପଡ଼ା ସହରର ଟ୍ରାଫିକ ସମସ୍ୟା ଅଣାୟତ ହେଉଛି । ସହରର ଟ୍ରାଫିକ ସମ୍ଭାଳିବାକୁ ନୂତନ ବିକଳ୍ପ ରାସ୍ତା ପ୍ରତି କେହି ଧ୍ୟାନ ଦେଉନଥିବା ଅଭିଯୋଗ ହେଉଛି । ଜିଲ୍ଲା ପ୍ରଶାସନ, ମ୍ୟୁନିସିପାଲଟିର ଏନେଇ କୌଣସି ଠୋସ ପଦକ୍ଷେପ ଗ୍ରହଣ କରିବାର ଦେଖାଯାଉନାହିଁ । ପ୍ରତ୍ୟେକ ଦିନ ଗୋପ ଛକରୁ କେନ୍ଦ୍ରାପଡ଼ା ଦୁହୁରିଆ ଅନ୍ୟପଟେ ପାରାଦ୍ୱୀପ ଯିବାକୁ ଏହି ଜାତୀୟ ରାଜପଥରେ ଯିବାକୁ ପଡେ। ଏହି ରାସ୍ତା ଜାତାୟତକୁ ସହଜ କରିବା ପରିବର୍ତ୍ତେ ଆହୁରି ଜଟିଳ ହୋଇପଡିଛି। ହାଟ ସମୟରେ ବସ୍, ଟ୍ରକ୍ ଆଦି ଚଳାଚଳ ଯୋଗୁ ଟ୍ରାଫିକ ସମସ୍ୟା ଉତ୍କଟ ହେବା ସହ ନିୟମିତ ଭାବେ ଛୋଟବଡ ଦୁର୍ଘଟଣା ଘଟୁଛି। ତେଣୁ ଖୁବଶୀଘ୍ର ଏହାର ବିକଳ୍ପ ବ୍ୟବସ୍ଥା କରିବାକୁ ସହରବାସୀଙ୍କ ପକ୍ଷରୁ ଦାବି ହେଉଛି ।



ରାସ୍ତାରେ ଗୋଟିଏ ପାର୍ଶ୍ୱରେ ପ୍ରବଳ ଭିଡ଼ ପରିଲକ୍ଷିତ ହେବା ସହ ଅନ୍ୟପାର୍ଶ୍ୱରେ ଉଭୟ ଦିଗରୁ ଭାରିଯାନ ସହ କାର,ବାଇକ ଆଦି ଚଳାଚଳ କରୁଛି । ଏଥି ପ୍ରତି କାହାରି ନିଘା ନଥିବା ସହରବାସୀଙ୍କ ମଧ୍ୟରେ ଆସୋନ୍ତୋଶ କୁହୁଳୁଛି । ରାସ୍ତା ଉପରେ ପଚାଷଢ଼ା ପନିପରିବା ପକାଇ ଦିଆଯାଉଥିବାରୁ ଉତ୍କଟ ଗନ୍ଧ ଆଖପାଖ ପରିବେଶକୁ ପ୍ରଦୂଷିତ କରୁଛି । ଏହା ଛଡ଼ା ସ୍କୁଟି, ବାଇକ ଚକା ପଚା ପରିବା ଉପରେ ପଡ଼ି ଖସିଯାଇ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଏଭଳି ସମସ୍ୟା କେନ୍ଦ୍ରାପଡ଼ା ଜିଲ୍ଲାର ଗୋପ ହାଟରେ ଘଟୁଥିବା ଦେଖା ଦେଉଛି ।

ସପ୍ତାହକୁ ଦୁଇଥର ଗୁରୁବାର ଏବଂ ରବିବାର ଏହି ହାଟ ବସୁଛି । ଜିଲ୍ଲାର ଅଧିକାଂଶ ଲୋକେ ଏହି ହାଟରେ ନିର୍ଭର କରିଆସୁଛନ୍ତି । ଖାଉଟିଙ୍କ ପାଇଁ ଏହି ହାଟ ବେଶ୍ ଗୁରୁତ୍ୱପୂର୍ଣ୍ଣ ହେଲେ ସଠିକ୍ ସ୍ଥାନ ନିରୂପଣ କରିବା ସହ ଗ୍ରାହକ ଆଉ ପଥଚାରୀଙ୍କ ସୁବିଧାକୁ ନଜରରେ ରଖାଯିବା କଥା। ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ହାଟ ପରିଚାଳନା କରାଯାଇଥାଏ । ହେଲେ ଗୋପ ହାଟ ନିୟନ୍ତ୍ରିତ ବଜାରର ବାହାରେ ରହିଥିବା ଭଳି ପରିଲକ୍ଷିତ ହୁଏ। ଜାତୀୟ ରାଜପଥ କଡ଼ରେ ଏହି ହାଟ ବସୁଥିବା କାରଣରୁ ଟ୍ରାଫିକ ଜାମ୍ ହେବା ସହ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଏମିତିକି ଜରୁରୀ କାଳୀନ ସେବା ବାଧାପ୍ରାପ୍ତ ହେଉଛି ।

ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ହାଟ ମଝିରେ ନିର୍ମାଣ ହୋଇଥିବା ପିଣ୍ଡି କାର୍ଯ୍ୟରେ ଲାଗୁନଥିବାରୁ ସ୍ଥାନୀୟ ଲୋକେ ଆସନ୍ତୋଷ ପ୍ରକାଶ କରିଛନ୍ତି। ବ୍ୟବସାୟୀମାନେ ହାଟରୁ ରାସ୍ତା କଡକୁ ଆସି ବ୍ୟବସାୟ କରୁଛନ୍ତି । ଫଳରେ ରାସ୍ତାରେ ଯିବା ଆସିବାରେ କଷ୍ଟ ହେଉଛି । ସ୍କୁଲ କଲେଜ ଛାତ୍ରଛାତ୍ରୀ ,ସାଧାରଣ ଲୋକ ଏବଂ ଆମ୍ବୁଲାନ୍ସଟିଏ ଏହି ସମୟରେ ଯିବା କଷ୍ଟକର ହୋଇପଡୁଛି। ପ୍ରଶାସନିକ ଅବହେଳାରୁ ଏହି ବୃହତ୍ତମ ହାଟ ପାଇଁ ଜାଗାର ଅଭାବ ରହିଛି। ଟ୍ରାଫିକ ସମସ୍ୟା ଦୂର କରିବା , ଦୁର୍ଘଟଣା ରୋକିବା ଶୃଙ୍ଖଳିତ ବ୍ୟବସାୟ ପାଇଁ ସ୍ଥାନୀୟ ଲୋକ ପ୍ରଶାସନ ନିକଟରେ ଦାବି କରିଛନ୍ତି।

### ଦିବ୍ୟାଙ୍ଗ ସୁମତିଙ୍କୁ ସହଯୋଗର ହାତ ବଢ଼ାଇଲା

## ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ



**କେନ୍ଦ୍ରାପଡ଼ା, ୨୮।୧୦ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ଅନ୍ତର୍ଗତ ଡାଙ୍ଗମାଳ ପାଞ୍ଚାୟତର ବରାଡିଆ ଗ୍ରାମରେ ଦିବ୍ୟାଙ୍ଗ ସୁମତି ବିଶ୍ୱାଳ ବସବାସ କରନ୍ତି। ସେ ଜନ୍ମରୁ ୮୦ ପ୍ରତିଶତ ଦିବ୍ୟାଙ୍ଗ ହୋଇଥିବା ବେଳେ ସେ ମଧ୍ୟ ବାପ ଛେଉଣ୍ଡ ହୋଇପଡିଛନ୍ତି । ସୁମତିର ମାଙ୍କ ବୟସ ପାଖାପାଖି ୮୦ ବର୍ଷ। ସେ ଚାଳ ଛପର ଘରେ ପ୍ରତିଦିନ ନଇଁ ନଇଁ ଯିବାକୁ ହୁଏ। ଗତ ଦାନା ବାତ୍ୟା ରେ ଚାଳ ଛପର ଖସି ଯିବାରୁ ଘରେ ପାଣି ପଶି ସବୁ ନଷ୍ଟ କରିଦେଇଛି ଯାହା ଫଳରେ ରୋଷେଇ କରିବା ପାଇଁ ଯାଗା ନାହିଁ। ତଳେ ବାଲି ତା ଉପରେ ପାଲ ପକାଇ ମା ଓ ଦିବ୍ୟାଙ୍ଗ ଝିଅ ରହୁଛନ୍ତି। ଏହି ଖବର ପାଇବା ପରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆବଶ୍ୟକୀୟ ସାମଗ୍ରୀର ବ୍ୟବସ୍ଥା କରାଇଛନ୍ତି । ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର କର୍ମକର୍ତ୍ତା ସୁମତିଙ୍କ ଘରେ ପହଞ୍ଚି ତାଙ୍କ ଘର ପାଇଁ ପାଲ, ମା ଙ୍କ ପାଇଁ ଶାଢ଼ୀ, ଝିଅର ଡ୍ରେସ ଓ ଏକ ମାସ ର ରାସନ ସାମଗ୍ରୀ ଯୋଗାଇ ଦେଇଛନ୍ତି। ଏହି ସହଯୋଗ ଧର୍ମୀ କାର୍ଯ୍ୟକ୍ରମରେ ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ସଭାପତି ଦମନ ମହାନ୍ତି, ଟ୍ରଷ୍ଟର ଉପଦେଷ୍ଟା ବିଷ୍ଣୁ ଚରଣ ମହାପାତ୍ର, ଅନୁଗୁଳ ଜିଲ୍ଲା ପ୍ରତିନିଧି ପ୍ରଶାନ୍ତ କୁମାର ଦାଶ, ଜୟନ୍ତ କୁମାର ମଲ୍ଲିକ, ନରେଶ କୁମାର ଜେନା, ମାନସ କୁମାର ପାତ୍ର, ଦୀପକ କୁମାର ସ୍ୱାଇଁ, ପ୍ରଫୁଲ୍ଲ ଦାସ ଓ ନିହାର ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ରହି ସହାୟତା ଯୋଗାଇ ଦେଇଛନ୍ତି ।

## ନାୟାରା ଫିଲିଙ୍ଗ ଷ୍ଟେସନ ଉଦ୍‌ଘାଟିତ

**ପଟ୍ଟାମୁଣ୍ଡାଇ, ୨୮।୧୦ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଗୋଗୁଆ ଠାରେ ନବ ନିର୍ମିତ ନାୟାରା ଫିଲିଙ୍ଗ ଷ୍ଟେସନ ଉଦଘାଟିତ ହୋଇଯାଇଛି । ଏହି ଉପଲକ୍ଷେ ଏ ବି ଗ୍ରୁପ ଅଧକ୍ଷ ଆଦେଶ କୁମାର ବେହେରାଙ୍କ ପୌରହିତ୍ୟରେ ଆୟୋଜିତ ବର୍ଣ୍ଣାଢ୍ୟ ଉତ୍ସବରେ କେନ୍ଦ୍ରାପଡ଼ା ବିଧାୟକ ପୂର୍ବତନମନ୍ତ୍ରୀ ଗଣେଶ୍ୱର ବେହେରା, ରାଜନଗର ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ଓ ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ ଯଥାକ୍ରମେ ମୁଖ୍ୟଅତିଥି, ମୁଖ୍ୟ ବକ୍ତା ଓ ସମ୍ମାନିତଅତିଥି ଭାବେ ଯୋଗ ଦେଇ ନାୟାରା ଫିଲିଙ୍ଗ ଷ୍ଟେସନ ଉଦଘାଟନ କରିବା ସହିତ ସାମ୍ପ୍ରତିକ ସମୟରେ ତୈଳର ଅପମିଶ୍ରଣ ଯୋଗୁଁ ବିଭିନ୍ନ ଯାନ ବାହାନ ଇଞ୍ଜିନ ଖୁବ ଶୀଘ୍ର ଖରାପ ହୋଇ ଯାଉଛି। ଏଇ ପରିପ୍ରେକ୍ଷୀରେ ନୂତନ ଭାବେ ଉଦଘାଟିତ ନାୟାରା ଫିଲିଙ୍ଗ ଷ୍ଟେସନ ଉଚ୍ଚମାନର ପେଟ୍ରୋଲ ଡିଜେଲ ବିତରଣ କରି ଗ୍ରାହକ ମାନଙ୍କ ଆସ୍ଥା ଭାଜନ ହୋଇ ପାରିବ ବୋଲି ପ୍ରକାଶ କରିଥିଲେ।



ଏହି ଉତ୍ସବରେ କେନ୍ଦ୍ରାପଡ଼ା ବ୍ଲକ ଉପାଧ୍ୟକ୍ଷ ପ୍ରତାପ ନାରାୟଣ ମହାପାତ୍ର, ଗାଙ୍ଗପଡା ସରପଞ୍ଚ ଅଶ୍ୱିନୀ ପାତ୍ର, କାଉନସିଲର ପ୍ରଶାନ୍ତ ବାରିକ ମଳୟ ଓଝା ଓ ବିଦ୍ୟାଧର ସେଠୀ,ସମାଜସେବୀ ତ୍ରିଲୋଚନ ମହାକୁଳ, ବରିଷ୍ଠ ନେତା ଅମୂଲ୍ୟ ପ୍ରଧାନ, ଆଡ଼ଭୋକେଟ ପ୍ରମୋଦ ସାହୁ,ଯୁବନେତା ବିରଞ୍ଚି ଦାଶ, ଆଲୋକ ଧଳ, ଅଜୟ ବେହେରା ସୁକାନ୍ତୀ ବେହେରା, ପୂର୍ଣ୍ଣିମା ବେହେରା ଅମ୍ଳାନ ବେହେରା ଆଦ୍ୟା ଶା ବେହେରା, ଅମରେଶ ବେହେରା ସୁକାନ୍ତ ସାହୁ, ମନୋରଞ୍ଜନ କର, ପ୍ରଦୀପ୍ତ ବେହେରା ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ସ୍ଥାନୀୟ ଲୋକପ୍ରତିନିଧି ଓ ଜନସାଧାରଣ ଯୋଗ ଦେଇଥିଲେ । ଏଇ ଅବସରରେ ନିଜ ଗାଡିରେ ତେଲ ପକାଇଥିବା ଭାଗ୍ୟବାନ ଗ୍ରାହକ ଚୟନ ପାଇଁ ଲଟେରୀ କୁପନ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ତ୍ରିଲୋଚନ ମହାକୁଳ,ଆଦେଶ ବେହେରା, ଅମରେଶ ବେହେରା, ଅମ୍ଳାନ ବେହେରା,ସୁକାନ୍ତ ସାହୁ ଓ ଅଭୟ ସିଂ ପରିଚାଳନା କରିଥିଲେ।

## କେନ୍ଦ୍ରାପଡ଼ା କଲେଜରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

**କେନ୍ଦ୍ରାପଡ଼ା, ୨୮।୧୦ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଗାନ୍ଧୀଭବନଠାରେ ଉଚ୍ଚଶିକ୍ଷା ବିଭାଗ ଓଡିଶା ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଏକ ଶପଥ ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶପଥ ପାଠରେ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ସମ୍ମିଳିତ ଭାବେ 'ଦୁର୍ନୀତି ନିବାରଣ ସଚେତନତା' କାର୍ଯ୍ୟକ୍ରମରେ ଶପଥ ପାଠ କରିଥିଲେ । ଉଚ୍ଚଶିକ୍ଷା ବିଭାଗ ଓଡିଶା ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଏହି ସପ୍ତାହଟି ଚଳିତ ମାସ ୨୮ ତାରିଖରୁ ଆରମ୍ଭ ହୋଇ ନଭେମ୍ବର ୩ ତାରିଖରେ ଉଦ୍‌ଯାପିତ ହେବ । ଏହି ଉପଲକ୍ଷେ ଆଜି ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତା ହୋଇଥିଲା। ୩୦ ତାରିଖରେ ଜିଲ୍ଲା ପ୍ରଶାସନଙ୍କ ନିର୍ଦ୍ଦେଶ ଅନୁଯାୟୀ ଜିଲ୍ଲାସ୍ତରୀୟ ବକ୍ତୃତା ଏବଂ ପ୍ରବନ୍ଧ ପ୍ରତିଯୋଗିତା ମହାବିଦ୍ୟାଳୟରେ ଅନୁଷ୍ଠିତ ହେବ । ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ତୁଳସୀ ମହିଳା ମହାବିଦ୍ୟାଳୟ ଏବଂ ସାନ୍ଧ୍ୟ ମହାବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ଶପଥ ପାଠ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଓ କର୍ମଚାରୀ ଯୋଗଦେଇ ଏକ ଦୁର୍ନୀତି ମୁକ୍ତ, ଶୋଷଣ, ଭ୍ରଷ୍ଟାଚାର ବିହୀନ ଓ ସତ୍ୟନିଷ୍ଠ ସମାଜ ଗଠନ କରିବା ସହିତ ରାଷ୍ଟ୍ରର ସମୃଦ୍ଧି ପ୍ରତି ଯତ୍ନବାନ ହୋଇପାରିବାର ଶପଥ ଗ୍ରହଣ କରିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଅଭିଜିତ୍ ବୋଷ ଏହି ସପ୍ତାହଟିକୁ ପାଳନ କରିବା ନିମନ୍ତେ ପ୍ରେରଣା ଓ ଉତ୍ସାହ ଯୋଗାଇ ଦେଇଛନ୍ତି ।




## ଶିବାନୀଙ୍କୁ ବଣିକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା



**ରାଜନଗର, ୨୮।୧୦ (ସଂଚାର ବ୍ୟୁରୋ):** ରାଜନଗର ଜୟଦୁର୍ଗା ବଣିକ ସଂଘ ପକ୍ଷରୁ ଆଶାକର୍ମୀ ସାବାସୀ ଶିବାନୀ ମଣ୍ଡଳଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଆଜି ବଣିକ ସଂଘ କାର୍ଯ୍ୟାଳୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ବଣିକ ସଂଘର ସଭାପତି ବାଇଧର ସେଠୀ, ଉପସଭାପତି ଶୁନ୍ୟବାସୀ ରାଉଳ, ସମ୍ପାଦକ ସତ୍ୟବାନ ସେଠୀ, ସହସମ୍ପାଦକ ସୋମନାଥ ବାରିକ, କୋଷାଧ୍ୟକ୍ଷ ପ୍ରେମାନନ୍ଦ ଲେଙ୍କା, ସହକୋଷାଧ୍ୟକ୍ଷ ଧର୍ମେନ୍ଦ୍ର ମଲ୍ଲିକ, ଉପଦେଷ୍ଟା ପଣ୍ଡିତ ଶଙ୍କର୍ଷଣ ମିଶ୍ର, ସୁବାଷ ଚନ୍ଦ୍ର ସାହୁ, ବିଚିତ୍ର ମଲ୍ଲିକ, ମୃତ୍ୟୁଞ୍ଜୟ ମିଶ୍ର, ଅନିରୁଦ୍ଧ ପରିଡ଼ା, ଅଭୟ ନାୟକ, ଗଙ୍ଗାଧର ସେଠୀ, ବସନ୍ତ ସୂତାର, ଶିବ ପ୍ରସାଦ ମହାପାତ୍ର, ସୁରେନ୍ଦ୍ର ସାହୁ, ବିବେକାନନ୍ଦ ସାହୁ, ଶିବାନନ୍ଦ ରାଉତ, ରାଜକିଶୋର ସାହୁ ପ୍ରମୁଖ ଯୋଗଦେଇ ଆଶାକର୍ମୀ ଶିବାନୀଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିବା ସହ ତାଙ୍କ ସାହାସୀ ଓ କର୍ତବ୍ୟନିଷ୍ଠାକୁ ସାବାସୀ ଜଣାଇଥିଲେ।

## ବାତ୍ୟା ଅଞ୍ଚଳରେ କଂଗ୍ରେସ ପ୍ରତିନିଧି ଦଳ

### କୃଷିଋଣ ଛାଡ, ମୃତ ପରିବାରକୁ ସହାୟତା, ରିଲିଫ ଓ ଘରଭଙ୍ଗା କ୍ଷତିପୂରଣ ଦାବି

**ରାଜନଗର, ୨୮।୧୦ (ସଂଚାର ବ୍ୟୁରୋ):** ବାତ୍ୟା ଦାନା ରାଜନଗର ଅଞ୍ଚଳରେ ବିପର୍ଯ୍ୟୟ ଘଟାଇଛି। ବାତ୍ୟା ଛାଡିବାର ୪ଦିନ ପରେ ବି ବିପନ୍ନ ଲୋକଙ୍କ ପାଖରେ ରିଲିଫ ପହଁଚି ପାରିନାହିଁ। ବିପନ୍ନ ଲୋକେ ଦୁର୍ଦ୍ଦଶାରେ ଅଛନ୍ତି। ଘର ଭାଙ୍ଗି ପଡ଼ିଥିଲେ ବି ଘରଭଙ୍ଗା ଦୂରର କଥା, ପଲିଥିନଟିଏ ଏଯାଏଁ ମିଳିନି। ବର୍ଷକର ସୁନାର ଫସଲ ହରାଇ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି। ମାତ୍ର ଆଜି ଯାଏଁ ଫସଲ ସର୍ଭେ କରାଗଲାନି। ରାଜନଗରରେ ତିନି ତିନି ଜଣଙ୍କର ମୃତ୍ୟୁ ଘଟିଛି। ମାତ୍ର ସରକାର ଜିରୋ କାଜୁଆଲିଟିରେ ବାତ୍ୟା ଶେଷ କରିଥିବା ନେଇ ଡିଣ୍ଡିମ ପିଟୁଛନ୍ତି। ଯଦି ବାତ୍ୟା ଆଶ୍ରୟସ୍ଥଳରେ ମୃତ୍ୟୁ ହେଉଛି, ତାହା କ'ଣ ବାତ୍ୟା ଜନିତ ମୃତ୍ୟୁ ନୁହେଁ କି, ବୋଲି ପ୍ରଶ୍ନ କରିଛନ୍ତି ବାଲେଶ୍ୱରର ସାଂସଦ ପ୍ରାର୍ଥୀ ତଥା ବରିଷ୍ଠ ନେତା ନବଜ୍ୟୋତି ପଟ୍ଟନାୟକ। ଏଥିସହ ଡିଜାଷ୍ଟର ମ୍ୟାନେଜମେଣ୍ଟରେ ଓଡ଼ିଶା ୧ ନମ୍ବର ବୋଲି ଗଣମାଧ୍ୟମରେ ଶୁଣି ଆସୁଛୁ କିନ୍ତୁ ଗ୍ରାଉଣ୍ଡଜିରୋ ତଥ୍ୟ ସମ୍ପୂର୍ଣ୍ଣ ଭିନ୍ନ। ପ୍ରଶାସନ ତାର ଦାୟିତ୍ୱ ଠିକ୍ ଭାବେ ନିଭାଇ ନପାରିବାରୁ ବାତ୍ୟା ଆଶ୍ରୟସ୍ଥଳରେ ଲୋକଙ୍କର ମୃତ୍ୟୁ ଘଟିଲା। ସରକାର ତୁରନ୍ତ ମୃତକ ପରିବାରକୁ କ୍ଷତିପୂରଣ, ଗୃହପାଳିତ ପଶୁ କଷ୍ଟରେ ଥିବାରୁ ଚିକିତ୍ସା ପାଇଁ ଡାକ୍ତରୀଦଳ ପଠାଇବା ସହ ଗୋଖାଦ୍ୟ, ୭ଦିନ ପାଇଁ ରିଲିଫ, କୃଷିଋଣ ଛାଡ ଓ ବିପର୍ଯ୍ୟସ୍ତ ରାସ୍ତାଘାଟର ମରାମତି ପାଇଁ ଶ୍ରୀ ପଟ୍ଟନାୟକ ରାଜନଗର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଦାବୀ କରିଛନ୍ତି।



ଏହି ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ରାପଡ଼ା ସାଂସଦ ପ୍ରାର୍ଥୀ ସିଦ୍ଧାର୍ଥ ସ୍ୱରୂପ ଦାସ ଯୋଗଦେଇ ବାତ୍ୟା ପରିଚାଳନାରେ ପ୍ରଶାସନ ସମ୍ପୂର୍ଣ୍ଣ ବିଫଳ ହୋଇଛି। ବାତ୍ୟା ଆଶ୍ରୟସ୍ଥଳରେ ଲୋକେ ଅବ୍ୟବସ୍ଥା ଭିତରେ ରହିଲେ। ବାତ୍ୟା ଆଶ୍ରୟସ୍ଥଳ ଗୁଡିକର ମରାମତି ସହିତ ନୂତନ ଆଶ୍ରୟସ୍ଥଳ ନିର୍ମାଣ, ଚାଳଘର ଥିବା ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ତୁରନ୍ତ ଯୋଗାଇ ଦେବାକୁ ଦାବୀ କରିଛନ୍ତି। ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର ପ୍ରଶାସନ ଓ ସରକାର ବାତ୍ୟା ପରିଚାଳନାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ବାତ୍ୟାର ୪ଦିନ ପରେବି ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ମନ୍ତ୍ରୀମାନଙ୍କର ବାତ୍ୟା ଅଞ୍ଚଳରେ ଦେଖା ମିଳିଲା ନାହିଁ। ବାତ୍ୟା ଅଞ୍ଚଳରେ ଲୋକଙ୍କ ସମସ୍ୟା ଓ ଦାବୀ ନେଇ ଜିଲ୍ଲାପାଳଙ୍କୁ ୨/୩ ଦିନ ଭିତରେ ଯୁବ କଂଗ୍ରେସ ଓ ଛାତ୍ର କଂଗ୍ରେସ ପକ୍ଷରୁ ଦାବୀପତ୍ର ଦିଆଯିବ। ଦାବୀ ପୂରଣ ନହେଲେ ଆମେ ରାଜରାସ୍ତାକୁ ଓହ୍ଲାଇବୁ, ଜିଲ୍ଲାପାଳଙ୍କ ଅଫିସ ଘେରାଉ କରିବୁ ବୋଲି କହିଛନ୍ତି। ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଉଦିତ ନାରାୟଣ ପରିଡ଼ା ଯୋଗଦେଇ ବାତ୍ୟା ଯୋଗୁଁ ସବୁ ପରିବାରର ଆର୍ଥିକ କ୍ଷତି ଘଟିଛି। ଲୋକେ ବିପନ୍ନ ଅବସ୍ଥାରେ ଅଛନ୍ତି। ଚାଷ ଉଜୁଡି ଯାଇଛି। ମହାବିଦ୍ୟାଳୟରେ ଛାତ୍ର ଛାତ୍ରୀଙ୍କ ସମସ୍ତ ଫି' ଛାଡ କରିବାକୁ ଦାବୀ କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ କଂଗ୍ରେସ ମୁଖପାତ୍ର ପଦ୍ମାକର ଗୁରୁ, କଂଗ୍ରେସ ନେତା ପ୍ରଶାନ୍ତ କୁମାର ରାଉତ, ପୂର୍ବତନ ବ୍ଲକ କଂଗ୍ରେସ କମିଟି ସଭାପତି ଦାମୋଦର ବିଶ୍ୱାଳ, ପୂର୍ବତନ ଜିଲ୍ଲା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ ପ୍ରମୁଖ ଯୋଗଦେଇ ବାତ୍ୟା ଅଞ୍ଚଳ ଲୋକଙ୍କ ଦୁର୍ଦ୍ଦଶା ସମ୍ପର୍କରେ କହିଥିଲେ। ଆଜି କଂଗ୍ରେସ ପ୍ରତିନିଧି ଦଳ ଦାନା ବାତ୍ୟାରେ ଅଧିକ ପ୍ରଭାବିତ ହୋଇଥିବା ରଙ୍ଗଣୀ, କେରୁଆଁପାଳ, ବାଘମାରି, ତାଳଚୁଆ, କୃଷ୍ଣନଗର, ଡାଙ୍ଗମାଳ, ଖମାରସାହି ଆଦି ପଞ୍ଚାୟତରେ ପହଁଚି ବିପନ୍ନ ଲୋକଙ୍କ ସହ ଆଲୋଚନା କରିଥିଲେ। ସେମାନଙ୍କ ଦୁର୍ଦ୍ଦଶା ଦେଖିବା ପରେ ରାଜନଗର ଠାରେ ସାମ୍ବାଦିକ ସମ୍ମିଳନୀ କରି ଦାବୀ କରିଛନ୍ତି। ଏହି ପ୍ରତିନିଧି ଦଳ ସହିତ ଯୁବନେତା ଗୌତମ ସ୍ୱାଇଁ, ସୁଶିଲ ପ୍ରଧାନ, ବିକାଶ ସେଠୀ, ସଞ୍ଜୟ ସାହୁ, ନିରଞ୍ଜନ ବାରିକ, କ୍ଷୀରୋଦ ସ୍ୱାଇଁ, ବୈକୁଣ୍ଠ ବିଶ୍ୱାଳ, ଖଗେଶ୍ୱର ବାରିକ ପ୍ରମୁଖ ବାତ୍ୟା ଅଞ୍ଚଳ ପରିଦର୍ଶନ କରିଥିଲେ।


## ଶିବାନୀଙ୍କୁ ସମ୍ବର୍ଦ୍ଧିତ କଲା ଜିଲ୍ଲା ଆଶାକର୍ମୀ ସଂଘ



**ରାଜନଗର:** କେନ୍ଦ୍ରାପଡ଼ା ଜିଲ୍ଲା ଆଶାକର୍ମୀ ସଂଘ ପକ୍ଷରୁ ଆଶାକର୍ମୀ ସାହସୀ ଶିବାନୀଙ୍କୁ ରାଜନଗର ଠାରେ ସମ୍ବର୍ଦ୍ଧିତ କରାଯାଇଛି। ସ୍ଥାନୀୟ ଶୈଳେନ୍ଦ୍ର ନାରାୟଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡାଃ. ରଶ୍ମୀ ରଞ୍ଜନ ମହାନ୍ତି, ନିଖିଳ ଓଡ଼ିଶା ଆଶାକର୍ମୀ ସଂଘର ସଭାପତି ରମଣୀ ରଞ୍ଜନ ରାଉତରାୟ, କେନ୍ଦ୍ରାପଡ଼ା ଜିଲ୍ଲା ସଂଘର ଉପସଭାପତି କାନ୍ତି ନାୟକ, ବ୍ଲକ ସଂଘର ସଭାପତି ଦମୟନ୍ତୀ କୁଣ୍ଡ, ବିପିଏମ ଶ୍ରୀକାନ୍ତ ଦାସ, ନିରୂପମା ଦାସ, କବିତା ରାଉତ, ସୁକାନ୍ତୀ ମଲିକ, ଶାନ୍ତିଲତା ସାହୁ, ମିନତୀ ସାମଲ ପ୍ରମୁଖ ଯୋଗଦେଇ ଶିବାନୀଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ତାଙ୍କର ସେବା ମନୋବୃତ୍ତିକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜନଗର ଏବଂ ଜିଲ୍ଲାର ଅନ୍ୟାନ୍ୟ ବ୍ଲକର ଆଶାକର୍ମୀମାନେ ଯୋଗଦେଇଥିଲେ।

# ଧନ୍ୱନ୍ତରୀ ଜୟନ୍ତୀରେ ୧୨, ୮୫୦ କୋଟି ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ

- ପ୍ରଧାନମନ୍ତ୍ରୀ ବହୁମୁଖୀ ସ୍ୱାସ୍ଥ୍ୟ ଅନୁଷ୍ଠାନର ଶିଳାନ୍ୟାସ
- ଭାରତରେ ଏଆଇଆଇଏର ଦ୍ୱିତୀୟ ପର୍ଯ୍ୟାୟର ଉଦ୍‌ଘାଟନ
- ଔଷଧ ପ୍ରସ୍ତୁତି ପାଇଁ ପିଏଲଆଇ ଯୋଜନାରେ ୫ ପ୍ରକଳ୍ପର ଉଦ୍‌ଘାଟନ



**ନୂଆଦିଲ୍ଲୀ,୨୮।୧୦:** ଧନ୍ୱନ୍ତରୀ ଜୟନ୍ତୀ ଓ ନବମ ଆୟୁର୍ବେଦ ଦିବସ ଅବସରରେ ଅକ୍ଟୋବର ୨୯ ତାରିଖ ମଧ୍ୟାହ୍ନ ୧୨ଟା ୩୦ରେ ନୂଆଦିଲ୍ଲୀର ଅଲ୍ ଇଣ୍ଡିଆ ଇନଷ୍ଟିଚ୍ୟୁଟ ଅଫ ଆୟୁର୍ବେଦ (ଏଆଇଆଇଏ)ରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ସ୍ୱାସ୍ଥ୍ୟ କ୍ଷେତ୍ରରେ ୧୨, ୮୫୦ କୋଟି ଟଙ୍କାର ବହୁମୁଖୀ ପ୍ରକଳ୍ପର ଶୁଭାରମ୍ଭ, ଉଦଘାଟନ ଏବଂ ଶିଳାନ୍ୟାସ କରିବେ। ଫ୍ଲାଗସିପ୍ ଯୋଜନା ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା (ପିଏମ୍-ଜୟ)ରେ ଅତିରିକ୍ତ ଭାବେ ୭୦ବର୍ଷ ଏବଂ ଏହାଠାରୁ ଅଧିକ ବୟସର ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱାସ୍ଥ୍ୟ ବୀମା ଯୋଜନାର ସମ୍ପ୍ରସାରଣକୁ ପ୍ରଧାନମନ୍ତ୍ରୀ ଶୁଭାରମ୍ଭ କରିବେ। ଆୟ ନିର୍ବିଶେଷରେ ସମସ୍ତ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏହା ସହାୟକ ହେବ। ଦେଶରେ ସମସ୍ତଙ୍କୁ ଗୁଣମାନର ସ୍ୱାସ୍ଥ୍ୟଚିକିତ୍ସା ସେବା ଯୋଗାଇ ଦେବାକୁ ପ୍ରଧାନମନ୍ତ୍ରୀଙ୍କ ନିରନ୍ତର ପ୍ରୟାସ ଜାରି ରହିଛି। ସ୍ୱାସ୍ଥ୍ୟଚିକିତ୍ସା ମୌଳିକ ଢାଞ୍ଚାକୁ ସୁଦୃଢ଼ କରିବାକୁ ପ୍ରଧାନମନ୍ତ୍ରୀ ବହୁମଖୀ ସ୍ୱାସ୍ଥ୍ୟସେବା ସଂସ୍ଥାନର ଉଦଘାଟନ ଏବଂ ଶିଳାନ୍ୟାସ କରିବେ। ପ୍ରଧାନମନ୍ତ୍ରୀ ଭାରତର ପ୍ରଥମ ସର୍ବଭାରତୀୟ ଆୟୁର୍ବେଦ ସଂସ୍ଥାନ (ଅଲ୍ ଇଣ୍ଡିଆ ଇନଷ୍ଟିଚ୍ୟୁଟ ଅଫ ଆୟୁର୍ବେଦ)ର ଦ୍ୱିତୀୟ ପର୍ଯ୍ୟାୟକୁ ଉଦଘାଟନ କରିବେ। ଏହା ମଧ୍ୟରେ ରହିଛି, ପଞ୍ଚକର୍ମ ହସପିଟାଲ, ଔଷଧ ପ୍ରସ୍ତୁତି ପାଇଁ ଆୟୁର୍ବେଦିକ ଫାର୍ମାସୀ, ଏକ ସ୍ପୋର୍ଟ୍ସ ମେଡିସିନ ୟୁନିଟ, ଏକ କେନ୍ଦ୍ରୀୟ ଲାଇବ୍ରେରୀ, ଏକ ଆଇଟି ଏବଂ ଷ୍ଟାର୍ଟଅପ୍ ଇନକ୍ୟୁବେସନ ସେଣ୍ଟର ଏବଂ ୫୦୦ ଆସନ ବିଶିଷ୍ଟ ଅଡ଼ିଟୋରିୟମ ଇତ୍ୟାଦି। ସେ ମଧ୍ୟ ମଧ୍ୟପ୍ରଦେଶର ମଣ୍ଡସାଉର, ନିମୁଚ ଏବଂ ସିଓନିରେ ତିନୋଟି ମେଡିକାଲ କଲେଜର ଉଦଘାଟନ କରିବେ। ଏଥିସହ ସେ ବିଭିନ୍ନ ଏମ୍ସରେ ଅନେକ ଗୁଡ଼ିଏ ସୁବିଧାର ଶୁଭାରମ୍ଭ ଏବଂ ସେବାର ସଂପ୍ରସାରଣ କରିବେ। ଏହା ମଧ୍ୟରେ ରହିଛି ହିମାଚଳ ପ୍ରଦେଶର ବିଳାସପୁର ଏମ୍ସ, ପଶ୍ଚିମବଙ୍ଗର କଲ୍ୟାଣୀ, ବିହାରର ପାଟନା, ଉତ୍ତରପ୍ରଦେଶର ଗୋରଖପୁର, ମଧ୍ୟପ୍ରଦେଶର ଭୋପାଳ, ଆସାମର ଗୁଆହାଟୀ ଏମ୍ସ। ନୂଆଦିଲ୍ଲୀ ଏମ୍ସରେ ଏକ ଜନୌଷଧି କେନ୍ଦ୍ରର ମଧ୍ୟ ଉଦଘାଟନ କରିବେ। ପ୍ରଧାନମନ୍ତ୍ରୀ ମଧ୍ୟ ଛତିଶଗଡ଼ ବିଳାସପୁରସ୍ଥିତ ସରକାରୀ ମେଡିକାଲ କଲେଜରେ ସୁପର ସ୍ପେସିଆଲିଟି ବ୍ଲକ ଏବଂ ଓଡ଼ିଶାର ବରଗଡ଼ରେ କ୍ରିଟିକାଲ କେୟାର ୟୁନିଟର ଉଦଘାଟନ କରିବେ। ପ୍ରଧାନମନ୍ତ୍ରୀ ମଧ୍ୟପ୍ରଦେଶର ଶିବପୁରୀ, ରତଲାମ, ଖଣ୍ଡୱା, ରାଜଗଡ଼ ଏବଂ ମଣ୍ଡସାଉରରେ ୫ଟି ନର୍ସିଂ କଲେଜର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଆୟୁଷ୍ମାନ ଭାରତ ହେଲଥ୍ ଇନ୍ଫ୍ରାଷ୍ଟ୍ରକଚର ମିସନ (ପିଏମ-ଏବିଏଚଆଇଏମ୍) ଅଧୀନରେ ହିମାଚଳ ପ୍ରଦେଶ, କର୍ଣ୍ଣାଟକ, ମଣିପୁର, ମଣିପୁର, ତାମିଲନାଡୁ ଏବଂ ରାଜସ୍ଥାନରେ ୨୧ଟି କ୍ରିଟିକାଲ କେୟାର ବ୍ଲକର ଶିଳାନ୍ୟାସ କରିବେ। ନୂଆଦିଲ୍ଲୀ ଏବଂ ହିମାଚଳ ପ୍ରଦେଶର ବିଳାସପୁରସ୍ଥିତ ଏମ୍ସରେ ଅନେକ ସୁବିଧା ଓ ସେବା ସମ୍ପ୍ରସାରଣ ବ୍ୟବସ୍ଥାର ଶିଳାନ୍ୟାସ କରିବେ। ପ୍ରଧାନମନ୍ତ୍ରୀ ମଧ୍ୟପ୍ରଦେଶର ଇନ୍ଦୋରରେ ଏକ ଇଏସଆଇସି ହସପିଟାଲକୁ ଉଦଘାଟନ କରିବା ସହ ହରିଆନାର ଫରିଦାବାଦ, କର୍ଣ୍ଣାଟକର ନାରସପୁର ଏବଂ ବୋମାସାନ୍ଦ୍ରା, ମଧ୍ୟପ୍ରଦେଶର ଇନ୍ଦୋର, ଉତ୍ତରପ୍ରଦେଶର ମିରଟ ଏବଂ ଆନ୍ଧ୍ର ପ୍ରଦେଶର ଅଚ୍ୟୁତପୁରମ ଠାରେ ଇଏସଆଇସି ହସପିଟାଲର ଶିଳାନ୍ୟାସ କରିବେ। ବିଭିନ୍ନ କ୍ଷେତ୍ରରେ ସେବା ପ୍ରଦାନରେ ପ୍ରଯୁକ୍ତି ବିଦ୍ୟା ବ୍ୟବହାରର ସମ୍ପ୍ରସାରଣକୁ ପ୍ରଧାନମନ୍ତ୍ରୀ ଦୃଢ଼ ଭାବେ ସମର୍ଥନ କରନ୍ତି। ସ୍ୱାସ୍ଥ୍ୟସେବା ଉପଲବ୍ଧତାକୁ ଅଧିକ ସହଜ କରିବାକୁ ଡ୍ରୋନ୍ ଟେକ୍ନୋଲୋଜିର ଇନୋଭେଟିଭ୍ ବ୍ୟବହାର ବୃଦ୍ଧି କରିବା ସକାଶେ ପ୍ରଧାନମନ୍ତ୍ରୀ ୧୧ଟି ଟର୍ଟିଆରି ହେଲଥକେୟାର ଇନଷ୍ଟିଚ୍ୟୁସନରେ ଡ୍ରୋନ୍ ସେବାର ଶୁଭାରମ୍ଭ କରିବେ। ଏଗୁଡ଼ିକ ହେଲା ଉତ୍ତରାଖଣ୍ଡର ରିଷିକେଶ ଏମ୍ସ, ତେଲଙ୍ଗାନାର ବିବିନଗର ଏମ୍ସ, ଆସାମର ଗୁଆହାଟୀ ଏମ୍ସ, ମଧ୍ୟପ୍ରଦେଶର ଭୋପାଳ ଏମ୍ସ, ରାଜସ୍ଥାନର ଯୋଧପୁର ଏମ୍ସ, ବିହାରର ପାଟନା ଏମ୍ସ, ହିମାଚଳପ୍ରଦେଶର ବିଳାସପୁର ଏମ୍ସ, ଉତ୍ତରପ୍ରଦେଶର ରାୟବରେଲି ଏମ୍ସ, ଛତିଶଗଡ଼ର ରାୟପୁର ଏମ୍ସ, ଆନ୍ଧ୍ରପ୍ରଦେଶର ମଙ୍ଗଳଗିରି ଏମ୍ସ ଏବଂ ମଣିପୁରର ଇମ୍ଫାଲସ୍ଥିତ ରିମ୍ସ (ଆରଆଇଏମଏସ)। ସେ ମଧ୍ୟ ରିଷିକେଶ ଏମ୍ସରେ ହେଲିକପ୍ଟର ଜରୁରୀକାଳୀନ ସ୍ୱାସ୍ଥ୍ୟସେବାର ଶୁଭାରମ୍ଭ କରିବେ, ଯାହାକି ସ୍ୱାସ୍ଥ୍ୟସେବା ପ୍ରଦାନର ଗତିକୁ ତ୍ୱରାନ୍ୱିତ କରିବ। ପ୍ରଧାନମନ୍ତ୍ରୀ ମଧ୍ୟ ୟୁ-ୱିନ (ଟ-ଡଓଘ) ପୋର୍ଟାଲର ଶୁଭାରମ୍ଭ କରିବେ। ଏହା ଟିକାଦାନ ପ୍ରକ୍ରିୟାର ସମ୍ପୂର୍ଣ୍ଣ ଡିଜିଟାଲୀକରଣ କରିବା ଦିଗରେ ଗର୍ଭବତୀ ମହିଳା ଓ ଶିଶୁମାନଙ୍କୁ ଫାଇଦା ଦେବ। ଟିକା ଦ୍ୱାରା ରୋକିହେଉଥିବା ୧୨ଟି ରୋଗ ପାଇଁ ଗର୍ଭବତୀ ମହିଳା ଓ ଶିଶୁ (ଜନ୍ମରୁ ୧୬ ବର୍ଷ)ଙ୍କୁ ଜୀବନରକ୍ଷାକାରୀ ଟିକା ପ୍ରଦାନକୁ ଏହା ନିଶ୍ଚିତ କରିବ। ପ୍ରଧାନମନ୍ତ୍ରୀ ମଧ୍ୟ ସ୍ୱାସ୍ଥ୍ୟସେବା ପେସାଦାର ଓ ପ୍ରତିଷ୍ଠାନ ସମ୍ବନ୍ଧିତଙ୍କ ପାଇଁ ଏକ ପୋର୍ଟାଲର ଉନ୍ମୋଚନ କରିବେ। ଏହା ବର୍ତ୍ତମାନର ସ୍ୱାସ୍ଥ୍ୟସେବା ପେସାଦାର ଓ ପ୍ରତିଷ୍ଠାନ ଗୁଡ଼ିକର କେନ୍ଦ୍ରୀକୃତ ଡାଟାବେସ୍ ଭାବେ କାର୍ଯ୍ୟ କରିବ।

## ୫୧ହଜାରରୁ ଅଧିକ ନିଯୁକ୍ତି ପତ୍ର ବାଣ୍ଟିବେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,୨୮।୧୦:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୯ ଅକ୍ଟୋବର ୨୦୨୪ ଦିନ ୧୦:୩୦ ସମୟରେ ଭିଡିଓ କନ୍ଫରେନ୍ସିଂ ମାଧ୍ୟମରେ ୫୧, ୦୦୦ରୁ ଅଧିକ ନବ ନିଯୁକ୍ତ ଯୁବକଯୁବତୀଙ୍କୁ ନିଯୁକ୍ତି ପତ୍ର ବିତରଣ କରିବେ। ଏହି ଅବସରରେ ମଧ୍ୟ ପ୍ରଧାନମନ୍ତ୍ରୀ ରୋଜଗାର ମେଳାକୁ ସମ୍ବୋଧିତ କରିବେ। ରୋଜଗାର ମେଳା ରୋଜଗାର ସୃଷ୍ଟିକୁ ପ୍ରାଥମିକତା ଦେବା ପାଇଁ ପ୍ରଧାମନ୍ତ୍ରୀଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି। ଏହା ଯୁବପୀଢ଼ିଙ୍କୁ ରାଷ୍ଟ୍ର ନିର୍ମାଣରେ ଯୋଗଦାନ ଦେବା ପାଇଁ ଅର୍ଥପୂର୍ଣ୍ଣ ସୁଯୋଗ ପ୍ରଦାନ କରିବା ସହ ସେମାନଙ୍କୁ ସଶକ୍ତ କରିବ। ସମଗ୍ର ଦେଶରେ ୪୦ଟି ବିଭିନ୍ନ ସ୍ଥାନରେ ରୋଜଗାର ମେଳାର ଆୟୋଜନ କରାଯିବ, ଯେଉଁଥିରେ ନୂଆ କର୍ମଚାରୀ କେନ୍ଦ୍ର ସରକାରଙ୍କର ବିଭିନ୍ନ ମନ୍ତ୍ରଣାଳୟ ଏବଂ ବିଭାଗ, ଯେପରିକି ରାଜସ୍ୱ ବିଭାଗ, ଉଚ୍ଚ ଶିକ୍ଷା ବିଭାଗ, ଗୃହ ମନ୍ତ୍ରଣାଳୟ, ରକ୍ଷା ମନ୍ତ୍ରଣାଳୟ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଇତ୍ୟାଦି ସହ ସାମିଲ ହେବେ। ନବ ନିଯୁକ୍ତମାନେ ଆଇଜିଓଟି କର୍ମଯୋଗୀ ପୋର୍ଟାଲରେ ଉପଲବ୍ଧ ଅନଲାଇନ୍ ମଡ୍ୟୁଲ୍ 'କର୍ମଯୋଗୀ ପ୍ରାରମ୍ଭ' ମାଧ୍ୟମରେ ଭିତ୍ତିଭୂମି ତାଲିମ ଗ୍ରହଣ କରିବାର ସୁଯୋଗ ପାଇବେ। କର୍ମଯୋଗୀ ପୋର୍ଟାଲ୍ରେ ୧୪୦୦ରୁ ଅଧିକ ଇ-ଲର୍ନିଂ ପାଠ୍ୟକ୍ରମ ଉପଲବ୍ଧ ଯାହାକି ନୂଆ ନିଯୁକ୍ତମାନଙ୍କୁ ସେମାନଙ୍କ ଭୂମିକା ଅଧିକ ପ୍ରଭାବଶାଳୀ କରିବା ଏବଂ ବିକଶିତ ଭାରତ ନିର୍ମାଣ ଦିଗରେ କାର୍ଯ୍ୟ କରିବା ପାଇଁ ଅତ୍ୟାବଶ୍ୟକ କୌଶଳ ସହିତ ଅଧିକ ଦକ୍ଷ କରିବ।

## ବିକଶିତ ଓଡ଼ିଶା ସ୍ୱପ୍ନର ପ୍ରଥମ ଟାର୍ଗେଟ ଶିଶୁ ଚାଲାଣ ଦମନ

### ଖୋଲା ଆଲୋଚନା ଓ କଡ଼ାକଡ଼ି ନିୟମ ଦ୍ୱାରା ଶିଶୁ ଚାଲାଣକୁ ରୋକିବାରେ ସକ୍ଷମ ହେବା




**ଭୁବନେଶ୍ୱର,୨୮।୧୦(ସଂଚାର ବ୍ୟୁରୋ):** ଆଜି ଭୁବନେଶ୍ୱରସ୍ଥିତ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନରେ ମହିଳା ଓ ଶିଶୁ ବିକାଶ ବିଭାଗ ଓ ଅନ୍ତରାଷ୍ଟ୍ରୀୟ ସଂସ୍ଥା ୟୁନିସେଫ୍‌ର ସହଭାଗିତାରେ ଆୟୋଜିତ ହୋଇଯାଇଛି ଶିଶୁ ଚାଲାଣକୁ ଦୂର କରିବା ନିମନ୍ତେ ଏକ ରାଜ୍ୟସ୍ତରୀୟ ପରାମର୍ଶ ବୈଠକ । ଏହି କାର୍ଯ୍ୟକ୍ରମରେ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ ଶିଶୁ ଚାଲାଣ ଏକ ସମ୍ବେଦନଶୀଳ ପ୍ରସଙ୍ଗ । ରାଜ୍ୟ ସରକାର ଶିଶୁ ଓ ମହିଳା ଚାଲାଣ ରୋକିବାର ସମସ୍ତ ଦିଗକୁ ପ୍ରାଥମିକତା ଦେଉଛନ୍ତି । ଶିଶୁ ସୁରକ୍ଷା ସମ୍ବନ୍ଧୀୟ ସମସ୍ତ ନିୟମକାନୁନକୁ କଡାକଡି କରିବା ସହ ଶିଶୁମାନଙ୍କର ଡିଜିଟାଲ ବ୍ୟବହାରକୁ ନିୟନ୍ତ୍ରଣ କରିବାର ସମୟ ଆସିଛି ବୋଲି ଶ୍ରୀମତୀ ପରିଡା ମତବ୍ୟକ୍ତ କରିଥିଲେ । ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି ଆମକୁ ଶିଶୁ ସୁରକ୍ଷା କାର୍ଯ୍ୟଶୈଳୀରେ ପରିବର୍ତ୍ତନ ଆଣି ଗାଁ ଗାଁରେ ସଚେତନତାର ବାର୍ତ୍ତା ଓ ହେଲପ୍‌ଲାଇନ ନମ୍ବରକୁ ସକ୍ରିୟ କରିବାର ପରାମର୍ଶ ଦେଇଥିଲେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା । ଏହି ଲଢେଇରେ ସରକାରଙ୍କ ତରଫରୁ ଜନସାଧାରଣଙ୍କୁ ପୂର୍ଣ୍ଣ ସମର୍ଥନ ଦେବା ସହ ଶିଶୁ ଚାଲାଣକୁ ମୂଳପୋଛ କରିବା ପାଇଁ ମିଶନ ମୋଡ୍ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଲେ ଶ୍ରୀମତୀ ପରିଡା । ଏହି ପରିପ୍ରେକ୍ଷୀରେ ଆଜିର ଆଲୋଚନାରେ ନିଷ୍କର୍ଷ ସମସ୍ତ ପ୍ରସ୍ତାବ ଓ ମତାମତକୁ ସମ୍ମାନ ଦିଆଯିବା ସହ ସମ୍ଭାବ୍ୟ ପ୍ରସ୍ତାବଗୁଡିକ କାର୍ଯ୍ୟକାରୀ କରାଯିବ ବୋଲି ପ୍ରତିଶ୍ରୁତି ଦେଲେ ଉପମୁଖ୍ୟମନ୍ତ୍ରୀ । ଶିଶୁ ଓ ମହିଳା ଚାଲାଣ ଭଳି ଜଘନ୍ୟ ଅପରାଧକୁ ରୋକିବା କ୍ଷେତ୍ରରେ ଆମ ସମସ୍ତଙ୍କୁ ସହଭାଗିତାରେ କାର୍ଯ୍ୟ କରିବାକୁ ପଡିବ ବୋଲି ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ମତପ୍ରକାଶ କରିଥିଲେ । ଶିଶୁ ଚାଲାଣ ରୋକିବା ପାଇଁ ବିଭାଗ ତରଫରୁ ସମସ୍ତ ପ୍ରଚେଷ୍ଟା କରାଯିବ ବୋଲି ସେ ଦୃଢ ମତ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ୟୁନିସେଫର ରାଜ୍ୟ ମୁଖ୍ୟ ଶ୍ରୀ ୱିଲିୟମ ହାନଲୋନ ଜୁନିଅର ଯୋଗ ଦେଇ ଶିଶୁ ଚାଲାଣ ରୋକିବା ନିମନ୍ତେ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ ।

## ପୂର୍ବତଟ ରେଳପଥ କର୍ମଚାରୀଙ୍କ ସଚେତନତା ଶପଥ ପାଠ



**ଭୁବନେଶ୍ୱର,୨୮।୧୦(ସଂଚାର ବ୍ୟୁରୋ):** ସତ୍ୟ ନିଷ୍ଠାର ସଂସ୍କୃତିରୁ ରାଷ୍ଟ୍ରର ସମୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଆଜି ପୂର୍ବାହ୍ନରେ ରେଳପଥର ମୁଖ୍ୟାଳୟରେ ରେଳ କର୍ମଚାରୀ ଏବଂ ଅଧିକାରୀମାନଙ୍କୁ ସତ୍ୟନିଷ୍ଠ ଓ ଅଖଣ୍ଡତାର ଶପଥ ଗ୍ରହଣ କରାଇଛନ୍ତି କରିଥିଲେ। ଏହି ସଚେତନତା ସପ୍ତାହ ରେଳବାଇ କାର୍ଯ୍ୟର ସମସ୍ତ କ୍ଷେତ୍ରରେ ସ୍ୱଚ୍ଛତା ଏବଂ ନୈତିକ ଆଚରଣକୁ ଲକ୍ଷ୍ୟ କରି ଭିଜିଲାନ୍ସ ସଚେତନତା ସପ୍ତାହ ୨୦୨୪ ର ପ୍ରାରମ୍ଭକୁ ସୂଚିତ କରୁଛି। ସତର୍କତା ସଚେତନତା ଶପଥ ଗ୍ରହଣ ସମାରୋହରେ ରେଳ କର୍ମଚାରୀମାନେ ସେମାନଙ୍କର ବୃତ୍ତିଗତ ତଥା ବ୍ୟକ୍ତିଗତ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସମ୍ଭାବ୍ୟତା ଏବଂ ଆଇନ ଶୃଙ୍ଖଳା ରକ୍ଷା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଶପଥଗ୍ରହଣ ଉତ୍ସବରେ ଲାଞ୍ଚ କାରବାର ନକରିବା, ସଚ୍ଚୋଟତା ସହିତ ସମସ୍ତ କାର୍ଯ୍ୟ କରିବା, ଜନସାଧାରଣଙ୍କ ସ୍ୱାର୍ଥରେ କାର୍ଯ୍ୟ କରିବା ଏବଂ ଅଖଣ୍ଡତା ପ୍ରଦର୍ଶନ କରିବାରେ ଉଦାହରଣ ଦେଇ ଆଗେଇ ନେବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କର୍ମଚାରୀମାନଙ୍କୁ ମଧ୍ୟ ଉପଯୁକ୍ତ ଅଧିକାରୀଙ୍କୁ ଦୁର୍ନୀତି ଘଟଣା ଜଣାଇବାକୁ ଉତ୍ସାହିତ କରାଯାଇଥିଲା। ସତର୍କତା ସଚେତନତା ସମାବେଶକୁ ସମ୍ବୋଧିତ କରି ଫୁଙ୍କୱାଲ ଦର୍ଶାଇଛନ୍ତି ଯେ ଦେଶର ଅର୍ଥନୈତିକ, ରାଜନୈତିକ ଏବଂ ସାମାଜିକ ପ୍ରଗତି ପାଇଁ ଦୁର୍ନୀତି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତିବନ୍ଧକ ହୋଇ ରହିଛି। ଦୁର୍ନୀତିର ପ୍ରଭାବଶାଳୀ ମୁକାବିଲା ପାଇଁ ସରକାରୀ ଏବଂ ବେସରକାରୀ କ୍ଷେତ୍ର ତଥା ନାଗରିକଙ୍କ ସମେତ ବିଭିନ୍ନ ହିତାଧିକାରୀଙ୍କ ମଧ୍ୟରେ ସହଯୋଗର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସେ କହିଛନ୍ତି ଯେ ପ୍ରତ୍ୟେକ ନାଗରିକ ସର୍ବୋଚ୍ଚ ସଚ୍ଚୋଟତା ଏବଂ ଅଖଣ୍ଡତା ପ୍ରତି ପ୍ରତିବଦ୍ଧ ହେବା ଆବଶ୍ୟକ, ଯାହାଦ୍ୱାରା ଦୁର୍ନୀତି ବିରୋଧରେ ସାମୂହିକ ସଂଗ୍ରାମକୁ ମୁକାବିଲା କରାଯାଇ ହେବ।

## ବାପା ଗ୍ରାମରକ୍ଷୀ ପୁଅ ଭିଡୁଥିଲା ବାଣ

**ଭୁବନେଶ୍ୱର,୨୮।୧୦(ସଂଚାର ବ୍ୟୁରୋ):** ବାଲିପାଟଣା ଥାନା ଅଧିନ ଗୁଆପୁରରେ ଚାଲିଥିଲା ବେଆଇନ ବାଣ ଗୋଦାମ । ବାଲିପାଟଣା ଥାନାର ଗ୍ରାମରକ୍ଷୀଙ୍କ ଘର ସାଜିଥିଲା ସୁରକ୍ଷିତ ସ୍ଥାନ । ବାପା ଗ୍ରାମରକ୍ଷୀ ଥିବାରୁ ପୁଅ ବେଆଇନ ଭାବରେ ଏହି ଗୋଦାମ ଚଳାଉଥିଲା । ଅତର୍କିତ ରେଡ ବେଳେ ୨୫ ଲକ୍ଷ ଟଙ୍କାର ବେଆଇନ ବାଣ ତିଆରି ସାମଗ୍ରୀ ଜବତ କରାଯାଇଛି। ସେପଟେ ବେଆଇନ ବାଣ ବିକ୍ରି ଉପରେ ରୋକ ଲଗାଇବା ପାଇଁ କମିସନରେଟ ପୁଲିସର ସ୍ୱତନ୍ତ୍ର ଟିମ ଗଠନ କରିଛନ୍ତି ଡିସିପି । ଗ୍ରାମରକ୍ଷୀଙ୍କ ଘରେ ଚାଲିଥିଲା ବେଆଇନ ବାଣ ଭିଡ଼ା। ନା ଥିଲା ପ୍ରଶାସନକୁ ଭୟ ନା ଥିଲା ପୁଲିସକୁ ଡର । ନିଜେ ଯେଉଁ ଥାନାରେ କାମ କରୁଥିଲେ, ସେହି ଥାନା ଆଡୁଆଳରେ ରହି ଆଇନର ଧଜ୍ଜିଆ ଉଡାଉ ଥିଲେ ।

## ସୋଆ ଏମ୍‌ବିବିଏସ୍ ଛାତ୍ରଛାତ୍ରୀଙ୍କ ହ୍ୱାଇଟ୍ କୋଟ୍ ଉତ୍ସବ



**ଭୁବନେଶ୍ୱର,୨୮।୧୦(ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ)ରେ ୨୦୨୪-୨୫ ଶିକ୍ଷା ବର୍ଷ ନିମନ୍ତେ ଡାକ୍ତରୀ ପାଠ୍ୟକ୍ରମରେ ନାମ ଲେଖାଇଥିବା ଏମ୍‌ବିବିଏସ୍ ଛାତ୍ରଛାତ୍ରୀଙ୍କ ହ୍ୱାଇଟ୍ କୋଟ ଉତ୍ସବ ଆୟୋଜିତ ହୋଇଯାଇଛି। ଗତ ଶନିବାର ଦିନ ଭୁବନେଶ୍ୱର ସ୍ଥିତ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସେସ ଆଣ୍ଡ ସମ୍ ହସ୍ପିଟାଲ-୧ରେ ଏମ୍‌ବିବିଏସ୍ ନୂତନ ବର୍ଷର ଛାତ୍ରଛାତ୍ରୀ ମାନଙ୍କ ପାଇଁ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ସୋମବାର ଦିନ ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ ୨, ଫୁଲନଖରା କ୍ୟାମ୍ପସରେ ଛାତ୍ରଛାତ୍ରୀଙ୍କ ନିମନ୍ତେ ଏହି ଉତ୍ସବର ଆୟୋଜନ କରାଯାଇଥିଲା। ଶନିବାର ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ-୧ରେ ଆୟୋଜିତ ହ୍ୱାଇଟ୍ କୋଟ ଉତ୍ସବରେ ୨୫୦ ଜଣ ଛାତ୍ରଛାତ୍ରୀ ହିପୋକ୍ରାଟିକ୍ ଶପଥ ନେବା ସହ ମୂଲ୍ୟବୋଧ ଭିତିକ ଚିକିତ୍ସା କରିବା ନିମନ୍ତେ ଶପଥ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଶପଥ ପାଠ କରାଇବା ସହ ଏହା କେବଳ ଏକ କୋଟ ନୁହେଁ ବରଂ ପ୍ରତି ଡାକ୍ତରର ପ୍ରଥମ ପରିଚୟ ଅଟେ ବୋଲି କହିଥିଲେ। ତେଣୁ ଏହାକୁ ପିନ୍ଧି ପ୍ରତ୍ୟେକ ଡାକ୍ତରୀ ଛାତ୍ରଛାତ୍ରୀ ଗର୍ବ ଅନୁଭବ କରିବା ଆବଶ୍ୟକ ବୋଲି ସେ କହିଥିଲେ। ଏହି ଅବସରରେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲର ମେଡିକାଲ୍ ସୁପରିଟେଣ୍ଡେଣ୍ଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ଛାତ୍ରଛାତ୍ରୀ ମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ ସେମାନଙ୍କୁ ଅଧ୍ୟୟନରେ ମନୋନିବେଶ କରିବା ସହ ସମାଜ ସେବା ଓ ରୋଗୀଙ୍କ ପ୍ରତି ଦୟାଳୁ ମନୋଭାବ ନେଇ ଉତ୍ତମ ଡାକ୍ତର ହେବା ପାଇଁ ବାର୍ତ୍ତା ଦେଇଥିଲେ।

## ଚାଷୀଙ୍କ ଜୀବନକୁ ନୂଆ ଦିଶା ଦେଉଛି ଲାଭଜନକ କପା ଚାଷ




**ଭୁବନେଶ୍ୱର,୨୮।୧୦(ସଂଚାର ବ୍ୟୁରୋ):** ଆଜି କୃଷିଭବନସ୍ଥିତ ଅଡିଟୋରିଅମ ହଲରେ କପା ଚାଷ ସମ୍ପର୍କିତ ଏକ କର୍ମଶାଳା ଆୟୋଜିତ ହୋଇଥିଲା। ଏହି କର୍ମଶାଳାରେ ମୁଖ୍ୟ ଅତିଥି ରୂପେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗଦେଇଥିଲେ। ଓଡ଼ିଶା ମାଟିରେ କପା ଚାଷ ହେଉଥିବା ବିଭିନ୍ନ ଅର୍ଥକାରୀ ଫସଲ ମଧ୍ୟରୁ ଅନ୍ୟତମ ହେଉଛି କପା ଚାଷ। ବୟନଶିଳ୍ପ ର ଆଧାର ହେଉଛି କପା । ବଜାର ଚାହିଦାକୁ ଦୃଷ୍ଟିରେ ରଖି ଏହାକୁ 'ଧଳା ସୁନା'ର ଆଖ୍ୟା ଦିଆଯାଇଛି। ଓଡ଼ିଶାର କୃଷି ଅର୍ଥନୀତି ଓ ଚାଷୀଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ଲାଗି କପା ଚାଷକୁ ବିଶେଷ ପ୍ରୋତ୍ସାହନ ରାଜ୍ୟ ସରକାର ଦେଉଛନ୍ତି। ଭାରତରେ ବ୍ୟବହୃତ କପାର ମୋଟ ୪୦ ପ୍ରତିଶତ କପା ଓଡ଼ିଶାରେ ଚାଷ ହେଉଛି ଏବଂ ଆଜି ଏହା ୧୧ ଟି ଜିଲ୍ଲାର ୨ ଲକ୍ଷ ୩୯ ହଜାର ହେକ୍ଟର ଜମିକୁ ସମ୍ପ୍ରସାରିତ ହୋଇପାରିଛି। କେବଳ ରାୟଗଡ଼ା, କଳାହାଣ୍ଡି ଓ ବଲାଙ୍ଗିର ଜିଲ୍ଲାରୁ ହିଁ ଓଡ଼ିଶାର ୮୫ ପ୍ରତିଶତ କପା ଉତ୍ପାଦନ ହେଉଛି। ଆମ ରାଜ୍ୟରେ ଉତ୍ପାଦିତ କପା ଅତି ଉତ୍କୃଷ୍ଟ ମନର ତଥା ଲମ୍ବା ତନ୍ତୁବିଶିଷ୍ଟ । ଓଡ଼ିଶାରୁ ଉତ୍ପାଦିତ କପା ଦେଶବିଦେଶକୁ କସ୍ତୁରୀ କପା ନାମରେ ରପ୍ତାନି ହେଉଛି ଯାହାଦ୍ୱାରା ବିଶ୍ୱ ବୟନଶିଳ୍ପ ସମୃଦ୍ଧ ହେଉଛି। କର୍ମଶାଳାରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଥିଲେ ଯେ, ଓଡ଼ିଶାର ଚାଷୀ ଭାଇ ଭଉଣୀ ଙ୍କ ଜୀବନକୁ ନୂଆ ଦିଶା ଦେଇଛି ଲାଭଜନକ କପା ଚାଷ। ସେମାନଙ୍କର ଜୀବିକା ସୁଦୃଢ଼ ହୋଇଛି ଏବଂ ସେମାନେ ଆର୍ଥିକ ସ୍ତରରେ ସଶକ୍ତ ହୋଇଛନ୍ତି। କପାଚାଷ ଲାଗି କୃଷି ସାମଗ୍ରୀ, ସାର, କୀଟନାଶକ ପ୍ରଭୃତି ଡିବିଟି ମାଧ୍ୟମରେ ସରକାର ଯୋଗାଇ ଦେଉଛନ୍ତି। ଏବଂ ତା ସହ ଚାଷୀମାନଙ୍କୁ ଦକ୍ଷତା ବୃଦ୍ଧି ତାଲିମ ମଧ୍ୟ ଦିଆଯାଉଛି। ଏହାର ବିକ୍ରିବଟା ସୁବିଧାରେ କରିବା ପାଇଁ ବିଭିନ୍ନ ସ୍ଥାନରେ ମଣ୍ଡି ମଧ୍ୟ ଖୋଲାଯାଇଛି।

## ରାୟଗଡ଼ ଦୁର୍ଗ ୟୁନେସ୍କୋ ବିଶ୍ୱ ଐତିହ୍ୟ ପାଇଁ ମନୋନୀତ

**ନୂଆଦିଲ୍ଲୀ,୨୮।୧୦:** ମହାରାଷ୍ଟ୍ରର ଉପତ୍ୟକା ଉପରେ ଅବସ୍ଥିତ ରାୟଗଡ଼ ଦୁର୍ଗରେ ଛତ୍ରପତି ଶିବାଜୀ ମହାରାଜଙ୍କ ରାଜତ୍ୱର ପ୍ରତିଫଳନ ଦେଖିବାକୁ ମିଳୁଛି। ଏକଦା ତାଙ୍କର ସମୃଦ୍ଧ ମରାଠା ସାମ୍ରାଜ୍ୟର ରାଜଧାନୀ ଥିବା ଏହି ପାହାଡ଼ିଆ ଗଡ଼ ସାହସିକତା, ଅଭିନବତା ଏବଂ ବୀରତ୍ୱର କାହାଣୀ ବହନ କରୁଛି। ରାୟଗଡ଼ର ପ୍ରତ୍ୟେକ ପଥର ଶିବାଜୀ ମହାରାଜଙ୍କ ଅଦ୍ଭୁତ ସାହସ, ଦୂରଦୃଷ୍ଟି ଓ କୌଶଳର ପ୍ରତିଫଳନ, ଯାହାଙ୍କ ନେତୃତ୍ୱ ଏହି ଦୁର୍ଗକୁ ଶକ୍ତିର ପ୍ରତୀକରେ ପରିଣତ କରିଥିଲା। ଆଜି ଏହା ଏକ ସାମ୍ରାଜ୍ୟର ଇତିହାସକୁ ଆକାର ଦେଇଥିବା ଅସାଧାରଣ କାର୍ଯ୍ୟଗୁଡ଼ିକୁ ପିଢ଼ି ପରେ ପିଢ଼ିକୁ ମନେ ପକାଇ ଦେଉଛି। ଛତ୍ରପତି ଶିବାଜୀ ମହାରାଜ କିପରି ମରାଠା ସାମ୍ରାଜ୍ୟର ରାଜଧାନୀ ଭାବରେ ରାୟଗଡ଼ ଦୁର୍ଗକୁ ଚୟନ କରିଥିଲେ ତାହା 'ସଭାସାଦ ବଖାର' (ପ୍ରାଚୀନ ଚିଠି) ପ୍ରତିଫଳିତ କରେ। ଏଥିରେ ଉଲ୍ଲେଖ ରହିଛି, 'ଛତ୍ରପତି ଶିବାଜୀ ମହାରାଜ ଏହି ପାହାଡ଼ ବା ରାଇରିର ସାମର୍ଥ୍ୟକୁ ଦେଖିଥିଲେ, ଯେଉଁଠାରେ ତୀଖ ପାହାଡ଼ ରହିଛି ଏବଂ ଏହା ଏହି ଅଞ୍ଚଳର ସମସ୍ତ ପର୍ବତ ଏବଂ ପାହାଡ଼ ମଧ୍ୟରୁ ସବୁଠାରୁ ଉଚ୍ଚ। ପଥରର ନିରବଚ୍ଛିନ୍ନ ଏବଂ ଅଖଣ୍ଡ ପ୍ରକୃତି ଏକ ବଡ଼ ସମ୍ଭାବନା ଥିଲା। ଦୌଲତାବାଦର ଦୁର୍ଗ ମଧ୍ୟ ଏକ ଭଲ ଦୁର୍ଗ, କିନ୍ତୁ ଏହା ରାୟଗଡ଼ ଭଳି ଭଲ ନୁହେଁ, ଯେତିକି ଉଚ୍ଚ ଏବଂ ଉତ୍ତମ, ତେଣୁ ରାଜାଙ୍କ ପାଇଁ ରାଜଧାନୀ ଏବଂ ସିଂହାସନ ଭଳି ଅଧିକ ଉପଯୁକ୍ତ ହେବ। କଲ ଏବଂ ଗାନ୍ଧାରୀ ନଦୀ ଉପତ୍ୟକା ଦ୍ୱାରା ଘେରି ରହିଥିବା ରାୟଗଡ଼ ପଡ଼ୋଶୀ ପାହାଡ଼ ସହିତ ସଂଯୋଗ ବିହୀନ ଏକ ବିଚ୍ଛିନ୍ନ ପର୍ବତର ଶୃଙ୍ଗ ଭାବରେ ଠିଆ ହୋଇଛି। ଏହାର ଅଦମ୍ୟ ପ୍ରକୃତି, ଯେଉଁଥିରେ ତୀଖ ପାହାଡ଼ ଏବଂ ୧୫୦୦ ଫୁଟ ଉଚ୍ଚତା ବିଶିଷ୍ଟ ତୀଖ ଭଳି ଭୌତିକ ବୈଶିଷ୍ଟ୍ୟ ରହିଛି, ଅଭିନବ ସାମରିକ ପ୍ରତିରକ୍ଷା କୌଶଳ ଦ୍ୱାରା ଦର୍ଶାଯାଇଛି।

## କମ୍ୟୁନିଟି ସପୋର୍ଟଙ୍କ ପକ୍ଷରୁ ବିଧାୟକଙ୍କୁ ଦାବିପତ୍ର



**ଖୋର୍ଦ୍ଧା,୨୮।୧୦(ସଂଚାର ବ୍ୟୁରୋ):** ଜିଲ୍ଲାର ୧୦ ଗୋଟି ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତ ସ୍ତରରେ ହୋଇଥିବା ମହିଳା ମହାସଙ୍ଘ ରେ କାର୍ଯ୍ୟରତ ୬ ଗୋଟି କମ୍ୟୁନିଟି ସପୋର୍ଟ,କର୍ମଚାରୀଙ୍କ ଦୀର୍ଘ ୭ ମାସର ପାରିଶ୍ରମିକ ମିଳି ନଥିବାରୁ ଖୋର୍ଦ୍ଧା ଜିଲ୍ଲା ଗ୍ରାମ ପଞ୍ଚାୟତ ସ୍ତରୀୟ କର୍ମୀ ସଙ୍ଘ ପକ୍ଷରୁ ଏକ ଦାବିପତ୍ର ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବଙ୍କୁ ପ୍ରଦାନ କରାଯାଇଛି । ଖୋର୍ଦ୍ଧା ଜୟୀ ରାଜଗୁରୁ ଟାଉନ ହଲ ଠାରେ ସଙ୍ଘ ପକ୍ଷରୁ ଆୟୋଜିତ ଏକ ସଭାରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ନିଜ ବକ୍ତବ୍ୟରେ କହିଥିଲେ ଏ ମାଟି ତ୍ୟାଗ ଓ ବଳିଦାନର ମାଟି ଯେଉଁ ମାଟିର ଅର୍ଥନୈତିକ, ଓ ସାମାଜିକ ସ୍ତରର ବିକାଶ ପାଇଁ ମ''ମାନଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ତେଣୁ ଆପଣ ମାନେ ଧୈର୍ଯ୍ୟ ଧରନ୍ତୁ ସରକାର ଆପଣଙ୍କର ବକେୟା ପାରିଶ୍ରମିକ ଓ ସ୍ଥାୟୀ ଚାକିରୀ ପାଇଁ ସହଯୋଗର ହାତ ବଢାଇବେ। ବିଧାୟକ ହିସାବରେ ମୁଁ ନିଶ୍ଚିତ ସହଯୋଗ କରିବି। ତେବେ ବର୍ତ୍ତମାନର ସରକାରଙ୍କ ବିଭିନ୍ନ ଜନ କଲ୍ୟାଣ ଯୋଜନା କିଭଳି ପ୍ରତି ଗାଁ ଗହଳିରେ ପହଁଛି ପାରିବ, ସେଥିପାଇଁ ଆପଣ ମାନେ ଆଗେଇ ଆସନ୍ତୁ ବୋଲି କହିଥିଲେ।। ଅନ୍ୟ ମାନଙ୍କ ମଧ୍ୟରେ ବିଜେପି ର ବରିଷ୍ଠ ନେତା ନିକୁଞ୍ଜ କିଶୋର ପଟ୍ଟନାୟକ, ଖୋର୍ଦ୍ଧା ପୌର ପରିଷଦ ସାଂସଦଙ୍କ ପ୍ରତିନିଧି ଦିଲ୍ଲୀପ କୁମାର ହୋତା,ବ୍ଲକ ପ୍ରତିନିଧି ବିଭୁ ପ୍ରସାଦ ବଳିଆରସିଂ,୧ ନମ୍ବର ଜିଲ୍ଲା ପରିଷଦ ସଦସ୍ୟ ପ୍ରଫୁଲ ଦଳାଇ,ସଂଘର ଖୋର୍ଦ୍ଧା ଜିଲ୍ଲା ସଭାନେତ୍ରୀ ପ୍ରଣତି କୋଦାମସିଂହ,ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମଗରେ ଜିଲ୍ଲାର ସମସ୍ତ ବ୍ଲକର ମୁଖ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ।

## କର୍ମଚାରୀଙ୍କୁ ଦୁର୍ନୀତି ନିବାରଣ ସଚେତନତା ଶପଥପାଠ

### ସୂଚନା ଓ ଲୋକସଂପର୍କ ବିଭାଗ

**ଭୁବନେଶ୍ୱର,୨୮।୧୦(ସଂଚାର ବ୍ୟୁରୋ):** ଆଜି ସୂଚନା ଓ ଲୋକସଂପର୍କ ବିଭାଗର ଅଧିକାରୀ ଓ କର୍ମଚାରୀ ମାନେ ଦୁର୍ନୀତି ଓ ଅନ୍ୟାୟ ବିରୋଧରେ ସାମାଜିକ ପ୍ରତିବଦ୍ଧତାର ପ୍ରଦର୍ଶନ ନେଇ ଶପଥ ପାଠ କରିଛନ୍ତି। ସାରା ରାଜ୍ୟରେ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଉପଲକ୍ଷେ ଆଜି ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଭାସି ମାଧ୍ୟମରେ ରାଜ୍ୟର ସମସ୍ତ କର୍ମଚାରୀ ଓ ଅଧିକାରୀ ମାନଙ୍କୁ ଶପଥ ପାଠ କରାଇଥିଲେ । ଏହି ମର୍ମରେ ସୂଚନା ଓ ଲୋକସଂପର୍କ ବିଭାଗ ସମ୍ମିଳନୀ କକ୍ଷଠାରେ ଆୟୋଜିତ ଏହି ଉତ୍ସବରେ ବିଭାଗୀୟ ନିର୍ଦ୍ଦେଶକ ସରୋଜ କୁମାର ସାମଲଙ୍କ ସମେତ ସମସ୍ତ ଅଧିକାରୀ ଓ କର୍ମଚାରୀ ଶପଥ ପାଠ କରିଥିଲେ । ଆର୍ଥିକ, ରାଜନୈତିକ ଓ ସାମାଜିକ ପ୍ରଗତିରେ ଦୁର୍ନୀତ ଏକ ବଡ଼ ପ୍ରତିବନ୍ଧକ ହୋଇଥିବାରୁ ଅଧିକାରୀ ଓ କର୍ମଚାରୀ ମାନଙ୍କ ନିଷ୍ଠାପର ଭାବେ ଆଇନ ଅନୁମୋଦିତ କାର୍ଯ୍ୟ କରିବେ ବୋଲି ଶପଥ ନେଇଥିଲେ । ନିଜ ଆଚରଣ ଓ କର୍ତ୍ତବ୍ୟ ସଂପାଦନରେ ସାଧୁ ତା ଅବଲମ୍ବନ ସହ ଦୁର୍ନୀତି ଓ ଲାଞ୍ଚ ଦେବା ଓ ନେବା ଭଳି ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବେ ବୋଲି ସମସ୍ତେ ସଂକଳ୍ପ ନେଇଥିଲେ । ଆଜିର ଏହି ଶପଥ ପାଠ ଉତ୍ସବରେ ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ୀ, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଯୁଗ୍ମ ନିର୍ଦ୍ଦେଶକ ଶୂରବୀର ସିଂହ, ବିଜୁ ପରାମର୍ଶଦାତା ପୃଥ୍ୱୀରାଜ ପାଣି, ଉପଶାସନ ସଚିବ ଏସ୍. କେ. କଲାମୁଦ୍ଦିନ୍, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶନୀଙ୍କ ସମତେ ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ଶପଥ ପାଠ କରିଥିଲେ ।

### ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

୨୮ରୁ ଆଗାମୀ ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଥିବା ବେଳେ ଏହି ପରିପ୍ରେକ୍ଷୀରେ ଆଜି ଲୋକସେବା ଭବନସ୍ଥିତ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ଦୁର୍ନୀତି ନିବାରଣ ସଚେତନତା ଶପଥପାଠ କରିଥିଲେ ।
ଚଳିତ ବର୍ଷ ଏହି ସପ୍ତାହ ପାଳନର ପ୍ରସଙ୍ଗ ରହିଛି- ସତ୍ୟନିଷ୍ଠ ସଂସ୍କୃତି ହିଁ ରାଷ୍ଟ୍ର ସମୃଦ୍ଧିର ଭଳି। ବିଭାଗର ଅତିରିକ୍ତ ଶାସନ ସଚିବ ଶ୍ରୀ ମନୋଜ କୁମାର ମହାନ୍ତି କେନ୍ଦ୍ରୀୟ ସତର୍କତା ଆୟୋଗ ନିର୍ଦ୍ଦେଶରେ ପାଳନ କରାଯାଉଥିବା ଏହି ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ଆଲୋକପାତ କରିବା ସହ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ସ୍ୱୋଚତା ଏବଂ ଆଇନର ଶାସନକୁ ଅନୁପାଳନ କରିବା, ସମସ୍ତେ କାର୍ଯ୍ୟକୁ ସାଧୁତା ଓ ସ୍ୱଚ୍ଛତାର ସହ ସଂପାଦନ କରିବା, ନିଜ ବ୍ୟକ୍ତିଗତ ଆଚରଣରେ ଦୃଷ୍ଟାନ୍ତମୂଳକ ସାଧୁତା ବଜାୟ ରଖ୍ ଉଦାହରଣ ସୃଷ୍ଟି କରିବା ସଂପର୍କରେ ଶପଥ ବରାଇଥିଲେ । ଏହି କାର୍ଯ୍ୟକ୍ରମରେ ବିଭାଗର ବିଭିନ୍ନ ଶାଖାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

### ଶିଳ୍ପ ବିଭାଗ ଅଧିକାରୀ

ଆଜି ପୂର୍ବାହ୍ନରେ ଖାରବେଳ ଭବନସ୍ଥିତ ଶିକ୍ଷା ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଦୁର୍ନୀତି ନିବାରଣ ସଚେତନତା ଶପଥ ପାଠ କରିଛନ୍ତି। ବିଭାଗର ବିଶି ପରାମର୍ଶଦାତା କଥା ସ୍ୱତନ୍ତ୍ର ଶାସନ ସଚିବ ରାଜେନ୍ଦ୍ର ନାରାୟଣ ଜେନା ଏବଂ ଅର୍ତକ୍ତ ଶାସନ ସଚିବ ଶୈଳେନ୍ଦ୍ର ନାରାୟଣ ନାୟକ ବିଭାଗୀୟ ବରିଷ୍ଠ ପଦାଧିକାରୀ ଓ କର୍ମଚାରୀମାନଙ୍କୁ ସମସ୍ତ କାର୍ଯ୍ୟ ସାଧୁତା ଓ ଶୃଙ୍ଖଳାର ସହ ସମ୍ପାଦନ କରିବା ସଂପର୍କରେ ଶପଥ ପାଠ କରାଇଛନ୍ତି । ଏହି ଶପଥ ପାଠ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଭାଗର ଯୁଗ୍ମ ଶାସନ ସଚିବ ଉପ ଶାସନ ସଚିବ ମୁରଲୀଧର ସେଠୀ, ଅନୁଶାସନ ସଚିବ ବ୍ୟୋମରଞ୍ଜନ ସେଠୀ, ସଚ୍ଚି ଦାନନ୍ଦ ନାୟକ, କୃପାସିନ୍ଧୁ ମଲ୍ଲିକ ପ୍ରମୁଖଙ୍କ ସମେତ ବିଭାଗୀୟ ସମସ୍ତ ଅଧିକାରୀ ଦୁର୍ନୀତି ନିବାରଣ ଶପଥ ପାଠ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ଜୀବନ ଅମୃତ ଅନୁଚିନ୍ତା

ବ୍ରହ୍ମଲୀନ- ମୁଁ ହିଁ ସିଏ ଯିଏ କି ଜଗତର ଚକ୍ରକୁ, ଜୀବନଚକ୍ରକୁ, କାଳଚକ୍ରକୁ, ଗ୍ରହଚକ୍ରକୁ , ଋତୁଚକ୍ରକୁ ଏବଂ ସୃଷ୍ଟିର ସମସ୍ତ ଚକ୍ରକୁ ନିଜର କାଣି ଆଙ୍ଗୁଠିରେ ପରିଚାଳନା କରିଥାଏ। ମୋ ଚରଣରେ ଶରଣ ନେଲେ ମୁଁ ତୁମକୁ ଜନ୍ମମୃତ୍ୟୁ ଚକ୍ରରୁ ମୁକ୍ତି ଦେଇ ବ୍ରହ୍ମଲୀନ ହେବାରେ ସୌଭାଗ୍ୟପ୍ରାପ୍ତ କରାଇବି।

SANCHAR
ସଂଚାର

୪ ମଙ୍ଗଳବାର ୨୯ ଅକ୍ଟୋବର ୨୦୨୪, ଭୁବନେଶ୍ୱର
Tuesday 29 October 2024 Bhubaneswar

# ଏଲ୍ଏସିରେ ଶାନ୍ତି ଓ ସ୍ଥିରତା

ଭାରତ ଓ ଚୀନ ମଧ୍ୟରେ ନିର୍ଦ୍ଧାରିତ ବାସ୍ତବ ସୀମା ରେଖା ଯାହା ଏଲଏସି ନାମରେ ପରିଚିତ ତାହା ଏବେ ଶାନ୍ତ ପଡ଼ିଛି। ୨୦୨୦ରୁ ଏହା ଅଶାନ୍ତ ଏବଂ ଅସ୍ଥିର ରହିଥିଲା। ୨୦୨୦ ମେ'ରେ ପୂର୍ବ ଲଦାଖର ଗଲୱାନ ଉପତ୍ୟକାରେ ଭାରତ ଓ ଚୀନ ସେନା ମୁହାଁମୁହିଁ ହେବା ପରେ ଉଭୟ ପକ୍ଷ ମଦ୍ୟରେ ଏକ ପ୍ରକାର ଖଣ୍ଡଯୁଦ୍ଧ ହୋଇଥିଲା। ଏଥିରେ ଉଭୟ ପକ୍ଷର ଅନେକ ମୃତାହତ ହୋଇଥିଲେ। ପରେ ଏଲଏସିର ଅନ୍ୟ କେତେକ ସ୍ଥାନରେ ମଧ୍ୟ ଚୀନ ସେନା ଭାରତୀୟ ସୀମାରେ ଅନୁପ୍ରବେଶ କରିବାକୁ ଉଦ୍ୟମ କରିବା ବେଳେ ଦୁଇ ପକ୍ଷ ମଧ୍ୟରେ ସଂଘର୍ଷ ହୋଇଛି। କହିବା ବାହୁଲ୍ୟ ଯେ, ଏଲଏସି ହେଉଛି ବିଶ୍ୱର ସବୁଠାରୁ ଦୀର୍ଘତମ ଦ୍ୱିପାକ୍ଷିକ ଭୌଗଳିକ ସୀମାରେଖା। ଏହା ମଧ୍ୟ ବିଶ୍ୱର ସବୁଠାରୁ ବିପଜ୍ଜନକ ଏବଂ ଆନ୍ତ ସୀମା। ପାକିସ୍ତାନ ସହିତ ସୀମାରେଖା ବା ଏଲଓସି ଏବଂ ଚୀନ ସହିତ ସୀମାରେଖା ଏଲଏସି ଅତି ନିକଟତର ଏବଂ ଉଭୟ ସୀମାରେଖା ଭାରତ ପାଇଁ ପ୍ରତିରକ୍ଷା ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ଭାରତକୁ ବିପୁଳ ଅର୍ଥ ବ୍ୟୟ କରିବାକୁ ପଡୁଛି। ଏହା ଭାରତର ସୁରକ୍ଷା ଏବଂ ନିରାପତ୍ତା ସହ ଜଡ଼ିତ। ଏହାକୁ ଅଣଦେଖା କରାଯାଇପାରିବ ନାହିଁ। ଗତ ୪ ବର୍ଷ ହେବ ଭାରତ ସରକାର ଚୀନ ସହ ବରାବର କୂଟନୈତିକ ଏବଂ ସାମରିକ ସ୍ତରରେ ଆଲୋଚନା ଜାରି ରଖିଛନ୍ତି। ଏହା ଫଳରେ ଉଭୟ ପକ୍ଷ ମଧ୍ୟରେ ଏକ ବୁଝାମଣା ହୋଇଛି ଏବଂ ୨୦୨୦ର ସ୍ଥିତି ବଜାୟ ରଖିବାକୁ ସ୍ଥିର କରାଯାଇଛି। ବୁଝାମଣା ଅନୁଯାୟୀ ଏଲଏସିରେ ପୁଣି ଭାରତୀୟ ସେନା ପାଟ୍ରୋଲିଂ କରିବେ। ଦୀର୍ଘ ୫ ବର୍ଷ ପରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଚୀନ ରାଷ୍ଟ୍ରମୁଖ୍ୟ ସି ଜିନ ପିଙ୍ଗଙ୍କ ମଧ୍ୟରେ ଆନୁଷ୍ଠାନିକ ଭାବେ ଦ୍ୱିପାକ୍ଷିକ ଆଲୋଚନା ହୋଇଛି। ଋଷିଆର କାଜାନ ସହରରେ ଅନୁଷ୍ଠିତ ୧୬ତମ ବ୍ରିକ୍ସ ଶିଖର ସମ୍ମିଳନୀ ଅବସରରେ ଦୁଇ ନେତାଙ୍କ ମଧ୍ୟରେ ଏହି ଆଲୋଚନା ବୈଠକ ହୋଇଥିଲା। ଆଲୋଚନା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୀମାରେ ଶାନ୍ତି ବଜାୟ ରଖିବାକୁ ପ୍ରାଥମିକତା ଦିଆଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ପାରସ୍ପରିକ ବିଶ୍ୱାସ, ସମ୍ମାନ ଏବଂ ସଦଭାବନା ମାଧ୍ୟମରେ ଏହା ସମ୍ଭବ। ତେବେ ଚୀନ ରାଷ୍ଟ୍ରପତି ଜିନ ପିଙ୍ଗ ଏହାକୁ କେତେଦୂର ଗ୍ରହଣ କରିଛନ୍ତି ବା ଏହାକୁ କେତେଦୂର କାର୍ଯ୍ୟକାରୀ କରିବେ ତାହା ସନ୍ଦେହରେ। କାରଣ ଯେତେବେ ଯାହା ହେଲେବି ଚୀନ ନିଜର ବିସ୍ତାରବାଦୀ ଚରିତ୍ରକୁ କେବେ ହେଲେ ପରିତ୍ୟାଗ କରି ନାହିଁ କିମ୍ବା କରିବ ନାହିଁ। ଅତୀତରେ ବାରମ୍ବାର ଏହା ପ୍ରମାଣିତ ହୋଇଛି। ଚୀନର ପ୍ରତିଶ୍ରୁତି ସବୁ ବେଳେ ପାଣିର ଗାର ହୋଇଛି। ଚୀନ ପାଇଁ ବନ୍ଧୁତା କେବଳ ଲାଭକ୍ଷତିର ହିସାବ ଉପରେ ଆଧାରିତ। ମୋଦି ଓ ଜିନ ପିଙ୍ଗଙ୍କ ମଧ୍ୟରେ ଆଲୋଚନା ପୂର୍ବରୁ ଦୁଇ ପକ୍ଷ ମଧ୍ୟରେ ଏକ ବୁଝାମଣା ହୋଇଛି। ବୁଝାମଣା ଅନୁଯାୟୀ ଏଲଏସିରେ ପୁଣି ପୂର୍ବପରି ପାଟ୍ରୋଲିଂ ବ୍ୟବସ୍ଥା କାର୍ଯ୍ୟକାରୀ ହେବ। କିନ୍ତୁ ସମୟ କହିବ ଚୀନ ଏହି ବୁଝାମଣାକୁ କେତେଦୂର କାର୍ଯ୍ୟକାରୀ କରିବ ବା ଗ୍ରହଣ କରିବ। କାରଣ ଭାରତ ସହ ଚୀନର ସୀମା ବିବାଦ ଅନେକ ଦଶନ୍ଧି ପୁରୁଣା। ଅରୁଣାଚଳ ପ୍ରଦେଶରୁ ଆରମ୍ଭ କରି ଲଦାଖ ପର୍ଯ୍ୟନ୍ତ ଏହି ବିବାଦ ପରିବ୍ୟାପ୍ତ। ଭାରତର ଅରୁଣାଚଳ ପ୍ରଦେଶକୁ ଚୀନ ସର୍ବଦା ନିଜର ଅଞ୍ଚଳ ଭାବେ ଦାବି କରି ଆସୁଛି। ପ୍ରତିବର୍ଷ ଚୀନ ସରକାରଙ୍କ ପକ୍ଷରୁ ଜାରି ହେଉଥିବା ମାନଚିତ୍ରରେ ଅରୁଣାଚଳକୁ ନିଜର ଅଞ୍ଚଳ ଭାବେ ଚୀନ ଚିତ୍ରଣ କରି ଆସୁଛି। ପ୍ରତିବର୍ଷ ଭାରତ ଏହାର ପ୍ରତିବାଦ କରି ଆସୁଛି। କିନ୍ତୁ ସ୍ଥିତିରେ ପରିବର୍ତ୍ତନ ଆସୁନି କିମ୍ବା ଚୀନ ଭାରତର ପ୍ରତିବାଦକୁ ଗ୍ରହଣ କରୁନାହିଁ। ୧୯୬୧ରେ ଭାରତ-ଚୀନ ଯୁଦ୍ଧରେ ଅରୁଣାଚଳ ପ୍ରଦେଶର ଏକ ବଡ଼ ଅଞ୍ଚଳ ଚୀନ ଦଖଲକୁ ଚାଲିଯାଇଛି। ଏହାବ୍ୟତିତ କାଶ୍ମୀର ଏବଂ ଲଦାଖର ଅନେକ ଅଞ୍ଚଳକୁ ମଧ୍ୟ ଚୀନ ଜବର ଦଖଲ କରିଛି। ୧୯୬୧ରେ ଭାରତର ସାମରିକ ଶକ୍ତି ଚୀନର ମୁକାବିଲା ପାଇଁ ପର୍ଯ୍ୟାପ୍ତ ନଥିଲା। ତେଣୁ ଭାରତ ଚୀନଠାରୁ ଏସବୁ ଅଞ୍ଚଳ ଛଡ଼ାଇ ଆଣିପାରିଲା ନାହିଁ। ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହରୁଙ୍କ ଭୁଲ ନୀତି ଯୋଗୁଁ ଭାରତକୁ ବହୁ ମୂଲ୍ୟ ଦେବାକୁ ପଡ଼ିଲା। ପରବର୍ତ୍ତୀ ସମୟରେ ଚୀନ ବାରମ୍ବାର ଲଦାଖ ଓ ଅରୁଣାଚଳ ପ୍ରଦେଶରେ ଅନୁପ୍ରବେଶ କରିବା ଲାଗି ପ୍ରୟାସ କରିଛି। ଅନେକ ଥର ଭାରତ ଓ ଚୀନ ସେନା ଏଥିଲାଗି ଏଲଏସିରେ ମୁହାଁ ମୁହିଁ ହୋଇଛନ୍ତି। ତିନି ବର୍ଷ ତଳେ ଲଦାଖର ଗଲୱାନ ଉପତ୍ୟକାରେ ଚୀନ ସେନା ଭାରତୀୟ ଅଞ୍ଚଳରେ ଅନୁପ୍ରବେଶ ଲାଗି ଉଦ୍ୟମ କରିବା ଫଳରେ ଉଭୟ ସେନା ମଧ୍ୟରେ ସଂଘର୍ଷ ସୃଷ୍ଟି ହୋଇଥିଲା ଏବଂ ଭାରତୀୟ ସେନାର ଅନେକ ଏଥିରେ ପ୍ରାଣ ହରାଇଥିଲେ। ଅରୁଣାଚଳ ପ୍ରଦେଶରେ ମଧ୍ୟ ଭାରତ ଓ ଚୀନ ସେନା ବାରମ୍ବାର ମୁହିଁ ମୁହିଁ ହୋଇଛନ୍ତି। ଉଭୟ ଦେଶ ମଧ୍ୟରେ ସୀମା ବିବାଦର ସମାଧାନ ଲାଗି ଉଭୟ ପକ୍ଷର ସେନାଧିକାରୀଙ୍କ ମଧ୍ୟରେ ଅନେକ ଥର ଆଲୋଚନା ହେଲାଣି। କିନ୍ତୁ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରୁନି। ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନହାଇପାରିବ ଏଭଳି ବିଶ୍ୱାସ ଆଉ ନାହିଁ। ଚୀନ ତା'ର ବିସ୍ତାରବାଦୀ ନୀତି ପରିହାର ନକରିବା ପର୍ଯ୍ୟନ୍ତ ବିବାଦର ସମାଧାନ ହୋଇପାରିବ ନାହିଁ। କେବଳ ଅରୁଣାଚଳ ପ୍ରଦେଶ ନୁହେଁ, ଲଦାଖ, ହିମାଚଳ ପ୍ରଦେଶ ଏବଂ କାଶ୍ମୀରର କିଛି ଅଞ୍ଚଳ ଉପରେ ଚୀନ ଲୋଲୁପ ଦୃଷ୍ଟି ପକାଇଛି। ଭାରତ ଭଳି ହଂକଂ ଏବଂ ତାଇୱାନକୁ ଚୀନ ନିଜ କବଜାରେ ରଖିବାକୁ ଉଦ୍ୟମ କରୁଛି। ଦକ୍ଷିଣ ଚୀନ ସାଗରରେ ଚୀନ ନିଜର ଏକାନ୍ତ ଆଧିପତ୍ୟ ବିସ୍ତାର କରିବାକୁ ପ୍ରୟାସ କରୁଛି। ଫଳରେ ଏ ଅଞ୍ଚଳରେ ଉତ୍ତେଜନା ଲାଗି ରହିଛି। ଭାରତ ଓ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଅଶାନ୍ତିର ମୂଳ କାରଣ ହେଉଛି ଚୀନ। ଏହାର ମୁକାବିଲା ଲାଗି ଆମେରିକା, ଭାରତ, ଜାପାନ ଓ ଅଷ୍ଟ୍ରେଲିଆ ମିଳିତ ହୋଇ ଏକ ନୂଆ ସଙ୍ଗଠନ ଗଠନ କରିଛନ୍ତି। ଚୀନ ଏହାକୁ ତାଚ୍ଛଲ୍ୟ କରୁଥିଲେ ମଧ୍ୟ ଏହାକୁ ଭୟ କରୁଛି। ଚୀନର ଏହି ସଂକୀର୍ଣ୍ଣ ମାନସିକତା ଆଧୁନିକ ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ। ଭାରତର ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ଯାହା କହିଛନ୍ତି ତାହା ଗୁରୁତ୍ୱପୂର୍ଣ୍ଣ। ସେ କହିଛନ୍ତି ଯେ, ଏଲଏସି ନେଇ ଯେଉଁ ବୁଝାମଣା ହୋଇଛି ତାହାକୁ ଚୀନ କେତେଦୂର ନିଷ୍ଠାର ସହ କାର୍ଯ୍ୟକାରୀ କରିବ ତାହା ସମୟକ୍ରମେ ଜଣାପଡ଼ିବ। ଅର୍ଥାତ ଚୀନ ସହ ବୁଝାମଣା ହୋଇଥିଲେ ମଧ୍ୟ ତାହାର କାର୍ଯ୍ୟକାରୀତା ନେଇ ଭାରତର ସନ୍ଦେହ ରହିଛି। ବେଜିଂକୁ ବିଶ୍ୱାସ ନାହିଁ। ଅତୀତରେ ଅନେକ ଥର ଚୀନ ଭାରତକୁ ଧୋକା ଦେଇଛି। ୧୯୬୨ର ଯୁଦ୍ଧ ଥିଲା ଚୀନ ଧୋକାଦାରୀର ନମୁନା। ୧୯୬୨ ତୁଳନାରେ ଭାରତୀୟ ସେନା ଏବେ ଅଧିକ ସୁଦୃଢ଼ ଏବଂ ଶକ୍ତିଶାଳି। ଏବେ ବି ଚୀନ ସହ ଭାରତ ପ୍ରତିରକ୍ଷା ଦୃଷ୍ଟିରୁ ସମକକ୍ଷ ହୋଇପାରିନି। କିନ୍ତୁ ଚୀନ ସେନାର ଜବାବ ଦେବାକୁ ଭାରତ ସମର୍ଥ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଢ଼ ନିଷ୍ପତ୍ତି, ଭବିଷ୍ୟତ ଦୃଷ୍ଟିଭଙ୍ଗୀ ଏବଂ ଯୋଜନା ବାସ୍ତବରେ ପ୍ରଶଂସନୀୟ। ପ୍ରତିରକ୍ଷା କ୍ଷେତ୍ରରେ ଭାରତ ଏବେ ଆତ୍ମନିର୍ଭରଶୀଳ। ଏହାକୁ ଚୀନ ଆଉ ହୀନ ଦୃଷ୍ଟିରେ ଦେଖିପାରିବ ନାହିଁ।

## ସମ୍ପାଦକଙ୍କୁ ପତ୍ର

### ଅବହେଳିତ ବିଏମ୍ସି ହସ୍ପିଟାଲ

*ମହାଶୟ,*

ରାଜଧାନୀ ଭୁବନେଶ୍ୱରର ଏକ ଅତି ପୁରାତନ ଏବଂ ଏକାମ୍ର ନିର୍ବାଚନ ମଣ୍ଡଳୀର ସବୁଠାରୁ ବଡ଼ ସ୍ୱାସ୍ଥ୍ୟକେନ୍ଦ୍ର ଭାବେ ପରିଚିତ ପୁରୁଣା ଭୁବନେଶ୍ୱରସ୍ଥିତ ବିଏମସି ହସ୍ପିଟାଲ ଏବେ ଏକ ଅବହେଳିତ ଏବଂ ପରିତ୍ୟକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ ହୋଇଛି। ଏଠାରେ ଭଲ ଡାକ୍ତର ନାହାଁନ୍ତି, ଦାନ୍ତ ଡାକ୍ତର ନାହାଁନ୍ତି, ଯିଏ ଅଛନ୍ତି ସେ ଠିକ ସମୟରେ ଆସୁନାହାଁନ୍ତି। ଲୋକଙ୍କୁ ସର୍ବନିମ୍ନ ସ୍ୱାସ୍ଥ୍ୟସେବା ମିଳୁନି। ଅନେକ ସମୟରେ ଅତି ସାଧାରଣ ରୋଗୀଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ରିଫର କରାଯାଉଛି। କାରଣ ଏଠାରେ ଭଲ ଭିତ୍ତିଭୂମି ନାହିଁ। ବିଭିନ୍ନ ପ୍ରକାର ପରୀକ୍ଷା ନିମନ୍ତେ ରୋଗୀଙ୍କୁ ଘରୋଇ କ୍ଲିନକ ବା ପାଥୋଲୋଜି ସେଣ୍ଟରକୁ ଯିବାକୁ ପଡୁଛି। ସରକାର ଏଥିପ୍ରତି ଦୃଷ୍ଟି ଦେବା ଉଚିତ।

**ମହେଶ୍ୱର ମହାପାତ୍ର**
**ଗୌତମ ନଗର, ଭୁବନେଶ୍ୱର**

# ଦୀପାବଳି





> ଦୀପାବଳିର ଆଲୋକ ସଜ୍ଜା ଆମକୁ ଅନେକ କିଛି ଶିଖାଏ। ଆସୁରିକ ଶକ୍ତି ଉପରେ ଦୈବିକ ଶକ୍ତିର ବିଜୟ ଏବଂ ଅସତ୍ୟ ଉପରେ ସତ୍ୟର ବିଜୟ କୁ ଦର୍ଶାଇଥାଏ। ଦୀପାବଳି ଦିନ ଲୋକମାନେ ଆତିସବାଜି କରିଥାନ୍ତି କିନ୍ତୁ ଏଥିପାଇଁ ଧ୍ୱନି ପ୍ରଦୂଷଣ ଏବଂ ବାୟୁ ପ୍ରଦ୍ୟୁଷଣ ହୋଇଥାଏ। ଧ୍ୱନି ପ୍ରଦୂଷଣ କେବଳ ମଣିଷର ସାମସ୍ୟା ନୁହେ ବରଂ ଏହା ଜୀବ ଜନ୍ତୁ ପଶୁପକ୍ଷୀ ସମସ୍ତଙ୍କପାଇଁ ସମସ୍ୟା ସୃଷ୍ଟି କରେ। ବାୟୁପ୍ରଦ୍ୟୁଷଣ ସମସ୍ତ ଜୀବଜଗତ ପାଇଁ ଏକ ସମସ୍ୟା।ଅନେକ ରାଜ୍ୟ ସରକାର ଆତିସବାଜି ବା ବାଣ ଫୁଟାଇବାରେ ଆଙ୍କୁଶ ଲଗାଇଛନ୍ତି। କିଛି ନିର୍ଦ୍ଦିଷ୍ଟ ସମୟ ଭିତରେ ବାଣ ଫୁଟାଇବେ ଏବଂ ତାପରେ ଫୁଟାଇଲେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଘୋଷଣା କରିଛନ୍ତି।ଦିଲ୍ଲୀ ବର୍ତ୍ତମାନ ପ୍ରଦ୍ୟୁଷଣର ସମସ୍ୟା ଘେରରେ ରହିଛି ତେଣୁ ଦିଲ୍ଲୀ ସରକାର ସବୁଜ ଦିଲ୍ଲୀ କରିବା ପାଇଁ ବାଣକୁ ବ୍ୟାନ କରିଛନ୍ତି।

**କାଳି ଦାସ**

ଅମାବାସ୍ୟାର ଅନ୍ଧକାରକୁ ଦୂର କରିବାପାଇଁ ସହ ସହ ଦୀପ ପ୍ରତ୍ୟେକ ଘରେ ଲାଗିଥାଏ।ଭାରତର ପ୍ରତ୍ୟେକ ପର୍ବ ଆଧ୍ୟାତ୍ମିକ ଚେତନା, ମାନବିକ ମୂଲ୍ୟବୋଧ କୁ କେନ୍ଦ୍ର କରି ହୋଇଥାଏ।ଅନ୍ଧକାର ଅଜ୍ଞାନକୁ ପ୍ରତିନିଧିତ୍ୱ କରେ। ଆଲୋକ ଜ୍ଞାନକୁ ପ୍ରତିନିଧିତ୍ୱ କରିଥାଏ।କୁହାଯାଏ ପ୍ରଥମେ ଦୀପାବଳି ଅଯୋଧ୍ୟା ରେ ପାଳନ କରାଯାଇଥିଲା।ପ୍ରଭୁ ଶ୍ରୀ ରାମଚନ୍ଦ୍ର ୧୪ ବର୍ଷ ବନବାସ ଶେଷ କରି ଛୋଟ ଭାଇ ଲକ୍ଷ୍ମଣ ଓ ସ୍ତ୍ରୀ ସୀତା କୁ ନେଇ ଅଯୋଧ୍ୟା ଫେରିଥିଲେ। ଅଯୋଧ୍ୟା ବାସୀ ରାମଚନ୍ଦ୍ରଙ୍କ ସ୍ୱାଗତ ପାଇଁ ଦୀପରେ ଘର ସଜାଇ ଥିଲେ।ସେଠାରୁ ଏହି ପରମ୍ପରା ଚାଲିଛି। କାଶ୍ମୀର ଠାରୁ କନ୍ୟାକୁମାରୀ ଯାଏଁ ସବୁଠି ଦୀପାବଳିର ଭବ୍ୟ ସମାରୋହ ଦେଖିବା କୁ ମିଳିଥାଏ।ଦୀପାବଳି ହେଲା ଆଲୋକର ପର୍ବ, ବନ୍ଧୁ ମିଳନର ପର୍ବ। ଜ୍ଞାନ ଓ ବୈରାଗ୍ୟର ପର୍ବ। ଲୋକମାନେ ଦୀପାବଳିର ସ୍ୱାଗତ ହୃଦୟର ସହିତ କରିଥାନ୍ତି। ଘର ଲିପା ପୋଛା ସଫା ସୁତୁରା କରାଯାଇଥାଏ। ଫୁଲ ମାଳ ଘରେ ଘରେ ଲାଗିଥାଏ। ଉତ୍ତରଭାରତ ରେ ଦୀପାବଳିର ମହତ୍ୱ ଅଲଗା ରହିଛି।ଦୀପାବଳି କେବଳ ଗୋଟିଏ ଦିନର ପର୍ବ ନୁହେ ବରଂ ଏହା ପାଞ୍ଚ ଦିନ ଯାଏଁ ଚାଲିଥାଏ। ଧନତରସ ତ୍ରୟୋଦଶୀ ତିଥି କୁ କୁହାଯାଏ। ଏହି ଦିନ ଧନ୍ୱନ୍ତରୀଙ୍କ ଜନ୍ମ ହୋଇଥିଲା।

ସମୁଦ୍ର ମନ୍ଥନ ବେଳେ ଧନ୍ୱନ୍ତରୀ ଅମୃତର କଳସ ଧରି ସମୁଦ୍ର ମନ୍ଥନରୁ ବାହାରି ଆସିଥିଲେ ତେଣୁ ଧନ୍ୱାନ୍ତ୍ରୀଙ୍କ ଜନ୍ମକୁ ଧନତରସ କୁହାଯାଇଥାଏ।ଏହି ଦିନ ଲୋକ ମାନେ ସୁନା, ରୂପା ଓ ବାସନ ପତ୍ର କିଣିଥାନ୍ତି ଏହା ଦ୍ୱାରା ଘରର ଆର୍ଥିକ ପରିସ୍ଥିତି ସୁଧୁରିଥାଏ ବୋଲି ବିଶ୍ୱାସ ରହିଛି। ତା ପରଦିନ କୁ ଛୋଟ ଦୀପାବଳି ବୋଲି କୁହାଯାଏ। ଘରେ ଘରେ ଦୀପ ଲାଗିବା ଆରମ୍ଭ ହୋଇଯାଇଥାଏ। ତାପର ଦିନ କୁ କୁହାଯାଏ ଦୀପାବଳି। ଏହି ଦିନ ଉତ୍ତରଭାରତ ରେ ଲୋକମାନେ ଲକ୍ଷ୍ମୀ ଏବଂ ଗଣେଶଙ୍କ ଆରାଧନା ବା ପୂଜା କରିଥାନ୍ତି। ଓଡିଶା ରେ ଏବଂ ପଶ୍ଚିମବଙ୍ଗ ରେ କାଳୀପୂଜା ମେଢ ହୋଇଥାଏ। ଦୀପାବଳି ପରଦିନ କୁ ଗୋବର୍ଦ୍ଧନ ଉତ୍ସବ କୁହାଯାଏ। ଏହି ଦିନ ଭଗବାନ ଶ୍ରୀ କୃଷ୍ଣ ଗୋବର୍ଦ୍ଧନ ପର୍ବତ କୁ ନିଜ କାଣୀ ଆଙ୍ଗୁଠି ରେ ଉଠାଇଥିଲେ ଏବଂ ବୃନ୍ଦାବନ ରେ ବସାବାସ କରିଥିବା ଲୋକଙ୍କୁ ଇନ୍ଦ୍ରଙ୍କ କୋପ ରୁ ବଞ୍ଚାଇଥିଲେ। ତାପର ଦିନ ହେଲା "ଭାଇଦୁଜ" ବା ଭାତୃଦ୍ୱିତୀୟା। ଏହି ଦିନ ଭଉଣୀ ମାନେ ଭାଇଙ୍କ ପାଇଁ ଉପବାସ କରିଥାନ୍ତି ଭାଇର ଦୀର୍ଘ ଜୀବନ କାମନା କରିଥାନ୍ତି ଓ ଭାଇଠାରୁ ଉପହାର ପାଇଥାନ୍ତି।ଭାଇ ଭଉଣୀଙ୍କ ସ୍ନେହର ପ୍ରତୀକ ଭାଇଦୁଜ। ଓଡିଶାରେ ଦୀପ ଦାନ ଓ ପୟା ଶ୍ରାଦ୍ଧ କରାଯାଇଥାଏ। ବିଶ୍ୱାସ ଏହି ଯେ ପିତୃ ପକ୍ଷ ବା ଉପର ପକ୍ଷ ରେ ପିତୃ ମାନେ ନିଜର ପରିବାର ପାଖକୁ ଆସିଥାନ୍ତି ଏବଂ ଦୀପାବଳି ଦିନ ପୁଣି ପିତୃଲୋକ ଫେରିଯାଇଥାନ୍ତି ତେଣୁ ପିତୃଙ୍କୁ ଅମାବାସ୍ୟାର ଅନ୍ଧକାର ସେମାନଙ୍କ ଗତିରେ ବାଧା ନ ସୃଷ୍ଟି କରୁ ସେଥିପାଇଁ ପିତୃଲୋକଙ୍କ ଉଦେଶ୍ୟରେ ଆଲୋକ ଦେଖା ଯାଇଥାଏ। ଏହା ପର ଠାରୁ କାର୍ତ୍ତିକ ମାସର ଅନ୍ୟ ପର୍ବ ଆସିଯାଏ।

ଦୀପାବଳିର ଆଲୋକ ସଜ୍ଜା ଆମକୁ ଅନେକ କିଛି ଶିଖାଏ। ଆସୁରିକ ଶକ୍ତି ଉପରେ ଦୈବିକ ଶକ୍ତିର ବିଜୟ ଏବଂ ଅସତ୍ୟ ଉପରେ ସତ୍ୟର ବିଜୟ କୁ ଦର୍ଶାଇଥାଏ। ଦୀପାବଳି ଦିନ ଲୋକମାନେ ଆତିସବାଜି କରିଥାନ୍ତି କିନ୍ତୁ ଏଥିପାଇଁ ଧ୍ୱନିପ୍ରଦ୍ୟୁଷଣ ଏବଂ ବାୟୁ ପ୍ରଦ୍ୟୁଷଣ ହୋଇଥାଏ। ଧ୍ୱନିପ୍ରଦ୍ୟୁଷଣ କେବଳ ମଣିଷର ସାମସ୍ୟା ନୁହେ ବରଂ ଏହା ଜୀବ ଜନ୍ତୁ ପଶୁପକ୍ଷୀ ସମସ୍ତଙ୍କପାଇଁ ସମସ୍ୟା ସୃଷ୍ଟି କରେ। ବାୟୁପ୍ରଦ୍ୟୁଷଣ ସମସ୍ତ ଜୀବଜଗତ ପାଇଁ ଏକ ସମସ୍ୟା।ଅନେକ ରାଜ୍ୟ ସରକାର ଆତିସବାଜି ବା ବାଣ ଫୁଟାଇବାରେ ଆଙ୍କୁଶ ଲଗାଇଛନ୍ତି। କିଛି ନିର୍ଦ୍ଦିଷ୍ଟ ସମୟ ଭିତରେ ବାଣ ଫୁଟାଇବେ ଏବଂ ତାପରେ ଫୁଟାଇଲେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଘୋଷଣା କରିଛନ୍ତି।ଦିଲ୍ଲୀ ବର୍ତ୍ତମାନ ପ୍ରଦ୍ୟୁଷଣର ସମସ୍ୟା ଘେରରେ ରହିଛି ତେଣୁ ଦିଲ୍ଲୀ ସରକାର ସବୁଜ ଦିଲ୍ଲୀ କରିବା ପାଇଁ ବାଣ କୁ ବ୍ୟାନ କରିଛନ୍ତି।ବାଣ ଫୁଟେଇବା ଦ୍ୱାରା ବାୟୁମଣ୍ଡଳ ରେ ରାସାୟାନିକ ପ୍ରତିକ୍ରିୟା ଦେଖିବା କୁ ମିଳେ ଯାହା ଦ୍ୱାରା ଧୂଆଁ ଭାରିଥାଏ ଏବଂ କାର୍ବନ ଡାଇଅକ୍ସାଇଡ , କାର୍ବନ ମୋନୋକ୍ସାଇଡ ଏବଂ ନାଇଟ୍ରୋଜନ ଗ୍ୟାସ ସୃଷ୍ଟି ହୋଇଥାଏ।ଏହା ସବୁଜ ଘରର ଗ୍ୟାସ। ଏହା ଦ୍ୱାରା ବାୟୁମଣ୍ଡଳ ରେ ଉତ୍ତାପ ବଢିଥାଏ।ବେଳେ ବେଳେ ବାଣ ଫୁଟାଇବା ଦ୍ୱାରା କିଛି ପ୍ରଦ୍ୟୁଷଣ ବାୟୁମଣ୍ଡଳରେ ମିଶିଯାଏ ଯାହା ସିଧାସଳଖ ଆମର ଫୁସଫୁସ ଓ ରକ୍ତ ରେ ମିଶିଯାଏ ଏବଂ ଆମକୁ ଅସୁସ୍ଥ କରିଥାଏ। ଧ୍ୱନିପ୍ରଦ୍ୟୁଷଣ ବଧିର କରିଦେଇଥାଏ। ଏଥିପାଇଁ ରକ୍ତ ଚାପ ବଢିଥାଏ। ନିଦ ହୁଏନାହି। ଦୀପାବଳିର ଆନନ୍ଦ ଆମେ ସେତେବେଳେ ନେଇପାରିବା ଯେତେବେଳ ଯାଏଁ କୌଣସି ଦୁର୍ଘଟଣା ଘଟିନାହି।ଘରେ ଦୀପ ଲାଗିଥାଏ ବାଣ ଫୁଟାଯାଇଥାଏ ଏହି ସବୁ ଥି ପାଇଁ ଦୁର୍ଘଟଣା ଘଟିବାର ବହୁତ ସମ୍ଭାବନା ରହିଥାଏ ତେଣୁ ସମସ୍ତେ ସତର୍କତା ଅବଲମ୍ବନ କରି ପର୍ବ ପାଳନ କରିବା କଥା। ଦୀପ ଲଗାଇବା ର ପରମ୍ପରା ରେ କିଛି କାରଣ ମଧ୍ୟ ରହିଛି। ବର୍ଷା ଦିନ ପରେ ଦୀପାବଳି ଆସିଥାଏ। ବର୍ଷା ଦିନ ରେ ଅନେକ ପ୍ରକାର କୀଟପତଙ୍ଗ ଜନ୍ମ ନେଇଥାନ୍ତି। ଅବାଞ୍ଛିତ କୀଟପତଙ୍ଗ ଏହି ଦୀପର ନିଆଁ ରେ ଝାସ ଦେଇଥାନ୍ତି। ଆଜିକାଲି ଦୀପ ପରିବର୍ତ୍ତେ ଘରେ ଘରେ ଲିଚୁ ଲାଇଟ ଲଗାଉଛନ୍ତି ଏଥିରେ କୀଟପତଙ୍ଗର କୌଣସି ହାନି ହେଉନାହି ବରଂ ପରିବେଷ ଆଧିକ ଦୂଷିତ ହେଉଛି। ଆମର ସମସ୍ତ ପର୍ବ ପର୍ବାଣି ବା ଉତ୍ସବ ଆମ ଜୀବନ ରେ ଆନନ୍ଦ ଆଣିଥାନ୍ତି।ଭାରତୀୟ ସଂସ୍କୃତି ରେ ସମସ୍ତ ପର୍ବ ପର୍ବାଣି ଆଧ୍ୟାତ୍ମିକ ଭିତ୍ତିଭୂମି ଉପରେ ଆଧାରିତ।ସମସ୍ତ ନକାରାତ୍ମକ ବିଚାର ଧାରା ଠୁ ଅଲଗା ହୋଇ ସକାରାତ୍ମକ ବିଚାର ସହିତ ଏକାକାର ହୋଇଯିବାର ଗୋଟିଏ ପ୍ରୟାସ।।

ବ୍ରହ୍ମପୁର,
ଖୋଡ଼ାସିଙ୍ଗ କଳିଙ୍ଗନଗର ,
ମୋବାଇଲ୍: ୭୨୦୫୧୦୦୮୩୯

# ଜଳ ହିଁ ଜୀବନ



**ଦିପ୍ତିମୟୀ ନାୟକ**



ଆମମାନଙ୍କ ଦୈନନ୍ଦିନ ଜୀବନ ଭିତରେ ଜଳର ଆବଶ୍ୟକତା ରହିଥାଏ। ମଣିଷ ଖାଦ୍ୟ ନଖାଇଲେ ଦିନେ କି ଦୁଇଦିନ ଓପାସ ରହିପାରେ କିନ୍ତୁ ଜଳ ବିନା କୌଣସି ମଣିଷ ବଞ୍ଚି ପାରିନଥାଏ କାହିଁକି ନା ଜଳ ହିଁ ଜୀବନ ହୋଇଥାଏ। ଜଳ ବିନା ସୃଷ୍ଟିର ବିନାଶ ହୋଇଥାଏ। ଜଳ ପାଇଁ ହିଁ ପ୍ରକୃତି ଗଢ଼ା ହୋଇଥାଏ। ପ୍ରକୃତିରୁ ଗଢ଼ା ମଣିଷ, ଜୀବଜନ୍ତୁ, ପଶୁପକ୍ଷୀ, ଗଛଲତା, ପ୍ରକୃତିର ସୌନ୍ଦର୍ଯ୍ୟ ମାଟି, ପାଣି, ପବନ। ଜୀବନ ପାଇଁ ରକ୍ତ ଯେପରି ଦରକାର ଠିକ ସେହିପରି ଜୀବନ ରକ୍ଷା ପାଇଁ ଜଳ ନିହାତି ଆବଶ୍ୟକ ଆଉ ଏହି ଜଳ ହିଁ ପ୍ରକୃତିର ପ୍ରାଣ। ତେବେ ଏହି ଜଳ ଆମର ଜୀବନ ହୋଇଥିବାବେଳେ ଆମେ କଣ ଜଳ ଉତ୍ସକୁ ସଠିକ ଭାବରେ ସୁରକ୍ଷା ଦେଇପାରୁଛେ। ଯଦି ଆମେ ଜଳ ଉତ୍ସ ଗୁଡିକୁ ସୁରକ୍ଷା ଦେଉଛେ ତାହେଲେ କାହିଁକି ଜଳ ସମସ୍ୟା ଦେଖା ଯାଉଛି ଏହା ସାଧାରଣରେ ପ୍ରଶ୍ନ।

ଦିନକୁ ଦିନ ଜଳ ସମସ୍ୟା ବୃଦ୍ଧି ପାଉଛି। ଯଦି ଜଳର ପ୍ରାପ୍ତି, ବ୍ୟବହାର, ଉପଯୋଗୀତା, ସଦୁପଯୋଗ, ସମୟୋପଯୋଗୀ ବ୍ୟବହାର, ସମ୍ବନ୍ଵିତ ବ୍ୟବହାର, ପୁରାତନ ଜଳ ଉତ୍ସର ଉଦ୍ଧାର, ରକ୍ଷଣା ବେକ୍ଷଣା ହୋଇପାରନ୍ତା ତାହେଲେ ଜଳ ଉତ୍ସ ଗୁଡିକୁ ସୁରକ୍ଷା ମିଳିପାରନ୍ତା ଏବଂ ଆଗାମୀ ଦିନରେ ମଧ୍ୟ ଜଳ ମାଧ୍ୟମରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବାଣିଜ୍ୟ, ଆତ୍ମ ନିଯୁକ୍ତି, ଆତ୍ମନିର୍ଭରଶୀଳତା ସହ ସାମାଜିକ ପ୍ରଥା ଜଳ ହିଁ ଜୀବନ ସଚେତନତାର ବାର୍ତ୍ତା ଦେଇ ଜଳର ସୁରକ୍ଷା ମଧ୍ୟ ହୋଇପାରନ୍ତା। ଯଦି ଆମେ ଗୋଟିଏ ପକ୍ଷରେ ଦେଖିବା ଜଳ ଉତ୍ସର ସଙ୍କୋଚନ ହେଉଥିବାବେଳେ ଅନ୍ୟପକ୍ଷରେ ଜଳ ଦୂଷିତ ହେବା ଏବଂ ମିଳୁଥିବା ଜଳ ଠିକ ହିତାଧିକାରୀଙ୍କ ନିକଟରେ ପଂହଁଚି ନପାରି ଅଯଥା ଅପବ୍ୟୟ ହେବା ଏକ ଚିନ୍ତାଜନକ ବିଷୟବସ୍ତୁ ପାଲଟିଛି। ଏକ ଆକଳନରୁ ଜଣାଯାଏ ସହରାଞ୍ଚଳ ଓ ଉନ୍ନୟନ ନିଗମରେ ପ୍ରତ୍ୟେକ ଜନସାଧାରଣ ଦୈନିକ ୧୫୦ ରୁ ୨୦୦ ଲିଟର ଜଳ ଖର୍ଚ୍ଚ କରୁଥିବାବେଳେ ଅର୍ଦ୍ଧସହର ଓ ଅନୁନ୍ନତ ଅଞ୍ଚଳରେ ଜନସାଧାରଣଙ୍କ ମୁଣ୍ଡପିଛା ଦୈନିକ ଜଳ ଖର୍ଚ୍ଚ ୧୦ ଭାଗରୁ କମ ଅର୍ଥାତ ୧୫ରୁ୨୦ ଲିଟରରେ ସୀମିତ ରହିଛି ଅର୍ଥାତ ଏହି ପରିପ୍ରେକ୍ଷୀରେ ଜଳର ଠିକ ବ୍ୟବହାର କରିବା ସହ ଲୁପ୍ତ ଓ ଅବହେଳିତ ପ୍ରାୟ ସମସ୍ତ ଝରଣା, ଗାଡ଼ିଆ, ପୋଖରୀ, କୂଅ, ନଳକୂଅ ଆଦିର ପୁନରୁଦ୍ଧାର କରିବା ସହିତ ଏଗୁଡିକରେ ଜଳ କିପରି ସଂଗୃହିତ ଓ ଗଚ୍ଛିତ ହେବ ସେଥିପ୍ରତି ଗୁରୁତ୍ୱ ଦେଇ ପୁନଶ୍ଚ ଜଳର ସୁବଣ୍ଟନ ଓ ସୁବିନିଯୋଗ କରିବା ଜରୁରୀ।

ବିଶେଷ ଭାବରେ ଆପଣମାନେ ଜାଣନ୍ତି ଦିନକୁ ଦିନ ଜନସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଧର୍ମୀୟ ବିବିଧତା ମାଧ୍ୟମରେ ସାମାଜିକ ସଂହତି ରକ୍ଷା ସହ, ସାମାଜିକ ସଂସ୍କୃତି, ଅର୍ଥନୀତି, କୃଷି, ଶିଳ୍ପ, ବାଣିଜ୍ୟ, ସାହିତ୍ୟ ଆଦି ବିଭିନ୍ନ ପ୍ରସଙ୍ଗକୁ ପୃଷ୍ଟ କରିଥାଏ। ହିନ୍ଦୁମାନେ ବାର ମାସରେ ତେର ପର୍ବ ପାଳନ କରିଥାନ୍ତି। ଆମେମାନେ ଯାହାବି ପର୍ବପର୍ବାଣି ପାଳନ କରୁ ତାହା ପରିୱଶେ, ଜଳ, ବାୟୁ, ଜଙ୍ଗଲ ଭଳି ପ୍ରାକୃତିକ ସମ୍ପଦକୁ ନେଇ ହୋଇଥାଏ। ଅନେକ ସମୟରେ ଆମେମାନେ ଅନୁଭବ କରିଥିବା ଯେ, ଆମେ ଯେଉଁସବୁ ପର୍ବପର୍ବାଣି ପାଳନ କରୁଛେ ଆମ ପରିବେଶ ଓ ପକୃତି ଉପରେ କେତେ କୁପ୍ରଭାବ ପକାଉଛି। ଯାହାଫଳରେ ସମସ୍ତ ପୂଜା ପର୍ବାଣିରେ କିଛି ମାତ୍ରାରେ ଜଳ, ବାୟୁ, ମୃତ୍ତିକା ପ୍ରଦୂଷଣ ହୋଇଥାଏ। ଆମ ରାଜ୍ୟରେ ବର୍ଷାଋତୁ ଆରମ୍ଭ ହେବା ସହିତ ଖୁଦୁରୁକୁଣୀ ଓଷା, ଗଣେଶ ପୂଜା, ଦୁର୍ଗା ପୂଜା, ଲକ୍ଷ୍ମୀପୂଜା, ଦୀପାବଳି ଆଦିର ବିଭିନ୍ନ ପର୍ବପର୍ବାଣି ପାଳନ ହୋଇଥାଏ। ବର୍ତ୍ତମାନର ମୁଖ୍ୟ କାରଣ ହେଲା ଜଳ ଉତ୍ସକୁ କିପରି ଆମେ ସୁରକ୍ଷା ଦେବା ଏବଂ କିଭଳି ଭାବରେ ଆମେ ଆମ ପରିବେଶକୁ ସୁରକ୍ଷିତ ରଖି ନିଜେ ସୁସ୍ଥ ଜୀବନ ଯାପନ କରିବା। କାରଣ ପରିବେଶ ପ୍ରଦୂଷଣ ହେବାଦ୍ୱାରା ପକୃତି ତାର ଭାରସାମ୍ୟ ହରାଇବାରେ ଲାଗିଛି।

ଓଡ଼ିଶାରେ କାର୍ତ୍ତିକ ମାସକୁ ଧାର୍ମିକ ମାସ ବୋଲି କୁହାଯାଏ। ମାସ ସାରା ନିରାମିଷ ଖାଇ ହବିଷ୍ୟାଳି ମାନେ ପଞ୍ଚୁକ ପାଞ୍ଚ ଦିନ ପାଳନ କରିଥାନ୍ତି ଏବଂ ଅନ୍ୟ ଲୋକମାନେ ମଧ୍ୟ ପଞ୍ଚୁକ ପାଞ୍ଚ ଦିନ ଡ଼ଙ୍ଗା ଭସାଇ, ବାଣ ଫୁଟାଇ ପାଳନ କରିଥାନ୍ତି। କାରଣ ଏହି ପର୍ବ ଓଡ଼ିଶାର ଆଚାର, ବିଚାର, ଚାଲି ଚଳନ ତଥା ଧର୍ମୀୟ ଭାବନା ସହ ଉତ୍କଳ ପ୍ରାଚୀନ ଇତିହାସରେ ଥିବା ସାଧବ ପୁଅଙ୍କ ନୌବାଣିଜ୍ୟ ଦୃଷ୍ଟିକୋଣରୁ ଏହି ପର୍ବର ବୈଶିଷ୍ଟ୍ୟ ରହିଛି।

ତେଣୁ ଓଡିଶାର ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବାପାଇଁ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଗାଁ ଗହଳି ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସବୁଠି ଡ଼ଙ୍ଗା ଭଷା ବା ବୋଇତ ବନ୍ଦାଣ ପାଳନ କରାଯାଇଥାଏ କିନ୍ତୁ କାର୍ତ୍ତିକ ପୂର୍ଣ୍ଣମୀ ଦିନ ଲୋକମାନେ ଯେଉଁ ବିପୁଳ ସଂଖ୍ୟାରେ ଜଳ ଉତ୍ସ ଗୁଡିକରେ ପ୍ରାଚୀନ ନୌବାଣିଜ୍ୟର ପ୍ରତୀକ ଭାବେ ଜୈବ ଓ ଅଜୈବ ପଦାର୍ଥ ଗୁଡିକରେ ତିଆରି ଡ଼ଙ୍ଗାଗୁଡିକୁ ଭସାଇ ଦେଇ ଚାଲିଯାଉଛନ୍ତି। ଏହାକୁ କେହି ପରିଷ୍କାର କରିବା କଥା ଭାବୁ ନାହାନ୍ତି।ଶେଷରେ ଜଳ ପ୍ରଦୂଷଣ ହେଉଛି ପ୍ରାଣୀ ଓ ଉଦ୍ଭିଦ ଜଗତ ପ୍ରଭାବିତ ହେଉଛନ୍ତି। ଯାହାଦ୍ୱାରା ବିଶ୍ୱର ମୁଖ୍ୟ ସମସ୍ୟା ପାଲଟିଛି ଜଳ ପ୍ରଦୂଷଣ ସମସ୍ୟା। ଆମ ରାଜ୍ୟରେ କାର୍ତ୍ତିକ ପୂର୍ଣ୍ଣିମା ଦିନ ସର୍ବାଧିକ ଜଳ ପ୍ରଦୂଷଣ ହୋଇଥାଏ।

"ମାସକ ଧର୍ମ ତୋର ଧର୍ମ ଦିନକ ଧର୍ମ ମୋର " ଦୁହି ଦେଇ ବ୍ୟବହୃତ ଅବ୍ୟବହୃତ ପୋଖରୀ, ଗାଡ଼ିଆ ଓ ନଦୀ ଆଦିରେ ଲକ୍ଷ ଲକ୍ଷ ଡ଼ଙ୍ଗା ଲୋକମାନେ ଭସାନ୍ତି। ଡ଼ଙ୍ଗା ଭସାଇବା ସମୟରେ ସୋଲ ଡ଼ଙ୍ଗା, କଦଳୀ ପଟୁଆ, କାଗଜ ଡ଼ଙ୍ଗା ଗୁଡିକୁ ବିଭିନ୍ନ ରଙ୍ଗରେ ସୁସଜ୍ଜିତ କରି ଜିଙ୍କ ଦେଇ ବହୁତ ମନଲୋଭା ଡ଼ଙ୍ଗାମାନ ତିଆରି କରି ସେଥିରେ ଧୂପ-ଦୀପ, କ୍ୟାଣ୍ଡେଲ, ଗୁଆ, ପାନପତ୍ର, କଦଳୀ, ପଇସା, ଚାଉଳ ଆଦି ରଖି ପୂଜା ପାଠ କରି ନଦୀ, ନାଳ, ପୋଖରୀ, ଗାଡ଼ିଆ, ସମୁଦ୍ରରେ ଭସାଇ ଦିଅନ୍ତି। ଯାହାଫଳରେ ଆମ ପରିବେଶ କେତେ ପ୍ରଦୂଷିତ ହେଉଛି ଏକଥା କେହି ଭାବନ୍ତିନି। ଜୀବଜଗତ ଉପରେ କେତେ କୁପ୍ରଭାବ ପଡୁଛି ସେଥିପାଇଁ କେହି ଧ୍ୟାନ ଦିଅନ୍ତିନି। ଯେଉଁ ଅଞ୍ଚଳ ଗୁଡିକରେ ଲୋକମାନେ ରହୁଛନ୍ତି ସେମାନଙ୍କ କଥା କେହି ଭାବନ୍ତିନି। ହଜାର ହଜାର ଲୋକ ଯେଉଁଭଳି ଭାବରେ ପାରମ୍ପରିକ ରୀତିନୀତିରେ ଡ଼ଙ୍ଗା ଭଷାଉଛନ୍ତି ଯଦି ସେହିଭଳି ଭାବରେ ହଜାର ହଜାର ଲୋକ ସେହି ଜଳକୁ ପରିଷ୍କାର କରିବା କଥା ଭାବନ୍ତେ ହୁଏତ କିଛି ପ୍ରଦୂଷଣ ରୋକି ହୋଇପାରନ୍ତା। ଲୋକଙ୍କର ଭାବନା ଥାଏ ଯେ ଆମେ ଡଙ୍ଗାରେ ଯେଉଁ ଦୀପ-ଧୂପ, ପାନପତ୍ର, ଗୁଆ, କ୍ୟାଣ୍ଡେଲ, ପଇସା ଥୋଇଲୁ ସେଟା ପାଣିରେ ମିଶିଯିବ ଆଉ ସେ ପଇସାକୁ ଛୋଟ ଛୋଟ ଛୁଆମାନେ ଚୁମ୍ବକ ପକାଇ ନେଇଯିବେ ସେଟା ଭୁଲ। ହୁଏତ ଛୋଟ ଛୁଆମାନେ ଚୁମ୍ବକ ପକାଇ ସେହି ପଇସା ଗୁଡିକୁ ନେଇଯିବେ କିନ୍ତୁ ପାନପତ୍ର, ବେଲପତ୍ର ପାଣିରେ ସମ୍ପୂର୍ଣ୍ଣ ରୂପେ ପୋଚିଯିବ ଏବଂ ପାଣି ସମ୍ପୂର୍ଣ୍ଣ ରୂପେ ପ୍ରଦୂଷଣ ହୋଇଯିବ। ପାଣି ଭିତରେ ଥିବା ଜଳଚର ପ୍ରାଣୀମାନେ ପାଣି ଭିତରେ କିଛି ମରିଯାଆନ୍ତି ତ ଆଉ କିଛି ପାଣି ଉପରେ ଭାସିବାକୁ ଲାଗନ୍ତି। ଏହା ଏତେ ମାତ୍ରାରେ ଦୁର୍ଗନ୍ଧ ହୋଇଥାଏ ଯେ ସେହି ରାସ୍ତାରେ ଯିବା ସମ୍ଭବ ହୋଇନଥାଏ।

ପରିବେଶର ଭାରସାମ୍ୟ ରକ୍ଷା କରିବା ଦିଗରେ ଜଳାଶୟ ଗୁଡିକରେ ରହୁଥିବା ମାଛ, ବେଙ୍ଗ ଏବଂ ଅନ୍ୟାନ୍ୟ ଜଳଚର ପ୍ରାଣୀ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ଜଳାଶୟ ଗୁଡିକରେ ଯାନବାହାନ ଧୋଇବା, ମୃତକ ମାନଙ୍କର କ୍ରିୟାକର୍ମ କରିବା, ବିଭିନ୍ନ ପୂଜା ଦ୍ରବ୍ୟ ସାମଗ୍ରୀର ବ୍ୟବହାର ପରେ ଫୋପାଡ଼ି ଦେବା ତଥା ମୂର୍ତ୍ତି ବିସର୍ଜନ ଭଳି କାମରେ ଲାଗୁଛି। ଯାହାଫଳରେ ଏହା ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ପରିବେଶ ପ୍ରତି ବିପଦ ସୃଷ୍ଟି କରୁଛି। ନଦୀ କେବଳ ଜଳ ଉତ୍ସ ନୁହେଁ। ଏହା ସାମାଜିକ ଓ ବ୍ୟକ୍ତିର ଶାରୀରିକ ମାନସିକ, ସାମାଜିକ, ସାଂସ୍କୃତିକ ଓ ଆର୍ଥିକ ମାନଦଣ୍ଡ ସହିତ ଓତପ୍ରୋତ ଭାବରେ ଜଡିତ। ତେଣୁ ସର୍ବ ବୃହତ ଜଳାଶୟ ଗୁଡିକୁ ସୁରକ୍ଷା ଦେବା ଆମର ପରମ କର୍ତ୍ତବ୍ୟ। ଜଳ ସୁରକ୍ଷିତ ରହିଲେ ପରିବେଶ ସୁରକ୍ଷିତ ରହିବ। ଜୀବଜନ୍ତୁ, କୀଟପତଙ୍ଗ, ଜଳଚର ପ୍ରାଣୀମାନେ ମଧ୍ୟ ସୁରକ୍ଷିତ ରହିବେ ଏବଂ କାର୍ତ୍ତିକ ପୂର୍ଣ୍ଣିମା ଦିନଟିକୁ ଜଳ ଉତ୍ସ ସୁରକ୍ଷା ଦିବସ ଭାବରେ ମାନ୍ୟତା ଦିଆଯାଉ। ଭୁବନେଶ୍ୱରରେ ସର୍ବ ବୃହତ ପୁଷ୍କରିଣୀ ବିନ୍ଦୁ ସାଗରକୁ ଅନେକ ଲୋକମାନେ ଡ଼ଙ୍ଗା ଭସେଇବାକୁ ଆସନ୍ତି ଆଉ ପ୍ରାୟ ଦୁଇଘଣ୍ଟା ଭିତରେ ଏହି ପୁଷ୍କରିଣୀ ଡ଼ଙ୍ଗା ଭର୍ତ୍ତି ହୋଇଯାଏ। ଲୋକଙ୍କର ଏହି ସଉକ ପୂରଣ ପାଇଁ ବିଭିନ୍ନ ପୋଖରୀ ଓ ନଈ ନିକଟରେ ଦୋକାନ ଗୁଡିକ ଖୋଲୁଛି।ଏହା ଉପରେ ପ୍ରତିବନ୍ଧକ ଲଗାଯାଉ କାରଣ ଏସବୁ ପ୍ରଦୂଷଣ ବଢ଼ାଇବାରେ ସହାୟକ ହୋଇଥାଏ।

ଅନ୍ଧାରୁଆ, ଭୁବନେଶ୍ୱର
ମୋବାଇଲ୍: ୯୦୯୦୬୬୧୫୮୬

# ଭାରତରେ ସି-୨୯୫ ଯୁଦ୍ଧ ବିମାନ ନିର୍ମାଣ




## ଗୁଜରାଟରେ ଯୁଦ୍ଧ ବିମାନ ଉତ୍ପାଦନ ପ୍ଲାଣ୍ଟ ଉଦଘାଟନ କଲେ ଭାରତ ଓ ସ୍ପେନ୍ ପ୍ରଧାନମନ୍ତ୍ରୀ

**ଅହମ୍ମଦାବାଦ, ୨୮।୧୦:** ଗୁଜରାଟର ଭଦୋଦରାରେ ଉଦଘାଟିତ ହୋଇଛି ଯୁଦ୍ଧ ବିମାନ ଉତ୍ପାଦନ ପ୍ଲାଣ୍ଟ। ସ୍ପେନ୍ ଏୟାରବେସର ସହଯୋଗରେ ଟାଟା ଏୟାରକ୍ରାଫ୍ଟ କମ୍ପ୍ଲେକ୍ସରେ ଏହି ପ୍ଲାଣ୍ଟ ଉଦଘାଟିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ପେନ ପ୍ରଧାନମନ୍ତ୍ରୀ ପେଡ୍ରୋ ସାଞ୍ଚେଜ ଆଜି ଏହି ଏୟାରକ୍ରାଫ୍ଟ ପ୍ଲାଣ୍ଟର ଉଦଘାଟନ କରିଛନ୍ତି। ଭଦୋଦରାରେ ଥିବା ଟାଟା ଏୟାରକ୍ରାଫ୍ଟ କମ୍ପ୍ଲେକ୍ସରେ ସ୍ପେନର ଏୟାରବସ୍ ସହଯୋଗରେ ସି-୨୯୫ ଯୁଦ୍ଧ ବିମାନ ନିର୍ମାଣ କରାଯିବ। ୨୦୨୬ ସୁଦ୍ଧା ଏଠାରେ ୪୦ଟି ସି-୨୯୫ ବିମାନ ଉତ୍ପାଦନ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଭାରତର ପ୍ରତିରକ୍ଷା କ୍ଷମତାକୁ ଦୃଢ଼ କରିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ନିଆଯାଇଛି।

ଆଜି ଭଦୋଦରାରେ ଆୟୋଜିତ ଭବ୍ୟ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମୋଦି ସମ୍ବୋଧିତ କରି କହିଛନ୍ତି, "ବିମାନ ଉତ୍ପାଦନ କ୍ଷମତା ଭାରତ-ସ୍ପେନ ସମ୍ପର୍କକୁ ମଜବୁତ କରିବ। ଆଜିଠାରୁ ଆମେ ଭାରତ ଏବଂ ସ୍ପେନର ସହଭାଗିତାକୁ ଏକ ନୂତନ ଦିଗ ଦେଉଛୁ। ସି-୨୯୫ ବିମାନର ଉତ୍ପାଦନ କାରଖାନା ଉଦଘାଟନ ହୋଇଛି। ଏହି କାରଖାନା ଭାରତ-ସ୍ପେନ୍ ସମ୍ପର୍କକୁ ମଜବୁତ କରିବା ସହ 'ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ଦି ୱାର୍ଲ୍ଡ' ମିଶନକୁ ସହଯୋଗ କରିବ।"

ସେହିପରି ସଞ୍ଚେଜ କହିଛନ୍ତି, "ଏହି ବିମାନ ସ୍ପେନ ଏବଂ ୟୁରୋପୀୟ ଏରୋନେଟିକାଲ ଇଣ୍ଡଷ୍ଟ୍ରିର ପ୍ରତୀକ। ଏହା ଭାରତର ପ୍ରତିରକ୍ଷା କ୍ଷମତାକୁ ଆଧୁନିକୀକରଣ କରିବାରେ ସହଯୋଗ କରିବା ସହିତ ବୈଷୟିକ କ୍ଷେତ୍ରର ବିକାଶ ମଧ୍ୟ କରିବ। ବିଶେଷ କରି ଗୁଜରାଟ ବାସିନ୍ଦାଙ୍କ ପାଇଁ ଏହା ଲାଭବାନ ହେବ। ହଜାର ହଜାର ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଚାକିରି ସୃଷ୍ଟି ହେବ । ନୂତନ ପିଢ଼ିର ଉଚ୍ଚମାନର ଇଞ୍ଜିନିୟର୍ ଏବଂ ଟେକ୍ନିସିଆନମାନେ ମଧ୍ୟ ତାଲିମ ନେବାର ସୁଯୋଗ ପାଇବେ।" ଏହି ଏୟାରକ୍ରାଫ୍ଟ କମ୍ପ୍ଲେକ୍ସର ଉଦଘାଟନ ପୂର୍ବରୁ ଦୁଇ ରାଷ୍ଟ୍ରର ନେତା ଭଦୋଦରାରେ ରୋଡ୍ ଶୋ କରିଥିଲେ। ଏକ ଖୋଲା ଜିପରେ ଗୁଜରାଟ ବିମାନବନ୍ଦରରୁ ଟାଟା ଆଡଭାନ୍ସ ସିଷ୍ଟମ୍ ଲିମିଟେଡ୍ କ୍ୟାମ୍ପସ୍ ପର୍ଯ୍ୟନ୍ତ ରୋଡ୍ ଶୋ କରି ଜନତାଙ୍କୁ ଅଭିବାଦନ ଜଣାଇଥିଲେ।

ସ୍ପେନ ଫେରିବା ପୂର୍ବରୁ ସଞ୍ଚେଜ ଆସନ୍ତାକାଲି ମୁମ୍ବାଇ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଏହା ପୂର୍ବରୁ ଉଭୟ ଐତିହାସିକ ଲକ୍ଷ୍ମୀ ବିଳାସ ପ୍ୟାଲେସ ପରିଦର୍ଶନ କରିବେ। ଏଠାରେ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଦ୍ୱିପାକ୍ଷିକ ବୈଠକରେ ଆଲୋଚନା କରିବେ।




# ଦିଲ୍ଲୀ ଷ୍ଟେସନରେ ପ୍ଲାଟଫର୍ମ ଟିକେଟ୍ ବିକ୍ରି ବନ୍ଦ

**ନୂଆଦିଲ୍ଲୀ, ୨୮।୧୦:** ନଭେମ୍ବର ୬ ଯାଏ ଦିଲ୍ଲୀର କେତେକ ପ୍ରମୁଖ ରେଳ ଷ୍ଟେସନରେ ପ୍ଲାଟଫର୍ମ ଟିକେଟ୍ ବିକ୍ରି ହେବ ନାହିଁ। ଦୀପାବଳି ଏବଂ ଛଟ୍ ପୂଜା ପାଇଁ ଲୋକମାନେ ନିଜ ନିଜ ରାଜ୍ୟକୁ ଯାଉଥିବାରୁ ଷ୍ଟେସନରେ ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି ଏହି ନିୟମ ଲାଗୁ କରାଯାଇଛି। ଗତକାଲି ମୁମ୍ବାଇର ବାନ୍ଦ୍ରା ଟର୍ମିନସ୍ ରେଳ ଷ୍ଟେସନରେ ଦଳାଚକଟାରେ ୧୦ ଜଣ ଯାତ୍ରୀ ଗୁରୁତର ଆହତ ହୋଇଥିଲେ। ଏହାକୁ ଦୃଷ୍ଟିରେ ରଖି ଉତ୍ତର ରେଲୱେ ଏହି ନିଷ୍ପତ୍ତି ନେଇଛି। ଆସନ୍ତା ୬ ପର୍ଯ୍ୟନ୍ତ ପ୍ଲାଟଫର୍ମ ଟିକେଟ୍ ବିକ୍ରି ଉପରେ ରୋକ୍ ଲଗାଯାଇଛି। ପ୍ଲାଟଫର୍ମ ଟିକେଟ୍ ମିଳିବାକୁ ନ ଥିବା ଷ୍ଟେସନଗୁଡ଼ିକ ମଧ୍ୟରେ ନୂଆଦିଲ୍ଲୀ, ପୁରୁଣା ଦିଲ୍ଲୀ, ହାଜରତ ନିଜାମୁଦ୍ଦିନ, ଆନନ୍ଦ ବିହାର ଏବଂ ଦିଲ୍ଲୀ ସରାଇ ରୋହିଲ୍ଲା ରେଲୱେ ଷ୍ଟେସନ ରହିଛି। ଏହା ବ୍ୟତୀତ ଗାଜିଆବାଦ ରେଲୱେଷ୍ଟେସନରେ ମଧ୍ୟ ପ୍ଲାଟଫର୍ମ ଟିକେଟ୍ ବିକ୍ରି ହେବ ନାହିଁ। ଉତ୍ତର ରେଲୱେ କହିଛି ଯେ, ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ନିୟମ ଲାଗୁ କରାଯାଇଛି। ତଥାପି ବୃଦ୍ଧ, ପାଠ ପଢ଼ିନଥିବା ବ୍ୟକ୍ତି ଏବଂ ମହିଳା ଯାତ୍ରୀଙ୍କୁ ସାହାଯ୍ୟ କରିବା ପାଇଁ ଯଦି କେହି ପ୍ଲାଟଫର୍ମ ଟିକେଟ୍ ମାଗନ୍ତି, ତେବେ ତାଙ୍କୁ ମିଳିବ। ସେମାନଙ୍କୁ କଟକଣାରୁ ବାଦ୍ ଦିଆଯାଇଛି।

ପ୍ରକାଶ ଥାଉକି, ଗତକାଲି ମୁମ୍ବାଇର ବାନ୍ଦ୍ରା ଟର୍ମିନସ୍ ରେଳ ଷ୍ଟେସନରେ ପ୍ରବଳ ଭିଡ଼ ହୋଇଥିଲା। ପାର୍ବଣ ଋତୁରେ ଲୋକମାନେ ନିଜ ନିଜ ସହରକୁ ଯାଉଥିବାରୁ ଷ୍ଟେସନରେ ଭିଡ଼ ହୋଇଥିଲା। ଫଳରେ ଦଳାଚକଟା ହୋଇ ୧୦ ଜଣ ଯାତ୍ରୀ ଆହତ ହୋଇଥିଲେ।



## ସେନା ଗାଡ଼ିକୁ ଗୁଳିମାଡ଼

# ପାଲଟା ଜବାବରେ ୩ ଆତଙ୍କୀ ନିହତ

**ଶ୍ରୀନଗର, ୨୮।୧୦:** ଜମ୍ମୁ-କଶ୍ମୀର ଅଖ୍ନୁରରେ ସେନା ଗାଡ଼ିକୁ ଆକ୍ରମଣର ଜବାବ ଦେଇଛି ଭାରତୀୟ ସେନା। ୩ ଜଣ ଆତଙ୍କବାଦୀଙ୍କୁ ନିପାତ କରିଛନ୍ତି। ଆଜି ସକାଳେ ସେନା ଗାଡ଼ିକୁ ଟାର୍ଗେଟ କରି ଆକ୍ରମଣ କରିଥିଲେ, ଯାହାର ଜବାବ ଦେଇଛନ୍ତି ଯବାନ।

ସୂଚନା ଅନୁସାରେ, ଆଜି ସକାଳେ ଯବାନମାନେ ଏକ ଗାଡ଼ିରେ ଯାଉଥିଲେ। ଜମ୍ମୁ-କଶ୍ମୀର ଅଖନୁର ସେକ୍ଟରର ବାଟା ଅଞ୍ଚଳରେ ସକାଳ ପ୍ରାୟ ୭ଟା ସମୟରେ ସେନା ଗାଡ଼ି ଉପରକୁ ଆଖିବୁଜା ଗୁଳିମାଡ଼ କରିଥିଲେ ଆତଙ୍କବାଦୀ। ସୌଭାଗ୍ୟବଶତଃ ଏଥିରେ କୌଣସି ଯବାନଙ୍କର ପ୍ରାଣହାନୀ ହୋଇନଥିଲା। କିନ୍ତୁ ଆକ୍ରମଣ ପରେ ସୁରକ୍ଷା ବାହିନୀ ତୁରନ୍ତ ଅଞ୍ଚଳକୁ ଘେରାବନ୍ଦୀ କରି ତଲାସୀ ଆରମ୍ଭ କରିଥିଲେ। ଏହି ସମୟରେ ଆତଙ୍କବାଦୀ ଏବଂ ସୁରକ୍ଷାକର୍ମୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିଲା। ଏଥିରେ ପ୍ରଥମେ ଜଣେ ଆତଙ୍କବାଦୀ ନିପାତ ହୋଇଥିବା ସୂଚନା ମିଳିଥିଲା। ପରବର୍ତ୍ତୀ ସମୟରେ ସେନା ଅଧିକାରୀଙ୍କ ପକ୍ଷରୁ ତିନି ଜଣ ନିପାତ ହୋଇଥିବା ସ୍ପଷ୍ଟ କରାଯାଇଛି। ଦୀପାବଳି ପାଇଁ ଜମ୍ମୁ-କଶ୍ମୀରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିବାରୁ ଏପରି ହମଲା କରିଛନ୍ତି ଆତଙ୍କବାଦୀ। ଗତ ସପ୍ତାହ ମଧ୍ୟରେ ସୀମାରେ ଆତଙ୍କୀ ହମଲା ବଢ଼ି ଯାଇଛି। ବିଶେଷ କରି ସାଧାରଣ ନାଗରିକଙ୍କୁ ଟାର୍ଗେଟ କରୁଛନ୍ତି ଆତଙ୍କବାଦୀ। ସପ୍ତାହେ ମଧ୍ୟରେ ଦୁଇ ଜଣ ଯବାନ ଶହୀଦ ହୋଇ ଥିବାବେଳେ ୧୨ ଜଣ ସାଧାରଣ ନାଗରିକଙ୍କର ମୃତ୍ୟୁ ଘଟିଲାଣି।

## ସାଂସଦ ପପୁ ଯାଦବଙ୍କୁ ଧମକ

# ସଲମାନ ମାମଲରେ ଦୂରେଇ ରୁହ, ନଚେତ ମାରିଦେବୁ

**ପାଟନା, ୨୮।୧୦:** 'ସଲମାନ ଖାନ୍‌ଙ୍କ ମାମଲରେ ଦୂରେଇ ରୁହ। ନଚେତ ମାରିଦେବୁ।' ବିହାରର ପୂର୍ଣ୍ଣିୟା ସାଂସଦ ପପୁ ଯାଦବଙ୍କୁ ଏଭଳି କିଛି ହତ୍ୟା ଧମକ ମିଳିଛି। ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ନାଁରେ ତାଙ୍କୁ ଧମକ ଦିଆଯାଇଥିବା କୁହାଯାଉଛି। ଧମକ ପୂର୍ଣ୍ଣ କଲ୍ କରିଥିବା ବ୍ୟକ୍ତି ଜଣକ ଦାବି କରିଛନ୍ତି ଯେ ସେ ଲଗାତର ଭାବେ ପପୁ ଯାଦବଙ୍କ ଅନେକ ଠିକଣାଗୁଡ଼ିକର ରେକି କରୁଛନ୍ତି ଏବଂ ତାଙ୍କୁ ହତ୍ୟା କରିବେ। କେବଳ ଏତିକି ନୁହେଁ ପପୁ ଯାଦବଙ୍କୁ ସଲମାନ ଖାନ ମାମଲାରୁ ଦୂରେଇ ରହିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଧମକ ଦେଉଥିବା ବ୍ୟକ୍ତି ଜଣକ ଆହୁରି ଦାବି କରିଛନ୍ତି ଯେ ଲରେନ୍ସ ବିଷ୍ଣୋଇ ପାପୁ ଯାଦବଙ୍କ ସହ ଘଣ୍ଟା ପ୍ରତି ୧ ଲକ୍ଷ ଟଙ୍କା ଦେଇ ଜେଲରେ ଜାମର ବନ୍ଦ କରି କଥା ହେବାକୁ ଚେଷ୍ଟା କରୁଛନ୍ତି। କିନ୍ତୁ ପପୁ ଯାଦବ ଫୋନ୍ ଉଠାଉ ନାହାନ୍ତି। ଏଭଳି ଧମକପୂର୍ଣ୍ଣ କଲ୍ ଆସିବା ପରେ ପପୁ ଯାଦବ ଏ ବିଷୟରେ ବିହାର ଡିଜିପିଙ୍କୁ ସୂଚନା ଦେଇଛନ୍ତି। ପୁଲିସ ପୂରା ମାମଲାର ତଦନ୍ତ ଜାରି ରଖିଛି।

ନିକଟରେ ମୁମ୍ବାଇରେ ଏନସିପି ନେତା ତଥା ପୂର୍ବତନ ମନ୍ତ୍ରୀ ବାବା ସିଦ୍ଦିକିଙ୍କ ହତ୍ୟା ପରେ ପପୁ ଯାଦବ ଖୋଲାଖୋଲି ଭାବେ ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇଙ୍କୁ ଚ୍ୟାଲେଞ୍ଜ କରିଥିଲେ। ସେ କହିଥିଲେ ଯେ ଯଦି ଆଇନ ଅନୁମତି ଦିଏ ତେବେ ସେ ୨୪ ଘଣ୍ଟା ମଧ୍ୟରେ ଲରେନ୍ସ ବିଷ୍ଣୋଇଙ୍କ ପରି ଏକ ଛୋଟ ଅପରାଧୀର ସମ୍ପୂର୍ଣ୍ଣ ନେଟୱାର୍କକୁ ନଷ୍ଟ କରିଦେବେ।

# ବ୍ୟବସାୟୀଙ୍କ ଘର ଉପରେ ଆଖିବୁଜା ଗୁଳିମାଡ଼

**ନୂଆଦିଲ୍ଲୀ, ୨୮।୧୦:** ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ପରେ ଏବେ ରାଜଧାନୀ ଦିଲ୍ଲୀରେ ଏଣ୍ଟ୍ରି କରିଛି ତା'ର ବିରୋଧୀ ଗ୍ୟାଙ୍ଗ ବମ୍ବିହା। ଦିଲ୍ଲୀର ଜଣେ ବ୍ୟବସାୟୀଙ୍କ ଘର ଉପରକୁ ହୋଇଛି ଆଖିବୁଜା ଗୁଳିମାଡ଼। ଏହାପରେ ଗ୍ୟାଙ୍ଗର ଶୁଟର୍‌ମାନେ ଘଟଣାସ୍ଥଳରେ ଏକ ନୋଟ୍ ଛାଡ଼ି ଫେରାର ହୋଇଯାଇଛନ୍ତି। ବମ୍ବିହା ଗ୍ୟାଙ୍ଗର ଶୁଟରମାନେ ଏହି ଗୁଳିମାଡ଼ କରିଥିବା ସୂଚନା ମିଳିଛି।

ସୂଚନା ମୁତାବକ, ଦିଲ୍ଲୀର ରାଣୀ ବାଗ ଅଞ୍ଚଳରେ ଜଣେ ଜଣାଶୁଣା ବ୍ୟବସାୟୀଙ୍କ ଘର ବାହାରେ ବାମ୍ବିହା ଗ୍ୟାଙ୍ଗର କିଛି ଲୋକେ ଗୁଳିମାଡ଼ କରିଛନ୍ତି। ଦୁଇ ଜଣ ବ୍ୟକ୍ତି ବାଇକ୍‌ରେ ଆସି ଘର ବାହାରେ ପ୍ରାୟ ୬ ରୁ ୭ ରାଉଣ୍ଡ ଗୁଳି ଚଳାଇଥିଲେ। ସୂଚନା ମିଳିବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଯାଞ୍ଚ ବେଳେ ଘଟଣାସ୍ଥଳରୁ ଏକ ନୋଟ୍ ଜବତ ହୋଇଛି। ଏଥିରେ ବମ୍ବିହା ଗ୍ୟାଙ୍ଗର କୌଶଳ ଚୌଧୁରୀ ଏବଂ ପାୱାର ଶୌକିନଙ୍କ ନାଁ ଲେଖାଅଛି। ତେବେ ଏହି ମାମଲାକୁ ନେଇ ବର୍ତ୍ତମାନ ସୁଦ୍ଧା ଟଙ୍କା ତଥା ବଟି ମାଗିବା ନେଇ କୌଣସି ଫୋନ୍ କଲ୍ ଆସିନାହିଁ। ଶନିବାର ଏହି ଘଟଣା ଘଟିଛି। ବର୍ତ୍ତମାନ ପୁଲିସ ପୂରା ମାମଲାର ତଦନ୍ତ ଜାରି ରଖିଛି।

୨୦୧୦ରେ ବମ୍ବିହା ଗ୍ୟାଙ୍ଗ ଆରମ୍ଭ ହୋଇଥିଲା। ଏହି ଗ୍ୟାଙ୍ଗର ନେତା ଦବିନ୍ଦର ଜଣେ ଲୋକପ୍ରିୟ କବାଡି ଖେଳାଳି ଥିଲେ। କିନ୍ତୁ ପରେ ହତ୍ୟା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇ ଜେଲରେ ରଖାଯାଇଥିଲା। ଜେଲରେ ହିଁ ଦବିନ୍ଦର ବାମ୍ବିହା ନାଁରେ ପ୍ରସିଦ୍ଧ ହେଲେ ଏବଂ ସେ ଅନେକ ଗ୍ୟାଙ୍ଗଷ୍ଟରଙ୍କ ସହିତ ପରିଚିତ ହେଲେ। କେବଳ ସେତିକି ନୁହେଁ ତାଙ୍କ ଠାରୁ ଟ୍ରେନିଂ ମଧ୍ୟ ପାଇଲେ। ଏହା ପରେ ସେ ବାମ୍ବିହା ଗ୍ୟାଙ୍ଗର ନେତା ପାଲଟିଗଲେ। ତେବେ ୨୦୧୬ରେ ପଞ୍ଜାବ ପୁଲିସ ଦବିନ୍ଦର ଓରଫ ବମ୍ବିହାକୁ ଏନକାଉଣ୍ଟର ସମୟରେ ହତ୍ୟା କରିଥିଲା। ଦବିନ୍ଦରଙ୍କ ମୃତ୍ୟୁ ହୋଇଥିଲେ ମଧ୍ୟ ତାଙ୍କ ଗ୍ୟାଙ୍ଗ ସକ୍ରିୟ ଅଛି। ଏହି ଗ୍ୟାଙ୍ଗକୁ ଗୌରବ ପଟିଆଲା ଓରଫ ଲକି ଓ ସୁଖପ୍ରୀତ ସିଂହ ବୁଡ୍ଢା ଚଳାଉଛନ୍ତି। ସିଦ୍ଧୁ ମୋସେୱାଲାଙ୍କ ମୃତ୍ୟୁ ପରେ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ଏବଂ ବମ୍ବିହା ଗ୍ୟାଙ୍ଗ ମଧ୍ୟରେ ଶତ୍ରୁତା ଆରମ୍ଭ ହୋଇଥିଲା।

# ଫିଲିପାଇନ୍ସ: ଘୂର୍ଣ୍ଣିଝଡ଼ରେ ୧୩୬ ମୃତ

**ମାନିଲା, ୨୮।୧୦:** ଫିଲିପାଇନ୍ସରେ ତାଣ୍ଡବ ରଚିଲା ଘୂର୍ଣ୍ଣିଝଡ଼ ଟ୍ରାମି। ପ୍ରବଳ ବର୍ଷା ସହ ପବନ ହୋଇଛି। ଘୂର୍ଣ୍ଣିଝଡ଼ ପରେ ଏଠି ଭୟଙ୍କର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏଥିରେ ୧୩୮ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ୪୦ ଜଣ ନିଖୋଜ ଅଛନ୍ତି। କେବଳ ସେତିକି ନୁହେଁ ଭୂସ୍ଖଳନ ମଧ୍ୟ ହୋଇଛି। ଏଥିଯୋଗୁ ଅନେକ ଘର କ୍ଷତିଗ୍ରସ୍ତ ହୋଇଛି।

ଫିଲିପାଇନ୍ସର ରାଷ୍ଟ୍ରପତି ଶନିବାର କହିଛନ୍ତି ଯେ ପ୍ରାକୃତିକ ବିପର୍ଯ୍ୟୟ ହେତୁ ଅନେକ ଅଞ୍ଚଳ ପହଞ୍ଚିବା କଷ୍ଟକର ହୋଇପଡ଼ିଛି। ଯେଉଁଥିପାଇଁ ଲୋକମାନେ ସେଠାରେ ଅଟକି ରହିଛନ୍ତି। ଶୁକ୍ରବାର ଉତ୍ତର-ପଶ୍ଚିମ ଦିଗରୁ ଟାଇଫୁନ୍ 'ଟ୍ରାମି' ଫିଲିପାଇନ୍ସରେ ମାଡ଼ ହୋଇଥିଲା। ଫଳରେ ପୂରା ଅଞ୍ଚଳରେ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ଘୂର୍ଣ୍ଣିଝଡ଼ ଯୋଗୁ ପ୍ରାୟ ୪୨ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ସେହିପରି ଘୂର୍ଣ୍ଣିଝଡ଼ ଯୋଗୁ ୫ ଲକ୍ଷ ଲୋକ ସହର ଛାଡ଼ି ପଳାୟନ କରିଛନ୍ତି। ସେମାନେ ଭିନ୍ନ ଭିନ୍ନ ଅଞ୍ଚଳରେ ଶରଣ ନେଇଛନ୍ତି। ନିଖୋଜ ଲୋକଙ୍କ ସନ୍ଧାନ ଜାରି ରହିଛି। ପୁଲିସ, ଅଗ୍ନିଶମ ବାହିନୀ ଏବଂ ସେନା କର୍ମଚାରୀମାନେ ସନ୍ଧାନୀ କୁକୁରଙ୍କ ସାହାଯ୍ୟରେ ଭୂସ୍ଖଳନର ଆବର୍ଜନା ତଳେ ପୋତି ହୋଇଥିବା ଲୋକଙ୍କୁ ଖୋଜାଖୋଜି ଜାରି ରଖିଥିବା ଦେଶର ରାଷ୍ଟ୍ରପତି ଫର୍ଡିନାଣ୍ଡ ମାର୍କୋସ କହିଛନ୍ତି। ଟାଇଫୁନ୍ ଟ୍ରାମି ଚଳିତ ବର୍ଷ ଦକ୍ଷିଣ ପୂର୍ବ ଏସୀୟ ଦ୍ୱୀପପୁଞ୍ଜରେ ମାଡ଼ ହୋଇଥିବା ସବୁଠାରୁ ଘାତକ ତଥା ବିନାଶକାରୀ ଝଡ଼ ମଧ୍ୟରୁ ଗୋଟିଏ। ଟ୍ରାମି ଯୋଗୁ ପ୍ରବଳ ସହ ପବନ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ଏଥିସହ ତୁହାକୁ ତୁହା ବର୍ଷା ମାଡ଼ ଯୋଗୁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏବେବି ଅନେକ ଲୋକ ପାଣି ଘେରରେ ଅଛନ୍ତି। ସେମାନଙ୍କୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି।



# ତିରୁପତି ଇସ୍କନ ମନ୍ଦିରକୁ ବୋମା ଧମକ


**ଅମରାବତୀ, ୨୮।୧୦:** ଆନ୍ଧ୍ରପ୍ରଦେଶର ତିରୁପତି ଇସ୍କନ ମନ୍ଦିରକୁ ବୋମା ଧମକ। ମନ୍ଦିରକୁ ବୋମା ପକାଇ ଉଡ଼ାଇ ଦେବାକୁ ଧମକ ମିଳିବା ପରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ନିକଟରେ ଲଗାତାର ଭାବେ ଭାରତୀୟ ବିମାନକୁ ବୋମା ଧମକ ମିଳିବା ପରେ ଦୁଇ ଦିନ ହେବ ପ୍ରସିଦ୍ଧ ହୋଟେଲଗୁଡ଼ିକୁ ଏପରି ଧମକପୂର୍ଣ୍ଣ ଇମେଲ୍ କରା ଯାଉଥିଲା। ଏହାରି ମଧ୍ୟରେ ତିରୁପତିର ପ୍ରସିଦ୍ଧ ଇସ୍କନ ମନ୍ଦିରକୁ ବୋମା ଧମକ ମିଳିଛି। ପୁଲିସର ସୂଚନାନୁସାରେ, ଇସ୍କନ ମନ୍ଦିରର କର୍ମଚାରୀମାନେ ଅକ୍ଟୋବର ୨୭ରେ ଏକ ଇମେଲ ପାଇଥିଲେ, ଯେଉଁଥିରେ ପାକିସ୍ତାନର ଆଇଏସଆଇ ଆତଙ୍କବାଦୀମାନେ ମନ୍ଦିରକୁ ଉଡ଼ାଇ ଦେବାକୁ ଧମକ ଦେଇଥିଲେ। ତୁରନ୍ତ ଏନେଇ ସେମାନେ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ପୁଲିସ ବୋମା ନିଷ୍କ୍ରିୟ ସ୍କ୍ୱାଡ୍ ଏବଂ



ଡଗ୍ ସ୍କ୍ୱାଡ୍ ଟିମକୁ ନେଇ ଘଟଣାସ୍ଥଳରେ ପହଞ୍ଚିଥିଲା। ମନ୍ଦିରରେ ବ୍ୟାପକ ସର୍ଚ୍ଚ ଅପରେସନ୍ କରାଯାଇଥିଲା। କିନ୍ତୁ ମନ୍ଦିରରୁ ସେପରି କୌଣସି ବିସ୍ଫୋରକ ସାମଗ୍ରୀ କିମ୍ବା ଅନ୍ୟ ଆପତ୍ତିଜନକ ଜିନିଷ ମିଳି ନାହିଁ। କେହି ଜାଣିଶୁଣି ଏପରି ଆତଙ୍କ ସୃଷ୍ଟି କରୁଥିବା ସନ୍ଦେହ କରାଯାଉଛି। ଏହାପୂର୍ବରୁ ଅକ୍ଟୋବର ୨୬ରେ ମଧ୍ୟ ତିରୁପତିର ଦୁଇଟି ପ୍ରତିଷ୍ଠିତ ହୋଟେଲକୁ ବୋମା ଧମକ ମିଳିଥିଲା। ତଦନ୍ତ ପରେ କୌଣସି ସାମଗ୍ରୀ ମିଳିନଥିଲା। କେହି ମିଛ ରିପୋର୍ଟ ଦେଇ ଆତଙ୍କ ସୃଷ୍ଟି କରୁଥିବା ସନ୍ଦେହ କରାଯାଉଛି। ଭାରତୀୟ ବିମାନ ଏବଂ ହୋଟେଲଗୁଡ଼ିକୁ ମଧ୍ୟ ଲଗାତାର ଭାବେ ଏପରି ଆତଙ୍କ ସୃଷ୍ଟିକାରୀ କଲ୍ ଓ ମେସେଜ୍ ମିଳୁଛି।

# ଘରୁ ମିଳିଲା ୟୁଟ୍ୟୁବର୍ ଦମ୍ପତିଙ୍କ ମୃତଦେହ

**କୋଚି, ୨୮।୧୦:** ଘର ଭିତରୁ ସନ୍ଦିଗ୍ଧ ଅବସ୍ଥାରେ ମିଳିଲା ଫେମସ ୟୁଟ୍ୟୁବର ତଥା ସୋଶାଲ ମିଡିଆ ଇନ୍‌ଫ୍ଲୁଏନ୍ସର୍ ଦମ୍ପତିଙ୍କ ମୃତଦେହ। ଏହାକୁ ନେଇ ଏବେ ଚାରିଆଡେ ହଇଚଇ ସୃଷ୍ଟି ହୋଇଛି। ଉଭୟ ସ୍ୱାମୀ-ସ୍ତ୍ରୀ ଥିଲେ। ଉଭୟଙ୍କ ମୃତଦେହ ରବିବାର କେରଳର ପରସାଲା ସହରରେ ସ୍ଥିତ ତାଙ୍କ ଘରୁ ମିଳିଛି। ମୃତକ ଦମ୍ପତି ହେଲେ ସେଲଭରାଜ(୪୫) ଓ ତାଙ୍କ ପତ୍ନୀ ପ୍ରିୟା(୪୦)। 'ସେଲୁ ଫ୍ୟାମିଲି' ନାମରେ ଏମାନଙ୍କ ୟୁଟ୍ୟୁବ ଚ୍ୟାନେଲ ଥିଲା। ତେବେ ରବିବାର ଏହି ଦୁଇ ଜଣଙ୍କ ମୃତଦେହ ତାଙ୍କ ଘରୁ ସନ୍ଦିଗ୍ଧ ଅବସ୍ଥାରେ ମିଳିଛି। ମୃତଦେହରୁ ଦୁର୍ଗନ୍ଧ ବାହାରିବା ପରେ ଏହି ଘଟଣା ସାମ୍ନାକୁ ଆସିଥିଲା। ତାଙ୍କ ଘର ଆଖପାଖର ଲୋକମାନେ ଦମ୍ପତି ନିଖୋଜ ଥିବା ସନ୍ଦେହ କରିଥିଲେ। ତେଣୁ ପୁଲିସରେ ଅଭିଯୋଗ ମଧ୍ୟ କରିଥିଲେ। ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘରର କବାଟ ଖୋଲିବା ପରେ ୟୁଟ୍ୟୁବର ଦମ୍ପତିଙ୍କ ମୃତଦେହ ମିଳିଛି। ପାରାସାଲା ପୁଲିସର



ସୂଚନାନୁସାରେ, ପତ୍ନୀ ପ୍ରିୟାଙ୍କ ମୃତଦେହ ଖଟ ଉପରେ ପଡ଼ିଥିବା ବେଳେ ସେଲଭରାଜଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହ ମିଳିଛି। ଏହି ମୃତ୍ୟୁ ଦୁଇ ଦିନ ପୂର୍ବରୁ ହୋଇଥାଇପାରେ ବୋଲି ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି।

ପଡୋଶୀଙ୍କ କହିବା ମୁତାବକ, ଏହି ଦମ୍ପତି ଘରର ଆଖପାଖ ଲୋକଙ୍କ ସହ କମ ମିଳାମିଶା କରୁଥିଲା। ଗତବର୍ଷ ଦମ୍ପତି ନିଜ ଝିଅର ବିବାହ କରିଥିଲେ। ଏମାନେ ବେଶ୍ ସରଳ ସ୍ୱଭାବର ଥିଲେ। ସେପଟେ ଏହା ଆତ୍ମହତ୍ୟା ମାମଲା ବୋଲି ପୁଲିସ ସନ୍ଦେହ କରୁଛି। ତେବେ ପୋଷ୍ଟ ମର୍ଟମ ରିପୋର୍ଟ ଆସିବା ପରେ ଏହି ଘଟଣାର ସତ୍ୟତା ପ୍ରକାଶ ପାଇବ। ପୁଲିସ କୋଠରୀରୁ କୌଣସି ଆତ୍ମହତ୍ୟା ନୋଟ ଜବତ କରି ନାହିଁ। ଘର ଚାରିପାଖରେ ଲଗାଯାଇଥିବା ସିସିଟିଭି ଫୁଟେଜକୁ ମଧ୍ୟ ପୁଲିସ ଯାଞ୍ଚ କରୁଛି। ପୂରା ମାମଲାର ତଦନ୍ତ ଜାରି ରହିଛି। ସେଲଭରାଜ ଜଣେ ନିର୍ମାଣ ଶ୍ରମିକ ଭାବରେ କାର୍ଯ୍ୟ କରୁଥିଲେ ଏବଂ ତାଙ୍କ ପତ୍ନୀଙ୍କ ସହ ତାଙ୍କ ୟୁଟ୍ୟୁବ୍ ଚ୍ୟାନେଲରେ ଭିଡିଓ ପୋଷ୍ଟ କରୁଥିଲେ। ଉଭୟଙ୍କର ୟୁଟ୍ୟୁବ୍ ପ୍ଲାଟଫର୍ମରେ ୧୮ ହଜାରୁ ଅଧିକ ଫଲୋଅର୍ସ ଅଛନ୍ତି ଏବଂ ଉଭୟ ଏପର୍ଯ୍ୟନ୍ତ ସୋସିଆଲ ମିଡିଆରେ ୧୪୦୦ରୁ ଅଧିକ ଭିଡିଓ ପୋଷ୍ଟ କରିଛନ୍ତି। ଦୁଇ ଦିନ ପୂର୍ବେ ସେ ତାଙ୍କର ଶେଷ ଭିଡିଓ ଅପଲୋଡ୍ କରିଥିଲେ, ଯେଉଁଥିରେ ଏକ ହୃଦୟ ବିଦାରକ ଗୀତ ସାମିଲ ଥିଲା। ଏହି ଭିଡିଓରେ ମୃତ୍ୟୁକୁ ଚିତ୍ରଣ କରାଯାଇଥିଲା।

# ରାଜଭବନ ନିକଟରୁ ମିଳିଲା ଗ୍ରେନେଡ ଓ ଧମକପୂର୍ଣ୍ଣ ଚିଠି

**ଇମ୍ଫାଲ, ୨୮।୧୦:** ରାଜ୍ୟପାଳଙ୍କ ସରକାରୀ ବାସଭବନଠାରୁ ମାତ୍ର ୨୦୦ ମିଟର ଦୂରରେ ଥିବା ଗୋଟିଏ କଲେଜ ଗେଟ ପାଖରୁ ମିଳିଛି ହ୍ୟାଣ୍ଡ ଗ୍ରେନେଡ। ଏଥିସହ ଗୋଟିଏ ଧମକପୂର୍ଣ୍ଣ ଚିଠି ମଧ୍ୟ ଗ୍ରେନେଡ ପାଖରୁ ଜବତ କରାଯାଇଛି। ମଣିପୁରର ରାଜଧାନୀ ଇମ୍ଫାଲରେ ଥିବା ରାଜଭବନର ଅତି ନିକଟରୁ ଗ୍ରେନେଡ ମିଳିବା ସମସ୍ତଙ୍କ ଚିନ୍ତାକୁ ବଢ଼ାଇ ଦେଇଛି। ପୁଲିସ୍ କହିଛି ଯେ ଗଣପ୍ରିୟା ମହିଳା କଲେଜ ଗେଟ ପାଖରେ ଗ୍ରେନେଡ ପଡ଼ିଥିବା ଆଜି ସକାଳ ପ୍ରାୟ ୬ଟା ବେଳେ କିଛି ଲୋକ ଦେଖିଥିଲି। ଏହାପରେ ପୁଲିସ୍ ସେଠାରେ ପହଞ୍ଚି ଯାଞ୍ଚ ଆରମ୍ଭ କରିଥିଲା। ବୋମା ନିଷ୍କ୍ରିୟ ଟିମ ମଧ୍ୟ ଘଟଣା ସ୍ଥଳରେ ପହଞ୍ଚି ଗ୍ରେନେଡକୁ ଅକାମୀ କରିଥିଲେ। ଗ୍ରେନେଡକୁ ଗୋଟିଏ ହାତ ଲେଖା ଚିଠି ଉପରେ ରଖାଯାଇଥିଲା। ଏଥିରେ ଫାଶୀବାଦ ଶିକ୍ଷା ବ୍ୟବସ୍ଥାକୁ ତିରସ୍କାର କରାଯାଇଛି। ମେଧାବୀ ଶିକ୍ଷାର୍ଥୀଙ୍କୁ ସମ୍ମାନୀତ କରାଯାଇ ମାଗଣା ଶିକ୍ଷାର ବ୍ୟବସ୍ଥା କରାଯାଉ ବୋଲି ଚିଠିରେ କୁହାଯାଇଛି। ଏନେଇ ଇମ୍ଫାଲ ପୁଲିସ୍ ଷ୍ଟେସନରେ ଗୋଟିଏ ମାମଲା ରୁଜୁ କରାଯାଇଛି। କିନ୍ତୁ ଏଯାଏ କୌଣସି ସଂଗଠନ ଘଟଣା ପାଇଁ ନିଜକୁ ଦାୟୀ କରି ନାହାନ୍ତି। କୁହାଯାଉଛି ଯେ ଜିପି କଲେଜ ମ୍ୟାନେଜମେଣ୍ଟକୁ ଭୟଭୀତ କରିବା ପାଇଁ ଏପରି ହ୍ୟାଣ୍ଡ ଗ୍ରେନେଡ ରଖାଯାଇଛି। ଆଦିବାସୀ ଓ ଅଣଆଦିବାସୀଙ୍କ ଯୋଗୁ ମଣିପୁର ଅଶାନ୍ତ ହୋଇ ରହିଛି। ସହରାଞ୍ଚଳଗୁଡ଼ିକରେ ଲୁଟପାଟ ଓ ବଟି ଆଦାୟ ପାଇଁ ଧମକପୂର୍ଣ୍ଣ ଚିଠି ମିଳିବା ଘଟଣା ବଢ଼ି ଚାଲିଛି।

# କ୍ୟାମେରା ଆଗରେ ହାତାହାତି ହେଲେ ଦୁଇ ନେତା

**ମୁମ୍ବାଇ, ୨୮।୧୦:** ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ ସମସ୍ତ ଦଳ ନିଜ ନିଜ ପ୍ରସ୍ତୁତିରେ ବ୍ୟସ୍ତ ଅଛନ୍ତି। ସମସ୍ତେ ନିଜର ନିର୍ବାଚନୀ ଇସ୍ତାହାର ଘୋଷଣା କରିବାରେ ଲାଗିଛନ୍ତି। ଏଥି ସହିତ ଭୋଟରଙ୍କୁ ଆକୃଷ୍ଟ କରିବାକୁ ଚେଷ୍ଟା କରୁଛନ୍ତି। ତେବେ ଏହାରି ଭିତରେ କ୍ୟାମେରା ଆଗରେ ହାତାହାତି ହୋଇଛନ୍ତି ଗୋଟିଏ ଦଳର ହିଁ ଦୁଇ ବଡ଼ ନେତା। ଏନ୍‌ସିପି ଶରଦ ପାୱାର ଗୋଷ୍ଠୀର ଦୁଇ ବଡ଼ ନେତା ନିର୍ବାଚନୀ ଇସ୍ତାହାରକୁ ନେଇ ମୁହାଁମୁହିଁ ହୋଇଛନ୍ତି। ଏପରିକି ଉଭୟ ପରସ୍ପର ଉପରକୁ ହାତ ଉଠାଇବା ଯାଏ ମଧ୍ୟ କଥା ଯାଇଛି। ତେବେ ପରେ ଉପସ୍ଥିତ ଲୋକେ ଦୁହିଁଙ୍କ ମଧ୍ୟରେ ହସ୍ତକ୍ଷେପ କରିବା ପରେ ପରିସ୍ଥିତି ଶାନ୍ତି ପଡ଼ିଛି। ସୂଚନା ମୁତାବକ, ଅକ୍ଟୋବର ୨୭ ତାରିଖ ସନ୍ଧ୍ୟାରେ ମୁଂବ୍ରା ବିଧାନସଭା ଆସନରେ ଏହି ଘଟଣା ଘଟିଛି। ଏନ୍‌ସିପି(ଶରଦ ପାୱାର) ନେତା ଜିତେନ୍ଦ୍ର ଆହ୍ୱାଡ ଏଠାକୁ ନିର୍ବାଚନ ପ୍ରଚାର ପାଇଁ ଯାଇଥିଲେ। ଏହି ସମୟରେ ନିର୍ବାଚନୀ ଘୋଷଣା ପତ୍ରକୁ ନେଇ କ୍ୟାମେରା ସାମ୍ନାରେ ହିଁ ଦଳର ରାଜ୍ୟ ସଂଖ୍ୟାଲଘୁ ଉପାଧ୍ୟକ୍ଷ ୟୁନୁସ ଶେଖଙ୍କ ସହ ତାଙ୍କର ଝଗଡା ହୋଇଥିଲା। ଯଦିଓ ସମଗ୍ର ଘଟଣାର ସବିଶେଷ ତଥ୍ୟ ଜଣା ପଡ଼ିନାହିଁ କେଉଁ ପ୍ରସଙ୍ଗରେ ଏହି ଉତ୍ତେଜନା ସୃଷ୍ଟି ହୋଇଛି। କୁହାଯାଉଛି ଯେ ଏହା ଉଭୟଙ୍କ ପାଇଁ ସମସ୍ୟା ବଢ଼ାଇପାରେ।

# ଆସନ୍ତା ବର୍ଷ ଜନଗଣନା

## ଲୋକସଭା ଆସନ ସୀମା ପୁନଃ ନିର୍ଦ୍ଧାରଣ ହେବ

**ନୂଆଦିଲ୍ଲୀ, ୨୮।୧୦:** ଆସନ୍ତା ବର୍ଷରୁ ଦେଶରେ ଆରମ୍ଭ ହୋଇପାରେ ଜନଗଣନା। ଦୀର୍ଘ ୪ ବର୍ଷ ପରେ ୨୦୨୫ରୁ ଜନଗଣନା ପ୍ରକ୍ରିୟା ଆରମ୍ଭ ହେବ। କେନ୍ଦ୍ର ସରକାରଙ୍କ ତରଫରୁ ଜନଗଣନା କରାଯିବା ସମ୍ପର୍କରେ ଏଭଳି କିଛି ବଡ଼ ତଥ୍ୟ ସାମ୍ନାକୁ ଆସିଛି। କରୋନା ମହାମାରୀ ହେତୁ ୨୦୨୧ରେ ହେବାକୁ ଥିବା ଜନଗଣନାକୁ ସ୍ଥଗିତ ରଖିବାକୁ ପଡ଼ିଥିଲା। ତେବେ ଆସନ୍ତା ବର୍ଷ ୨୦୨୫ରୁ ଏହା ପୁଣି ଆରମ୍ଭ ହେବ। ୨୦୨୬ ପର୍ଯ୍ୟନ୍ତ ଏହି ଜନଗଣନା ଚାଲିବ ବୋଲି ମିଳିଥିବା ସୂତ୍ରରୁ ପ୍ରକାଶ ପାଇଛି।

ସୂଚନା ମୁତାବକ, ବର୍ତ୍ତମାନ ଜନଗଣନା ଚକ୍ର ବଦଳିଯିବା ନେଇ ଆଶଙ୍କା ରହିଛି। ଅଦ୍ୟାବଧି ପ୍ରତି ଦଶ ବର୍ଷରେ ଜନଗଣନା କରାଯାଉଥିଲା। ଉଦାହରଣ



ସ୍ୱରୂପ, ୧୯୯୧, ୨୦୦୧, ୨୦୧୧ ଇତ୍ୟାଦିରେ ଜନଗଣନା ହୋଇଥିଲା। ଏବେ ୨୦୨୫ରେ ଜନଗଣନା ହେଲେ ପରବର୍ତ୍ତୀ ଜନଗଣନା ପ୍ରତି ୧୦ ବର୍ଷରେ ଅର୍ଥାତ ୨୦୩୫, ୨୦୪୫ ଓ ୨୦୫୫- ଏହି କ୍ରମରେ ହେବ। ଜନଗଣନା ଶେଷ ହେବା ପରେ ଲୋକସଭା ଆସନର ସୀମା ପୁନଃ ନିର୍ଦ୍ଧାରଣ ଆରମ୍ଭ ହେବ। ୨୦୨୮ ସୁଦ୍ଧା ନିର୍ବାଚନ ମଣ୍ଡଳି ସୀମା ପୁନଃ ନିର୍ଦ୍ଧାରଣ ପ୍ରକ୍ରିୟା ସମାପ୍ତ ହେବାର ସମ୍ଭାବନା ଅଛି। ବହୁ ବିରୋଧୀ ଦଳର ଜାତିଗତ ଜନଗଣନା ପାଇଁ ମଧ୍ୟ ଦାବି ରହିଛି, କିନ୍ତୁ ସରକାର ଏ ବାବଦରେ ଏପର୍ଯ୍ୟନ୍ତ ନିଷ୍ପତ୍ତି ନେଇ ନାହାନ୍ତି। ଜନଗଣନା ପ୍ରକ୍ରିୟାର ବିବରଣୀ ଏପର୍ଯ୍ୟନ୍ତ ସାର୍ବଜନୀନ କରାଯାଇ ନାହିଁ। ଜନଗଣନାରେ ସାଧାରଣତଃ ଧର୍ମ ଏବଂ ଶ୍ରେଣୀ ପଚରାଯାଏ। ସାଧାରଣ, ଅନୁସୂଚିତ ଜାତି ଏବଂ ଜନଜାତି ଗଣନା କରାଯାଏ। ଏହା କୁହାଯାଉଛି ଯେ, ଏଥର ଲୋକଙ୍କୁ କେଉଁ ସମ୍ପ୍ରଦାୟର ଅନୁଗାମୀ ବୋଲି ମଧ୍ୟ ପଚରା ଯାଇପାରିବ।

ପରବର୍ତ୍ତୀ ଜନଗଣନା ରାଉଣ୍ଡରେ ସାଧାରଣ, ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ଗଣନା ତଥା ଧର୍ମ ଏବଂ ସାମାଜିକ ଶ୍ରେଣୀ ଉପରେ ସର୍ଭେ ଅନ୍ତର୍ଭୁକ୍ତ ହେବ ବୋଲି ଆଶା କରାଯାଉଛି। ତଥାପି, ସୂତ୍ରରୁ ଜଣାପଡ଼ିଛି ଯେ ଆସନ୍ତା ବର୍ଷର ଜନଗଣନା ସାଧାରଣ ଏବଂ ଏସସି-ଏସଟି ବର୍ଗ ମଧ୍ୟରେ ଉପ-ସମ୍ପ୍ରଦାୟକୁ ନେଇ ମଧ୍ୟ ସର୍ଭେ ହୋଇପାରେ। ଉଦାହରଣ ସ୍ୱରୂପ, କର୍ଣ୍ଣାଟକରେ ସାଧାରଣ ବର୍ଗର ଲିଙ୍ଗାୟତମାନେ ନିଜକୁ ଏକ ପୃଥକ୍ ସମ୍ପ୍ରଦାୟ ଭାବରେ ବିବେଚନା କରନ୍ତି। ସେହିଭଳି, ଅନୁସୂଚିତ ଜାତି ମଧ୍ୟରେ ବାଲ୍ମିକୀ, ରବି ଦାସୀ ଭଳି ଭିନ୍ନ ସମ୍ପ୍ରଦାୟ ରହିଛି। ଏହାର ଅର୍ଥ ହେଉଛି ଧର୍ମ, ଶ୍ରେଣୀ ତଥା ସମ୍ପ୍ରଦାୟ ଆଧାରରେ ଜନଗଣନା ଦାବି ଉପରେ ସରକାର ବିଚାର କରୁଛନ୍ତି।

# ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ୍ ପାଇଁ ଲକ୍ଷ୍ମଣ କୋଚ୍

**ମୁମ୍ବାଇ,୨୮।୧୦:** ଭାରତ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚକୁ ୧୧୩ ରନରେ ଜିତି ଐତିହାସିକ ବିଜୟ ହାସଲ କରିଛି ନ୍ୟୁଜିଲାଣ୍ଡ। ଅନେକ ଦିନ ପରେ ଭାରତ ଘରୋଇ ମାଟିରେ ଟେଷ୍ଟ ସିରିଜ ପରାଜୟର ସାମ୍ନା କରିଛି। ଏହାରି ମଧ୍ୟରେ ଆଗକୁ ହେବାକୁ ଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଟି୨୦ ସିରିଜ ପାଇଁ ଟିମ୍ ଘୋଷଣା କରି ସାରିଥିବା ବେଳେ ଏବେ ଭିଏସଏସ ଲକ୍ଷ୍ମଣଙ୍କୁ ମୁଖ୍ୟ କୋଚ୍ ନିଯୁକ୍ତ କରିଛି ବିସିସିଆଇ।

ତେବେ ବର୍ତ୍ତମାନର ଜାତୀୟ ମୁଖ୍ୟ କୋଚ୍ ଗମ୍ଭୀର ବର୍ଡ଼ର-ଗାଭାସ୍କର ଟ୍ରଫି ପାଇଁ ଅଷ୍ଟ୍ରେଲିଆ ଅଭିମୁଖେ କାର୍ଯ୍ୟ କରିବେ। ସୋମବାର ବିସିସିଆଇର ଜଣେ ବରିଷ୍ଠ ଅଧିକାରୀ ଖବର ନିଶ୍ଚିତ କରିଛନ୍ତି। ଏହି ଚାରି ମ୍ୟାଚ୍ ବିଶିଷ୍ଟ ସିରିଜ୍ ଆଗରୁ ଧାର୍ଯ୍ୟ ହୋଇନଥିଲା। ନିକଟରେ ବିସିସିଆଇ ଏବଂ କ୍ରିକେଟ୍ ଦକ୍ଷିଣ ଆଫ୍ରିକା ମଧ୍ୟରେ ଏହାର ଆୟୋଜନ କରିବାକୁ ବ୍ୟବସ୍ଥା କରାଯାଇଥିଲା।

ନଭେମ୍ବର ୮, ୧୦, ୧୩ ଏବଂ ୧୫ ରେ ଭାରତ ଯଥାକ୍ରମେ ଡର୍ବାନ୍, ଗେକେର୍ବା, ସେଞ୍ଚୁରିଅନ୍ ଏବଂ ଜୋହାନ୍ସବର୍ଗରେ ଚାରୋଟି ଟ୍ୱେଣ୍ଟି ୨୦ ଖେଳାଯିବ। ବେଙ୍ଗାଲୁରୁର ନ୍ୟାସନାଲ କ୍ରିକେଟ୍ ଏକାଡେମୀ (ଏନସିଏ) ରେ କାର୍ଯ୍ୟ




କରୁଥିବା ଅନ୍ୟ କୋଚମାନେ ସାଇରଜ ବାହୁଟୁଲେ, କାନିତକର ଏବଂ ସୁଭଦୀପ ଘୋଷଙ୍କ ପରି ଲକ୍ଷ୍ମଣଙ୍କ ଅଧୀନରେ କୋଚିଂ କର୍ମଚାରୀ ଭାବେ ଦଳରେ ଯୋଗ ଦେବ।

ନିକଟରେ ଶେଷ ହୋଇଥିବା ଏସିଆ ଏମର୍ଜିଂ କପ୍ ଟୁର୍ନାମେଣ୍ଟରେ ଭାଗ ନେଇଥିବା ଭାରତ ଉଦୀୟମାନ ଦଳର ବାହୁମାନ (ମୁଖ୍ୟ ପ୍ରଶିକ୍ଷକ), କାନିତକର (ବ୍ୟାଟିଂ କୋଚ୍) ଏବଂ ଘୋଷ (ଫିଲ୍ଡିଂ କୋଚ୍) ଥିଲେ। ଉଭୟ ଏନସିଏ ସହିତ ଜଡିତ ଥିବା ସୌରାଷ୍ଟ୍ରର ସୀତାଂଶୁ କୋଟାକ୍ ଏବଂ କେରଳର ମଜାର ମୋଇଡୁ ରୁତୁରାଜ ଗାଇକୱାଡଙ୍କ ନେତୃତ୍ୱାଧୀନ ଇଣ୍ଡିଆ ଏ ଦଳକୁ ଅଷ୍ଟ୍ରେଲିଆ ଗସ୍ତ କରିଛନ୍ତି। ଅକ୍ଟୋବର ୨୫ (ଶୁକ୍ରବାର) ରେ ଚାରିଟି ଟି -୨୦ ପାଇଁ ସୁର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ବିସିସିଆଇ ଏକ ୧୫ ଜଣିଆ ଦଳ ଘୋଷଣା କରିଛି।

ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଅଭିଷେକ ଶର୍ମା, ସଞ୍ଜୁ ସାମସନ (ଉଇକେଟ ରକ୍ଷକ), ରିଙ୍କୁ ସିଂ, ତିଲକ ବର୍ମା, ଜିତେଶ ଶର୍ମା (ଉଇକେଟ ରକ୍ଷକ), ହାର୍ଦ୍ଦିକ ପାଣ୍ଡ୍ୟା, ଅକ୍ଷର ପଟେଲ, ରମଣଦୀପ ସିଂ, ବରୁଣ ଚକ୍ରବର୍ତ୍ତୀ, ରବି ବିଷ୍ଣୋଇ, ବିଜୟଦେବ ସିଂ , ଆବେଶ ଖାନ, ଯଶ ଦୟାଲ।

# ଓଡ଼ିଶା ବିପକ୍ଷରେ ବରୋଦା ବଡ଼ ଅଗ୍ରଣୀମୁହାଁ




ରଣଜୀ ଟ୍ରଫି

**ଭୁବନେଶ୍ୱର, ୨୮।୧୦:** ଓଡ଼ିଶା ବିପକ୍ଷ ରଣଜୀ ଟ୍ରଫି ମୁକାବିଲାରେ ଘରୋଇ ବରୋଦା ଦଳ ବଡ଼ ସ୍କୋର୍ ଓ ଅଗ୍ରଣୀ ଦିଗରେ ଅଗ୍ରସର ହୋଇଛି। ଓଡ଼ିଶାର ୧୯୩ ରନ୍ ଜବାବରେ ଘରୋଇ ବରୋଦା ଦ୍ୱିତୀୟ ଦିନର ଖେଳ ଶେଷ ସୁଦ୍ଧା ୬ ୱିକେଟ୍ ହରାଇ ୩୫୪ ରନ୍ କରିଛି। ଅନ୍ତର୍ଜାତୀୟ ତାରକା କୁନାଲ ପାଣ୍ଡ୍ୟା ୮୮* ରନ୍‌ରେ ବ୍ୟାଟିଂ କରୁଛନ୍ତି। ରବିବାର ସକାଳେ ୫୦/୧ରୁ ଖେଳ ଆରମ୍ଭ କରିଥିବା ବରୋଦା ଏଥିରେ ୩୩ ରନ୍ ଯୋଡ଼ି ପ୍ରଥମ ୱିକେଟ୍ ହରାଇଥିଲା। ଶାଶ୍ୱତ ରାୱତ (୩୪)ଙ୍କୁ ଗୋବିନ୍ଦ ପୋଦ୍ଦାର ଆଉଟ କରି ଏହି ସଫଳତା ଦେଇଥିଲେ। ଅଭିମନ୍ୟୁ ରାଜପୁତ (୧୦)ଙ୍କୁ ସୁମିତ ଶର୍ମା ଏଲ୍‌ବିଡବ୍ଲ୍ୟୁ କରି ଦେବାରୁ ବରୋଦା ୧୦୦/୩ରେ ସଂଘର୍ଷ କରିଥିଲା। ଏହାପରେ ଶିବାଲିକ ଶର୍ମା (୯୬) ଓ ବିଷ୍ଣୁ ସୋଲାଙ୍କି ଚତୁର୍ଥ ୱିକେଟ୍‌ରେ ୧୨୧ ରନ୍ ଯୋଡ଼ିଥିଲେ। ଶିବାଲିକ ଆଉଟ୍ ପରେ ବିଷ୍ଣୁ ଓ ଅଧିନାୟକ କୁନାଲଙ୍କ ସହ ଆଉ ଏକ ଭଲ ଭାଗୀଦାରି ଗଢ଼ି ଦଳୀୟ ସ୍କୋର୍ ୩୦୦ ପାର୍ କରିଥିଲେ। ବିଷ୍ଣୁ (୯୮)ଙ୍କୁ ହର୍ଷିତ ରାଥୋଡ଼ ପ୍ୟାଭିଲିୟନ୍ ପଠାଇ ଶତକରୁ ବଞ୍ଚିତ କରିଥିଲେ। ନିନାଦ ରଥୱା (୧୦*)ଙ୍କୁ ପୋଦ୍ଦାର ଆଉଟ କରି ୪ ୱିକେଟ୍ ସଫଳତା ପାଇଛନ୍ତି।

ସଂକ୍ଷିପ୍ତ ସ୍କୋର: ଓଡ଼ିଶା ପ୍ରଥମ ପାଳି: ୧୯୩/୧୦ (ବିପ୍ଳବ ସାମନ୍ତରାୟ-୫୮, ଆଶୀର୍ବାଦ ସ୍ୱାଇଁ-୩୭, ଶାନ୍ତନୁ ମିଶ୍ର-୨୩, ମହେଶ ପିଠିୟା-୫/୬୧, ଆକାଶ ସିଂହ-୨/୪୨, ଭାର୍ଗବ ଭଟ୍ଟ-୨/୪୪)। ବରୋଦା ପ୍ରଥମ ପାଳି: ୧୦୭ ଓଭରରେ ୩୫୪/୬ (ବିଷ୍ଣୁ ସୋଲାଙ୍କି-୯୮, ଶିବାଲିକ ଶର୍ମା-୯୬, କୁନାଲ ପାଣ୍ଡ୍ୟା-୮୮*, ଗୋବିନ୍ଦ ପୋଦ୍ଦାର-୪/୯୬, ହର୍ଷିତ ରାଥୋଡ଼-୧/୩୪, ସୁମିତ ଶର୍ମା-୧/୫୧)।

# ୟଙ୍ଗଷ୍ଟାର୍ ପ୍ରିମିୟର୍ ଲିଗ୍ 'ଲୋଗୋ' ଉନ୍ମୋଚିତ




**ଭୁବନେଶ୍ୱର, ୨୮।୧୦:** ସ୍ଥାନୀୟ ଲୟୋଲା ସ୍କୁଲ୍‌ରୁ ପରିଚାଳିତ ଏବଂ ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର୍ ୟୁସୁଫ୍ ଓ ଇର୍ଫାନ୍ ପଠାନଙ୍କ ପରିକଳ୍ପିତ 'କ୍ରିକେଟ୍ ଏକାଡେମି ଅଫ୍ ପଠାନ୍ସ' ବା କାପ୍, ଭୁବନେଶ୍ୱର ଅନୁକୂଲ୍ୟରେ ଆୟୋଜିତ ହେବାକୁ ଯାଉଥିବା ୟଙ୍ଗଷ୍ଟାର୍ ପ୍ରିମିୟର୍ ଲିଗ୍ (ୱାପିଏଲ୍)ର ଲୋଗୋ ରବିବାର ଉନ୍ମୋଚିତ ହୋଇଯାଇଛି। ଡିସେମ୍ବର ୨୦ରୁ ଖେଳାଯିବାକୁ ଥିବା ଏହି କନିଷ୍ଠସ୍ତରୀୟ (୧୯ ବର୍ଷରୁ କମ୍) ଟ୍ୱେଣ୍ଟି-୨୦ କ୍ରିକେଟ୍ ଲିଗ୍‌ରେ ୮ଟି ଫ୍ରାଞ୍ଚାଇଜ୍ ଭିତ୍ତିକ ଦଳ ଅଂଶଗ୍ରହଣ କରିବେ। କନିଷ୍ଠସ୍ତରରୁ ପ୍ରତିଭା ଚିହ୍ନଟ ଏବଂ ସେମାନଙ୍କ ସାମଗ୍ରିକ ବିକାଶ ଲକ୍ଷ୍ୟ ନେଇ ଆୟୋଜିତ ହେବାକୁ ଯାଉଥିବା ଏହି ପ୍ରତିଯୋଗିତାର ପ୍ରଥମ ସଂସ୍କରଣ ଲାଗି ପାଖାପାଖି ୪୫୬ଜଣ ଖେଳାଳି ନାମ ପଞ୍ଜୀକରଣ କରିସାରିଛନ୍ତି। ଖେଳାଳି ନିଲାମ ଡିସେମ୍ବର ପହିଲାରେ ଅନୁଷ୍ଠିତ ହେବ ଏବଂ ପ୍ରତ୍ୟେକ ଫ୍ରାଞ୍ଚାଇଜ ଏଥିଲାଗି ୨ରୁ ୪ ଲକ୍ଷ ଟଙ୍କାର ପାଣ୍ଠି ବିନିଯୋଗ କରିପାରିବେ। ପ୍ରତ୍ୟେକ ଦଳରେ ସର୍ବାଧିକ ୨୧ଜଣ ଖେଳାଳି ରହିବେ। ଏକ ନିଆରା ପ୍ରୟୋଗକ୍ରମେ ସେଥିମଧ୍ୟରୁ ଜଣେ ରାଜ୍ୟସ୍ତରୀୟ ଖେଳାଳି, ୪ଜଣ ୧୬ବର୍ଷରୁ କମ୍ ଖେଳାଳି ଏବଂ ଦୁଇ ଜଣ ୧୪ବର୍ଷରୁ କମ୍ ଖେଳାଳି ଚୂଡ଼ାନ୍ତ ଏକାଦଶରେ ରହିବାକୁ ବାଧ୍ୟତାମୂଳକ କରାଯାଇଛି। ସେହିଭଳି ମହିଳା କ୍ରିକେଟର୍‌ମାନଙ୍କୁ ନିଜ ପ୍ରତିଭା ପ୍ରଦର୍ଶନ ଲାଗି ବଳିଷ୍ଠ ମଞ୍ଚ ଯୋଗାଇବା ଉଦ୍ଦେଶ୍ୟ ନେଇ ଏବର୍ଷ ଦୁଇଟି ବାଳିକା ଦଳକୁ ନେଇ ସମାନ୍ତରାଳ ଭାବେ ଅନ୍ୟଏକ ମିନି ଲିଗ୍ ଖେଳିବାକୁ ଯୋଜନା ରହିଛି। ଆସନ୍ତା ଋତୁରୁ ବାଳକଙ୍କ ଭଳି ବାଳିକା ଲିଗ୍ ମଧ୍ୟ ଆୟୋଜିତ ହେବ ବୋଲି କାପ୍, ଭୁବନେଶ୍ୱରର ମାଲିକ ତଥା ଏଆର୍ ସ୍ପୋର୍ଟସର ପରିଚାଳନା ନିର୍ଦ୍ଦେଶକ ଆଶୋକ କୁମାର ସୂଚନା ଦେଇଛନ୍ତି। ମାତ୍ର ଦୁଇବର୍ଷ ତଳେ ଆରମ୍ଭ ହୋଇଥିବା କାପ୍, ଭୁବନେଶ୍ୱରରୁ ରାଜ୍ୟ ୧୯ବର୍ଷରୁ କମ୍ ଦଳରେ ୫ଜଣ ଖେଳାଳି (ଉଭୟ ବାଳକ ଓ ବାଳିକା) ଯଥା ଆୟୁଷ ଚାନ୍ଦ, ପ୍ରତ୍ୟୁଷ ମହାନ୍ତି, ମିତାଲି ଶର୍ମା, ଶ୍ରେୟା ପ୍ରିୟଦର୍ଶିନୀ ଓ ଅନୁଷ୍କା ମିଶ୍ର ସାମିଲ ହୋଇଛନ୍ତି। ଆଗାମୀ ସମୟରେ ଏକାଡେମିରୁ ଆହୁରି ଅନେକ ରାଜ୍ୟସ୍ତରୀୟ ଖେଳାଳି ସୃଷ୍ଟି ହେବେ ବୋଲି ସେ ଦୃଢ଼ ଆଶା ପୋଷଣ କରିଛନ୍ତି। ପ୍ରତିଯୋଗିତାର ସଫଳ ଆୟୋଜନ ଲାଗି ଶ୍ରୀ କୁମାର ମଧ୍ୟ ଓଡ଼ିଶା କ୍ରିକେଟ୍ ସଂଘର ସହଯୋଗ ଲୋଡ଼ିଛନ୍ତି।

ରବିବାର ସଂଧ୍ୟାର ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଲୟୋଲା ସ୍କୁଲ୍‌ର ପ୍ରଧାନଶିକ୍ଷକ ଫାଦର ଏ. ଅମଲଦୋସ, ଏସ୍‌ଜେ ଆଣ୍ଡ ରିଆକ୍ଟର ଫାଦର ଅଗଷ୍ଟିନ୍, ଦଧିଚି ପବ୍ଲିକ୍ ସ୍କୁଲ୍ ଭୁବନେଶ୍ୱରର ଅଧ୍ୟକ୍ଷ ମନୋଜ କୁମାର ଦାସ, ବିବିଏନ୍ ପ୍ଲାଷ୍ଟିକ୍ସର ଅଧ୍ୟକ୍ଷ ଯୁସି ଭଞ୍ଜ ଏବଂ କ୍ରୀଡ଼ା ପରିଚାଳନା କଂପାନି 'ଇନସିଙ୍ଗ୍ ଏଡୁ ସ୍ପୋର୍ଟର ଏଲଏଲପି'ର ସହପ୍ରତିଷ୍ଠାତା ଅଜିଜା ଖାନମ୍ ଓ ସାଗରିକା ମହାପାତ୍ର, ସୁକାନ୍ତ କୁମାର ଦଶ ପ୍ରମୁଖ ଉପସ୍ଥିତ ଥିଲେ।

## କଠିନ ପରୀକ୍ଷାରେ ଗମ୍ଭୀର

# ଚାରି ବରିଷ୍ଠଙ୍କୁ ନେଇ ବଢ଼ୁଛି ଚିନ୍ତା

**ମୁମ୍ବାଇ, ୨୮।୧୦:** ଭାରତୀୟ କ୍ରିକେଟ୍ ଦଳ ଏବେ ପରିବର୍ତ୍ତନ କାଳ ଦେଇ ଗତି କରୁଛି। ଅନ୍ୟୂନ ଚାରିଜଣ ବରିଷ୍ଠ ନିଜନିଜ ଖେଳ ଜୀବନର ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲା ବେଳେ ସଫଳତାର ସହ ସେମାନଙ୍କ ସ୍ଥାନ ପୂରଣ କରିବା ନୂଆ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କ ପାଇଁ କାଠିକର ପାଠ ହେବାକୁ ଯାଉଛି। ଅନ୍ତତଃ ନ୍ୟୁଜିଲାଣ୍ଡ ବିପକ୍ଷ ଶୃଙ୍ଖଳାରୁ ଏହାର ସ୍ପଷ୍ଟ ସଙ୍କେତ ମିଳିଛି। ଦୁଇ ଅଭିଜ୍ଞ ତାରକା ରୋହିତ ଶର୍ମା ଓ ବିରାଟ କୋହଲି ଧୀରେଧୀରେ ସେମାନଙ୍କ ଚମକ ହରାଇ ଚାଲିଥିଲା ବେଳେ ସ୍ପିନର୍ ଆର୍ ଅଶ୍ୱିନ ଓ ଅଲରାଉଣ୍ଡର୍ ରବୀନ୍ଦ୍ର ଜାଡ଼େଜା ମଧ୍ୟ ଆଉ ସେହି ପୁରୁଣା ଫର୍ମରେ ନାହାନ୍ତି। ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି) ଫାଇନାଲ୍ ପ୍ରବେଶ ସୂତାଖିଅରେ ଝୁଲିବା ମଧ୍ୟ ସ୍ଥିତିକୁ ଆହୁରି ଜଟିଳ କରିଛି। ତେବେ ସବୁଠାରୁ ଅଧିକ ସମସ୍ୟା ଆସନ୍ତା ଡବ୍ଲ୍ୟୁଟିସିର ଦୁଇ ବର୍ଷିଆ ଚକ୍ରକୁ ନେଇ ରହିଛି। କାରଣ ସେହି ଚକ୍ର ଶେଷ ବେଳକୁ ଅଶ୍ୱିନଙ୍କୁ ୪୧ ବର୍ଷ ହୋଇଥିବ। ଜାଡ଼େଜା ଏବଂ କୋହଲି ମଧ୍ୟ ୩୯ ବର୍ଷ ଛୁଇଁସାରିଥିବେ। ଏଭଳି ସ୍ଥିତିରେ ଗମ୍ଭୀରଙ୍କୁ ଏବେଠୁ ଯୁବ ଖେଳାଳିଙ୍କୁ ସେହି ଆହ୍ୱାନର ସମ୍ମୁଖୀନ ହେବା ଲାଗି ଉଭୟ ଶାରୀରିକ ଓ ମାନସିକ ଭାବେ ପ୍ରସ୍ତୁତି କରିବାକୁ ହେବ। ବିଶେଷ କରି ବୋଲିଂ ବାହିନୀକୁ ନେଇ ତାଙ୍କୁ ଅଧିକ ଯତ୍ନବାନ ହେବାକୁ ପଡ଼ିବ ବୋଲି ବିଶେଷଜ୍ଞମାନେ ଭବିଷ୍ୟବାଣୀ କରିଛନ୍ତି।

ସେପଟେ ଅଷ୍ଟ୍ରେଲିଆ ଶୃଙ୍ଖଳାକୁ ମହମ୍ମଦ ସାମି ଫେରିଲେ ମଧ୍ୟ ବୟସ ଯୋଗୁଁ ସେ ଆଉ ଭାରତର ଦୀର୍ଘ ମିଆଦି ଯୋଜନାରେ ସାମିଲ ହୋଇ ନପାରନ୍ତି। ମହମ୍ମଦ ସିରାଜ ଓ ଆକାଶ ଦୀପ ଠିକ୍‌ଠାକ୍ ପ୍ରଦର୍ଶନ କରୁଥିଲେ ବି ଉଭୟଙ୍କ ପାଇଁ ସ୍ଥିରତା ଏକ ବଡ଼




ସମସ୍ୟା ଭାବେ ଉଭା ହୋଇଛି। ଆୱେସ ଖାନ ଓ ଖଲିଲ ଅହମ୍ମଦଙ୍କ ଭଳି ବୋଲରଙ୍କ ଫିଟନେସ୍‌କୁ ନେଇ ଏବେଠୁ ସଂଶୟ ସୃଷ୍ଟି ହେଲାଣି। ନଭଦୀପ ସୈନି ଚୟନକର୍ତ୍ତାଙ୍କ ଦୃଷ୍ଟି ଆଢୁଆଳକୁ ଚାଲିଯାଇଥିଲା ବେଳେ ବିଜୁଳି ଭଳି ଗତି ପାଇଁ ପରିଚିତ ଉମ୍ରାନ ମଲ୍ଲିକ ଏକପ୍ରକାର ଦୂର ଦିଗ୍‌ବଳୟରେ ହଜି ଗଲେଣି। ମୁକେଶ କୁମାର, ବୈଶାଖ ବିଜୟକୁମାରଙ୍କ ଭଳି ଉଦୀୟମାନ ବୋଲର ସେତେଟା ପ୍ରତିଶ୍ରୁତିଭରା ପ୍ରଦର୍ଶନ ଦେଇ ପାରୁ ନାହାନ୍ତି। ଏଣୁ ଯଶପ୍ରୀତ୍ ବୁମ୍ରାଙ୍କ ଉପରେ ଚାପ ବଢ଼ିବଢ଼ି ଚାଲିଛି। ସେହିଭଳି ଭାରତୀୟ ଦଳ ଅଲରାଉଣ୍ଡର୍ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସେବାରୁ ଲମ୍ବା ଫର୍ମାଟ୍‌ରେ ବଞ୍ଚିତ ହୋଇ ଆସୁଛି। ଏବେବି ତାଙ୍କ ସ୍ଥାନ ଆପାତତଃ କେହି ନେଇ ପାରି ନାହାନ୍ତି। ଯଶସ୍ୱୀ ଜୟସ୍ୱାଲ ଜଣେ ଦକ୍ଷ ଓପନର ଭାବେ ନିଜକୁ ପ୍ରତିଷ୍ଠିତ କରି ପାରିଛନ୍ତି। ରୋହିତ ଗଲା ପରେ ଦୁଇ ଡାହାଣହାତୀ ବ୍ୟାଟର୍ ଅଭିମନ୍ୟୁ ଈଶ୍ୱରନ୍, ଋତୁରାଜ ଗାଏକ୍ୱାଡ୍ କିମ୍ବା ସାଇ ସୁଦର୍ଶନ ତାଙ୍କ ସ୍ଥାନ ନେବାର ଦକ୍ଷତା ରଖନ୍ତି। ୨୭ ପ୍ରଥମ ଶ୍ରେଣୀ ଶତକ ସହ ଈଶ୍ୱରନ୍ ସବୁଠୁ ବଡ଼ ଦାବିଦାର ଭାବେ ଉଭା ହୋଇଛନ୍ତି। ମହେନ୍ଦ୍ର ସିଂହ ଧୋନିଙ୍କ ସ୍ଥାନରେ ଋଷଭ ପନ୍ତ ଭଲ କରୁଥିଲା ବେଳେ ସର୍ଫରାଜ୍ ଖାନ୍ ମଧ୍ୟ ନିଜ ଅସାଧାରଣ ପ୍ରତିଭାର ପରିଚୟ ଦେଇ ସାରିଛନ୍ତି। ତେବେ ଉଭୟଙ୍କୁ ନିଜ ପ୍ରଦର୍ଶନରେ ଆହୁରି ସ୍ଥିରତା ଆଣିବାକୁ ହେବ। ଜାଡ଼େଜା-ଅଶ୍ୱିନ ଯୁଗର ଶେଷ ପରେ ୱାସିଂଟନ୍ ସୁନ୍ଦର ଓ ଅକ୍ଷର ପଟେଲ ସେମାନଙ୍କ ସ୍ଥାନ ନେଇ ପାରନ୍ତି। ତେବେ ଏଥିଲାଗି ସେମାନଙ୍କୁ ଯେ ଲମ୍ବା ପଥ ଅତିକ୍ରମ କରିବାକୁ ହେବ, ସେଥିରେ ସନ୍ଦେହ ନାହିଁ।

### ଗମ୍ଭୀରଙ୍କୁ ଶାସ୍ତ୍ରୀଙ୍କ ସମର୍ଥନ

ନ୍ୟୁଜିଲାଣ୍ଡଠାରୁ ଭାରତ ଘରୋଇ ପରିବେଶରେ ପ୍ରଥମ ଥର ଶୃଙ୍ଖଳା ହାରିବା ପରେ ପ୍ରଶିକ୍ଷକ ଗୌତମ ଗମ୍ଭୀର ତୀବ୍ର ସମାଲୋଚନାର ସମ୍ମୁଖୀନ ହେଉଛନ୍ତି। ତେବେ ତାଙ୍କ ସମର୍ଥନରେ ବାହାରିଛନ୍ତି ପୂର୍ବତନ ଭାରତୀୟ କ୍ରିକେଟର୍ ତଥା ପ୍ରଶିକ୍ଷକ ରବି ଶାସ୍ତ୍ରୀ। ଏକ ସାକ୍ଷାତକାରରେ ସେ କହିଛନ୍ତି, ଭାରତକୁ ନ୍ୟୁଜିଲାଣ୍ଡ ଉଭୟ ଟେଷ୍ଟରେ ସହଜରେ ପରାସ୍ତ କରିଛି। ଏହା ଅନୁଶୀଳନ ପାଇଁ ଖୋରାକ ସଦୃଶ ହୋଇଛି। ଗମ୍ଭୀର ଏବେଏବେ ପ୍ରଶିକ୍ଷକ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏକ ଦଳ ଯାହାର କୋଟିକୋଟି ଅନୁଗାମୀ ଅଛନ୍ତି, ତାର ପ୍ରଶିକ୍ଷକ ଦାୟିତ୍ୱ ତୁଲାଇବା ଆଦୌ ସହଜ ନୁହେଁ। ଏହା ତାଙ୍କ ପ୍ରଶିକ୍ଷକ ଜୀବନର ପ୍ରାରମ୍ଭିକ କାଳ। ଗମ୍ଭୀର ଆଗକୁ ନିଶ୍ଚିତ ଭାବେ ସଫଳ ପ୍ରତ୍ୟାବର୍ତ୍ତନ କରିବେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଇନର ହାତ...

ଏବଂ ଆୟବହିର୍ଭୂତ ଦୋଷୀ ସାବ୍ୟସ୍ତ ହାର ୮୦ ପ୍ରତିଶତରୁ ଅଧିକ। ଆମ ସରକାର ପ୍ରଯୁକ୍ତିବିଦ୍ୟା, ଭିତ୍ତିଭୂମି ଓ ମାନବ ସମ୍ବଳ ବୃଦ୍ଧି କରି ଓଡ଼ିଶା ଭିଜିଲାନ୍ସକୁ ସୁଦୃଢ଼ କରିବା ପାଇଁ ଅନେକ ପଦକ୍ଷେପ ନେଉଛନ୍ତି। ଭିଜିଲାନ୍ସ ବିଭାଗ ପାଇଁ ୮ଟି ନୂତନ ଅତିରିକ୍ତ ଏସ୍‌ପି ପଦବୀ ଓ ୨୪ ଟି ନୂତନ ଡିଏସ୍‌ପି ପଦବୀ ବୃଦ୍ଧି କରାଯିବ। ଏସବୁ ପଦବୀ ତଦନ୍ତ ଅନୁସନ୍ଧାନ, ତଦାରଖ ଓ ଦୁର୍ନୀତି ମାମଲାର ବିଚାର ପ୍ରକ୍ରିୟାରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବ। ତଦନ୍ତ ଏବଂ ଅନୁସନ୍ଧାନରେ ସହାୟତା କରିବା ପାଇଁ ୧୬ ଜଣ ସବ୍‌ଇନସିପେକ୍ଟରଙ୍କୁ ମଧ୍ୟ ନିୟୋଜିତ କରାଯିବ। ଏହା ସହିତ ୨୪ ଜଣ ଚାଟାର୍ଡ ଆକାଉଣ୍ଟାଟ ଓ ବ୍ୟାଙ୍କିଙ୍ଗ ଓ ସାଇବର ବିଶେଷଜ୍ଞ ମଧ୍ୟ ଅନ୍ତର୍ଭୁକ୍ତ କରାଯିବ। ଭିଜିଲାନ୍ସ ଟିମର ଗତିଶୀଳତା ବୃଦ୍ଧି କରିବା ପାଇଁ ୧୩୫ଟି ନୂତନ ମୋଟରସାଇକେଲ, ୧୫୦ଟି ନୂତନ ଡେସ୍କଟପ/ଲାପଟପ ଯୋଗାଇ ଦିଆଯିବ। ରାଜ୍ୟ ଫରେନସିକ ବିଜ୍ଞାନ ପରୀକ୍ଷାଗାର ନିର୍ଦ୍ଦେଶାଳୟ ମଧ୍ୟରେ ପ୍ରତିଷ୍ଠା କରାଯିବ।

ଦୁର୍ନୀତିଖୋରଙ୍କୁ କଡା ଚେତାବନୀ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ଦୁର୍ନୀତିକୁ କୌଣସି ସ୍ତରରେ ବରଦାସ୍ତ କରାଯିବ ନାହିଁ। କର୍କଟ ରୋଗକୁ ଠିକ୍ କରିବାକୁ ହେଲେ ଯେଭଳି ପ୍ରଭାବିତ ସ୍ଥାନକୁ ସର୍ଜରୀ ମାଧ୍ୟମରେ କାଢ଼ିବାକୁ ପଡେ ଠିକ୍ ସେହିଭଳି ସଭ୍ୟ ସମାଜରୁ ଦୁର୍ନୀତିଖୋରଙ୍କୁ ବାହାର କରି ଜେଲ୍‌କୁ ପଠାଇବାର ବ୍ୟବସ୍ଥା ରହିଛି। ଆମ ସରକାର ଆସିବାର ୧୪୦ ଦିନ ମଧ୍ୟରେ ୬ ଜଣ ମୁଖ୍ୟ ଯନ୍ତ୍ରୀଙ୍କ ବିରୋଧରେ ଆୟବହିର୍ଭୂତ ସମ୍ପତ୍ତି ଠୁଳ କରିବା ଅଭିଯୋଗ ମାମଲା ରୁଜୁ କରାଯାଇ ଗିରଫ କରାଯାଇଛି। ସେମାନଙ୍କ ସମ୍ପତ୍ତି ଜବତ କରାଯାଇଛି। ଭିତ୍ତିଭୂମି କାମ ସବୁ ନିମ୍ନମାନର ହେଉଥିଲା। ସରକାରୀ ଅର୍ଥ ବାଟ ମାରଣା ହେଉଥିଲା। ଏହାବାଦ୍ ବିଭିନ୍ନ ବର୍ଗର ପ୍ରାୟ ୨୦ ଜଣ ଅଧିକାରୀଙ୍କୁ ଦୁର୍ନୀତି ଅଭିଯୋଗରେ ଗିରଫ କରାଯାଇଛି।

ସେକାଳ ପଖାଳ ଆଉ ନାହିଁ । ଦୁର୍ନୀତି ଆଜି ଦୁର୍ନୀତିଖୋରଙ୍କ ପାଇଁ ଇତିହାସ ହୋଇ ସାରିଛି। ଦୁର୍ନୀତି ବିରୋଧରେ ଲଢେଇ କେବଳ ଲୋକସେବା ଭବନ ଅଥବା ଭୁବନେଶ୍ୱରରେ ସୀମିତ ନ ରହି ତୃଣମୂଳ ପର୍ଯ୍ୟନ୍ତ ନେବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଆଜି ଜିଲ୍ଲା ସ୍ତରରେ ହେଉଥିବା ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳ ମାନଙ୍କୁ କ୍ଷମତାପନ୍ନ କରାଯାଇଛି। ଦୁର୍ନୀତି ବିରୋଧରେ ଲଢେଇ କରିବା ପାଇଁ ଆମ ସରକାର ଉଭୟ ଟପ ଡାଉନ ଓ ବଟମ ଅପ୍ ଆଭିମୁଖ୍ୟ କାର୍ଯ୍ୟକାରୀ କରିଛନ୍ତି। ଦୁର୍ନୀତିର ଚେର ଆଜି ରାଜ୍ୟରେ ମଜଭୁତ ହେଇଯାଇଛି। ଏହାକୁ ଗୋଟିଏ ଦିନ ବା ମାସ ବା ବର୍ଷରେ ବନ୍ଦ କରିହେବ ନାହିଁ। ଏଥିପାଇଁ ନିରନ୍ତର ସଂଗ୍ରାମ ଚାଲିବା ଦରକାର। ଆମେ ଯଦି ସାଧୁତାର ସହ କର୍ତ୍ତବ୍ୟ ପାଳନ କରୁଥିବା ତେବେ ଆମେ ମଧ୍ୟ ଅନ୍ୟ ପାଇଁ ଉଦାହାରଣ ହେବା, ପ୍ରଶଂସନୀୟ ହେବା। ବାତ୍ୟା ସମୟରେ ନିଜ କର୍ତ୍ତବ୍ୟକୁ ସଠିକ୍ ଭାବେ ପାଳନ କରିଥିବା ରାଜନଗରର ଆଶା କର୍ମୀ ଶିବାନୀ ମଣ୍ଡଳ ହେଉଛନ୍ତି ତାର ଜ୍ୱଳନ୍ତ ଉଦାହରଣ। ଶେଷରେ ମୁଖ୍ୟମନ୍ତ୍ରୀ କହିଥିଲେ, ୨୦୨୯ ମଧ୍ୟରେ ଭାରତର ୫ ସମୃଦ୍ଧ ରାଜ୍ୟ ମଧ୍ୟରେ ଓଡ଼ିଶାକୁ ସ୍ଥାନିତ କରିବା ଲକ୍ଷ୍ୟରେ ଆମେ ଆଗକୁ ବଢୁଛୁ। ଅତୀତର ସମୃଦ୍ଧ ଓଡ଼ିଶାକୁ ସ୍ମରଣ କରି ୨୦୩୬ରେ ବିକଶିତ ଓଡ଼ିଶା ଗଠନ ପାଇଁ ଆମକୁ ଆଗକୁ ବଢିବାକୁ ପଡିବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରେଷ୍ଠ ଦୁର୍ନୀତି ନିବାରଣ ଡିଭିଜନ୍ ଭାବେ କୋରାପୁଟ ଡିଭିଜନକୁ, ଶ୍ରେଷ୍ଠ ୟୁନିଟ୍ ଭାବେ ବଲାଙ୍ଗିର ଡିଭିଜନକୁ, ଶ୍ରେଷ୍ଠ ତଦନ୍ତକାରୀ ଅଫିସର ଭାବେ ବାଲେଶ୍ୱର ଡିଭିଜନର ଡିଏସ୍‌ପି ଦୁଷ୍ମନ୍ତ କୁମାର ନାୟକ, ଶ୍ରେଷ୍ଠ ମହିଳା ତଦନ୍ତକାରୀ ଅଫିସର ଭାବେ ବ୍ରହ୍ମପୁର ଡିଭିଜନର ଶ୍ରୀମତୀ ସବିତାଞ୍ଜଳି ନାୟକ ଏବଂ ଶ୍ରେଷ୍ଠ ପବ୍ଲିକ ପ୍ରୋସିକ୍ୟୁଟର ଭାବେ ଭୁବନେଶ୍ୱରର ହେମନ୍ତ କୁମାର ସ୍ୱାଇଁ ଙ୍କୁ ପୁରସ୍କୃତ କରିଥିଲେ।

କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଲେ, ଦୁର୍ନୀତି ରୋକିବା ପାଇଁ ଆମକୁ ସରକାରୀ ଢାଞ୍ଚାରେ ପରିବର୍ତ୍ତନ ଆଣିବା ଦରକାର। ସବୁଥିରେ ସ୍ୱଚ୍ଛତା ରହିବା ଦରକାର ଏବଂ ନାଗରିକମାନଙ୍କୁ ସରକାରୀ ସିଷ୍ଟମ ସହ ଯୋଡିବା ଦରକାର।

ଦୁର୍ନୀତି ନିବାରଣ ବିଭାଗର ନିର୍ଦ୍ଦେଶକ ଯଶୋବନ୍ତ କୁମାର ଜେଠ୍ୱା ସ୍ୱାଗତ ଭାଷଣ ଦେଇ କହିଥିଲେ ଯେ ଆଜିର ଏହି ଦୁର୍ନୀତି ବିରୋଧରେ ଶପଥ ପାଠର ଗୁଞ୍ଜରଣ ଗର୍ଜନରେ ପରିଣତ ହେବ। ଚଳିତ ବର୍ଷ 'ସତ୍ୟ ନିଷ୍ଠ ସଂସ୍କୃତି ହିଁ ରାଷ୍ଟ୍ର ସମୃଦ୍ଧିର ଭିତ୍ତି' ବିଷୟବସ୍ତୁ ଉପରେ ଅକ୍ଟୋବର ୨୮ରୁ ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି। ରାଜ୍ୟର ସ୍ଥାୟୀ ବିକାଶକୁ ସୁନିଶ୍ଚିତ କରିବା ଓ ଗରିବ ଲୋକଙ୍କ ମୁହଁରେ ହସ ଆଣିବା ପାଇଁ ଦୁର୍ନୀତି ବିରୋଧରେ ନିରନ୍ତର ଲଢେଇର ଆବଶ୍ୟକତା ରହିଛି।

ଦୁର୍ନୀତି ନିବାରଣ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଅସୀତ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ସଚିବ ସ୍ତରୀୟ ଅଧିକାରୀ, ଆଭାସୀ ମାଧ୍ୟମ ରେ ସମସ୍ତ ଜିଲାପାଳ,ବରିଷ୍ଠ ପୋଲିସ ଅଧିକାରୀ, ଭିଜିଲାନ୍ସ ଅଧିକାରୀ, ପୂର୍ବତନ ବରିଷ୍ଠ ଅଧିକାରୀ, ଏବଂ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

### ବିଜେଡିକୁ ...

ଯୋଜନାରେ ସାମିଲ ହେବେ ସେମାନଙ୍କ ପରିବାରର ସଦସ୍ୟମାନେ ସ୍ୱାଭାବିକ ଭାବେ ବିଜେପି ପ୍ରତି ଢଳିବେ ।

ଏହା ପୂର୍ବରୁ ନିର୍ବାଚନ ପ୍ରତିଶ୍ରୁତି ମୁତାବକ ବିଜେପି ରାଜ୍ୟରେ ସୁଭଦ୍ରା ଯୋଜନା କାର୍ଯ୍ୟକାରୀ କରିବା ସହିତ ଏଥିରେ ଏକ କୋଟି ୨୦ଲକ୍ଷ ଲୋକଙ୍କୁ ପଞ୍ଜିକୃତ କରିସାରିଛି । ସେମାନଙ୍କୁ ପର୍ଯ୍ୟାୟକ୍ରମେ ୫୦୦୦ ଟଙ୍କା କରି ଦିଆଯାଉଥିବାବେଳେ ୫ବର୍ଷରେ ଜଣେ ମହିଳା ଏହି ଯୋଜନାରେ ୫୦ହଜାର ଟଙ୍କା କରି ପାଇବେ। ତେଣୁ ବିଜେପିର ଏହି ଯୋଜନା ବିଜେଡିର ମହିଳା ଭୋଟବ୍ୟାଙ୍କ୍ ଉପରେ ପ୍ରହାର କରିଛି । ପ୍ରଥମେ ମହିଳାମାନେ ବିଜେଡି ଭାଡିରୁ ଧିରେ ଧିରେ ଖାଲି ହେଉଥିବାବେଳେ ଏବେ ଏହି ତାଲିକାରେ ବୟସ୍କ ଓ ଅନ୍ୟମାନେ ରହିବେ ।

ଉଲ୍ଲେଖନୀୟ ଯେ ବିଜେଡି ସରକାର ସମୟରେ ବିଏସ୍କେୱାଇ ଯୋଜନା କାର୍ଯ୍ୟକାରୀ ହେଉଥିବାବେଳେ ଏଥିରେ ପୁରୁଷଙ୍କ ପାଇଁ ୫ଲକ୍ଷ ଏବଂ ମହିଳାଙ୍କ ପାଇଁ ୧୦ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟସେବା ସୁବିଧା ଯୋଗାଇ ଦିଆଯାଉଥିଲା । ଏହା ସ୍ୱାସ୍ଥ୍ୟବୀମା ନଥିଲା ।

ଏଥିରେ ରୋଗୀଙ୍କ ଅପେକ୍ଷା କର୍ପୋରେଟ ଡାକ୍ତରଖାନାମାନେ ଅଧିକ ଲାଭବାନ ହେଉଥିବାବେଳେ ଆୟୁଷ୍ମାନ ଯୋଜନା ସ୍ୱାସ୍ଥ୍ୟବୀମା ହୋଇଥିବାରୁ କର୍ପୋରେଟ ଡାକ୍ତରଖାନାଗୁଡିକ ଆଉ ପୂର୍ବଭଳି ପଇସା ଛାଣିପାରିବେ ନାହିଁ । ତେଣୁ ରାଜ୍ୟର ଅଧିକାଂଶ କର୍ପୋରେଟ ଡାକ୍ତରଖାନା ଏବେ ଚିନ୍ତାରେ। ଆୟୁଷ୍ମାନ ଯୋଜନାରେ ବିଜେଡି ଭାଡି ଖାଲିହେବା ସୂଚନା ପାଇବାପରେ ଦଳର ମୁଖପାତ୍ରମାନେ ଏବେ ଆୟୁଷ୍ମାନ ଯୋଜନାକୁ ଗାଳି ଦେବାରେ ଲାଗିଛନ୍ତି । ତେବେ ବିଏସ୍କେୱାଇରୁ ଗୋପବନ୍ଧୁ ଆରୋଗ୍ୟ ଯୋଜନା ହୋଇଥିବା ସ୍ୱାସ୍ଥ୍ୟସେବା ସୁବିଧା ପୂର୍ବବତ୍ ଜାରି ରହିବ ବୋଲି ରାଜ୍ୟ ସରକାର ସ୍ପଷ୍ଟ କରିଥିବାରୁ ବିଜେଡି ମୁହଁର ଗାଳି କର୍ପୋରେଟ ଡାକ୍ତରଖାନାମାର ଭାଷା ବୋଲି ଏବେ କୁହାଗଲାଣି । ତେବେ ଆୟୁଷ୍ମାନ ଯୋଜନା ଲାଗୁପରେ କେବଳ ଓଡ଼ିଶାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବଡ ପରିବର୍ତ୍ତନ ଆସିବନାହିଁ, ବିଜେପିକୁ ମଧ୍ୟ ବଡ ରାଜନୈତିକ ଫାଇଦା ମିଳିବ ବୋଲି ଆକଳନ କରାଗଲାଣି ।

### ଗ୍ରାଉଣ୍ଡ୍ ଜିରୋରେ...

ମୁକାବିଲାରେ ଲାଗି ପଡିଥିଲେ । ଦୀର୍ଘଦିନ ପରେ ବାତ୍ୟାଞ୍ଚଳର ଲୋକେ ବାତ୍ୟା ସମୟରେ ସେମାନଙ୍କ ନେତାଙ୍କୁ ପାଖରେ ପାଇ ଅଧିକ ସାହସୀ ହୋଇଥିଲେ। ଏଣେ ମୋହନ ରାଜଧାନୀରେ ବାତ୍ୟାର ଟିକିନିଖି ଖବର ରଖିବା ସହିତ ବାରମ୍ବାର ଏସ୍‌ଆରସି ଦପ୍ତରକୁ ଯାଉଥିଲେ । ବାତ୍ୟାଞ୍ଚଳକୁ ଯାଉଥିବା ରିଲିଫ ସାମଗ୍ରୀର ତଦାରଖ ସମୟରେ ନିଜେ ରିଲିଫ୍ ଚୂଡାକୁ ଖାଇ ତାହାର ମାନ ପରଖିଥିଲେ । ଖୋଦ୍ ମୁଖ୍ୟମନ୍ତ୍ରୀ ରାତି ଅନିଦ୍ରା ହୋଇ ବାତ୍ୟାର ଗତିବିଧି ଉପରେ ନଜର ରଖିବା ଫଳରେ ପୂରା ପ୍ରଶାସନ ସତର୍କ ଓ ସଜାଗ ଥିଲା ।

ଅନ୍ୟ ପକ୍ଷରେ ପୂର୍ବରୁ ଆସିଥିବା ବାତ୍ୟା ସମୟରେ ବାବୁମାନଙ୍କ ଉପରେ ସମସ୍ତ ଦାୟିତ୍ୱ ଦେଇ ମୁଖ୍ୟମନ୍ତ୍ରୀ ନୀବନ ଏବଂ ତାଙ୍କ ମନ୍ତ୍ରୀ, ବିଧାୟକମାନେ ନିଶ୍ଚିତରେ ରହୁଥିଲେ। ବାବୁଙ୍କ ଭୟରେ ନେତାମାନେ ଏକ ପ୍ରକାର ଘରେ ରହୁଥିଲେ। କାଳେ ଲୋକେ କ'ଣ ଭାବିବେ ସେଥିପାଇଁ ରାତିବେଳା ନବୀନ ସୁରକ୍ଷା ବଳୟରେ ଏସ୍‌ଆରସି ଦପ୍ତରକୁ ଆସି ଫଟୋ ଉଠାଇ ପଳାଉଥିଲେ । ଫଟୋ ଉଠା ସମୟରେ ଭିତରକୁ ଗଣମାଧ୍ୟମକୁ ସହଜରେ ଛଡାଯାଉନଥିଲା। ସ୍ଥିତି ଏଭଳି ଥିଲା ଯେ ଏକଦା ନବୀନଙ୍କ ବାତ୍ୟାଞ୍ଚଳ ପରିଦର୍ଶନକୁ ନେଇ ଗଣମାଧ୍ୟମରେ ହେଲିକାପ୍ଟର ଉଡାଣ ବିବାଦ ହୋଇଥିଲା ।

ବିଜେଡି ସରକାର ସମୟରେ ବାତ୍ୟାରୁ କିଭଳି ଭରପୂର ପ୍ରଚାର ମିଳିବ ସେଥିପାଇଁ ବାବୁମାନେ ପୂରା ଦମ୍‌ରେ ଲାଗି ପଡୁଥିଲେ। ମନ୍ତ୍ରୀ, ବିଧାୟକମାନଙ୍କୁ ନପଚାରି ନିଜେ ସବୁ କରୁଥିଲେ ଏବଂ ଏଥିପାଇଁ ନିଜେ ପ୍ରଶଂସା ବି ଯୋଗାଡ କରୁଥିଲେ ।

ବାତ୍ୟା ପରେ ପରେ ସଫଳ ମୁକାବିଲାର ସାର୍ଟିଫିକେଟ ପାଇ ତାହାର ବି ଜୋରଦାର ପ୍ରଚାର କରୁଥିଲେ। ତେଣୁ ବାତ୍ୟା ଦାନା ସମୟରେ ଏବେ ବିଜେପିର ବାତ୍ୟା ମୁକାବିଲା ରଣକୌଶଳ ଦେଖି ବିଜେଡି ଘନ ଘନ ସାମ୍ବାଦିକ ସମ୍ମିଳନୀକରି ବିଜେପିକୁ ଗାଳିଦେବା ସହିତ ଶ୍ୱେତପତ୍ର ଜାରି ପାଇଁ କହିଛି । ତେବେ ଏଭଳି ରାଜନୀତି ପଛର ଏକମାତ୍ର କାରଣ ହେଲା ନବୀନ ଭାବମୂର୍ତ୍ତି ରକ୍ଷା ସହିତ ମୋହନଙ୍କ ଭାବମୂର୍ତ୍ତି ମଳିନ କରିବା । ତେବେ ବାତ୍ୟାଞ୍ଚଳ ଲୋକେ ସବୁ ଦେଖୁଛନ୍ତି ଏବଂ ସେମାନେ ହିଁ ଏହାର ଉତ୍ତରଦେବେ ବୋଲି ବିଜେପି ନେତାମାନେ କହୁଛନ୍ତି।

### ୫ ବର୍ଷରେ...

ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବନ୍ଧ ସୁରକ୍ଷା ଓ ସୁଦୃଢ଼ୀକରଣ, ବନ୍ଧର ସାମଗ୍ରିକ ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି, ବନ୍ଧର ସ୍ଥାୟିତ୍ୱ ତଥା ବୟସସୀମା ବୃଦ୍ଧି, ଜଳବ୍ୟବହାର ଦକ୍ଷତା ବୃଦ୍ଧି ଓ ଚାହିଦା ଅନୁଯାୟୀ ଜଳଯୋଗାଣ ଆଦି ବୋଲି ସଂକଳ୍ପପତ୍ରରେ ଉଲ୍ଲେଖ ରହିଛି ।

୨୦୨୪-୨୫ ଆର୍ଥିକ ବର୍ଷରେ ଏହି ଯୋଜନାରେ ୪୧.୭୫କୋଟି, ୨୦୨୫-୨୬ରେ ୪୭.୧୫କୋଟି, ୨୦୨୬-୨୭ରେ ୪୩.୭୫କୋଟି, ୨୦୨୭-୨୮ରେ ୩୬.୫୦କୋଟି ଓ ୨୦୨୮-୨୯ରେ ୩୦.୮୫କୋଟି ଟଙ୍କା ଟଙ୍କା ଖର୍ଚ୍ଚ ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଛି।

### ବିବାଦରେ...

ଭିତରେ ଫଟୋ ଉଠାଇଥିଲେ ଓ ଭିଡିଓ ସୁଟ କରିଥିଲେ। ସଂପୃକ୍ତ ବ୍ୟକ୍ତି ମଧ୍ୟ ଆଇ-କାର୍ଡ ପକାଇଥିବା ଦେଖାଯାଇଛି। ଶୀଲ୍ପା ଏସବୁ ସୋସାଲ ମିଡିଆରେ ପୋଷ୍ଟ କରିବା ପରେ ଲୋକଲୋଚନକୁ ଆସିଛି। କଡ଼ା ସୁରକ୍ଷା ସତ୍ତ୍ୱେ ଶୀଲ୍ପା ସେଟ୍ଟୀ କିପରି ଲିଙ୍ଗରାଜ ମନ୍ଦିରକୁ ମୋବାଇଲ ନେଇକି ଗଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସାଧାରଣ ଶ୍ରଦ୍ଧାଳୁଙ୍କ ପାଇଁ ଗୋଟିଏ ନିୟମ ଓ ସେଲିବ୍ରିଟିଙ୍କ ପାଇଁ ଭିନ୍ନ ନିୟମ କି ବୋଲି ପ୍ରଶ୍ନ ଉଠିଛି। ଏଭଳି ଘଟଣାକୁ ନେଇ ଶ୍ରଦ୍ଧାଳୁ ଓ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

### ଏଟା କେବଳ ...

୨୮ ଲକ୍ଷ ଟଙ୍କା ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗରେ ୪୬ଜଣ ବ୍ୟକ୍ତିଙ୍କ ବିରୋଧରେ ୨୬ଟି ମାମଲା ରୁଜୁ ହୋଇଛି। ସେମାନଙ୍କ ମଧ୍ୟରେ ୧୫ଜଣ ପ୍ରଥମ ଶ୍ରେଣୀ, ୬ଜଣ ଦ୍ୱିତୀୟ ଶ୍ରେଣୀ, ୬ ଜଣ ତୃତୀୟ ଶ୍ରେଣୀ, ଦୁଇ ଜଣ ଅନ୍ୟ ଲୋକସେବକ ଓ ୧୭ ଜଣ ସାଧାରଣ ବ୍ୟକ୍ତି ରହିଛନ୍ତି। ଆୟ ବହିର୍ଭୁତ ସମ୍ପତି ଠୁଳ ମାମଲା ତାଲିକାରେ ଥିବା ଅଧିକାରୀଙ୍କ ମଧ୍ୟରେ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ପ୍ରତାପ କୁମାର ରଥ, ସହକାରୀ ଯନ୍ତ୍ରୀ ପ୍ରସନ୍ନ କୁମାର ସ୍ୱାଇଁ, ମୁଖ୍ୟଯନ୍ତ୍ରୀ ତାରାପ୍ରସାଦ ମିଶ୍ର, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରଭାସ କୁମାର ପ୍ରଧାନ, ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସୁନୀଲ କୁମାର ରାଉତ, ଖଣି ଉପନିର୍ଦ୍ଦେଶକ ଧରଣୀଧର ନାୟକ, ମୁଖ୍ୟଯନ୍ତ୍ରୀ ଏନ.ଭି. ହରିହର ରାଓ, ମୁଖ୍ୟଯନ୍ତ୍ରୀ କୈଳାଶ ଚନ୍ଦ୍ର ସାହୁ, ଯୁଗ୍ମ ଅବକାରୀ କମିଶନର ରାମଚନ୍ଦ୍ର ମିଶ୍ର ଏବଂ ବିଡିଓ ପ୍ରତାପ କୁମାର ସାହୁ ରହିଛନ୍ତି। ଏଥିମଧ୍ୟରେ ପ୍ରଦୀପ କୁମାର ରଥଙ୍କର ୧୦ କୋଟିରୁ ଉର୍ଦ୍ଧ୍ୱ ଆୟ ବହିର୍ଭୁତ ସମ୍ପତ୍ତି ମିଳିଥିବା ବେଳେ ବିଡିଓ ପ୍ରତାପ ସାହୁଙ୍କର ଏକ କୋଟି ୬୦ ଲକ୍ଷରୁ ଅଧିକ ଆୟ ବହିର୍ଭୁତ ସମ୍ପତ୍ତି ମିଳିଛି।

## ବୁଡିବାକୁ ବସିଲାଣି କୌଳିକ ବୃତ୍ତି

# ରଙ୍ଗ ବେରଙ୍ଗର ଲାଇଟ୍ ସାମ୍ନାରେ ହଜିଯାଉଛି ମାଟି ଦୀପ



**ଅସ୍ତରଙ୍ଗ/କାକଟପୁର, ୨୮।୧୦ (ସଂଚାର ବ୍ୟୁରୋ) :** ଆଉ କିଛି ଦିନ ପରେ ଆଲୋକର ପର୍ବ ଦୀପାବଳୀ। ଅନ୍ଧାର ଉପରେ ଆଲୋକର ବିଜୟର ଏହି ପର୍ବ। ଦୀପ ଆଲୁଅରେ ଝଲସିବ ଅମାବାସ୍ୟାର ଅନ୍ଧକାର ରାତି। ଘରେ ମାଟି ଦୀପ ଲଗାଇ ଏହିଦିନ ଅନ୍ଧାରକୁ ଦୂର କରାଯାଇଥାଏ। କିନ୍ତୁ ଏଇ ମାଟି ଦୀପ ତିଆରି କରୁଥିବା କୁମ୍ଭକାରଙ୍କ ଘର ଓ ତାଙ୍କ ଜୀବନର ଅନ୍ଧକାରକୁ ଦୂର କରିବାକୁ କେହି ମଧ୍ୟ ଚିନ୍ତା କରନ୍ତି ନାହିଁ। ଏବେ ଆଧୁନିକତା ଚାକଚକ୍ୟରେ ହଜିଯାଇଛି ମାଟିଦୀପ ଓ ତାର ଚାହିଦା। ଯାହାକୁ ନେଇ ଚିନ୍ତାରେ ଅସ୍ତରଙ୍ଗ ବ୍ଲକ ଓସ୍ତପୁର ଗ୍ରାମର ୪୦ରୁ ଊର୍ଦ୍ଧ ମାଟି ଦୀପ କାରିଗର।

ପରିବର୍ତ୍ତନ ଦୁନିଆରେ ସହର ହେଉ ବା ଗାଁରେ ବସବାସ କରୁଥିବା ଲୋକେ ଏବେ ମାଟି ଦୀପରୁ ମୁହଁଫେରାଇ ନେଇ ଚାଇନା ଲାଇଟ୍ ଆଡକୁ ମୁହାଁଉଛନ୍ତି। ଫଳରେ କୁମ୍ଭକାର ପରିବାର ବେଉସା ହରାଉଛନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଂଚଳର ମାଟି ଦୀପ କାରିଗର ଦୀପାବଳି ପାଇଁ ତିଆରି କରୁଛନ୍ତି ଭଳିକି ଭଳି ମାଟି ଦୀପ। କିନ୍ତୁ ଏ ଦୀପ ବିକ୍ରି ହେବକି ନାହିଁ ତାହାକୁ ନେଇ ଚିନ୍ତାରେ କାରିଗର। ଗୋଟେ ପଟେ ଚାଇନା ଲାଇଟ୍ ଚାହିଦା ଅନ୍ୟ ପଟେ ଏହି ମାଟି କାରିଗରର ପୁରା ପରିବାର ଲାଗି ପଡିଲେ ମଧ୍ୟ ଉଚିତ ମୂଲ୍ୟ ପାଉନାହାନ୍ତି। ଏ ନେଇ ଓସ୍ତପୁର ଗ୍ରାମର ଦୀପ କାରିଗର ଭ୍ରମରବର ମୁଦୁଲି କହିଛନ୍ତି ଦୀପାବଳି ପାଇଁ ଆମେ ମାଟି ଦୀପ ତିଆରି କରିଛୁ କିନ୍ତୁ ତାହା ସମ୍ପୂର୍ଣ ବିକ୍ରି ହୋଇ ପାରୁନାହିଁ। ଫଳରେ ପରିବାର ପ୍ରତିପୋଷଣ ପାଇଁ ଚିନ୍ତାରେ ରହିଛୁ। ସରକାର କୁମ୍ଭକାର ପରିବାର କୌଣସି ପ୍ରକାର ସହାୟତା କରୁନାହାନ୍ତି।

ମାଟି ଦୀପରୁ ମୁହଁ ଫେରାଇ ନେଇ ଲୋକମାନେ ଚାଇନା ଲାଇଟ୍ ଆଡକୁ ମୁହାଁଉଛନ୍ତି। ପୂଜା ପାର୍ବଣ ଠାରୁ ବିଭିନ୍ନ ଶୁଭ କାର୍ଯ୍ୟରେ ମାଟିଦୀପ ଚାହିଦା ଅଧିକ ରହିଥାଏ କିନ୍ତୁ ଏହାକୁ ନିର୍ମାଣ କରୁଥିବା କୁମ୍ଭକାର ବୃତ୍ତିଜୀବୀ ଏବେ ସଙ୍କଟରେ ଗତି କରୁଛନ୍ତି। ଅଧିକ ପରିଶ୍ରମ ଲାଭ କମ୍ ଉଚିତ ପରିମାଣ ମାଟି ମଧ୍ୟ ପୂର୍ବଭଳି ମିଳୁନି। ସରକାର ଏହି କୁମ୍ଭାର ପରିବାର ପ୍ରତି କିଛି ସ୍ୱତନ୍ତ୍ର ବ୍ୟବସ୍ଥା କରିବା ସହ ଦୃଷ୍ଟିଦେବାକୁ ଜନସାଧାରଣ ଦାବି କରିଛନ୍ତି।

## ଦୁର୍ନୀତି ନିବାରଣ ସପ୍ତାହ
# ଶପଥ ନେଲେ ଅଫିସର ଓ କର୍ମଚାରୀ



**ନୟାଗଡ଼, ୨୮।୧୦ (ସଂଚାର ବ୍ୟୁରୋ) :** ଦୁର୍ନୀତି ନିବାରଣ ସପ୍ତାହକୁ ଉଦଘାଟନ କଲେ ମୁଖ୍ୟମନ୍ତ୍ରୀ । ଲୋକସେବା ଭବନରେ ଉଦଘାଟନ କଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି । ଆଜି ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଭିଡିଓ କନଫେରେନ୍ସ ଜରିଆରେ ଅଧିକାରୀ ଓ କର୍ମଚାରୀ ମାନେ ଦୁର୍ନିତି ନିବାରଣ ସପ୍ତାହ ଉପଲକ୍ଷେ ଶପଥ ପାଠ କରିଛନ୍ତି । ମୁଁ ବିଶ୍ୱାସ କରେ ଯେ, ଆମ ଦେଶର ଆର୍ଥିକ, ରାଜନୈତିକ ଏବଂ ସାମାଜିକ ପ୍ରଗତି ପଥରେ ଦୁର୍ନୀତି ହିଁ ସବୁଠୁ ବଡ଼ ପ୍ରତିବନ୍ଧକ । ମୁଁ ବିଶ୍ୱାସ କରେ ଯେ, ଦୁର୍ନିତିର ମୂଳୋତ୍ପାଟନ ନିମନ୍ତେ ସମସ୍ତ ଅଂଶୀଦାର ଯଥା ସରକାର, ନାଗରିକ ସମୁଦାୟ ତଥା ଘରୋଇ କ୍ଷେତ୍ର ଏକତ୍ର ହୋଇ କାର୍ଯ୍ୟ କରିବା ଆବଶ୍ୟକ। ମୁଁ ଅନୁଭବ କରେ ଯେ, ପ୍ରତ୍ୟେକ ନାଗରିକ ସବୁ ସମୟରେ ସତର୍କତା ସହିତ ସର୍ବାଧିକ ସାଧୁତା ଓ ସତ୍ୟନିଷ୍ଠାରେ ପ୍ରତିବଦ୍ଧ ରହି ଦୁର୍ନୀତି ବିରୁଦ୍ଧରେ ସଂଗ୍ରାମକୁ ସମର୍ଥନ କରିବା ଉଚିତ୍ । ମୁଁ ସେଥିପାଇଁ ଶପଥ ନେଉଅଛି ଯେ, ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସଚ୍ଚୋଟତା ଏବଂ ଆଇନର ଶାସନକୁ ଅନୁପାଳନ କରିବି। ଉତ୍କୋଚ ନେବି ନାହିଁ କିମ୍ବା ଦେବି ନାହିଁ । ସମସ୍ତ ଦାୟିତ୍ୱକୁ ସାଧୁତା ଏବଂ ସ୍ୱଚ୍ଛତାର ସହ ସମ୍ପାଦନ କରିବି । ଜନ ସାଧାରଣଙ୍କ ହିତ ସାଧନ ପାଇଁ କାର୍ଯ୍ୟ କରିବି । ନିଜ ବ୍ୟକ୍ତିଗତ ଆଚରଣରେ ଦୃଷ୍ଟାନ୍ତ ମୂଳକ ସାଧୁତା ବଜାୟ ରଖି ଉଦାହରଣ ହେବି। ଦୁର୍ନୀତି ସମ୍ପର୍କିତ କୌଣସି ଘଟଣା ଉପଯୁକ୍ତ କର୍ତୃପକ୍ଷଙ୍କୁ ଅବଗତ କରାଇବି । ଆଜି ଏହି ଭଳି ଭାବେ ଶପଥ ପାଠ କରିଛନ୍ତି ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ମାନେ। ନୟାଗଡ଼ ଆରକ୍ଷୀ ଅଧୀକ୍ଷକ ଏସ ସୁଶ୍ରୀ, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁବାଷ ପଣ୍ଡାଙ୍କ ସମେତ ବହୁ ପୁଲିସ ଅଧିକାରୀ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ବିଭିନ୍ନ ଅଧିକାରୀ ଓ କର୍ମଚାରୀ ମାନେ ଶପଥ ପାଠ କରିଥିଲେ ।

# ଦୁର୍ନୀତି ନିବାରଣ ସଚେତନତା ଶପଥପାଠ



**ଜଗତସିଂହପୁର, ୨୮।୧୦ (ସଂଚାର ବ୍ୟୁରୋ) :** ରାଜ୍ୟସ୍ତରରେ ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଦୁର୍ନୀତି ନିବାରଣ ସଚେତନତା ଶପଥପାଠ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଦୁର୍ନୀତି ରୂପକ ରୋଗକୁ ମଧୁମେହ ସହ ତୁଳନା କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ଏହାର ପ୍ରଭାବ ପ୍ରଥମେ ଜଣାନପଡ଼ିଲେ ମଧ୍ୟ ଏହା ଭିତରେ ଭିତରେ ରାଜ୍ୟର ଭିତ୍ତଭୂମିକୁ ଦୁର୍ବଳ କରିଦେଇଥାଏ। ଏହି ପରିପ୍ରେକ୍ଷୀରେ 'ସତ୍ୟନିଷ୍ଠ ସଂସ୍କୃତି ହିଁ ରାଷ୍ଟ୍ର ସମୃଦ୍ଧି ର ଭିତ୍ତି' ମୂଳମନ୍ତ୍ର ସହ ଜିଲ୍ଲା ସ୍ତରରେ ଜିଲ୍ଲାପାଳ ଜେ ସୋନାଲ, ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦଗାତା, ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ, ଜିଲ୍ଲାର ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ, ଦୁର୍ନୀତି ନିବାରଣ ବିଭାଗ ର ଅଧିକାରୀମାନେ ଉପସ୍ଥିତ ରହି ସାଧୁତାର ଶପଥପାଠ କରିଥିଲେ। ଏହାପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦଭାବନା ସଭାଗୃହ ଠାରେ ଡେପୁଟୀ କଲେକ୍ଟର ତୃପ୍ତିମୟୀ ପ୍ରଧାନ, କାର୍ଯ୍ୟାଳୟର ସମସ୍ତ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ଦୁର୍ନୀତି ନିବାରଣର ଶପଥପାଠ କରାଇଥିଲେ। ଜିଲ୍ଲାର ସମସ୍ତ ବିଭାଗୀୟ କାର୍ଯ୍ୟାଳୟ, ବ୍ଲକ୍, ମିଶନ ଶକ୍ତି ମହିଳା ମାନଙ୍କ ଦ୍ୱାରା ମଧ୍ୟ ଏହି ଶପଥ ପାଠ ହୋଇଥିଲା। ଦେଶର ପ୍ରଗତି ପଥରେ ପ୍ରତିବନ୍ଧକ ସାଜିଥିବା ଦୁର୍ନୀତି ର ମୂଳୋତ୍ପାଟନ ପାଇଁ ନିଜର ଆଚରଣରେ ସଚ୍ଚୋଟତା ଓ ଆଇନର ଶାସନ କୁ ଅନୁପାଳନ କରି ସମସ୍ତ ଦାୟିତ୍ୱକୁ ସାଧୁତା ଏବଂ ସ୍ୱଚ୍ଛତାର ସହ ସଂପାଦନ କରିବାପରି ଛଅ ଗୋଟି ଶପଥ ନେଇଥିଲେ କାର୍ଯ୍ୟାଳୟର ସମସ୍ତ ବ୍ୟକ୍ତିବିଶେଷ। ଏହି ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ତା୨୮.୧୦.୨୪ରିଖି ଠାରୁ ତା୦୩.୧୧.୨୪ରିଖି ପର୍ଯ୍ୟନ୍ତ ପାଳନ କରାଯିବ।

# ଖୋର୍ଦ୍ଧା ରୋଡ୍ ମଣ୍ଡଳ ଦ୍ୱାରା ସତର୍କତା ସଚେତନତା ସପ୍ତାହ



**ଖୋର୍ଦ୍ଧା, ୨୮।୧୦ (ସଂଚାର ବ୍ୟୁରୋ) :** ଖୋର୍ଦ୍ଧା ରୋଡ୍ ମଣ୍ଡଳ ଦ୍ୱାରା ଅକ୍ଟୋବର ୨୮ରୁ ୩ ନଭେମ୍ବର ପର୍ଯ୍ୟନ୍ତ "ସତର୍କତା ସଚେତନତା ସପ୍ତାହ" ପାଳନ କରାଯାଉଛି। ଥିମ୍ ହେଉଛି, ଜାତିର ସମୃଦ୍ଧତା ପାଇଁ ଅଖଣ୍ଡତାର ସଂସ୍କୃତି। ଏହି ଅବସରରେ ଖୋର୍ଦ୍ଧା ରୋଡ୍ ମଣ୍ଡଳର ରେଳ ପ୍ରବନ୍ଧକ ଶ୍ରୀ ଏଚ୍.ଏସ୍.ବାଜୱା, ଅଧିକାରୀ ଏବଂ କର୍ମଚାରୀଙ୍କୁ "ସଚ୍ଚୋଟତା" ର ଶପଥ ପାଠ କରାଇଥିଲେ। ସମସ୍ତ କାର୍ଯ୍ୟ, ଏକ ସଚ୍ଚୋଟ ଏବଂ ସ୍ୱଚ୍ଛଙ୍ଗରେ କରି ଦୁର୍ନୀତିକୁ ଦୂର କରିବା ପାଇଁ ମିଳିତ ଭାବେ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏକ ଦୁର୍ନୀତିମୁକ୍ତ ସମାଜ ପାଇଁ ନିଜକୁ ସମର୍ପିତ କରିବା ଲକ୍ଷ୍ୟରେ ସମସ୍ତ ରେଳ ଷ୍ଟେସନରେ କର୍ମଚାରୀମାନେ "ସଚ୍ଚୋଟତା" ର ଶପଥ ପାଠ କରିଥିଲେ। ସପ୍ତାହବ୍ୟାପୀ ପର୍ଯ୍ୟବେକ୍ଷଣ ସମୟରେ ଖୋର୍ଦ୍ଧା ରୋଡ୍ ମଣ୍ଡଳ ରେ ଥିବା ସମସ୍ତ ରେଳ ପ୍ରତିଷ୍ଠାନ ଗୁଡ଼ିକରେ ବ୍ୟାନର, ପୋଷ୍ଟର, ମାଧ୍ୟମରେ ସଚେତନତା ସୃଷ୍ଟି କରାଯିବ। କର୍ମଚାରୀ, ରେଳ ବ୍ୟବହାରକାରୀ ଏବଂ ହିତାଧିକାରୀଙ୍କୁ ସମ୍ବେଦନଶୀଳ କରିବା ପାଇଁ ସେମିନାର ଏବଂ ପଥପ୍ରାନ୍ତ ନାଟକ କରାଯିବ।

## ରିଲିଫ୍ କୋଡ୍ ସଂଶୋଧନ ଦାବି

# ନବନିର୍ମାଣ କୃଷକ ସଂଗଠନର ଚାନ୍ଦବାଲି ତହସିଲ ଘେରାଉ



**ଚାନ୍ଦବାଲି, ୨୮।୧୦ (ସଂଚାର ବ୍ୟୁରୋ) :** ରିଲିଫ୍ କୋଡ୍ର ସଂଶୋଧନ ଓ ସମସ୍ତ କଚ୍ଚା ଘର ଚାଷୀଙ୍କୁ ତୁରନ୍ତ ପ୍ରଧାନମନ୍ତ୍ରୀ ଆବାସ ଦାବୀରେ ଚାନ୍ଦବାଲି ତହସିଲ ଅଫିସ୍ ଘେରିଛି ନବନିର୍ମାଣ କୃଷକ ସଂଗଠନ। ସଂଗଠନର ବ୍ଲକ୍ ସଂଯୋଜକ କୃଷ୍ଣଚନ୍ଦ୍ରଙ୍କ ଆହ୍ୱାନ କ୍ରମେ ଶହ ଶହ ଚାଷୀ ବିକ୍ଷୋଭରେ ସାମିଲ ହୋଇଥିଲେ। ସ୍ଥାନୀୟ କାଳୀ ମନ୍ଦିର ଠାରୁ ଏକ ସୁସଜ୍ଜିତ ଓ ଶୃଙ୍ଖଳିତ ଶୋଭାଯାତ୍ରାରେ ଚାଷୀମାନେ ଯାଇ ତହସିଲ କାର୍ଯ୍ୟାଳୟରେ ପଛିଥିଲେ। ରିଲିଫ୍ କୋର୍ଡ ସଂଶୋଧନ ଆମର ଦାବୀ, ତୁରନ୍ତ କ୍ୟାବିନେଟ୍ ଡକାଇ ରିଲିଫ୍ କୋର୍ଟ ସଂଶୋଧନ କର, ସବୁ କଚ୍ଚା ଘର ଥିବା ଚାଷୀଙ୍କୁ ପ୍ରଧାନମନ୍ତ୍ରୀ ଆବସ ଯୋଗାଇଦେବା ଓ ବାତ୍ୟା ପ୍ରଭାବରେ ଧାନ ଜମିରୁ ବର୍ଷା ଜଳ ନିଷ୍କାସନ ପ୍ରଭୃତି ଲିଖିତ ଦାବୀ ପତ୍ର ତହସିଲଦାରଙ୍କୁ ପ୍ରଦାନ କରାଯାଇଥିଲା।

ତହସିଲ ଆଗରେ ଆୟୋଜିତ ପ୍ରତିବାଦ ସଭାରେ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଚାଷୀମାନଙ୍କୁ ଉଦବୋଧନ ଦେଇ କହିଥିଲେ ଯେ, ଚାଷୀମାନେ ବିପର୍ଯ୍ୟୟ ସମୟରେ କ୍ଷତି ପୂରଣ ପାଇବାରେ ସରକାରୀ ଆଇନ୍ ବାଧକ ହୋଇଛି। ଏହି ଆଇନରେ ପରିବର୍ତ୍ତନ ନହେବା ଯାଏ ଚାଷୀମାନେ ବିପର୍ଯ୍ୟୟଜନୀତ କ୍ଷତିପୂରଣରେ କୌଣସି ଲାଭ ପାଇବେନି।

ସୂଚନା ଯୋଗ୍ୟ ଯେ, ରିଲିଫ୍ କୋଡ୍ ଅନୁଯାୟୀ ଧାନର ହେକ୍ଟର ପିଛା କ୍ଷତି ପୂରଣ ପ୍ରକୃତ ଖର୍ଚ୍ଚର ଅଧା ଠାରୁ ମଧ୍ୟ କମ୍ ଏସବୁ ପୁରୁଣା ମରହଟିଆ ଆଇନର ସମାପ୍ତ ହେଉ। ଯୁବଛାତ୍ର ରାଜ୍ୟ ସଂଯୋଜକ ମନଓ୍ୱର ଅଲ୍ଲୀ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, କ୍ଷତି ଯେତେ ଦିଅ ସେତେ ନ୍ୟାୟରେ ରିଲିଫ୍ କୋଡ୍ର ଜରୁରୀ ସଂଶୋଧନ ପାଇଁ ଏହି ବିକ୍ଷୋଭ ଆୟୋଜିତ ହୋଇଛି। ସରକାର ଏହାର ମାନ ବୁଝି ଆନ୍ଦୋଳନ ସ୍ଥଳକୁ ତହସିଲଦାର ଆସି ଆନ୍ଦୋଳନକାରୀଙ୍କ ଠାରୁ ସ୍ମାରକପତ୍ର ନେବା ସହ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ଆୟୋଜିତ ସଭାରେ ସର୍ବଶ୍ରୀ ତ୍ରିଲୋଚନ ପଣ୍ଡା, ପିତବାସ ରାଉତ, ସହସଂଯୋଜକ ସତ୍ୟ ନାୟକ, ପ୍ରଭାତ ମହାଳିକ ପ୍ରମୁଖ ଯୋଗଦେଇଥିଲେ।

## ପୁଅ ନିଖୋଜ

# ଫଟୋ ଧରି କାନ୍ଦୁଛି ମା'




**ନୀଳଗିରି, ୨୮।୧୦ (ସଂଚାର ବ୍ୟୁରୋ):** କଲେଜ ଯିବ କହି ଘରୁ ବାହାରିଗଲା ପୁଅ। ସେବେଠୁଁ ଘରକୁ ଫେରିନି ପୁଅ । କାନ୍ଦିକାନ୍ଦି ମା'ର ଆଖିରୁ ଲୁହଶୁଖୁନି। ୫ଦିନ ହେବ ନିଖୋଜ ହୋଇଯାଇଛି ୧୭ ବର୍ଷୀୟ ଭେଣ୍ଡିଆ ପୁଅ। ଏଭଳି ଘଟଣା ଦେଖିବାକୁ ମିଳିଛି ନୀଳଗିରି ଉପଖଣ୍ଡ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଜେମାଦେଇପୁର ଗ୍ରାମରେ। ଉକ୍ତ ଗ୍ରାମର ବିଦ୍ୟାଧର ବେହେରା ଓ ସସ୍ମିତା ବେହେରାଙ୍କ ପୁଅ ଚିନ୍ମୟ ବେହେରା ରୂପସାରେ ଏକ ଘରୋଇ କଲେଜରେ ଯୁକ୍ତଦୁଇରେ ପାଠପଢେ। ସେ ଗତ ୨୧ ତାରିଖରୁ କଲେଜ ଯିବ ବୋଲି କହି ଘରୁବାହାରି ଯାଇଥିବା ବେଳେ ସେ କଲେଜ ନଯାଇ କେଉଁଆଡେ ନିଖୋଜ ହୋଇଯାଇଛି। କଲେଜ ଅଧ୍ୟକ୍ଷକଙ୍କୁ ଫୋନ୍ କରି ପୁଅ ଯାଇଛି କି ନାହିଁ ବୋଲି ପଚାରିବାରୁ କଲେଜ ଅଧ୍ୟକ୍ଷ ପୁଅ ଆସିନାହିଁ ବୋଲି କହିବା ପରେ ବାପା'ମାଙ୍କ ଚିନ୍ତା ବଢ଼ିଯାଇଛି। ପରିବାରବର୍ଗ ନିଜର ସମସ୍ତ ବନ୍ଧୁ, ବାନ୍ଧବ ଓ ସମସ୍ତ ସାଙ୍ଗସାଥୀଙ୍କ ଘରେ ଅନେକ ଖୋଜାଖୋଜି କରିବା ପରେ ନପାଇ ଶେଷରେ ନିରାଶ ହୋଇ ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି। ପୁଅକୁ ଖୋଜିଆଣିବା ପାଇଁ ଗୁହାରି କରିଛନ୍ତି। ପୁଅ ଚିନ୍ମୟ ଗଲାବେଳେ ଏକ ନୀଳ ରଙ୍ଗର ଜିନ୍ସ ପ୍ୟାଣ୍ଟ ଓ ନୀଳ ରଙ୍ଗର ଚେକ ସାର୍ଟ ପିନ୍ଧିଥିଲା। ତାର ଉଚ୍ଚା ୫ ଫୁଟ ଚାରି ଇଞ୍ଚ ହୋଇଥିବା ବେଳେ ସେ ଗୌରବର୍ଣ୍ଣ ଅଟେ । ଯଦି କେହି ସହୃଦୟ ବ୍ୟକ୍ତି ଉକ୍ତଯୁବକଙ୍କ ସନ୍ଧାନ ପାଆନ୍ତି ତେବେ ୯୩୩୮ ୨୫୪୧୦୭ ନମ୍ବରରେ ଯୋଗଯୋଗ କରିବା ପାଇଁ ଉଭୟ ବାପା'ମା ନିବେଦନ କରିଛନ୍ତି।

# ବେଆଇନ ବାଣ ଜବତ, ଜଣେ ଗିରଫ



**ଅସ୍ତରଙ୍ଗ/କାକଟପୁର, ୨୮।୧୦ (ସଂଚାର ବ୍ୟୁରୋ) :** ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅଧିନ ବେଗୁନିଆବସ୍ତ ଗ୍ରାମରେ ପୁଲିସ ଚଢ଼ାଉ କରି ବିପୁଳ ପରିମାଣର ବେଆଇନ ବାଣ, ବାରୁଦ ଓ ବାଣ ପ୍ରସ୍ତୁତି ସାମଗ୍ରୀ ଜବତ କରିଛି। ଏ ଘଟଣାରେ ଅଭିଯୁକ୍ତ ବାଣ ବ୍ୟବସାୟୀ ସୂର୍ଯ୍ୟକାନ୍ତ ସ୍ୱାଇଁ ଓରଫ ହୁଲ୍ଲାସ ଙ୍କୁ ଗିରଫ କରାଯାଇଥିବା ପୁଲିସ ସୂଚନା ଦେଇଛି। ପ୍ରକାଶ ଯେ ଅଭିଯୁକ୍ତ ସୂର୍ଯ୍ୟକାନ୍ତ ସ୍ୱାଇଁ ବିନା ଲାଇସେନ୍ସରେ ଦୀପାବଳୀ ପାଇଁ ନିଜ ଘରେ ବେଆଇନି ବାଣ ରଖିଥିବା ପୁଲିସ ଖବର ପାଇଥିଲା। ଏହା ପରେ ଅସ୍ତରଙ୍ଗ ଥାନାଅଧିକାରୀ ରାଜେଶ ବଳିୟାର ସିଂଙ୍କ ନିର୍ଦ୍ଦେଶରେ ସୋମବାର ସକାଳ ୫ଘ ୧୦ମିନିଟ ସମୟରେ ସବଇନିସ୍ପେକ୍ଟର ଦୀପକ ସାମନ୍ତସିଂହାର ନେତୃତ୍ୱ ରେ ପୁଲିସ ଫୋର୍ସ ସହ ତାଙ୍କ ଘର ଉପରେ ଚଢାଉ କରିଥିଲେ। ସେଠାରୁ ବିପୁଳ ପରିମାଣର ସୁତୁଲି ଗଡ଼ମା, ରକେଟ୍, ଧପଧପ, ହାଇସାଉଣ୍ଡ ହାବେଳୀ, ସିଲିଣ୍ଡର ସହ ବ୍ୟବହୃତ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଥିଲା। ଏ ନେଇ ଅସ୍ତରଙ୍ଗ ଥାନାରେ କେଶ ନମ୍ବର ୨୨୮/୨୪ମାମଲା ରୁଜୁ କରାଯାଇ ଅଭିଯୁକ୍ତ ସୂର୍ଯ୍ୟକାନ୍ତ ସ୍ୱାଇଁ ଓରଫ ହୁଲ୍ଲାସ ଙ୍କୁ ଗିରଫ କରାଯାଇଥିବା ପୁଲିସ ସୂତ୍ରରୁ ପ୍ରକାଶ। ଜବତ ବାଣ ହଜାର ହଜାର ଟଙ୍କାର ହେବ ବୋଲି ଆନୁମାନିକ କୁହାଯାଉଛି। ଅସ୍ତରଙ୍ଗ ଥାନା ଅଂଚଳରେ ଚୋରା ରେ ବାଣ ପ୍ରସ୍ତୁତି କିମ୍ବା ବେଆଇନି କାରବାର କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନାଧିକାରୀ ରାଜେଶ ବଳିୟାର ସିଂ କହିଛନ୍ତି।

# କଣାସ-ଜଙ୍କିଆ ମୁଖ୍ୟ ରାସ୍ତା ଶୋଚନୀୟ



**କଣାସ, ୨୮।୧୦ (ସଂଚାର ବ୍ୟୁରୋ) :** କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମ ଅଞ୍ଚଳର ପ୍ରଗତି ପାଇଁ ରାସ୍ତାଘାଟ ଉପରେ ପ୍ରାଧାନ୍ୟ ଦେଇ ବିଭିନ୍ନ ଯୋଜନା ମାଧ୍ୟରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଚାଲିଥିବା ବେଳେ ପୁରୀ ଜିଲ୍ଲାର କଣାସ ବ୍ଲକର ମୁଖ୍ୟରାସ୍ତା କଣାସ ଠାରୁ ନୂଆଜଗନ୍ନାଥ ସଡକକୁ ସଂଯୋଜ କରୁଥିବା ଦୟାନଦୀ ବାମପାର୍ଶ୍ୱ ରାସ୍ତା କଂକ୍ରିଟ୍ ଫାଟି ଗର୍ତ୍ତ ସୃଷ୍ଟି ହୋଇଥିବାରୁ ଦୈନନ୍ଦିନ ଛୋଟବଡ ଦୂର୍ଘଟଣା ଘଟିବା ସହିତ ବିଶେଷ କରି ଦୁଇଚକିଆ ଯାନ। ଆରୋହିମାନେ ବେଶି ଦୂର୍ଘଟଣାର ଶୀକାର ହେଉଛନ୍ତି।

ଏହି ରାସ୍ତା ଦେଇ ଦୈନନ୍ଦିନ ମୋ ବସ ଗଡ଼ଖାରଦ, ଗଡ଼ିଶାଗୋଦା, କରମଳା ପ୍ରଭୃତି ସ୍ଥାନକୁ ଦିନତମା ଚାଲିଥିବା ବେଳେ ଗଡ଼ିଶାଗୋଦା, ଯାମଳଗୋଦା, ଆଳିବାଡ, ଖଣ୍ଡହତା, ବିଜିପୁର, ଅଣ୍ଡରସିଂହ, ବିନ୍ଧଣ, ଗୋପିନାଥପୁର, କାଦୁଆ, ଅଡାଳ, ଦୋଛିଆଁ, ଦେଇପୁର, ସାହୁପଡ଼ା, ଗଡ଼ଖାରଦ, ଦିବ୍ୟସିଂହପୁର, ବକୁ, ଗଡ଼ସାହି, ଚୁପୁରିଙ୍ଗି, ଗଡ଼ବଳଭଦ୍ରପୁର ଗ୍ରାମପଞ୍ଚାୟତର ଶହଶହ ଜନସାଧାରଣ ଦୈନନ୍ଦିନ କଣାସ ପଞ୍ଚାୟତ ସମିତି, ତହସିଲ କାର୍ଯ୍ୟାଳୟ, ସବ୍‌ରେଜେଷ୍ଟ୍ରି ଅଫିସ୍, କୃଷି କାର୍ଯ୍ୟାଳୟ, ମୁଖ୍ୟ ପଶୁ ଚିକିତ୍ସା କାର୍ଯ୍ୟାଳୟ, ପାନୀୟଜଳ କାର୍ଯ୍ୟାଳୟ, ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟ, କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆସନ୍ତି। ଏ ରାସ୍ତା ସମ୍ପର୍କରେ ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ମକରା ବେହେରାଙ୍କୁ ପଚାରିବାରୁ ସେ କୁହନ୍ତି ଉକ୍ତ ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରାଯାଇଛି। ତୁରନ୍ତ ବର୍ଷା ଛାଡିବା ପରେ ରାସ୍ତା କାମ କରାଯିବ।

## ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ କାର୍ଯ୍ୟକାରିଣୀରେ ଦାବି

# ସରକାର ପ୍ରତିଶ୍ରୁତି ପାଳନ କରନ୍ତୁ

**ଭୁବନେଶ୍ୱର, ୨୮।୧୦ (ସଂଚାର ବ୍ୟୁରୋ) :** ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ରାଜ୍ୟସଭାପତି ବିଭୂତି ଭୂଷଣ କରଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରସ୍ଥିତ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ୨୮ଟି ଜିଲ୍ଲାର ସଭାପତି, ସମ୍ପାଦକ, କାର୍ଯ୍ୟକାରିଣୀ ସଦସ୍ୟ ଓ କର୍ମକର୍ତ୍ତାମାନେ ଯୋଗଦେଇ କାର୍ଯ୍ୟରତ ସାମ୍ବାଦିକଙ୍କ ବୃତ୍ତିଗତ ସମସ୍ୟା ଓ ସମାଧାନ ସମ୍ପର୍କିତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଲୋଚନା କାଳରେ ସାମ୍ବାଦିକ ସୁରକ୍ଷା ଆଇନ୍ର ପ୍ରଣୟନ, ପେନ୍‌ସନ୍ ପ୍ରଦାନ, ଅଧିସ୍ୱୀକୃତି କମିଟି ଗଠନ ପୂର୍ବକ ଜିଲ୍ଲା ଓ ରାଜ୍ୟରେ ବ୍ୟାପକ ଅଧିସ୍ୱୀକୃତି ପ୍ରଦାନ, ପ୍ରଚଳିତ ସ୍ୱାସ୍ଥ୍ୟବୀମା ଯୋଜନାରେ ପିତାମାତା ଓ ୨୫ ବର୍ଷରୁ ଊର୍ଦ୍ଧ୍ୱ ନିର୍ଭରଶୀଳ ସନ୍ତାନସନ୍ତତିଙ୍କୁ ସାମିଲ୍, ପ୍ରେସ୍ ଏକାଡେମୀ ଗଠନ ଇତ୍ୟାଦି ଦାବି ପୂରଣ ଦିଗରେ ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ମତ ପ୍ରକାଶ ପାଇଥିଲା।

ଏଠାରେ ପ୍ରକାଶଯୋଗ୍ୟଯେ, ଉତ୍କଳ ସାମ୍ବାଦିକ ସଂଘର ଆହ୍ୱାନକ୍ରମେ ଗତ ଫେବୃୟାରୀ ୭ତାରିଖରେ ଲୋୟର ପି.ଏମ୍.ଜି.ଠାରେ ୨୦୦୦ ରୁ ଊର୍ଦ୍ଧ୍ୱ ସାମ୍ବାଦିକ ଯୋଗଦେଇ ଏହି ସମସ୍ତ ଦାବି ପୂରଣ ପାଇଁ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ବିକ୍ଷୋଭ ସମାବେଶରେ ଆଜିର ମୁଖ୍ୟମନ୍ତ୍ରୀ ତଥା ତତ୍କାଳୀନ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ, ବିଜେପିର ଅନ୍ୟ ପାଞ୍ଚଜଣ ବିଧାୟକଙ୍କ ସହିତ ଯୋଗଦେଇ ଉପରୋକ୍ତ ଦାବି ଗୁଡ଼ିକ ପ୍ରତି ସମର୍ଥନ ଜ୍ଞାପନ କରି ସରକାରଙ୍କୁ ଆସିଲେ ଏହିସବୁ ଦାବିଗୁଡ଼ିକୁ ପୂରଣ କରିବୁ ବୋଲି କହିଥିଲେ। ଏହି ପରିପ୍ରେକ୍ଷୀରେ ମୋହନ ମାଝୀଙ୍କ ନେତୃତ୍ୱରେ ଗଠିତ ବର୍ତ୍ତମାନର ସରକାର ତାଙ୍କ ପ୍ରତିଶ୍ରୁତି ପାଳନ କରନ୍ତୁ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ନିଜ ପ୍ରତିଶ୍ରୁତି ସମ୍ପର୍କରେ ମନେ ପକାଇଦେବା ପାଇଁ ଆସନ୍ତା ଫେବୃୟାରୀ ମାସ ମଧ୍ୟରେ ଲୋୟର ପି.ଏମ୍.ଜି.ରେ ସଂଘ ପକ୍ଷରୁ ସମାବେଶର ଆୟୋଜନ କରାଯିବ ବୋଲି ସଭାପତି ଶ୍ରୀ କର ରଖିଥିବା ପ୍ରସ୍ତାବକୁ ସଭାରେ ଅନୁମୋଦନ କରାଯାଇଥିଲା। ବୈଠକ ଅବସରରେ ବରିଷ୍ଠ ସାମ୍ବାଦିକ ହୃଷିକେଶ ମହାନ୍ତିଙ୍କୁ ସଂଘର ଉପସଭାପତି ଓ ବରିଷ୍ଠ ସାମ୍ବାଦିକ ହୃଷିକେଶ ମହାନ୍ତିଙ୍କୁ ସଂଘର ଉପସଭାପତି ଭାବେ ମନୋନୀତ କରାଯାଇଥିଲା। ଏଥିରେ ବିଭିନ୍ନ ଜିଲ୍ଲାର ସଭାପତିଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ବୈଠକ ଅବସରରେ ରାଜ୍ୟର ଦିବଂଗତ ସାମ୍ବାଦିକଙ୍କ ଆତ୍ମାର ସଦ୍‌ଗତି କାମନା କରି ନୀରବ ପ୍ରାର୍ଥନା କରାଯାଇଥିଲା।




## 'ଗୋଟିଏ ଷ୍ଟେସନ୍ ଗୋଟିଏ ଉତ୍ପାଦ' ଆଉଟଲେଟ୍ ମାଧ୍ୟମରେ

# କଟକ ଷ୍ଟେସନରେ ଦୀପାବଳୀ ଉତ୍ପାଦ ଉପଲବ୍ଧ




**କଟକ, ୨୮।୧୦ (ସଂଚାର ବ୍ୟୁରୋ):** ଦୀପାବଳୀରେ ରେଳ ଷ୍ଟେସନରେ ଗ୍ରାମୀଣ ଉତ୍ପାଦକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ କଟକ ରେଳ ଷ୍ଟେସନରେ ଏକ "ଗୋଟିଏ ଷ୍ଟେସନ୍ ଗୋଟିଏ ଉତ୍ପାଦ" ଆଉଟଲେଟ୍ ଖୋଲାଯାଇଛି। ଯେଉଁଠି ଟେରାକୋଟା ଏବଂ ଗାଈ ଗୋବର ଦ୍ୱାରା ତିଆରି କରାଯାଇଥିବା ଦୀପ, ସାଜସଜ୍ଜା ମହମବତୀ, ବଳିତା, ଜଡ଼ାତେଲ, ସାଜସଜ୍ଜା ପୂଜା ଦ୍ରବ୍ୟ, ଅଗରବତୀ ଇତ୍ୟାଦି ଉପଲବ୍ଧ କରାଯାଉଛି।

ଏହି ଗ୍ରାମୀଣ ଉତ୍ପାଦଗୁଡ଼ିକ, ଓଡ଼ିଶା ଗ୍ରାମୀଣ ବିକାଶ ଏବଂ ମାର୍କେଟିଂ ସୋସାଇଟି (ଓରମାସ୍) କଟକ ଦ୍ୱାରା ପ୍ରୋତ୍ସାହିତ ସମ୍ପ୍ରଦାୟ ଭିତ୍ତିକ ସଂଗଠନଗୁଡ଼ିକ ଦ୍ୱାରା ତିଆରି କରାଯାଇଛି। କଟକ ଜିଲ୍ଲାର ବହୁ ମହିଳା କାରିଗର ଏହି ସ୍ୱୟଂ ସହାୟକ ଗୋଷ୍ଠୀରେ ନିଜର ଜୀବିକା ନିର୍ବାହ ପାଇଁ କାର୍ଯ୍ୟ କରୁଛନ୍ତି। "ଗୋଟିଏ ଷ୍ଟେସନ୍ ଗୋଟିଏ ଉତ୍ପାଦ" ସ୍ଥାନୀୟ କାରିଗର, କୁମ୍ଭକାର, ବୁଣାକାର, ଆଦିବାସୀ ମାନଙ୍କର ଜୀବିକା ବୃଦ୍ଧି ତଥା କଲ୍ୟାଣ ଉଦ୍ଦେଶ୍ୟରେ ଭାରତ ସରକାର ଦ୍ୱାରା ନିଆଯାଇଥିବା ଏକ ପଦକ୍ଷେପ।

ଏହି ଓଏସ୍‌ଓପି ସ୍କିମ୍ ଅଧୀନରେ ରେଳ ଷ୍ଟେସନଗୁଡିକ ସ୍ଥାନୀୟ ଉତ୍ପାଦ ଗୁଡିକ ପାଇଁ ଏକ ମାର୍କେଟିଂ ଚ୍ୟାନେଲ୍ ଏବଂ ପ୍ରମୋସନାଲ୍ ହବ୍ ଭଳିଆ କାମ କରୁଛି। ଖୋର୍ଦ୍ଧା ରୋଡ୍ ମଣ୍ଡଳ ଏହାର ଯାତ୍ରୀମାନଙ୍କୁ କଟକ ରେଳ ଷ୍ଟେସନରେ "ଗୋଟିଏ ଷ୍ଟେସନ୍ ଗୋଟିଏ ଉତ୍ପାଦ" ଆଉଟଲେଟ୍‌ରେ ମିଳୁଥିବା ଗ୍ରାମୀଣ ଦୀପାବଳୀ ଉତ୍ପାଦ ଗୁଡ଼ିକର ଲାଭ ଉଠାଇ ସେମାନଙ୍କ ପର୍ବକୁ ସ୍ମରଣୀୟ କରିବାକୁ ଅନୁରୋଧ କରୁଛି।

# ନଭେମ୍ବର ୧ରୁ ଭୀମପାହାଡ଼ ମହୋତ୍ସବ




**ଦେଓଗାଁ, ୨୮।୧୦ (ସଂଚାର ବ୍ୟୁରୋ) :** ନଭେମ୍ବର ପହିଲାରୁ ଆରମ୍ଭ ହେବ ଭୀମପାହଡ଼ ମହୋତ୍ସବ। ମହୋତ୍ସବରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୧୫ଟି ସାଂସ୍କୃତିକଦଳ ଯୋଗ ଦେଉଥିବା ବେଳେ ପ୍ରତିଦିନ ବିଶିଷ୍ଟ କଳାକାର ରବିନ୍ଦ୍ର ସାହୁଙ୍କ ଟିମ୍ କଂସଦରବାର କରିବେ । ନଭେମ୍ବର ୩ ତାରିଖରେ ଭୀମପାହାଡର ଅତିତ, ବର୍ତ୍ତମାନ ଓ ଭବିଷ୍ୟତ ଶୀର୍ଷକ ଏକ ଆଲୋଚନା ଚକ୍ର ମଧ୍ୟ ଅନୁଷ୍ଠିତ ହେବ । ଏଥିରେ ଦେଓଗାଁ ବ୍ଲକ ଓ ଆଖପାଖର ୧୦ଟି ହାଇସ୍କୁଲ ଓ କଲେଜର ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଓ ଅଧ୍ୟାପକମାନେ ଯୋଗଦେବେ । ମହୋତ୍ସବରେ ପ୍ରଥମ ଦିନରେ ପୂର୍ବତନ ବିଧାୟକ ବିନୋଦ ପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବେ । ସେହିପରି ଦ୍ୱିତୀୟ ଦିନରେ ରାଜ୍ୟସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଇଲେକ୍ଟ୍ରୋନିକ୍ସ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ, ତୃତୀୟ ଦିନରେ ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂହଦେଓ, ଜିଲ୍ଲାପରିଷଦ ସଭାପତି ଦେବକୀ ସାହୁ, ପୌରାଧ୍ୟକ୍ଷା ଲିକା ସାହୁ, ଚତୁର୍ଥ ସଂଧ୍ୟାରେ ରାଜ୍ୟସଭା ସାଂସଦ ସୁଲତା ଦେଓ ଓ ନିରଂଜନ ବିଶି ଅତିଥି ଭାବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଚଳିତ ବର୍ଷ ଗୌରଗୋଠ ଗ୍ରାମର ପାଟଖଣ୍ଡା ମହୋତ୍ସବ କମିଟି, ନୂଆପାଲି ଧନୁଯାତ୍ରା କମିଟି, ବଲାଙ୍ଗିର ମାହେଶ୍ୱରୀ ସ୍ୱେଚ୍ଛାସେବୀ ସଂଗଠନ, ଓପିଏସ୍‌ସିରେ ସଫଳ ହୋଇଥିବା ଦେଓଗାଁ ବ୍ଲକର ଡ.ଆଲିସା ମେହେର ଓ ଗବେଷିକା ଡ.ସଂଧ୍ୟାରାଣୀ ସାହୁଙ୍କୁ ସମ୍ବର୍ଦ୍ଧିତ କରିବାକୁ ସ୍ଥିର କରାଯାଇଛି । ଠିକ୍ ସେହିପରି ମକୁନ୍ଦପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଓ ସମିତିସଭ୍ୟମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଉଥିବା କମିଟିର ଅଧ୍ୟକ୍ଷ ଶ୍ରୀ ମେହେର ସୂଚନା ଦେଇଥିଲେ ।

## ଫସଲ ଖାଇବାକୁ ଆସି କୂଅରେ ପଡ଼ିଲେ ୨୮ ବାରହା



**କେନ୍ଦୁଝର , ୨୮।୧ (ସଂଚାର ବ୍ୟୁରୋ):** ଖାଦ୍ୟ ଅନ୍ୱେଷଣରେ ଆସି ପରିତ୍ୟକ୍ତ କୂଅରେ ପଡ଼ିଗଲେ ପ୍ରାୟ ୨୮ ବାରହା। ଗତରାତିରେ ବାରହା ପଲ କୂଅରେ ପଡ଼ିଥିବା ବେଳେ ସୋମବାର ସକାଳେ ବନ ବିଭାଗ ପକ୍ଷରୁ ଉଦ୍ଧାର ଲାଗି ଉଦ୍ୟମ ହୋଇଛି। କେନ୍ଦୁଝର ସଦର ରେଞ୍ଜ ଭଗାମୁଣ୍ଡା ଗାଁର ଏହା ଦେଖିବାକୁ ମିଳିଛି। ବାରହା ପଲ ଫସଲ ଖାଇବାକୁ ଗତ ରାତିରେ ଭଗାମୁଣ୍ଡା ଗାଁମୁହାଁ ହୋଇଥିଲେ। ହଠାତ୍ ସେମାନେ ବିଲ ମଝିରେ ଥିବା ଏକ ପରିତ୍ୟକ୍ତ କୂଅରେ ପଡ଼ି ଯାଇଥିଲେ। ଆଜି ସକାଳେ ଏକ ଦେଖି ଗ୍ରାମବାସୀ ବନ ବିଭାଗକୁ ଖବର ଦେଇଥିଲେ। ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିବା ପରେ ବାରହାମାନଙ୍କୁ ଉଦ୍ଧାର ନିମନ୍ତେ ଯୁଦ୍ଧକାଳୀନ ଭିତ୍ତିରେ କାମ ଆରମ୍ଭ ହୋଇଛି। ଏକ ଜେସିବି ସହାୟତାରେ କୂଅ ନିକଟରୁ ରାସ୍ତା ତିଆରି ହେଉଛି। ଉକ୍ତ ରାସ୍ତା ଦେଇ ବାରହାମାନେ ଜଙ୍ଗଲକୁ ଚାଲିଯିବେ ବୋଲି ବନ ଅଧିକାରୀ କହିଛନ୍ତି। ଘଟଣାସ୍ଥଳରେ ବହୁ ଲୋକ ରୁଣ୍ଡ ହେବାରୁ ଉଦ୍ଧାରରେ ବାଧା ସୃଷ୍ଟି ହୋଇଥିଲା। କୂଅ ଭିତରେ ଦୀର୍ଘ ସମୟ ହେଲା ପଡ଼ି ଯାଇଥିବା ବାରହାମାନେ ହିଂସ୍ର ହୋଇ ଉଠିଥିଲେ।

# ୪ର୍ଥ ଶିଳ୍ପ ବିପ୍ଳବର ମଙ୍ଗ ଧରିବ ଭାରତ



- ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରୁ ଗଢ଼ା ହେଉଥିବା ଛାତ୍ରଛାତ୍ରୀ ଜଣେ ଜଣେ ଅମୃତ
- ବିଦ୍ୟାର୍ଥୀମାନଙ୍କୁ ଶୁଭେଚ୍ଛା ଜଣାଇଲେ କେନ୍ଦ୍ରମନ୍ତ୍ରୀ
- ଆଗାମୀ ୨୫ ବର୍ଷ ଭାରତର ପ୍ରଗତିର ସୁବର୍ଣ୍ଣ ସମୟ ହେବ
- ଚାକିରି କରିବା ଅପେକ୍ଷା ଚାକିରିଦାତା ହେବା ପାଇଁ କଲେ ଆହ୍ୱାନ
- ବାରଣାସୀରେ ବିଶ୍ୱନାଥ ମନ୍ଦିର ଓ କାଳ ଭୈରବ ମନ୍ଦିରରେ ଦର୍ଶନ କଲେ ଶିକ୍ଷା ମନ୍ତ୍ରୀ

**ବାରଣାସୀ, ୨୮।୧୦(ଏଜେନ୍ସି):** ଏକବିଂଶ ଶତାବ୍ଦୀ ଭାରତର ଶତାବ୍ଦୀ। ଚତୁର୍ଥ ଶିଳ୍ପ ବିପ୍ଳବ ସମୟରେ ଭାରତ ପାଖରେ ଦୁନିଆର ଲୋକକଲ୍ୟାଣର ନେତୃତ୍ୱ ନେବା ପାଇଁ ଏକ ଅଭୁତପୂର୍ବ ସୁଯୋଗ ରହିଛି । ଏ ଦିଗରେ ଆଇଆଇଟି, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ବଡ଼ ଦାୟିତ୍ୱ ନିର୍ବାହ କରିବେ ବୋଲି ଏହି ଶିକ୍ଷାନୁଷ୍ଠାନର ୧୩ଶ ସମାବର୍ତ୍ତନ ସମାରୋହରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଶ୍ରୀ ପ୍ରଧାନ କହିଛନ୍ତି, ସମାବର୍ତ୍ତନ ସମାରୋହ ଜୀବନର ଏକ ଅନନ୍ୟ ମୁହୂର୍ତ୍ତ । ବାରଣାସୀ ସ୍ଥିତ ଆଇଆଇଟି, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ଦୀକ୍ଷାନ୍ତ ସମାରୋହରେ ସାମିଲ ହେବା ସୌଭାଗ୍ୟର ବିଷୟ । ସମ୍ମାନ, ଡିଗ୍ରୀ ଏବଂ ପଦକଧାରୀ ବିଦ୍ୟାର୍ଥୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସହ ସେ କହିଛନ୍ତି ଆଇଆଇଟି ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ବିଦ୍ୟାର୍ଥୀ ବହୁତ ଭାଗ୍ୟବାନ । ପଣ୍ଡିତ ମଦନ ମୋହନ ମାଳବ୍ୟଙ୍କ ଦ୍ୱାରା ଏହି ପବିତ୍ର ସ୍ଥାନରୁ ଆରମ୍ଭ ହୋଇଥିବା ଶିକ୍ଷା ଯଜ୍ଞରୁ ଉତ୍ପନ୍ନ ହୋଇଥିବା ଛାତ୍ରଛାତ୍ରୀମାନେ ଜଣେ ଜଣେ ଅମୃତ ସଦୃଶ। କାଶୀ ହେଉଛି ଭାରତର ଦର୍ଶନଶାସ୍ତ୍ର ତଥା ପାଲି, ପ୍ରାକୃତ, ସଂସ୍କୃତ ଏବଂ ତାମିଲ ଭଳି ପୁରାତନ ଭାଷାର ସଂଗମ ସ୍ଥଳ। ଏଭଳି ଏକ ଜୀବନ୍ତ ସଭ୍ୟତା ସହ ଯୋଡ଼ି ହେବା ସୌଭାଗ୍ୟର ବିଷୟ।

ସେ କହିଛନ୍ତି, ଏହି ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରୁଥିବା ପ୍ରତିଭାସମ୍ପନ୍ନ ଛାତ୍ରଛାତ୍ରୀମାନେ ଚାକିରି କରିବା ଅପେକ୍ଷା ଅନେକଙ୍କୁ ଚାକିରି ଦେବା ଦିଶାରେ କାର୍ଯ୍ୟ କରିବେ। ଆଗାମୀ ୨୫ ବର୍ଷ ଭାରତର ପ୍ରଗତିର ସୁବର୍ଣ୍ଣ ସମୟ ହେବ। ସାରା ଦୁନିଆର ସମସ୍ୟାର ସମାଧାନର ସୂତ୍ର କାଶୀ ଓ ଆଇଆଇଟି ବିଏଚୟୁ ଭଳି ଅନୁଷ୍ଠାନ ପାଖରେ ରହିଛି। ନିଜର ବୌଦ୍ଧିକ ଦକ୍ଷତା ବଳରେ ଆମର ଛାତ୍ରଛାତ୍ରୀମାନେ ଭାରତ ଏବଂ ସମଗ୍ର ବିଶ୍ୱର ଆବଶ୍ୟକତା ପୂରଣ କରିବେ ବୋଲି ଶିକ୍ଷା ମନ୍ତ୍ରୀ କହିଛନ୍ତି।

## ଶିମିଳିପାଳ ଗଲା 'ଯମୁନା'

**ଭୁବନେଶ୍ୱର,୨୮।୧୦ (ସଂଚାରବ୍ୟୁରୋ) :** ଶିମିଳିପାଳ ଅଭୟାରଣ୍ୟରେ ବାଘୁଣୀ 'ଯମୁନା'। ସୋମବାର ବଡିଭୋରରୁ ଏନକ୍ଲୋଜରରେ ଅଢ଼େଇ ବର୍ଷର ବାଘୁଣୀକୁ ଛଡାଯାଇଛି। କିଛିଦିନ ନିରୀକ୍ଷଣରେ ରହିବା ପରେ କୋର୍ ଏରିଆରେ ଏହାକୁ ଛଡାଯିବ। ବାଘୁଣୀର ନାମ ଯମୁନା ରଖାଯାଇଛି ବୋଲି ପିସିସିଏଫ୍ ସୁଶାନ୍ତ ନନ୍ଦ ସୂଚନା ଦେଇଛନ୍ତି। ଶିମିଳିପାଳରେ ମହାବଳ ବାଘ ବଂଶ ବିସ୍ତାର କରିବା ଦିଗରେ ଏହା କାମ କରିବ। ବାଘୁଣୀକୁ ଆଣିବାକୁ ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପର ଏକ ସ୍ୱତନ୍ତ୍ର ଟିମ୍ ଗତ ୨୦ ତାରିଖରେ ମହାରାଷ୍ଟ୍ର ଯାଇଥିଲେ । ବାଘୁଣୀ ଧରାହେବା ପରେ ଆଇନ କାନୁନ ଅନୁଯାୟୀ ସମସ୍ତ କାଗଜପତ୍ର କରାଯାଇ ଶିମିଳିପାଳକୁ ଅଣାଯାଇଥିଲା ବୋଲି ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ନିର୍ଦ୍ଦେଶକ ତଥା ଆଞ୍ଚଳିକ ବନ୍ୟପ୍ରାଣୀ ସଂରକ୍ଷକ ଡ. ପ୍ରକାଶଚାନ୍ଦ ଗୋଗୀନେନୀ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ରାଜ୍ୟରେ ବର୍ତ୍ତମାନ ମୋଟ ୩୦ଟି ମହାବଳ ବାଘ ଥିବା ବେଳେ ତା'ମଧ୍ୟରୁ ୨୭ଟି ଅଛନ୍ତି ଶିମିଳିପାଳ ଅଭୟାରଣ୍ୟରେ। ଏହି ୨୭ଟି ଭିତରୁ ୧୩ଟି ହେଉଛି କଳା ମେଲାନିଷ୍ଟିକ ବାଘ। ଜେନେଟିକ୍ ଇନବ୍ରିଡିଂକୁ ରୋକିବା ସହ ମହାବଳ ବଂଶ ବିସ୍ତାର ପାଇଁ ବନବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଖୁବଶୀଘ୍ର ମହାରାଷ୍ଟ୍ରରୁ ଆଉ ଏକ ମହାବଳ ବାଘକୁ ଶିମିଳିପାଳ ଅଣାଯିବ ବୋଲି ସୂଚନା ଦେଇଛି ବନ ବିଭାଗ।



## ଓଏଏସ୍ ସ୍ତରରେ ଅଦଳବଦଳ

**ଭୁବନେଶ୍ୱର , ୨୮।୧୦ (ସଂଚାର ବ୍ୟୁରୋ):** ରାଜ୍ୟ ସରକାର ଓଏଏସ୍ ସ୍ତରରେ ଅଦଳବଦଳ କରିଛନ୍ତି । କ୍ରୀଡ଼ା ଓ ଯୁବ ସେବା ବିଭାଗର ଯୁଗ୍ମ ସଚିବ ଶୈଳେନ୍ଦ୍ର କୁମାର ଜେନାଙ୍କୁ ମିଶନ ଶକ୍ତି ବିଭାଗର ଯୁଗ୍ମ ସଚିବ ଭାବେ ଦାୟିତ୍ୱ ଦିଆଯାଇଛି। ସେହିପରି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଯୁଗ୍ମ ସଚିବ ମମତା ବାରିକଙ୍କୁ ଓଡ଼ିଶା ଜୀବିକା ମିଶନର ଯୁଗ୍ମ ସଚିବ ଓ ମିଶନ ଶକ୍ତି ବିଭାଗରେ ଯୁଗ୍ମ ସଚିବ ଥିବା ବିନୋଦ କୁମାର ଜେନାଙ୍କୁ ପର୍ଯ୍ୟଟନ ବିଭାଗ ଯୁଗ୍ମ

- ମନୋରଞ୍ଜନ ସାହୁ ଭୁବନେଶ୍ୱର ଉପଜିଲ୍ଲାପାଳ
- ଶୈଳେନ୍ଦ୍ର କୁମାର ଜେନା ମିଶନ ଶକ୍ତି ବିଭାଗ ଯୁଗ୍ମ ସଚିବ




ସଚିବ ଭାବେ ବଦଳି କରାଯାଇଛି। ପୁରୀ ସବ୍ କଲେକ୍ଟର ଗୋପୀନାଥ କୁଅଁରଙ୍କୁ ମହିଳା ଓ ଶିଶୁ ବିକାଶ ବିଭାଗର ଯୁଗ୍ମ ସଚିବ , ସୁରଜ କୁମାର ପଟ୍ଟନାୟକଙ୍କୁ ବରଗଡ଼ ଜିଲ୍ଲା ପରିଷଦର ଅତିରିକ୍ତ ଇଓ ଭାବେ ଦାୟିତ୍ୱ ଦିଆଯାଇଛି। ସେହିପରି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ରେ ଡେପୁଟି କମିଶନର ରାଜ କିଶୋର ଜେନାଙ୍କୁ ପୁରୀ ସବ୍-କଲେକ୍ଟର ଭାବେ ବଦଳି କରାଯାଇଛି। ସମ୍ବଲପୁର ଜିଲ୍ଲା କୁଚିଣ୍ଡାର ପୂର୍ବତନ ସବ୍-କଲେକ୍ଟର ହେମସାଗର ଭୋଇ ବର୍ତ୍ତମାନ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗରେ କାର୍ଯ୍ୟରତ ଥିବା ବେଳେ ତାଙ୍କୁ କୁଚିଣ୍ଡା ଆଇଟିଡିଏ ପିଏ ଭାବେ ବଦଳି କରାଯାଇଛି। ସୋହେଲା ବିଡିଓ ସୁରେନ୍ଦ୍ର ମେହେରଙ୍କୁ ସୁବର୍ଣ୍ଣପୁରର ଅତିରିକ୍ତ ସବ୍-କଲେକ୍ଟର ଭାବେ ଦାୟିତ୍ୱ ଦିଆଯାଯାଇଛି। ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍‌ରେ ଜିଏମ୍ (ସୋସିଆଲ ପ୍ରୋଜେକ୍ଟ) ମନୋରଞ୍ଜନ ସାହୁଙ୍କୁ ଭୁବନେଶ୍ୱର ସବ୍-କଲେକ୍ଟର ଭାବେ ନିଯୁକ୍ତି ଦିଆଯାଇଛି। ଯାଜପୁରର ଅତିରିକ୍ତ ସବ୍ କଲେକ୍ଟର ମନୋରମା ଜାଲିଙ୍କୁ ଭୁବନେଶ୍ୱରସ୍ଥିତ ଏସ୍‌ଆଇଆର୍‌ଡିର ଡେପୁଟି ଡାଇରେକ୍ଟର ଭାବେ ବଦଳି କରାଯାଇଛି। ବଲାଙ୍ଗିର ତହସିଲଦାର ସୁନୀଲ କୁମାର ମେହେରଙ୍କୁ ପାଟଣାଗଡ଼ ସବ୍-କଲେକ୍ଟର ଭାବେ ଦାୟିତ୍ୱ ଦିଆଯାଇଛି।

## ଠିକା ସଂସ୍ଥାକୁ ବିରୋଧ ; ଗଡ଼ିବନି ଆମ୍ବୁଲାନ୍ସ

**ଭୁବନେଶ୍ୱର , ୨୮।୧୦ (ସଂଚାର ବ୍ୟୁରୋ):** ନଭେମ୍ବର ୧ରେ ଠପ୍ ହେବ ୧୦୮ ଆମ୍ବୁଲାନ୍ସ ସେବା। ରାସ୍ତାରେ ଗଡ଼ିବନି ୧୩ଶହ ଆମ୍ବୁଲାନ୍ସ। କାରଣ ରାଜ୍ୟବ୍ୟାପୀ କାର୍ଯ୍ୟବନ୍ଦ ରଖିବେ ୧୦୮ ଆମ୍ବୁଲାନ୍ସ କର୍ମଚାରୀ। ଠିକା ସଂସ୍ଥାର ମନମାନୀ ବିରୋଧରେ ୬ ହଜାରରୁ ଉର୍ଦ୍ଧ୍ୱ ଆମ୍ବୁଲାନ୍ସ କର୍ମଚାରୀ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ଗ୍ରହଣ କରିଛନ୍ତି।




ନୂତନ ଠିକା ସଂସ୍ଥା ଉଦ୍ଦେଶ୍ୟମୂଳକ ଭାବେ ୨ଶହ କର୍ମଚାରୀଙ୍କୁ କାର୍ଯ୍ୟରେ ନିୟୋଜିତ କରି ନ ଥିବା ଅଭିଯୋଗ ହୋଇଛି। ଏହାରି ପ୍ରତିବାଦରେ ଆସନ୍ତା ୧ ତାରିଖରେ ଆନ୍ଦୋଳନ ଡାକରା ଦିଆଯାଇଛି। ୩୦ ଜିଲ୍ଲାର ଅଫ୍ ଡ୍ୟୁଟି କର୍ମଚାରୀମାନଙ୍କୁ ନେଇ ଜିଲ୍ଲାପାଳ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛି ମହାସଂଘ। ହେଲେ ଏନେଇ ସଂପୃକ୍ତ ଠିକା ସଂସ୍ଥା ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

ଆମ୍ବୁଲାନ୍ସ କର୍ମଚାରୀ ସଂଘର ରାଜ୍ୟ ସମ୍ପାଦକ ଶ୍ରୀରାମଚନ୍ଦ୍ର ଆଚାର୍ଯ୍ୟ କହିଛନ୍ତି, ଗ୍ରୀନ୍ ହେଲଥ୍ ସର୍ଭିସ ନାମକ ଏକ ଠିକା କମ୍ପାନୀ ଓଡ଼ିଶାରେ ୧୦୮ ଆମ୍ବୁଲାନ୍ସ ସେବାକୁ ଠିକାରେ ନେଇଛି। ସମୁଦାୟ ୬ ହଜାର କର୍ମଚାରୀଙ୍କ ମଧ୍ୟରୁ ଏହି ସଂସ୍ଥା ଉଦ୍ଦେଶ୍ୟମୂଳକ ଭାବେ ୨ଶହ କର୍ମଚାରୀଙ୍କୁ କାର୍ଯ୍ୟରେ ନିୟୋଜିତ କରିନାହିଁ।

ଏହା ପ୍ରତିବାଦରେ ଆସନ୍ତା ୩୦ ତାରିଖରେ ସମଗ୍ର ରାଜ୍ୟରେ ସମସ୍ତ ୧୦୨୮ ଆମ୍ବୁଲାନ୍ସର କର୍ମଚାରୀ ଜିପିଏସ୍ ବଟନ ଅଫ୍ କରି ରୋଗୀ ସେବା ଦେବେ । ଏହାପରେ ସମାଧାନ ନ ହେଲେ ୧ ତାରିଖରୁ ୧୦୮ ଆମ୍ବୁଲାନ୍ସ ସେବା ବନ୍ଦ କରି ରାସ୍ତା ଉପରକୁ ଆସିବୁ ବୋଲି ନିଷ୍ପତ୍ତି ହୋଇଛି।

## ବାତ୍ୟା କ୍ଷୟକ୍ଷତି ଅନୁଧ୍ୟାନ କଲେ ମୋହନ




**ଭୁବନେଶ୍ୱର,୨୮।୧୦ (ସଂଚାର ବ୍ୟୁରୋ):** 'ଦାନା' ପ୍ରଭାବରେ ଉତ୍ତର ଓଡ଼ିଶାରେ ଅଧିକ କ୍ଷୟକ୍ଷତି ଘଟିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦ୍ୱିତୀୟ ଦିନରେ ସୋମବାର ଆକାଶ ମାର୍ଗରୁ କ୍ଷୟକ୍ଷତିର ସରଜମିନ ଅନୁଧ୍ୟାନ କରିଛନ୍ତି। ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାର ବାତ୍ୟା ପ୍ରଭାବିତ ଅଞ୍ଚଳ ବୁଲିଏବା ସହିତ କ୍ଷୟକ୍ଷତିର ସମୀକ୍ଷା କରିଛନ୍ତି। ମଧ୍ୟାହ୍ନରେ ଶ୍ରୀ ମାଝୀ, ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ପ୍ରମୁଖ ବାଲେଶ୍ୱର ଜିଲ୍ଲାର କ୍ଷତିଗ୍ରସ୍ତ ଅଞ୍ଚଳ ଗସ୍ତ କରିବା ସହିତ ଆଇଟିଆର୍‌ରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଗଦେଇଥିଲେ। ବୈଠକରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଯୋଗଦେଇ କ୍ଷୟକ୍ଷତିର ବିବରଣୀ ପ୍ରଦାନ କରିଥିଲେ। ଗତକାଲି ମୁଖ୍ୟମନ୍ତ୍ରୀ ଆକାଶ ମାର୍ଗରୁ ପାରାଦୀପ, ମହାକାଳପଡା, ରାଜନଗର, ରାଜକନିକା ଓ ଚାନ୍ଦବାଲିର ସମୁଦ୍ର ତଟବର୍ତ୍ତୀ ଅଞ୍ଚଳ ଅନୁଧ୍ୟାନ କରିଥିଲେ।

### ଦୀପାବଳି ପାଇଁ ପୋଲିସର ମାର୍ଗଦର୍ଶିକା

## ବାଣ ଦୋକାନ ଉପରେ ଲାଗିଲା କଟକଣା

**ଭୁବନେଶ୍ୱର,୨୮।୧୦ (ସଂଚାର ବ୍ୟୁରୋ):** ଭୁବନେଶ୍ୱରରେ ୨୫ ସ୍ଥାନରେ ଖୋଲିବ ଅସ୍ଥାୟୀ ବାଣ ଦୋକାନ। ଦୋକାନରେ ୩୦୦ କେଜିରୁ ଅଧିକ ବାଣ ରଖିପାରିବେ ନାହିଁ। ଦୀପାବଳି ପାଇଁ



ଗାଇଡଲାଇନ ସଂପର୍କରେ ସୂଚନା ଦେଇଛନ୍ତି ଭୁବନେଶ୍ୱର ଡିସିପି ପିନାକ ମିଶ୍ର । ଏଥି ସହ ସାର୍ଟିଫାଏଡ ବାଣ କିଣିବାକୁ ରାଜଧାନୀ ବାସୀଙ୍କୁ ଅପିଲ କରିଛନ୍ତି ଡିସିପି। ୨୫ଟି ସ୍ଥାନରେ ଅସ୍ଥାୟୀ ବାଣ ଦୋକାନ ଖୋଲିବାକୁ ଜାଗା ଚିହ୍ନଟ କରଯାଇଛି । ବାଣ ଦୋକାନ ଖୋଲିବାକୁ ୪୬୫ଟି ଆବେଦନ ଆସିଥିବାବେଳେ ୨୦୦ ଦୋକାନ ପାଇଁ ଅନୁମତି ଦିଆଯାଇଛି । ଦୋକାନଗୁଡ଼ିକ ମଧ୍ୟରେ ଅତିକମରେ ୩ ମିଟର ଦୂରତା ରହିବ।

ସେହିପରି ଦୋକାନ ଆଗରେ ଫାଙ୍କା ସ୍ଥାନ ରହିବ। ଗାଇଡ଼ଲାଇନ ଅନୁଯାଇ ବାଣ ଦୋକାନ କରିବାକୁ ଦୋକାନୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବାଣ ଦୋକାନ ଯାଞ୍ଚ ପାଇଁ ବିଭିନ୍ନ ବିଭାଗକୁ ନେଇ ସ୍ୱତନ୍ତ୍ର ଟିମ ଗଠନ କରାଯାଇଛି। ଦୀପାବଳି ପୂର୍ବରୁ ବାଲିପାଟଣା ଅଞ୍ଚଳରେ କମିସନରେଟ ପୋଲିସ ବ୍ୟାପକ ଚଢ଼ାଉ କରାଯାଇଛି । ବାଲିପାଟଣା ଥାନାରେ ୪୫୬/୪୫୮ ରେ ଦୁଇଟି ମାମଲା ରୁଜୁ ହୋଇଛି । ୧୫୦କେଜିରୁ ଅଧିକ ଗନ ପାଉଡର ଓ ୫୦କେଜି ଡଷ୍ଟ ପାଉଡ଼ର ଜବତ ହୋଇଛି । ୨ ଜଣ ବାଣ ବେପାରୀଙ୍କୁ ଗିରଫ କରାଯାଇଛି। ଜବତ ବାଣ ସାମଗ୍ରୀ ମୂଲ୍ୟ ୩୦ ଲକ୍ଷରୁ ଅଧିକ ଟଙ୍କା ହେବ ବୋଲି କହିଛନ୍ତି ଭୁବନେଶ୍ୱର ଡିସିପି।






### ଅଷ୍ଟ୍ରେଲିଆ ଗସ୍ତରେ ବାଚସ୍ପତି

## ରାଜ୍ୟଗୋଷ୍ଠୀ ସଂସଦୀୟ ସମ୍ମିଳନୀରେ ଯୋଗଦେବେ

**ଭୁବନେଶ୍ୱର,୨୮।୧୦ (ସଂଚାର ବ୍ୟୁରୋ):** ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘର ୬୭ତମ ସମ୍ମିଳନୀ ଅଷ୍ଟ୍ରେଲିଆର ସିଡନୀଠାରେ ନଭେମ୍ବର ୩ ରୁ ନଭେମ୍ବର ୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି। ଏଥିରେ ଯୋଗ ଦେବାପାଇଁ ବାଚସ୍ପତି ସୁରମା ପାଢ଼ୀ ବିଦେଶ ଗସ୍ତରେ ଯାଇଛନ୍ତି। ବାଚସ୍ପତି ସୋମବାର ଦିଲ୍ଲୀ ଗସ୍ତ କରିଥିବା ବେଳେ ଅକ୍ଟୋବର ୨୯ରେ ଜାପାନର ଟୋକିଓରେ ପହଞ୍ଚିବେ। ନଭେମ୍ବର ୬ ତାରିଖରେ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘର ୬୭ତମ ସମ୍ମିଳନୀର ମୁଖ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇ 'ସଂସଦୀୟ କାର୍ଯ୍ୟଧାରା ଓ ପରିଚାଳନାରେ କୃତ୍ରିମ ବୁଦ୍ଧିମତାର ପ୍ରୟୋଗ, ସୁଯୋଗ ଓ ଆହ୍ୱାନ' ଶୀର୍ଷକ ବିଷୟ ଉପରେ ବକ୍ତବ୍ୟ ରଖିବେ। ଏହି ସମ୍ମିଳନୀରେ ଲୋକସଭାର ବାଚସ୍ପତି ଓମ୍ ବିର୍ଲା, ବିଭିନ୍ନ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ ବିଧାନସଭାର ବାଚସ୍ପତି/ ବିଧାନ ପରିଷଦର ଅଧ୍ୟକ୍ଷ/ଅଧକ୍ଷା ଏବଂ ଲୋକ ସଭା ଓ ରାଜ୍ୟସଭାର ସାଂସଦ ମଧ୍ୟ ଯୋଗ ଦେବେ। ବିଧାନସଭା ସଚିବ ଦାଶରଥି ଶତପଥୀ ମଧ୍ୟ ଯାଇଛନ୍ତି।

## ସିଲିଣ୍ଡର ଫାଟି ଜଳିଗଲା ୧୦ ବଖରା

**ବ୍ରହ୍ମପୁର, ୨୮।୧୦(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଥାନା କମଳାପଦର ଗାଁରେ ଗ୍ୟାସ୍ ସିଲିଣ୍ଡର ଫାଟି ୪ ପରିବାରର ୧୦ ବଖରା ଘର ଜଳି ଯାଇଛି। ସୋମବାର ଭୋରୁ ୪ଟା ସମୟରେ ଏହି ଅଘଟଣ ଘଟିଛି। ଭୋରରେ ହଠାତ୍ ଜଣଙ୍କ ଘରେ ଏକ ଗ୍ୟାସ ଟାଙ୍କି ଫାଟି ଯାଇଥିଲା। ଫଳରେ ହୁତୁହୁତୁ ହୋଇ ନିଆଁ ଜଳିବା ସହ ଆଖି ପିଛୁଳାକେ ଚାରିଆଡ଼େ ବ୍ୟାପି ଯାଇଥିଲା। ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଥିଲେ।

## ୱାକଫ ବିଲ୍: ଜେପିସି ବୈଠକରୁ ଉଠି ଆସିଲେ ବିରୋଧୀ

**ନୂଆଦିଲ୍ଲୀ, ୨୮।୧୦:** ୱାକଫ୍ ସଂଶୋଧନ ବିଲ୍ ଲାଗି ଉଦ୍ଦିଷ୍ଟ ଯୁଗ୍ମ ସଂସଦୀୟ କମିଟି(ଜେପିସି) ବୈଠକ ବର୍ଜନ କରିଛନ୍ତି। ବିଜେପି ସାଂସଦ ଜଗଦମ୍ବିକା ପାଲଙ୍କ ଅଧ୍ୟକ୍ଷତାରେ ସୋମବାର ସଂସଦ ଭବନରେ ବୈଠକ ଅନୁଷ୍ଠିତ ହୋଇ ବିଲ୍ ଉପରେ ଆଲୋଚନା କରାଯାଇଥିଲା। ତେବେ ୱାକଫ୍ ବିଲ୍ ବିଷୟରେ ଅଜ୍ଞ ଏବଂ ୱାକଫ ବୋର୍ଡ ସହିତ ସଂପୃକ୍ତ ନ ଥିବା ବ୍ୟକ୍ତିବିଶେଷଙ୍କୁ ବୟାନ ରଖିବା ଲାଗି ଡକାଯାଇଥିବା ଅଭିଯୋଗ କରିଥିଲେ ବିରୋଧୀ। ଦିଲ୍ଲୀ ୱାକଫ୍ ବୋର୍ଡ ପକ୍ଷରୁ କମିଟି ନିକଟରେ ରିପୋର୍ଟ ଦାଖଲ କରାଯିବା ପରେ ବିବାଦ ଆରମ୍ଭ ହୋଇଥିଲା। ଦିଲ୍ଲୀ ସରକାରଙ୍କ ଅନୁମୋଦନ ନ ଥିବା ରିପୋର୍ଟ ଦାଖଲ ହୋଇଛି ବୋଲି ବିରୋଧୀମାନେ ଅଭିଯୋଗ କରିଥିବା ବେଳେ ଅଧ୍ୟକ୍ଷ ଶ୍ରୀ ପାଲ ଏହାକୁ ଗ୍ରହଣ କରିଥିଲେ। ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ମଧ୍ୟ ଅଧ୍ୟକ୍ଷଙ୍କ ନିକଟରେ ଏକ ଚିଠି ଦାଖଲ କରି ଉକ୍ତ ରିପୋର୍ଟ ଦିଲ୍ଲୀ ସରକାରଙ୍କ ଦ୍ୱାରା ସ୍ୱୀକୃତ ନୁହେଁ ବୋଲି କହିଥିଲେ। ବିବାଦ ବଢ଼ିବା ସହିତ ବୈଠକରୁ ଏଆଇଏମ୍‌ଆଇଏମ୍ ମୁଖ୍ୟ ଅସାଦୁଦ୍ଦିନ ଓବେସୀ, କଂଗ୍ରେସ ସାଂସଦ ମହମ୍ମଦ ଜୱାଦ, ଏସ୍ ସାଂସଦ ମୋଇବୁଲ୍ଲା ନଦ୍ୱି ପ୍ରମୁଖ ବୈଠକ ଛାଡ଼ି ଚାଲିଯାଇଥିଲେ। ତେବେ କିଛି ସମୟ ପରେ ଏମାନେ ପୁଣି ଫେରିଥିଲେ ବୋଲି କୁହାଯାଇଛି।


## ଦୁର୍ନୀତି ବିରୋଧରେ ଶପଥ ନେଲେ ଗ୍ରାମ୍ୟ ଉନ୍ନୟନ ଅଧିକାରୀ

**ଭୁବନେଶ୍ୱର,୨୮।୧୦ (ସଂଚାର ବ୍ୟୁରୋ):** ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଦୁର୍ନୀତି ଏବଂ ଅନ୍ୟାୟ ବିରୋଧରେ ସାମାଜିକ ପ୍ରତିବଦ୍ଧତାର ପ୍ରଦର୍ଶନ ନେଇ ଶପଥ ପାଠ କରିଛନ୍ତି। ସାରା ରାଜ୍ୟରେ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ଗ୍ରାମ୍ୟ ଉନ୍ନୟନ ବିଭାଗରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବିଭାଗୀୟ ଅତିରିକ୍ତ ଶାସନ ସଚିବ ସଂଘମିତ୍ରା ଶତପଥୀ ଶପଥ ପାଠ କରାଇଥିଲେ। ଆର୍ଥିକ, ରାଜନୈତିକ ଓ ସାମାଜିକ ପ୍ରଗତିରେ ଦୁର୍ନୀତି ଏକ ବଡ଼ ପ୍ରତିବନ୍ଧକ। ଆଚରଣ ଓ କର୍ତ୍ତବ୍ୟ ସମ୍ପାଦନରେ ସାଧୁତା ଅବଲମ୍ବନ ସହ ଦୁର୍ନୀତି ଓ ଲାଞ୍ଚ ଦେବା ଓ ନେବା ଭଳି ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବେ ବୋଲି ସମସ୍ତେ ସଂକଳ୍ପ ନେଇଥିଲେ। ଶପଥ ପାଠ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଶାସନ ସଚିବ ବବିତା ମହାନ୍ତି, ଏଫ୍‌ଏ ଶ୍ରୀମତୀ ସ୍ମିତା ପାଣି, ଅନ୍ୟ ବରିଷ୍ଠ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଗଣ ଶପଥ ପାଠ କରିଥିଲେ।

### ଦାଦନ ସମସ୍ୟାର ନିରାକରଣ

# ଟାସ୍କଫୋର୍ସର ପ୍ରଥମ ବୈଠକ

**ଭୁବନେଶ୍ୱର,୨୮।୧୦ (ସଂଚାର ବ୍ୟୁରୋ):** ଲୋକସେବା ଭବନରେ ସୋମବାର ଦାଦନ ଜନିତ ବିସ୍ଥାପନ ସମସ୍ୟାର ନିରାକରଣ ନିମନ୍ତେ ଗଠନ ହୋଇଥିବା ଟାସ୍କଫୋର୍ସର ପ୍ରଥମ ବୈଠକ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି, ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଅନ୍ୟ ବିଭାଗର ମନ୍ତ୍ରୀଗଣ, ଅତିରିକ୍ତ ପ୍ରମୁଖ ଶାସନ ସଚିବ, ପ୍ରମୁଖ ଶାସନ ସଚିବ ଉପସ୍ଥିତ ଥିଲେ ।



ବୈଠକରେ ଦାଦନ ଯିବା କାରଣ ଓ ଏହାର ସମାଧାନ ଉପରେ ସଭିଏଁ ନିଜ ନିଜର ମତବ୍ୟକ୍ତ କରିଥିଲେ। ବୈଠକରେ ଶ୍ରୀ ସିଂହଦେଓ ଅଧ୍ୟକ୍ଷତା କରି କହିଥିଲେ, ଲୋକଙ୍କୁ ସ୍ଥାୟୀ ଜୀବିକା କିମ୍ବା ରୋଜଗାରର ପନ୍ଥା ଯୋଗାଇ ଦେବା ସହ ଦଲାଲ (ଲେବର୍ ସର୍ଦ୍ଦାର)କୁ ହଟାଇ ପାରିଲେ ଦାଦନ ବିସ୍ଥାପନ ସମସ୍ୟା କିଛି ମାତ୍ରାରେ କମିଯିବ। ଅଧିକ ରୋଜଗାରର ଆଶା ଦେଖାଇ ସେମାନେ ଦିନମଜୁରିଆଙ୍କୁ ପ୍ରଲୋଭିତ କରନ୍ତି। ପରେ ଠିକ ଭାବରେ ପାରିଶ୍ରମିକ ନ ଦେଇ ଦିନରାତି ଖଟାନ୍ତି। ସେଥିପାଇଁ ସରକାରଙ୍କ ତରଫରୁ ଏହି ଟାସ୍କଫୋର୍ସ ଗଠନ କରାଯାଇ ରଣନୀତି ପ୍ରସ୍ତୁତ କରାଯାଉଛି । ଦାଦନ ଭାବେ ବାହାର ରାଜ୍ୟକୁ କିମ୍ବା ଦେଶକୁ ଯାଉଥିବା ବ୍ୟକ୍ତି ପ୍ରଥମେ ନିଜକୁ ପଞ୍ଜୀକରଣ କରାନ୍ତୁ। ଯାହାଫଳରେ ଭବିଷ୍ୟତରେ କୌଣସି ଅସୁବିଧାର ସମ୍ମୁଖୀନ ହେଲେ ସରକାର ଆବଶ୍ୟକ ମୁତାବକ ସାହାଯ୍ୟ ଯୋଗାଇ ଦେଇପାରିବେ।

ଲେବର୍ କଣ୍ଟ୍ରାକ୍ଟରମାନେ ମଧ୍ୟ ଲାଇସେନ୍ସପ୍ରାପ୍ତ ହୋଇଥିବା ଆବଶ୍ୟକ। ଅବୈଧ କଣ୍ଟ୍ରାକ୍ଟର ପକ୍ଷେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସରକାର ଦାଦନ ବିସ୍ଥାପିତଙ୍କ ତଥ୍ୟ ରଖିବା ପାଇଁ ଏକ ମୋବାଇଲ ଆପ ବିକାଶ ଏବଂ ଦାଦନ ଶ୍ରମିକଙ୍କ ପାଇଁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ କାର୍ଡ କରାଯିବାର ଯୋଜନା କରିଛନ୍ତି।

ସୂଚନାଯୋଗ୍ୟ, ୨୦୨୪ ବର୍ଷରେ ପ୍ରାୟ ୧୦୩୬ ଜଣଙ୍କୁ ଲେବର୍ ଲାଇସେନ୍ସ ପ୍ରଦାନ କରାଯାଇଛି ଏବଂ ୯୬ ଥର ଯାଞ୍ଚ ପ୍ରକ୍ରିୟା ଅନୁଷ୍ଠିତ ହୋଇଛି । ବଲାଙ୍ଗିର, ବରଗଡ଼, କଳାହାଣ୍ଡି ଓ ନୂଆପଡ଼ା ଭଳି ୪ଟି ଜିଲ୍ଲାର ୨୦ ଟି ବ୍ଲକର ୨୯ଟି ପଞ୍ଚାୟତରେ ସର୍ଭେ କରାଯାଇଛି।

ଏହି ସମସ୍ୟାର ନିରାକରଣ ପାଇଁ ପାରିଶ୍ରମିକ ବୃଦ୍ଧି ସହ ସଠିକ ସମୟରେ ଏହି ପାରିଶ୍ରମିକ ସେମାନଙ୍କୁ ଯୋଗାଇବା ଆବଶ୍ୟକ। ଆଇଏସ୍‌ଏମ୍‌ଡବ୍ଲ୍ୟୁ ଆଇନ ଅନ୍ତର୍ଗତ ଅବାଧ ଚାଲାଣ ରୋକିବା ପାଇଁ ଟ୍ରାକିଂ ଓ ଆବଶ୍ୟକସ୍ଥଳେ ରେଡ୍ ପୁଲିସ ତଥା ପ୍ରଶାସନର ମିଳିତ ଉଦ୍ୟମରେ ହେବା ଦରକାର। ଓଡ଼ିଶା ସରକାରଙ୍କ ପକ୍ଷରୁ ଟୋଲ ଫ୍ରି ନମ୍ବର-୧୮୦୦୩୪୫୬୭୦୩ ଯୋଗାଇ ଦିଆଯାଇଛି, ଏହାର ସହାୟତା ନେଇପାରିବେ। ଗ୍ରାମ ତଥା ପଞ୍ଚାୟତସ୍ତରରେ ସଚେତନତା ଓ ସ୍ଥାୟୀ ରୋଜଗାର ସୃଷ୍ଟି ଏବଂ ସରକାରଙ୍କ ପ୍ରଣୀତ ସେବା ଯଥା ବ୍ୟାଙ୍କ, ୟୁପିଆଇ ଭଳି ସେବାର ବ୍ୟବହାର କରିବା ଦ୍ୱାରା ଏହାର ସମାଧାନ ହୋଇପାରିବ।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର

# ୧୩.୧୦ କୋଟି ଶ୍ରମିକଙ୍କ ପାଇଁ ଆଧାର ସିଡିଂ




**ଭୁବନେଶ୍ୱର,୨୮।୧୦:** ଚଳିତ ବର୍ଷର ପ୍ରଥମାର୍ଦ୍ଧରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନ ୨୦୦୫ (ମହାତ୍ମା ଗାନ୍ଧୀ ନରେଗା)ର ଅଧୀନରେ ଗ୍ରାମୀଣ ନିଯୁକ୍ତି ୧୬% ହ୍ରାସ ପାଇଥିବା କେତେକ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିବାବେଳେ ଏନେଇ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟୀକରଣ ରଖାଯାଇଛି। ୨୦୦୬-୦୭ ଆର୍ଥିକ ବର୍ଷରୁ ୨୦୧୩-୧୪ ଆର୍ଥିକ ବର୍ଷ ମଧ୍ୟରେ ମୋଟ ବ୍ୟକ୍ତି ଦିବସ ୧୬୬୦ କୋଟି ଥିବା ବେଳେ ୨୦୧୪-୧୫ ଆର୍ଥିକ ବର୍ଷରୁ ୨୦୨୪-୨୫ ଆର୍ଥିକ ବର୍ଷ ମଧ୍ୟରେ ମୋଟ ବ୍ୟକ୍ତି ଦିବସ ୨୯୨୩ କୋଟି ରହିଛି। ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ତଥ୍ୟାନୁସାରେ, ଶନିବାର ସୁଦ୍ଧା ୧୩.୧୦ କୋଟି ସକ୍ରିୟ ଶ୍ରମିକଙ୍କ ପାଇଁ ଆଧାର ସିଡିଂ କରାଯାଇଛି, ଯାହାକି ମୋଟ ସକ୍ରିୟ ଶ୍ରମିକ (୧୩.୧୮ କୋଟି)ର ୯୯.୩% ଅଟେ। ତେବେ ମନ୍ତ୍ରଣାଳୟର ସୂଚନାନୁସାରେ ଅଯୋଗ୍ୟ କର୍ମଚାରୀଙ୍କ କ୍ଷେତ୍ରରେ, ଯେଉଁମାନଙ୍କର ଏବିପିଏସ ଏବେ ବି ବିଚାରାଧୀନ ଅଛି, ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ସମସ୍ତ ବ୍ୟାଙ୍କକୁ ଏନଆରଇଜିଏସ ହିତାଧିକାରୀଙ୍କ ଆଧାର ନମ୍ବରକୁ ଏନପିସିଆଇ ମ୍ୟାପରେ ଠିକ ସମୟରେ ଯୋଡ଼ିବା ସୁନିଶ୍ଚିତକୁ ସଚେତନ କରିବାକୁ ଅନୁରୋଧ କରାଯାଇଛି। ତେବେ ମହାତ୍ମା ଗାନ୍ଧୀ ଏନଆରଇଜିଏସ ଅଧୀନରେ ଜବ କାର୍ଡ ଯାଞ୍ଚ ଏକ ନିରନ୍ତର ପ୍ରକ୍ରିୟା। ମିଳିଥିବା ତଥ୍ୟନୁସାରେ, ୨୦୨୩-୨୪ ଆର୍ଥିକ ବର୍ଷରେ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ଦ୍ୱାରା ଡିଲିଟ ହୋଇଥିବା ଜବ କାର୍ଡ ସଂଖ୍ୟା ୧୦୨.୨୦ ଲକ୍ଷ ଥିବା ବେଳେ ଚଳିତ ଆର୍ଥିକ ବର୍ଷ ୨୦୨୪-୨୫ରେ ୨୬.୧୦.୨୪ ସୁଦ୍ଧା ଏହା ୩୨.୨୮ ଲକ୍ଷ ରହିଛି। ଏଥିରୁ ଏହା ସ୍ପଷ୍ଟ ଯେ ଆନ୍ଧ୍ରପ୍ରଦେଶରେ ୨୦୨୪ ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ସମୁଦାୟ ୩.୪୩ ଲକ୍ଷ ନୂତନ ଶ୍ରମିକ ଯୋଡ଼ି ହୋଇଥିବା ବେଳେ ୨.୮୫ ଲକ୍ଷ ଶ୍ରମିକଙ୍କୁ ଛଟେଇ କରାଯାଇ ୫୮ ହଜାର ଶ୍ରମିକ ଯୋଡ଼ି ହୋଇଛନ୍ତି।

ଅନ୍ୟପଟେ ଜାନୁଆରୀ ପହିଲାରୁ ବାଧ୍ୟତାମୂଳକ କରାଯାଇଥିବା ସମସ୍ତ କାର୍ଯ୍ୟ (ବ୍ୟକ୍ତିଗତ ହିତାଧିକାରୀ କାର୍ଯ୍ୟବ୍ୟତୀତ) ପାଇଁ ଏନଏମଏମଏସ ଆପ ମାଧ୍ୟମରେ ଗୋଟିଏ ଦିନରେ ଶ୍ରମିକମାନଙ୍କର ଜିଓ-ଟ୍ୟାଗ, ଦୁଇଟି ଟାଇମ ଷ୍ଟାମ୍ପ ଫଟୋ ସହିତ ରିୟଲ ଟାଇମ ଉପସ୍ଥାନ ସଂଗ୍ରହ କରିବା ଅନ୍ତର୍ଭୁକ୍ତ। ଯାହାକୁ ୧ ଜାନୁୟାରୀ ୨୦୨୩ ଠାରୁ ବାଧ୍ୟତାମୂଳକ କରାଯାଇଛି। ୨୦୨୪-୨୫ ଆର୍ଥିକ ବର୍ଷରେ ୨୦.୩୫ ଲକ୍ଷ କାର୍ଯ୍ୟସ୍ଥଳୀ (୯୫.୬୬%) ପାଇଁ ଉପସ୍ଥାନ ସଂଗ୍ରହ କରାଯାଇ ପୋର୍ଟାଲରେ ଅପଲୋଡ କରାଯାଇଛି। ୨୦୧୩-୧୪ ଆର୍ଥିକ ବର୍ଷରେ ବଜେଟ ଆବଣ୍ଟନ କେବଳ ବିଇ ପର୍ଯ୍ୟାୟରେ ୩୩,୦୦୦ କୋଟି ଟଙ୍କା ଥିଲା, ଯାହା ଚଳିତ ଆର୍ଥିକ ବର୍ଷ ୨୦୨୪-୨୫ ରେ ୮୬,୦୦୦ କୋଟି ଟଙ୍କା, ଯାହା ଆରମ୍ଭ ପରଠାରୁ ସର୍ବାଧିକ। ଏହାବ୍ୟତୀତ ୨୦୨୪-୨୫ ଆର୍ଥିକ ବର୍ଷରେ ସର୍ବନିମ୍ନ ହାରାହାରି ବେତନ ହାର ୭% ବୃଦ୍ଧି ପାଇଛି। ମହାତ୍ମା ଗାନ୍ଧୀ ଏନଆରଇଜିଏସ କାର୍ଯ୍ୟକାରୀ କରିବା ପାଇଁ ମନ୍ତ୍ରଣାଳୟ ଅର୍ଥ ମନ୍ତ୍ରଣାଳୟଠାରୁ ଅତିରିକ୍ତ ପାଣ୍ଠି ମାଗିଛି। ୧୫ ଦିନର ନିର୍ଦ୍ଧାରିତ ଅବଧି ମଧ୍ୟରେ (ବିଳମ୍ବ ପାଇଁ କୌଣସି କ୍ଷତିପୂରଣ ବିନା) ଶ୍ରମିକଙ୍କ ମଜୁରି ପ୍ରଦାନ କରାଯାଏ ନାହିଁ ବୋଲି କହିବା ଠିକ ନୁହେଁ ବୋଲି ବିଭାଗ ଦର୍ଶାଇଛି। ବର୍ତ୍ତମାନ ୯୭% ଫଣ୍ଡ ଟ୍ରାନ୍ସଫର ଅର୍ଡର (ଏଫଟିଓ) ଠିକ ସମୟରେ ସୃଷ୍ଟି ହେଉଛି।

# ରାଜ୍ୟର ୧୬% ଆୟକରଦାତା ମହିଳା




**ଭୁବନେଶ୍ୱର, ୨୮।୧୦:** ଶ୍ରମଶକ୍ତିରେ ମହିଳାମାନଙ୍କ ଯୋଗଦାନ ବଢ଼ିବା ସହିତ ବ୍ୟକ୍ତିଗତ ଆୟକରଦାତା ବର୍ଗରେ ସେମାନଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସର୍ବଭାରତୀୟ ସ୍ତରରେ ଏହି ଧାରା ଦେଖାଦେଇଥିବା ବେଳେ ଓଡ଼ିଶା ସେଥିରେ ପଛରେ ନାହିଁ। ଦେଶର ପ୍ରାୟ ୧୫ ପ୍ରତିଶତ ଆୟକରଦାତା ମହିଳା ହୋଇଥିବା ବେଳେ

## ଜାତୀୟ ସ୍ତରଠୁ ଅଧିକ

ଓଡ଼ିଶାରେ ଏହି ହାର ୧୨-୧୬ ପ୍ରତିଶତ ଥିବା ନେଇ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଏକ ରିପୋର୍ଟରେ ଦାବି କରାଯାଇଛି। କେରଳ, ତାମିଲନାଡୁ, ପଞ୍ଜାବ ଓ ପଶ୍ଚିମବଙ୍ଗରେ ମହିଳା ଆୟକରଦାତାଙ୍କ ହାର ଅଧିକ ରହିଛି। କେରଳରେ ଏହି ହାର ୨୨-୨୬ ପ୍ରତିଶତ ଥିବା ବେଳେ ତାମିଲନାଡୁରେ ତାହା ୨୧-୨୫ ପ୍ରତିଶତ ରହିଛି। ବିହାରରେ ଏହି ହାର ସର୍ବନିମ୍ନ ୫-୭ ପ୍ରତିଶତ ଥିବା ବେଳେ ଉତ୍ତରପ୍ରଦେଶରେ ତାହା ୫-୮ ପ୍ରତିଶତ ରହିଛି। ଆୟକର ରିଟର୍ଣ୍ଣ ଦାଖଲରେ ମହିଳାଙ୍କ ଭାଗ ହିସାବରେ ମହାରାଷ୍ଟ୍ର ସମକକ୍ଷ ରହିଛି ଓଡ଼ିଶା। ଏହା ଛତିଶଗଡ଼, ଗୁଜରାଟ, ହରିୟାଣା, ହିମାଚଳପ୍ରଦେଶ, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ରାଜସ୍ଥାନ, ଉତ୍ତରପ୍ରଦେଶ ଓ ଉତ୍ତରାଖଣ୍ଡଠାରୁ ଆଗରେ ରହିଛି। ଏହି ରିପୋର୍ଟରେ କୁହାଯାଇଛି ଯେ ଆୟକର ରିଟର୍ଣ୍ଣ ଦାଖଲରେ ଆଗରେ ଥିବା ରାଜ୍ୟ ଯଥା ମହାରାଷ୍ଟ୍ର, ଦିଲ୍ଲୀ, ଗୁଜରାଟ ଓ କର୍ଣ୍ଣାଟକରେ ଟିକସଦାତାଙ୍କ ସଂଖ୍ୟା କମ୍ ହେଉଥିବା ବେଳେ ଉତ୍ତରପ୍ରଦେଶ, ବିହାର, ଆନ୍ଧ୍ରପ୍ରଦେଶ, ପଞ୍ଜାବ ଓ ରାଜସ୍ଥାନରେ ବଢ଼ିବାରେ ଲାଗିଛି। ଆୟକର ରିଟର୍ଣ୍ଣ ଦାଖଲରେ ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ଗୁଜରାଟ, ରାଜସ୍ଥାନ ଓ ତାମିଲନାଡୁ ଉପର ପାଞ୍ଚଟି ସ୍ଥାନରେ ରହିଛନ୍ତି। ମୋଟ ଆୟକର ରିଟର୍ଣ୍ଣରେ ଏହି ପାଞ୍ଚ ରାଜ୍ୟର ଭାଗ ୪୮ ପ୍ରତିଶତ ରହିଛି। ମହାରାଷ୍ଟ୍ର, ଦିଲ୍ଲୀ, କର୍ଣ୍ଣାଟକ, ତାମିଲନାଡୁରେ ମୁଣ୍ଡପିଛା ଟିକସ ଜାତୀୟ ହାରଠାରୁ ଅଧିକ ରହିଛି। ସେହି ସମୟରେ ରାଜସ୍ଥାନ, ପଞ୍ଜାବ, ବିହାର, ପଶ୍ଚିମବଙ୍ଗ, ଓଡ଼ିଶା,ମଧ୍ୟପ୍ରଦେଶ ଓ ଉତ୍ତରପ୍ରଦେଶରେ ମୁଣ୍ଡପିଛା ଟିକସ ହାର ଜାତୀୟ ସ୍ତରଠାରୁ କମ୍ ରହିଥିବା ବେଳେ ମୁଣ୍ଡପିଛା ଆୟ ମଧ୍ୟ କମ୍ ରହିଛି।





# ନଭେମ୍ବର ୧୫ ପର୍ଯ୍ୟନ୍ତ ଘୁଞ୍ଚିଲା ଆୟକର ଦାଖଲ ଅବଧି

**ଭୁବନେଶ୍ୱର, ୨୮।୧୦:** ଆୟକର ଦାଖଲ ଅବଧି ନଭେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। ଆଜି ଅର୍ଥ ମନ୍ତ୍ରାଳୟ ଅଧୀନସ୍ଥ ସେଣ୍ଟ୍ରାଲ ବୋର୍ଡ ଅଫ୍ ଡାଇରେକ୍ଟ ଟ୍ୟାକ୍ସେସ୍ ପକ୍ଷରୁ କୁହାଯାଇଛି ଯେ ୨୦୨୩-୨୪ ଆର୍ଥିକ ବର୍ଷ (ଆକଳନ ବର୍ଷ ୨୦୨୪-୨୫) ପାଇଁ ଆୟକର ଦାଖଲ ଶେଷ ତାରିଖ ଅକ୍ଟୋବର ୩୧ ପର୍ଯ୍ୟନ୍ତ ଥିଲା। କିନ୍ତୁ ତାହା ଆସନ୍ତା ମାସ ୧୫ ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। ତେବେ ଏହି ଅବଧି ସମ୍ପ୍ରସାରଣ କେବଳ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଯେଉଁମାନେ ଗତ ସେପ୍ଟେମ୍ବର ୩୦ ସୁଦ୍ଧା ଟିକଟ ଅଡିଟ୍ ରିପୋର୍ଟ ଏବଂ ଅକ୍ଟୋବର ୩୧ ତାରିଖ ସୁଦ୍ଧା ଆୟକର ଦାଖଲ ପାଇଁ ଅପେକ୍ଷା କରିଥିଲେ।

# କମିପାରେ ମୋବାଇଲ୍ ରିଚାର୍ଜ

**ନୂଆଦିଲ୍ଲୀ, ୨୮।୧୦ :** ଟେଲିକମ୍ କମ୍ପାନୀଗୁଡିକୁ ଟାରିଫ୍ ମୂଲ୍ୟ ବଢ଼ାଇବା ପରେ ଦେଶରେ ମୋବାଇଲ ରିଚାର୍ଜ ମହଙ୍ଗା ହୋଇଯାଇଛି। ରିଚାର୍ଜ ଦର ବଢ଼ିବା ପରେ ଅନେକ ଉପଭୋକ୍ତା ରାଷ୍ଟ୍ରାୟତ୍ତ ବିଏସ୍ଏନ୍ଏଲ୍ ମୁହାଁ ହୋଇଥିଲେ। ଯାହାଫଳରେ ହଠାତ୍ ଜିଓ ଏବଂ ଏୟାରଟେଲ୍ ଭଳି କମ୍ପାନୀଙ୍କ ଗ୍ରାହକ ସଂଖ୍ୟା ହ୍ରାସରେ ହ୍ରାସ ଘଟିଛି, ଯାହା ଏବେ ଟେଲିକମ୍ କମ୍ପାନୀଙ୍କ ପାଇଁ ବଡ଼ ଚିନ୍ତାର ବିଷୟ ହୋଇଛି। ଏବେ ଲାଇସେନ୍ସ ଶୁଳ୍କ ହ୍ରାସ କରିବାକୁ ଜିଓ,ଏୟାରଟେଲ୍ ଏବଂ ଭିଆଇ ଭଳି କମ୍ପାନୀ ସରକାରଙ୍କ ନିକଟରେ ଦାବି କରିଛନ୍ତି। ଯଦି ସରକାର ସୋମନଙ୍କ ଦାବି ମାନି ନିଅନ୍ତି ତେବେ ରିଚାର୍ଜ ପ୍ଲାନ୍ ପୂର୍ବ ପରି ଶସ୍ତା ହୋଇଯିବ।

ଚଳିତବର୍ଷ ଜୁଲାଇ ମାସରେ ଘରୋଇ ଟେଲିକମ କମ୍ପାନୀଗୁଡ଼ିକ ଟାରିଫ୍ ମହଙ୍ଗା କରିବା ପରେ ଗ୍ରାହକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ଅନେକ ଗ୍ରାହକ ବ୍ୟବହାର କରୁଥିବା ନେଟୱର୍କ ଛାଡ଼ି ବିଏସଏନଏଲକୁ ଚାଲିଯାଇଥିଲେ। ଆଉ ଘରୋଇ ଟେଲିକମ୍ କମ୍ପାନୀଗୁଡ଼ିକ ଗ୍ରାହକ ହରାଇବା ପରେ ଏବେ ରିଚାର୍ଜ ଦର କମାଇବାକୁ ଚିନ୍ତା କରୁଛନ୍ତି। ଏଥିପାଇଁ ସେମାନେ କେନ୍ଦ୍ର ସରକାରଙ୍କ ନିକଟରେ ଲାଇସେନ୍ସ ଶୁଳ୍କ ହ୍ରାସ କରିବାକୁ ଅଡି ବସିଛନ୍ତି। ଟେଲିକମ୍ କମ୍ପାନୀଗୁଡିକୁ ପ୍ରତିନିଧିତ୍ୱ କରୁଥିବା ସଂସ୍ଥା ସେଲୁଲାର୍ ଅପରେଟର୍ସ ଆସୋସିଏସନ୍ ଅଫ୍ ଇଣ୍ଡିଆ (ସିଓଏଆଇ) କମ୍ପାନୀଗୁଡିକ ପକ୍ଷରୁ ସରକାରଙ୍କ ପାଖରେ ଲାଇସେନ୍ସ ଶୁଳ୍କ ହ୍ରାସ କରିବାକୁ ଦାବି କରିଛି। ଲାଇସେନ୍ସ ଶୁଳ୍କ ୦.୫- ୧ ପ୍ରତିଶତକୁ ହ୍ରାସ କରିବାକୁ ସିଓଏଆଇ ଦାବି କରିଛି। ଟେଲିକମ୍ ଅପରେଟରମାନଙ୍କ କହିବା କଥା ହେଲା ଲାଇସେନ୍ସ ଶୁଳ୍କ ହ୍ରାସ ହେଲେ ନେଟୱାର୍କର ନବୀକରଣ ଏବଂ ସମ୍ପ୍ରସାରଣ ସହଜ ହେବ। ସିଓଏଆଇ ମହାନିର୍ଦ୍ଦେଶକ ଏସପି କୋଚର କହିଛନ୍ତି ଯେ ସ୍ପେକ୍ଟ୍ରମକୁ ଲାଇସେନ୍ସରୁ ଅଲଗା କରି ବଜାର ମୂଲ୍ୟରେ ଆବଣ୍ଟନ କରିବା ପରେ ଲାଇସେନ୍ସ ଫି' ଲାଗୁ କରିବାର ଯଥାର୍ଥତା ବହୁ ପୂର୍ବରୁ ଶେଷ ହୋଇଯାଇଥିଲା। ଟେଲିକମ୍ କମ୍ପାନୀଗୁଡିକ ୮ପ୍ରତିଶତ ପର୍ଯ୍ୟନ୍ତ ଲାଇସେନ୍ସ ଦେୟ ଦେଉଛନ୍ତି। ଯାହା ବହୁତ ଅଧିକ ବୋଲି ସିଓଏଆଇ ମହାନିର୍ଦ୍ଦେଶକ କହିଛନ୍ତି। ତେଣୁ ସରକାର ଏଥିରେ ହ୍ରାସ କରିବା ଦରକାର ବୋଲି ସେ ଦାବି କରିଛନ୍ତି। ଯଦି ସରକାର ଏବଂ ଟେଲିକମ୍ ନିୟାମକମାନେ ଟେଲିକମ୍ ଅପରେଟର ମାନଙ୍କର ଏହି ଦାବି ଗ୍ରହଣ କରନ୍ତି, ତେବେ କମ୍ପାନୀ ଏଥିରୁ ଉପକୃତ ହୋଇପାରିବ। ଟେଲିକମ୍ ଅପରେଟରମାନେ ନିକଟରେ ଆୟୋଜିତ ଇଣ୍ଡିଆ ମୋବାଇଲ୍ କଂଗ୍ରେସରେ ମଧ୍ୟ ଏହି ଦାବି ଉଠାଇଥିଲେ।



# ଆଉ ଏକ ମହଙ୍ଗା ମାଡ଼କୁ ମୁକାବିଲା କରିପାରିବନି ଭାରତ

**ନୂଆଦିଲ୍ଲୀ, ୨୮।୧୦:** ଦେଶରେ ଦୀର୍ଘଦିନ ହେବ ମୁଦ୍ରାସ୍ଫୀତି ଖୁବ୍ ଉପରେ ରହିଛି। ଏହାକୁ ନେଇ କେନ୍ଦ୍ର ସରକାରଙ୍କ ସହ କେନ୍ଦ୍ରୀୟ ବ୍ୟାଙ୍କ ବେଶ ଚିନ୍ତିତ। କାରଣ ମୁଦ୍ରାସ୍ଫୀତି ନିୟନ୍ତ୍ରଣ ସରକାରଙ୍କ କ୍ଷମତା ବାହାରକୁ ଚାଲିଯାଇଛି, ଯାହା ଆଜି ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ଦେଇଥିବା ବୟାନ୍ରୁ ସ୍ପଷ୍ଟ ହୋଇଛି। ଆଜି ଆର୍‌ବିଆଇ ଗଭର୍ଣ୍ଣର କହିଛନ୍ତି ଯେ, ଆଉ ଏକ ମହଙ୍ଗା ମାଡ଼କୁ ମୁକାବିଲା କରିପାରିବନାହିଁ। ବର୍ତ୍ତମାନ କେନ୍ଦ୍ରୀୟ ବ୍ୟାଙ୍କ ପାଇଁ ସବୁଠାରୁ ଉତ୍ତମ ବିକଳ୍ପ ହେବ ସୁଧ ହାର ଆର୍‌ବିଆଇର ଧାର୍ଯ୍ୟ ଲକ୍ଷ୍ୟ ମଧ୍ୟକୁ ଆସିବା। ଗତ ମୁଦ୍ରାନତି କମିଟି ବୈଠକ(ଏମ୍ପିସି)ରେ ଶକ୍ତିକାନ୍ତ ସୁଧହାର




ଅପରିବର୍ତ୍ତିତ ରଖôବା ସପକ୍ଷର ଭୋଟ୍ ଦେଇଥିଲେ। କେବଳ ଦରଦାମ୍ରେ ସ୍ଥିରତା ଆଣିବା ମୁଦ୍ରାନୀତି ବୈଠକରେ ଅଭିବୃଦ୍ଧିକୁ ସମର୍ଥନ ରାଯାଇପାରିବ। ଚଳିତମାସର ପ୍ରାରମ୍ଭରେ ଅନୁଷ୍ଠିତ ଆର୍‌ବିଆଇର ଏମ୍ପିସି ବୈଠକରେ ସୁଧହାର ୬.୫%ରେ ଅପରିବର୍ତ୍ତିତ ରଖାଯାଇଥିଲା। କ୍ରମାଗତ ଭାବେ ୧୦ମ ଥରପାଇଁ ଏମ୍ପିସ ସୁଧହାର ଅପରିବର୍ତ୍ତିତ ରଖôଛି। ଏହି ବୈଠକେର ଏମ୍ପିସିର ତିନି ନୂଆ ବାହ୍ୟ ସଦସ୍ୟ ରାମ୍ ସିଂହ,ସୌଗତ ଭଟ୍ଟାଚାର୍ଯ୍ୟ ଏବଂ ନଗେଶ କୁମାର ଉପସ୍ଥିତ ଥିଲେ। ଆବ୍ରିଆଇର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରାଜୀବ ରଞ୍ଜନ କହିଛନ୍ତି ଯେ, ବର୍ତ୍ତମାନଠାରୁ ଡିସେମ୍ବର ଯାଏ ଅନେକ ପ୍ରସଙ୍ଗ ଉପରେ ସ୍ପଷ୍ଟ ସୂଚନା ଆସିଯିବ। ଏଥିରେ ଆମେରିକାର ରାଷ୍ଟ୍ରପତି ନିର୍ବାଚନ,ଭୂ-ରାଜନୈତିକ ଅସ୍ଥିତରତା,ଚାଇନାର ବିତ୍ତୀୟ ପ୍ରୋତ୍ସାହନ ପ୍ୟାକେଜ୍ ଏବଂ ବିଶ୍ୱରେ ବିଭିନ୍ନ ସାମଗ୍ରୀର ଦରଦାମ୍ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ରହିଛି। ଏଭଳି ପରିସ୍ଥିତିରେ ଭାରତର ଆକର୍ଷଣୀୟ ଅଭିବୃଦ୍ଧି ଗାଥା ଆମକୁ ମୁଦ୍ରାସ୍ଫୀତି ଏବଂ ପ୍ରମୁଖ ସୁଧହାରକୁ ୬.୫%ରେ ଅପରିବର୍ତ୍ତିତ ରଖôବା ଉପରେ ଧ୍ୟାନ କେନ୍ଦ୍ରୀତ କରିବାରେ ସାହାଯ୍ୟ କରିବ। ସେଥôପାଇଁ ସେ ସୁଧହାର ଅପରିବର୍ତ୍ତିତ ରଖୀବା ସପକ୍ଷରେ ଭୋଟ୍ ଦେଇଥିବା କହିଛନ୍ତି। ବାହ୍ୟ ସଦସ୍ୟ ନଗେଶ କୁମାର ଏକ ମାତ୍ର ବ୍ୟକ୍ତି ଯେ କି ସୁଧହାରରେ ୨୫ ବେସିସିସ୍ ପଏଣ୍ଟ ହ୍ରାସ ପାଇଁ ସୁପାରିସ କରିଥିଲେ। ଉଭୟ ଘରୋଇ ଏବଂ ରପ୍ତାନି ବଜାରରେ ଶିଳ୍ପ ଚାହିଦା ବଢ଼ିଥିବା ଦୃଷ୍ଟିରୁ ଚଳିତଥର ସୁଧ ହାରରେ ହ୍ରାସ ଚାହିଦାରେ ବୃଦ୍ଧି ଘଟାଇବା ସହ ଏବଂ ଘରୋଇ ନିବେଶ ତ୍ୱରାନ୍ୱିତ କରିବ ବୋଲି ସେ କହିଛନ୍ତି।

# ଶସ୍ତା ହେବ ଅଶୋଧିତ ତେଲ




## ଦାମ୍ ୭୦ ଡଲାର ପର୍ଯ୍ୟନ୍ତ ଖସିବ

**ନୂଆଦିଲ୍ଲୀ, ୨୮।୧୦:** ଇରାନ ଓ ଇସ୍ରାଏଲ୍ ମଧ୍ୟରେ ଚାଲିଥିବା ଉତ୍ତେଜନା ଦ୍ୱାରା ତୈଳ ଭିତ୍ତିଭୂମିରେ କୌଣସି କ୍ଷତି ହୋଇନାହିଁ। ତେଣୁ ଖୁବ୍‌ଶୀଘ୍ର ଅଶୋଧିତ ତୈଳ ଶସ୍ତା ହେବା ଆଶା କରାଯାଉଛି। ବ୍ରେଣ୍ଟ କ୍ରୁଡ୍ ଓ ୟୁଏସ୍ ୱେଷ୍ଟ ଟେକ୍ସାସ୍ ଇଣ୍ଟରମେଡିଏଡ୍ କ୍ରୁଡ୍‌ର ଦାମ୍ କମ୍ ହେବାର ସମ୍ଭାବନା ରହିଛି। ବ୍ରେଣ୍ଟ କ୍ରୁଡ୍‌ର ବ୍ୟାରେଲ୍ ପିଛା ଦାମ୍ ୭୪-୭୫ ଡଲାର ପର୍ଯ୍ୟନ୍ତ ହ୍ରାସ ପାଇବ ବୋଲି ଆଶା କରାଯାଉଛି। ମଧ୍ୟପ୍ରାଚ୍ୟରେ ଇସ୍ରାଏଲ୍ ଓ ଇରାନ ମଧ୍ୟରେ ଉତ୍ତେଜନା ଲାଗି ରହିଥିବାରୁ ଅଶୋଧିତ ତୈଳ ଦର ବୃଦ୍ଧି ପାଇବାରେ ଲାଗିଛି। ଯେହେତୁ ଇସ୍ରାଏଲ୍ ଆକ୍ରମଣ ଦ୍ୱାରା ଇରାନର କୌଣସି ବଡ଼ ଧରଣର ହୋଇନାହିଁ, ତେଣୁ ସୋମବାର ବଜାର ଆରମ୍ଭ ହେବା ବେଳକୁ ଅଶୋଧିତ ତୈଳ ଦର ଶସ୍ତା ହେବ ବୋଲି ଆଶା କରାଯାଉଛି। ଓନିକ୍ସର ଗ୍ରୁପ୍ ମୁଖ୍ୟ ହାରି ଚିଲିଙ୍ଗୁରିଆନ୍ କହିଛନ୍ତି ଯେ ପୂର୍ବରୁ ଇସ୍ରାଏଲ୍ ଓ ଇରାନ ମଧ୍ୟରେ ଉତ୍ତେଜନାକୁ ନେଇ ଚିତ୍ର ସ୍ପଷ୍ଟ ହୋଇପାରୁନଥିଲା। କିନ୍ତୁ ଏବେ ବହୁତ କିଛି ସ୍ପଷ୍ଟ ହୋଇଗଲାଣି। ତେଣୁ ତୈଳ ବଜାରରେ ସ୍ଥିରତା ଫେରିବା ଆଶା କରାଯାଉଛି ବୋଲି ସେ କହିଛନ୍ତି। ଅଷ୍ଟ୍ରେଲିଆର ତୈଳ ଆନାଲିଷ୍ଟ ଟୋନି ସାଇକାମୋର୍ କହିଛନ୍ତି ଯେ ସୋମବାର ବଜାର ଖୋଲିବା ବେଳକୁ ୱେଷ୍ଟ ଟେକ୍ସାସ୍ ଇଣ୍ଟରମିଡିଏଡ୍‌ର ଦାମ୍ ବ୍ୟାରେଲ ପିଛା ୭୦ ଡଲାର ପର୍ଯ୍ୟନ୍ତ ହ୍ରାସ ପାଇବା ଆଶା କରାଯାଉଛି।

# ଯାନ୍ତ୍ରିକ ତ୍ରୁଟି କାରଣରୁ ୯୨ ହଜାର ଗାଡ଼ି ପ୍ରତ୍ୟାହାର କରିବ ହୋଣ୍ଡା



**ନୂଆଦିଲ୍ଲୀ,୨୮।୧୦:** ଯାନରେ ବିଭିନ୍ନ ଯାନ୍ତ୍ରିକ ତ୍ରୁଟି କାରଣରୁ ୯୨ ହଜାର ଯାନ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇଛି ହୋଣ୍ଡା କାର୍‌ସ। ଏଥିରେ ଆମେଜ ସବ୍‌କନସେପ୍ଟ ସେଡାନ, ଜାଜ୍ ପ୍ରିମିୟମ ହ୍ୟାଚ୍‌ବ୍ୟାକ ଏବଂ ଡବ୍ଲ୍ୟୁଆର୍‌ଭି ସବ୍ କମ୍ପାକ୍ଟ ଏସ୍‌ୟୁଭି ସାମିଲ ରହିଛି। ହୋଣ୍ଡା ପକ୍ଷରୁ ନିୟାମକ ଫାଇଲିଂରେ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ଜୁନ ୨୦୧୭ରୁ ଅକ୍ଟୋବର ୨୦୧୮ ମଧ୍ୟରେ ଉତ୍ପାଦନ ହୋଇଥିବା ମଡେଲ ଏହା ମଧ୍ୟରେ ସାମିଲ। ଫ୍ୟୁଲ ପମ୍ପରେ ରହିଥିବା ତ୍ରୁଟି ଯୋଗୁ ଏହି ମଡେଲ ଗୁଡିକୁ ପ୍ରତ୍ୟାହାର କରିବା ନେଇ ଏଭଳି କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ଏହା ମଧ୍ୟରେ ଏଭଳି ୨୨୦୪ ଯାନ ରହିଛି ଯାହାର ଫୁଏଲ ପମ୍ପ ରିପ୍ଲେସମେଣ୍ଟ କରାଯାଇଥିଲା।

# ଭାରତୀୟ ଅର୍ଥନୀତି ଦୃଢ଼ ସ୍ଥିତିରେ ଅଛି: ଶକ୍ତିକାନ୍ତ

**ନୂଆଦିଲ୍ଲୀ,୨୬।୧୦:** ଭାରତୀୟ ଅର୍ଥନୀତିରେ ଉତ୍ଥାନପତନ ଜାରି ରହିଛି। ଏଫ୍‌ଆଇଆଇ ଦେଶ ଛାଡୁଛନ୍ତି। ଏହି କାରଣରୁ ଗତ କିଛିଦିନ ହେବ ଷ୍ଟକ୍ ମାର୍କେଟରେ ମଧ୍ୟ ଏକ ବିରାଟ ହ୍ରାସ ଦେଖିବାକୁ ମିଳୁଛି। ମୁଦ୍ରାସ୍ଫୀତି ଆକଳନ ମଧ୍ୟ ଉପରକୁ ଯାଉଛି। ତେବେ ମୁଦ୍ରାସ୍ଫୀତି ନିୟନ୍ତ୍ରଣ କରାଯାଇପାରିବ ବୋଲି ଆରବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ନିଶ୍ଚିତ ଅଛନ୍ତି। ସେ କହିଛନ୍ତି, ଦୁନିଆରେ ଅନେକ ସମସ୍ୟା ଚାଲିଥିବାରୁ ମୁଦ୍ରାସ୍ଫୀତି ଉପରେ ଚାପ ରହିଛି। କିନ୍ତୁ ଦେଶରେ ମୁଦ୍ରାସ୍ଫୀତି ଏବଂ ଅଭିବୃଦ୍ଧି ମଧ୍ୟରେ ସମନ୍ୱୟ ଅଛି। ଭାରତୀୟ ଅର୍ଥନୀତି ଏକ ଦୃଢ଼ ସ୍ଥିତିରେ ଅଛି।



ଚଳିତ ଆର୍ଥିକ ବର୍ଷର ଚତୁର୍ଥ ମାସ ଦ୍ୱାରା ମୁଦ୍ରାସ୍ଫୀତି ନିୟନ୍ତ୍ରଣ ହେବ। ଶକ୍ତିକାନ୍ତଙ୍କ କହିବାନୁଯାୟୀ, ପାଣିପାଗ ଅନିଶ୍ଚିତତା ଏବଂ ଭୌଗୋଳିକ ସମସ୍ୟା ହେତୁ ମୁଦ୍ରାସ୍ଫୀତି ଆକଳନ ୪% ଧାର୍ଯ୍ୟ ଲକ୍ଷ୍ୟଠାରୁ ଅଧିକ ହୋଇଛି। ଜାନୁଆରୀ-ମାର୍ଚ୍ଚ ତ୍ରୈମାସରେ ଏଥିରେ ଉନ୍ନତି ହେବ। ମୁମ୍ବାଇରେ ଆୟୋଜିତ ମାକ୍ରୋ ସପ୍ତାହ ୨୦୨୪କୁ ସମ୍ବୋଧିତ କରି ସେ କହିଛନ୍ତି, ଭାରତୀୟ ଅର୍ଥନୀତିର ସ୍ଥିରତା ଏବଂ ଶକ୍ତି ମୁଦ୍ରା ନୀତି କମିଟିକୁ ସୁଧ ହାର ବ୍ୟତୀତ ମୁଦ୍ରାସ୍ଫୀତି ଉପରେ ଧ୍ୟାନ ଦେବାର ସୁଯୋଗ ଦେଇଛି। କରୋନାର ଖରାପ ପ୍ରଭାବ ସତ୍ତ୍ୱେ ଆମେ ଗତ ତିନି ଆର୍ଥିକ ବର୍ଷ ପାଇଁ ପ୍ରାୟ ୮ ପ୍ରତିଶତ ଅର୍ଥନୈତିକ ଅଭିବୃଦ୍ଧି ହାର ବଜାୟ ରଖିଛୁ। ୨୦୨୫ ଆର୍ଥିକ ବର୍ଷରେ ମଧ୍ୟ ଏହା ପ୍ରାୟ ୭.୨ ପ୍ରତିଶତ ହେବ ବୋଲି ଆଶା କରାଯାଉଛି।

# ମାରୁତି ଆଣିବ ନୂଆ ପିଢ଼ି ଡିଜାୟାର, ନଭେମ୍ବରରେ ଲଞ୍ଚ



**ନୂଆଦିଲ୍ଲୀ,୨୮।୧୦:** ମାରୁତି ସୁଜୁକି ଏହାର ସବୁଠାରୁ ଅଧିକ ବିକ୍ରି ହେଉଥିବା ସେଡାନ ଡିଜାୟାର ଫେସ୍‌ଲିଫ୍ଟ ଭର୍ସନ ନଭେମ୍ବର ୧୧ରେ ଲଞ୍ଚ କରିବ । ୪ର୍ଥ ପିଢ଼ିର ମାରୁତି ସୁଜୁକି ଡିଜାୟାର କମ୍ପାନିର ହ୍ୟାଚ୍ ବ୍ୟାକ୍ ମାରୁତି ସ୍ୱିଫ୍ଟ ପ୍ଲାଟଫର୍ମରେ ରହିବ । ମାତ୍ର ଏହାର ଡିଜାଇନ ସମ୍ପୂର୍ଣ୍ଣ ଭିନ୍ନ ରହିବ । କାରଟିରେ ସନ୍‌ରୁଫ୍, ୬ ଏୟାରଗବ୍ୟାଗ ଷ୍ଟାଣ୍ଡାର୍ଡ ବିଭିନ୍ନ ସେଗ୍‌ମେଣ୍ଟରେ ଫାଷ୍ଟ ଫିଚର ସହ ବଜାରକୁ ଆସିବ । ଏହି ସେଡାନର ୫ଟି ଭାରିଆଣ୍ଟ ଏଲ୍‌ଏକ୍ସଆଇ, ଭିଏକ୍ସଆଇ, ଭିଏକ୍ସଆଇ(ଓ), ଜେଡ୍‌ଏକ୍ସଆଇ ଏବଂ ଜେଡଏକ୍ସଆଇ ପ୍ଲସ୍ ମଡେଲ ବଜାରକୁ ଛାଡିବ କମ୍ପାନି । ଅପ୍‌ଟେଡ ମଡେଲଟିର ବଜାର ଦର ୬.୯୯ ଲକ୍ଷ ଟଙ୍କା ରହିବା ନେଇ ଆଶା କରାଯାଉଛି।

# ଦୀପାବଳି, ଛଟ୍ ଲାଗି ୭୦୦୦ ସ୍ୱତନ୍ତ୍ର ଟ୍ରେନ୍



**ନୂଆଦିଲ୍ଲୀ,୨୮।୧୦:** ଦୀପାବଳି ଏବଂ ଛଟ୍ ଲାଗି ଯାତ୍ରୀଙ୍କ ସୁବିଧାକୁ ନଜରରେ ରଖି ରେଳପଥ ୭୦୦୦ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରିବ। ବର୍ଦ୍ଧିତଯାତ୍ରୀ ଚାହିଦାକୁ ନଜରରେ ରଖି ଏଭଳି ପଦକ୍ଷେପ ଗ୍ରହଣ କରାଯିବ ବୋଲି ରେଳବୋର୍ଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦିଲ୍ଲୀପ କୁମାର କହିଛନ୍ତି। ବିହାର ଏବଂ ଉତ୍ତରପ୍ରଦେଶରେ ପର୍ଯ୍ୟଟକଙ୍କ ଆଗମନକୁ ନଜରରେ ରଖି ପ୍ରମୁଖ ଷ୍ଟେଶନଗୁଡିକରେ ସେବା ସମ୍ପ୍ରସାରଣକୁ ପ୍ରାଥମିକତା ଦେଇଛି ରେଳୱେ। ପୁରୁଣା ଦିଲ୍ଲୀ, ନୂଆଦିଲ୍ଲୀ, ଆନନ୍ଦ ବିହାର, ଅହମ୍ମଦାବାଦ, ମୁମ୍ବାଇ, ଚେନ୍ନାଇ, ବାଙ୍ଗାଲୋର ଏବଂ ବିଶାଖାପାଟଣା ଭଳି ଅନ୍ୟ ସ୍ଥାନଗୁଡିକରୁ ଟ୍ରେନ୍ ବାହାରିବ। ପୂର୍ବବର୍ଷ ଦୀପାବଳି ସମୟରେ ରେଳୱେ ୪୩୦୦ ସ୍ୱତନ୍ତ୍ର ଟ୍ରେନ ଚଳାଇଥିଲା। ତେବେ ଚାହିଦା ଏବଂ ଯାତ୍ରୀଙ୍କ ସୁବିଧାକୁ ଗୁରୁତ୍ୱ ଦେଇ ଏବର୍ଷ ଏହି ସଂଖ୍ୟାରେ ବୃଦ୍ଧି କରାଯାଇଛି। ଫଳରେ ଲୋକମାନେ ପର୍ଯ୍ୟାପ୍ତ ସଂଖ୍ୟକ ସିଟ୍ ପାଇପାରିବେ। ଯାତ୍ରୀଙ୍କ ସୁରକ୍ଷା ଏବଂ ଟିକେଟିଂ ବ୍ୟବସ୍ଥା ଉପରେ ବିଶେଷ ଧ୍ୟାନ ଦିଆଯାଇଛି ବୋଲି ଶ୍ରୀ କୁମାର ସୂଚନା ଦେଇଛନ୍ତି।

# ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ

**ରାଇଘର,୨୮।୧୦(ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ରାଇଘର ଥାନା ଅଧୀନସ୍ଥ କୁସୁମପୁର ଆଦିବାସୀ ଗ୍ରାମର ମହାଙ୍କୁ ଗଣ୍ଡଙ୍କ ଝିଅ ସୁମିତ୍ରା ଗଣ୍ଡ(୨୩)ଙ୍କ ମୃତଦେହ ଉଦ୍ଧାର ହୋଇଛି। ତେବେ ସୁମିତ୍ରା ଶବ ଝୁଲା ଅବସ୍ଥାରେ ରହିଥିବା ବେଳେ ତାଙ୍କ ଦୁଇଟି ଆଣ୍ଠୁ ମାଟିରେ ଲାଗି ରହିଥିବାରୁ ରାଇଘର ପୁଲିସ ଘଟଣକୁ ଗୁରୁତର ସହ ନେଇ ତଦନ୍ତ ଆରମ୍ଭ କରିଛି। ଖବର ଲେଖା ହେବା ସୁଦ୍ଧା ମୃତ୍ୟୁର କାରଣ ସ୍ପଷ୍ଟ ହୋଇପାରିନି। ସୂଚନା ଅନୁଯାୟୀ, ଗତକାଲି ସୁମିତ୍ରା ପରିବାର ସଦସ୍ୟଙ୍କ ସହିତ ଖାଇ ସାରିବା ପରେ ଶୋଇ ପଡ଼ିଥିଲେ । କିନ୍ତୁ ବିଳମ୍ବିତ ରାତିରେ ଘରୁ ବାହାରି କେଉଁଆଡ଼େ ଚାଲି ଯାଇଥିଲେ। ପରେ ପରିବାର ଲୋକ ସାହି ପଡ଼ିଶା, ବନ୍ଧୁ ବାନ୍ଧବଙ୍କୁ ପଚରାଉଚରା କରିବା ସହ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ହେଁ ସୁମିତ୍ରାଙ୍କୁ ପାଇ ନଥିଲେ। ଆଜି ସୋନପୁର ଆଦିବାସୀ ଗ୍ରାମ ନିକଟରେ ଥିବା ସନମତି ଗଣ୍ଡଙ୍କ ଚାଷ ଜମିର ଏକ ଘରୁ ସୁମିତ୍ରାଙ୍କ ଶବ ଝୁଲୁଥିବା ସନମତି ଦେଖିବା ପରେ ଗ୍ରାମବାସୀଙ୍କୁ ଜଣାଇଥିଲେ । ପରେ ଖବର ପାଇ ରାଇଘର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ସାଇଣ୍ଟିଫିକ୍ ଟିମ ସହାୟତାରେ ତଦନ୍ତ ଆରମ୍ଭ କରିଛି। ଏ ନେଇ ରାଇଘର ଥାନାରେ ଏକ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି।

# ଦୁଇ ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ ଜେଲ୍



**କଳାହାଣ୍ଡି,୨୮।୧୦(ସଂଚାର ବ୍ୟୁରୋ):** ଦୁଇ ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ ଜେଲ୍ ଓ ଜରିମାନା। ଜରିମାନା ଅନାଦେୟ ହେଲେ ଅଧିକ ୬ ମାସ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିବ। ଧର୍ମଗଡ ଏଡ଼ିଜେ ଆଜି ଏହି ରାୟ ଶୁଣାଇଛନ୍ତି। ୨୦୧୫ ମସିହାରେ କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ଆମଯୋର ଗାଁରେ ମନୁ ରଣାଙ୍କୁ ଅତି ବୀଭତ୍ସ ଭାବେ ହତ୍ୟା କରାଯାଇଥିଲା। ବିଚ୍ ରାସ୍ତାରେ ମନୁଙ୍କ ତଣ୍ଟି ଚିପି ହତ୍ୟା କରାଯାଇଥିଲା। ପରେ ମୃତଦେହକୁ ଶିଶୁଘାଟି ଡଙ୍ଗରରେ ଫିଙ୍ଗି ଦେଇଥିଲେ। ଏନେଇ ଅଭିଯୋଗ ହେବା ପରେ ପୁଲିସ୍ ଖଗେଶ୍ୱର ରାଉତ ଓ ଗଦାଧର ରଣାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଆଜି ଏହି ମାମଲାର ରାୟ ପ୍ରକାଶ ପାଇଛି। ଧର୍ମଗଡ ଅତିରିକ୍ତ ଜିଲ୍ଲା ଦୌରାଜଜ ଏଡ଼ିଜେ ସୁରେଶ ଚନ୍ଦ୍ର ପ୍ରଧାନ ମାମଲାକୁ ବିଚାର କରି ଦୁଇ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସାକ୍ଷୀ ଓ ତଥ୍ୟ ପ୍ରମାଣ ଆଧାରରେ ଦୁଇ ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶରେ ଦଣ୍ଡିତ କରିଛନ୍ତି। ଏଥିସହ ଜଣକା ୧୦ ହଜାର ଟଙ୍କା ଲେଖାଏଁ ଜରିମାନା କରିଛନ୍ତି। ଜରିମାନା ଅନାଦେୟ ହେଲେ ଆହୁରି ୬ ମାସ ଦଣ୍ଡାଦେଶ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ରାୟରେ ଶୁଣାଇଛନ୍ତି।

## ମହାବାତ୍ୟାର ୨୫ବର୍ଷ ପରେ

# ଉଜୁଡ଼ା ଏରସମା ଏବେ ବି ଅସଜଡ଼ା

**ଏରସମା,୨୮।୧୦(ସଂଚାର ବ୍ୟୁରୋ):** ବାତ୍ୟା 'ଦାନା' ନୁହେଁ ଏରସମାରେ ମହାବାତ୍ୟାର ଛାପ ଏବେ ବି ସତେଜ ହୋଇ ରହିଛି। ୧୯୯୯ ମସିହା ଅକ୍ଟୋବର ୨୯, ପ୍ରଳୟଙ୍କାରୀ ମହାବାତ୍ୟା ସମଗ୍ର ପୂର୍ବ ଉପକୂଳରେ ରଚିଥିଲା ପ୍ରଳୟର ତାଣ୍ଡବ। ପବନର ଘୁମୁରା ଗର୍ଜନ ମଧ୍ୟରେ ସମୁଦ୍ରରୁ ମାଡ଼ି ଆସିଥିଲା ୨୫ଫୁଟ ଉଚ୍ଚର ଜୁଆର। ଧନ, ଜୀବନ ସବୁ କିଛି ଭାସିଗଲା। ଗାଁ ଜୀବନ ଶୂନ୍ୟ ହୋଇଯାଇଥିଲା। ମହାବାତ୍ୟାରେ ସର୍ବାଧିକ କ୍ଷତିଗ୍ରସ୍ତ ଏରସମା ବାସୀଙ୍କ ମନରୁ ଏବେ ବି ସେଇ ଲୋମ ଟାଙ୍କୁରା ପ୍ରକୃତିର କରାଳଗ୍ରାସର ଭୟ ଲିଭିନି, ଡର ବି ଯାଇନି। ମହାବାତ୍ୟାରେ ସରକାରୀ ଭାବେ ଏରସମା ବ୍ଲକରୁ ୧୦ହଜାର ଲୋକ ପ୍ରାଣ ହରାଇଥିବା ଘୋଷଣା କରାଯାଇଥିଲେ ହେଁ ବେସରକାରୀ ଭାବେ ୧୫ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଥିବା ବେଳେ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ଏ ଯାଏ ପତ୍ତା ମିଳିପାରିନଥିଲା। ହଜାର ହଜାର ଚାଳଘର ମାଟିରେ ମିଶି ଯାଇଥିବା ବେଳେ ରାସ୍ତା ଘାଟର ଚିହ୍ନ ବର୍ଣ ନଥିଲା। କୁଢ଼ କୁଢ଼ ଶବ ର ପାହାଡ଼ ମଧ୍ୟରେ ଯେଉଁ କେତକ ଜୀବନ ବଞ୍ଚି ଯାଇଥିଲା ସେମାନଙ୍କୁ ବଞ୍ଚାଇବା ପାଇଁ ଜାତୀୟ ଆନ୍ତର୍ଜାତିକ ସ୍ୱେଚ୍ଛାସେବୀ ସଙ୍ଗଠନ ଏରସମାକୁ ଆସି ନିରନ୍ତର ରିଲିଫ ଯୋଗାଣ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ଜଗତସିଂହପୁର ଜିଲ୍ଲାକୁ ମହାରାଷ୍ଟ୍ର ସରକାର ପୋଷ୍ୟ ଜିଲ୍ଲା ଭାବେ ଗ୍ରହଣ କରି ଏରସମାରେ ପୁର୍ନଥଇଥାନ କାମ ଆରମ୍ଭ କଲେ। ରିଲିଫ ସାଙ୍ଗକୁ ୪୬ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରାଗଲା। ତତ୍କାଳୀନ ରାଜନେତା ଓ ପ୍ରଶାସନର ସହଯୋଗରେ ଅସଜଡା ଏରସମାକୁ ସଜାଡ଼ିବା ପାଇଁ ପ୍ରୟାସ ଆରମ୍ଭ ହେଲା। ଗାଁ କୁ ରାସ୍ତା ଓ ମୁଣ୍ଡ ଗୁଞ୍ଜିବାକୁ ସମସ୍ତଙ୍କୁ ପକ୍କାଘର ଯୋଗାଇଦେବାକୁ ପ୍ରଥମ ପର୍ଯ୍ୟାୟରେ ନିଷ୍ପତି ଗ୍ରହଣ କରାଗଲା। ପାଇଲଟ ପ୍ରୋଜେକ୍ଟରେ କାମ ଆଗକୁ ବଢ଼ିଲା। ମାତ୍ର ଦୃଢ଼ ରାଜନୈତିକ ଇଚ୍ଛା ଶକ୍ତିର ଅଭାବ ଯୋଗୁଁ ମହାବାତ୍ୟାର ୨୫ ବର୍ଷ



ପରେ ମଧ୍ୟ ଅନେକ ଗାଁ ରେ ବିକାଶର ଛାଇ ଦେଖିବାକୁ ମିଳୁନି। ସମୁଦ୍ର ତଟବର୍ତ୍ତୀଏରସମା ବ୍ଲକର ପଦ୍ମପୁର ପଞ୍ଚାୟତ ଶଙ୍ଖା, ଗଡ଼ବିଷୁନପୁରର ନଳଭେଡି ଓ ଜପା ପଞ୍ଚାୟତର ଝାଟିପାରି, ଦହିବର, ଖୋଳପ, ସୁନାଡିଆ କନ୍ଧା ଆଜି ବି ବିକାଶର ଅନେକ ଦୂରରେ ଥିବା ମନେ ହେଉଛି। ଭଲ ପାଦଚଲା ରାସ୍ତାଟିଏ ନ ଥିବା ବେଳେ ପିଇବା ପାଇଁ ମଧୁର ପାନୀୟ ଜଳ ଯୋଗାଇ ଦିଆଯାଇ ପାରିନି। ବିଦ୍ୟୁତ ସେବା ମଧ୍ୟ ଅପହଞ୍ଚ। ମହାବାତ୍ୟାରେ ନଳଭେଡି ଗାଁ ରୁ ୨୭୦ଜଣ ମରି ହଜିଗଲେ। ଏବେ ପାଖାପାଖି ୭୦ପରିବାରର ପ୍ରାୟ ୪ଶହ ଲୋକ ଏହି ଗାଁ ରେ ବସବାସ କରୁଛନ୍ତି। ମାତ୍ର ନଳଭେଡିକୁ ସଂଯୋଗୀ କରଣ କରୁଥିବା ଖଟିକୋଳଦାରୁ ନଳଭେଡି ରାସ୍ତା ଅବସ୍ଥା କହିଲେ ନ ସରେ। ସେହିପରି ପଦ୍ମପୁର ପଞ୍ଚାୟତରୁ ଏହି ଗାଁ କୁ ପଡ଼ିଥିବା ନଈ ବନ୍ଧ ରାସ୍ତା ଆଣ୍ଠୁଏ ଖାଲଖମାରେ ପରିପୂର୍ଣ୍ଣ। ମହାବାତ୍ୟା ପରେ ନିର୍ବାଚିତ ବିଧାୟକ ମାନେ କେବଳ ପ୍ରତିଶ୍ରୁତି ଦେଇ ଚାଲିଛନ୍ତି ସିନା ଏହି ଗାଁ ର ମୌଳିକ ସମସ୍ୟା ସମାଧାନ ପାଇଁ ଦିନେ ଚିନ୍ତା କରିନାହାନ୍ତି। ପ୍ରତିବର୍ଷ ଗ୍ରାମବାସୀଙ୍କ ପକ୍ଷରୁ ମହାବାତ୍ୟା ମୃତକଙ୍କ ଲାଗି ସ୍ମୃତି ସ୍ତମ୍ଭ ଟିଏ ନିର୍ମାଣ ପାଇଁ ଦାବି ହୋଇଆସୁଥିଲେ ମଧ୍ୟ ଟଙ୍କାଟିଏ ଅର୍ଥ ମଞ୍ଜୁର ହୋଇପାରିଲା ନାହିଁ। ସରକାରୀ ସ୍ତରରେ ଆବାସ ଯୋଜନାରେ ପକ୍କାଘର ୫୦ ଶତକଡାରୁ ଊର୍ଦ୍ଧ୍ୱ ପରିବାର ପାଇନଥିବା ବେଳେ ଶତକଡା ୧୫ ଭାଗ ପରିବାରଙ୍କର ଜମିପଟା ନଥିବାରୁ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହୋଇ ରହିଛନ୍ତି। ପାରାଦ୍ୱୀପ ପୋର୍ଟ ଏବଂ ମହାରାଷ୍ଟ୍ର ସରକାରଙ୍କ ଦ୍ୱାରା ନିର୍ମିତ ୪୬ଟି ବାତ୍ୟା ଆଶ୍ରୟସ୍ଥଳୀ ମଧ୍ୟରୁ ୩୧ଟି ବାତ୍ୟା ଆଶ୍ରୟସ୍ଥଳୀ ମରାମତି ଅଭାବରୁ ବିପଦ ସଙ୍କୁଳ ଅବସ୍ଥାରେ ଅଛି। କେବେ ବାତ୍ୟା ଆସିଲେ ଗ୍ରାମବାସୀମାନେ ଆଶ୍ରୟ ନେବାପାଇଁ ନାହିଁନଥିବା ସମ୍ମୁଖିନ ହେଉଛନ୍ତି। ଜପା ପଞ୍ଚାୟତ ଅନ୍ତର୍ଗତ ଧୋବେଇ ଜଙ୍ଗଲ ରାଜସ୍ୱ ଗ୍ରାମର ଦହିବର, ଝାଟିପାରୀ, କୋଚିଳା ବେଦୀ, ସୁନାଡିଆ କନ୍ଧାରେ ବସବାସ କରୁଥିବା ଲୋକମାନଙ୍କ ସମସ୍ୟା ଏବେ ବି ସମାଧାନ ହୋଇପାରିନି। କେବଳ ଦହିବର ଗାଁ ରୁ ମହାବାତ୍ୟାରେ ୫୮୭ଜଣ ପ୍ରାଣ ହରାଇଥିଲେ। ଏଠି ଅଧିକାଂଶ ଲୋକଙ୍କର ଜମିର ପଟ୍ଟା ନଥିବାରୁ ସରକାରୀ ଆବାସ ଗୃହରୁ ବଞ୍ଚିତ ହୋଇ ରହିଛନ୍ତି। ବେଙ୍ଗଲୀ ସଂପ୍ରଦାୟର ଲୋକେ ଝୁମ୍ପୁଡି ଘରେ କର୍ମକୁ ଆଦରି ପଡ଼ି ରହିଛନ୍ତି। ଏହି ଗ୍ରାମକୁ ଯିବା ପାଇଁ ଭଲରାସ୍ତାଟିଏ ନାହିଁ ପାଇବା ପାଇଁ ପାଣି ନାହିଁ। ସେମାନେ ପାଖ ନଦୀରୁ ପାଣି ଆଣି ତୃଷା ମେଣ୍ଟାଉଛି। ପିଲାଙ୍କୁ ପାଠପଢେଇବା ପାଇଁ ଡଙ୍ଗାରେ ନଦୀ ପାର ହୋଇ ଆମ୍ବିକି ଯିବାକୁ ପଡୁଛି। ହଂସୁଆ ନଈ ଉପରେ ଏକ ପକ୍କା ପୋଲ ନିର୍ମାଣ କରିବା ପାଇଁ ଗ୍ରାମବାସୀ ମାନେ ଦୀର୍ଘଦିନ ଧରିଦାବି କରିଆସୁଥିଲେ ମଧ୍ୟ ପ୍ରଶାସନ କର୍ଣ୍ଣପାତ କରୁନାହିଁ। ଝାଟିପାରି ଗାଁ ରେ ୨୦୧୩ମସିହାରୁ ଏକ ଜଳପ୍ରକଳ୍ପ ନିର୍ମାଣ କରାଯାଇଛି ମାତ୍ର ସବୁ ପରିବାରକୁ ଏ ଯାଏ ପାନୀୟ ଜଳ ଯୋଗାଇ ଦିଆଯାଇପାରି ନାହିଁ। ସୁନାମୀ ଦାଉରୁ ତଟବର୍ତ୍ତୀଏରସମା ବାସୀଙ୍କୁ ରକ୍ଷା କରିବା ପାଇଁ ସରକାର ଏଯାଏ କୌଣସି ମେଗା ପ୍ରୋଜେକ୍ଟ ଆରମ୍ଭ କରିନାହାନ୍ତି। ଜୁଆର ପ୍ରତିରୋଧ ବନ୍ଧ ଶିଆଳୀର କଳାବେଦୀ ଠାରେ ଅଧାରେ ଅଟକିଛି। ବାତ୍ୟାର ପ୍ରକୋପ ରୋକିବାକୁ ପ୍ରକୃତି ତିଆରି କରିଥିବା ଉପକୂଳ ଝାଉଁ ଜଙ୍ଗଲ କାଠ ମାଫିଆଙ୍କ ଲୋଲୁପ ଦୃଷ୍ଟି ରେ ପଡ଼ି ବିଲୁପ୍ତ ହେବାକୁ ବସିଲାଣି। ଅନ୍ୟପକ୍ଷରେ ମହାବାତ୍ୟାର ପରବର୍ତ୍ତୀ ସମୟରେ ସଦର ଏରସମାରେ ଥିବା ସରକାରୀ ଦପ୍ତର ଗୁଡ଼ିକ ନୂତନ ଭାବେ ନିର୍ମାଣ ହୋଇଥିଲେ ହେଁ ସାଧାରଣ ଲୋକଙ୍କ ମୌଳିକ ଆବଶ୍ୟକତା ଏବେ ବି ସମାଧାନ ହୋଇପାରିନାହିଁ। ମହାବାତ୍ୟାର ୨୫ବର୍ଷ ପରେ ଉଜୁଡା ଏରସମା ଆଜି ବି ଅସଜଡା ହୋଇରହିଛି।

## ଜାଣି ପାରିଲେନି ମେଡିକାଲ କର୍ତ୍ତୃପକ୍ଷ

# ଅଦଳବଦଳ କରିଦେଲେ ଛୁଆ



**କନ୍ଧମାଳ,୨୮।୧୦(ସଂଚାର ବ୍ୟୁରୋ):** ସରକାରୀ ମେଡିକାଲରେ ଆଜି ଏକ ଅଜବ ଘଟଣା ଘଟିଛି। ଛୁଆ ଅଦଳବଦଳ କରିଦେଲେ ମେଡିକାଲ କର୍ତ୍ତୃପକ୍ଷ। ଆଉ ଜଣାପଡ଼ିଲା ପରେ ନିଜ ଭୁଲ ସୁଧାରିଲେ ଓ ବଦଳ ହୋଇଥିବା ପୁଅକୁ ନିଜ ବାପା ମାଆଙ୍କୁ ଫେରାଇଲେ। ଏଭଳି ଅଜବ ଚିତ୍ର କନ୍ଧମାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଦେଖିବାକୁ ମିଳିଛି। ପେଞ୍ଜିସାହିର ଲିଜା ମୁଖି ଗତ ୨୫ ତାରିଖରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଚିକିତ୍ସା ପରେ ତାଙ୍କର ଏକ ଶିଶୁପୁତ୍ର ଜନ୍ମ ହୋଇଥିଲା। ଶିଶୁର ସ୍ୱାସ୍ଥ୍ୟାବସ୍ଥା ଠିକ ନଥିବାରୁ ଏସଏନସିୟୁରେ ଭର୍ତ୍ତି କରାଯାଇଥିଲା। ତେବେ ହଠାତ କଣ ହେଲା କିଛି ଜଣାପଡ଼ିଲା ନାହିଁ। ଡାକ୍ତରଙ୍କ ପକ୍ଷରୁ କୁହାଗଲା ଛୁଆର ସ୍ୱାସ୍ଥ୍ୟାବସ୍ଥା ବିଗୁଡୁଛି, ବ୍ରହ୍ମପୁର ଏମକେସିଜି ସ୍ଥାନାନ୍ତର କରିବାକୁ ପଡ଼ିବ। ଯେଉଁଥିପାଇଁ ଚିନ୍ତାରେ ପଡ଼ିଯାଇଥିଲେ ଲିଜାଙ୍କ ପରିବାର। ପରେ ଏକ ଆମ୍ବୁଲାନ୍ସରେ ଛୁଆକୁ ଧରି ଏମକେସିଜି ଯାଇଥିଲେ। ସେଠାରେ ଡାକ୍ତର ଛୁଆର ଚେକଅପ୍ କରିଥିଲେ। ଆଉ ସେତେବେଳେ ପୁଅ ବଦଳରେ ଝିଅ ଥିବା ଛୁଆର ମାଆଙ୍କୁ କହିଥିଲେ ଡାକ୍ତର। ଡାକ୍ତରଙ୍କ ଠାରୁ ଏକଥା ଶୁଣିବା ପରେ ବାପା-ମାଆଙ୍କର ଅକଲ ଗୁଡୁମ ହୋଇଯାଇଥିଲା। ପୁଅ କେମିତି ଝିଅ ହେଲା, ସେ ଚିନ୍ତାରେ ପଡ଼ିଯାଇଥିଲେ। ଏନେଇ ନିଜ ସମ୍ପର୍କୀୟଙ୍କୁ ସୂଚନା ଦେଇଥିଲେ। ସମ୍ପର୍କୀୟମାନେ ମେଡିକାଲରେ ପହଞ୍ଚି ଏସଏନସିୟୁରେ ନିଜର ଶିଶୁପୁତ୍ରକୁ ଦେଖିବାକୁ ପାଇଥିଲେ। ଏହି ଘଟଣାକୁ ନେଇ ଏସଏନସିୟୁ ଆଗରେ ସମ୍ପର୍କୀୟ ହୋହଲ୍ଲା କରିଥିଲେ। ଏହାପରେ ମେଡିକାଲ କର୍ତ୍ତୃପକ୍ଷ ଶିଶୁପୁତ୍ରର ରେକର୍ଡପତ୍ର ଯାଞ୍ଚ କରିଥିଲେ।

# ନଦୀସୁଗୁଡ଼ାରେ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ



**ସୁନ୍ଦରଗଡ: ୨୮।୧୦(ସଂଚାର ବ୍ୟୁରୋ):** ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ରେମଣ୍ଡା ଗ୍ରାମ ପଞ୍ଚାୟତର ନଦୀସୁଗଡା ଗ୍ରାମ ଫୁଟବଲ ପଡିଆଠାରେ ଅଙ୍କଲ କ୍ଲବ ଆନୁକୁଲ୍ୟରେ ଦ୍ୱିତୀୟବାର ଏକ ଦିବସୀୟ ନକଆଉଟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇ ଯାଇ ଅଛି। ପ୍ରତିଯୋଗିତାରେ ବିଭିନ୍ନ ଅଂଚଳରୁ ୮ଟି ଫୁଟବଲ ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳ ଦର୍ଲିପାଲି ଟିମ ଓ ରାଉରକେଲା ପଟେଲ ବ୍ରଦର୍ସ ମଧ୍ଯରେ ସଂଘର୍ଷମୟ ଖେଳ ଅନୁଷ୍ଠିତ ହୋଇଥିଲା ଓ ଖେଳ ଅମୀମାଂସିତ ହୋବାରୁ ପରେ ପେନାଲଟି ମାଧ୍ୟମରେ ଦର୍ଲିପାଲି ଦଳ ୧-୦ ଗୋଲରେ ବିଜୟୀ ଘୋଷିତ ହୋଇଥିଲେ। ଦର୍ଲିପାଲି ବିଜୟ ଦଳକୁ ଟ୍ରଫି ସହିତ ୨୫୦୦୦/- ଟଙ୍କା ଓ ରନର୍ସ ଅଫ ପଟେଲ ବ୍ରଦର୍ସ ରାଉରକେଲା ଦଳକୁ ଟ୍ରଫି ସହିତ ୧୫୦୦୦/- ଟଙ୍କା ପ୍ରଦାନ କରାଯାଇଥିବା ବେଳେ ଅନେକ ସାନ୍ତନା ମୁଳକ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଛି। ଟୁର୍ଣ୍ଣାମେଣ୍ଟରେ ମୁଖ୍ଯ ଅତିଥିଭାବରେ ସୁନ୍ଦରଗଡ ସଦର ବିଧାୟକ ଯୋଗେଶ କୁମାର ସିଂହ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲାପରିଷଦ ସଭ୍ଯା ଗେଲବତୀ ପଟେଲ , ରେମଣ୍ଡା ଗ୍ରାମ ପଞ୍ଚାୟତ ସମିତି ସଭ୍ଯ ଜଟିଆ ମୁଣ୍ଡା, ସରପଞ୍ଚ ଚେମା ପ୍ରଧାନ, ସମାଜସେବୀ ପ୍ରଦିପ ପଟେଲ, ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ତରଣୀ ସେନ ପଟେଲ, ସନାତନ ପଟେଲ, ରୋମାଞ୍ଚ ପଟେଲ, ସଞ୍ଜୟ ପଟେଲ ,ବିରେନ୍ଦ୍ର କୁମାର ପଟେଲ, ବିପିନ ଠାକୁର,ପ୍ରମୁଖ ଉପସ୍ଥିତ ଥିଲେ।

# ଲୋଇଡାପଦାରେ କୃଷ୍ଣଲୀଳା ସଙ୍ଘର ପ୍ରସ୍ତୁତି ବୈଠକ

**ଯୋଡ଼ା,୨୮।୧୦(ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲାର ଅନ୍ୟତମ ଅଗ୍ରଣୀ ସାମାଜିକ ଏବଂ ସାଂସ୍କୃତିକ ଅନୁଷ୍ଠାନ କୃଷ୍ଣଲୀଳା ଲାକନୃତ୍ୟ ସଂଘର ୩ୟ ବାର୍ଷିକ ଉତ୍ସବ ଅବସରରେ ଜାନୁଆରୀ ୭ ତାରିଖରୁ ଯୋଡ଼ା ବ୍ଲକ୍,ଲୋଇଡାପଦା ଗ୍ରାମରେ ଅନୁଷ୍ଠିତ ହେବାକୁ ଯାଉଛି କୃଷ୍ଣଲୀଳା ୨ୟ ରାସମହାମଞ୍ଚ । ଏହି ଅବସରରେ ସଂଘର ସଭାପତି ବ୍ରହ୍ମାନନ୍ଦ ବେହେରାଙ୍କ ଅଧ୍ୟକ୍ଷତାରେ ରବିବାର ଲୋଇଡ଼ାପଦା ରାସ ମଣ୍ଡପରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ସଂଘର ତୃତୀୟ ବାର୍ଷିକ ଉତ୍ସବରେ ୭ ରୁ ୯ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟ କ୍ରମରେ କେନ୍ଦୁଝର ଜିଲ୍ଲାର ୫୦ ରୁ ଅଧିକ କୃଷ୍ଣଲୀଳା ଦଳ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ପ୍ରଥମ ଥର ଗୋଟିଏ ମଞ୍ଚରେ ୨୫୦୦ରୁ ଅଧିକ ରାସ ସଂକୀର୍ତ୍ତନ କଳାକାର ପାରମ୍ପରିକ ବାଦ୍ୟ, ନୃତ୍ୟ, ସଙ୍ଗୀତ ଏବଂ ତାଳ ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଥିବା ସଂଘର ସମ୍ପାଦକ ନିର୍ମଳ ଚନ୍ଦ୍ର ବାରିକ କହିଛନ୍ତି । ପ୍ରତ୍ୟେହ ଏହି ଉତ୍ସବକୁ କେନ୍ଦୁଝର ସହିତ ପଡୋଶୀ ସୁନ୍ଦରଗଡ଼ ଏବଂ ଝାଡ଼ଖଣ୍ଡ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହେବ ଏବଂ ସଙ୍ଘ ତଥା ଗ୍ରାମବାସୀଙ୍କ ତରଫରୁ ସମସ୍ତଙ୍କ ପାଇଁ ଅନ୍ନ ପ୍ରାସାଦ ଠାରୁ ଆରମ୍ଭ କରି ବିଭିନ୍ନ ଆନୁସଙ୍ଗିକ ବ୍ୟବସ୍ଥା କରାଯିବ ବୋଲି ସଂଘର ଉପସଭାପତି ସୁରେଶ ଚନ୍ଦ୍ର ମହାକୁଡ କହିଥିଲେ। ଏହି ଅବସରରେ ୭ ତାରିଖ ଦିନ ବଡ଼ହୁଣ୍ଡୁଲାଗ୍ରାମରୁ ଘଣ୍ଟ, ଘଣ୍ଟା କୀର୍ତ୍ତନ ନୃତ୍ୟ ମଧ୍ୟରେ ଭଗବାନ ଶ୍ରୀକୃଷ୍ଣଙ୍କ ପ୍ରତିମା ଏକ ସୁସଜ୍ଜିତ ଯାନରେ ଲୋଇଡ଼ାପଦା ଗ୍ରାମକୁ ବିଜେ କରିବେ। ୮ ତାରିଖ ସକାଳ ୯ ଟାରେ ଠାକୁରଙ୍କୁ ମଣ୍ଡପକୁ ନିଆ ଯିବାପରେ ୧୧ ଟାରୁ ମହାମଞ୍ଚ ଶୁଭାରମ୍ଭ ହେବ। ଏହା ୯ ତାରିଖ ମଧ୍ୟାନ୍ନ ପର୍ଯ୍ୟନ୍ତ ଜାରି ରହିବ।

# ବ୍ଲକ କର୍ମଚାରୀଙ୍କ ସାଧୁତାର ଶପଥ ପାଠ

## ଦୁର୍ନୀତି ନିବାରଣ ସଚେତନତା ସପ୍ତାହ



**ବରଗଡ,୨୮।୧୦(ସଂଚାର ବ୍ୟୁରୋ):** ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୪ ପାଳନ ଅବସରରେ ରାଜ୍ୟ ସ୍ତରରେ ଆୟୋଜିତ କାର୍ଯ୍ୟକ୍ରମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ରାଜ୍ୟର ସମସ୍ତ ସରକାରୀ କର୍ମଚାରୀଙ୍କୁ ସାଧୁତାର ସପଥ ପାଠ କରାଇଛନ୍ତି । ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ଗାଇସିଲେଟ ବ୍ଲକସ୍ଥିତ ଅସ୍ୱାନ ହଲ ଠାରେ ଉପସ୍ଥିତ ରହି ସମସ୍ତ କର୍ମଚାରୀଙ୍କୁ ସାଧୁତାର ସପଥ ପାଠ କରାଇଥିବା ବେଳେ ଉଭୟ ଅତିରିକ୍ତ ଜିଲ୍ଲାପାଳଙ୍କ ନେତୃତରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଅସ୍ୱାନ ହଲ ଠାରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସମେତେ ସଦର ମହକୁମାର ସମସ୍ତ କର୍ମକର୍ତ୍ତା ସାଧୁତାର ସପଥପାଠ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଏବଂ ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର ଓ ମଧୁଛନ୍ଦା ସାହୁ ଉପସ୍ଥିତ ଥିବା ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କୁ ଉତ୍କୋଚର କୁପ୍ରଭାବ ବିଷୟରେ ବୁଝାଇ କହିବ ସହ "ସତ୍ୟନିଷ୍ଠ ସଂସ୍କୃତି ହିଁ ରାଷ୍ଟ୍ର ସମୃଦ୍ଧିର ଭିତ୍ତି" ମୂଳମନ୍ତ୍ରରେ ଦୀକ୍ଷିତ ହେବା ସହ ଆଜି କରିଥିବା ସାଧୁତାର ଶପଥ ପାଠକୁ ନିଜ ଜୀବନରେ ଉପଯୋଗ କରି ଏକ ସୁସ୍ଥ ଏବଂ ଉତ୍କୋଚ ମୁକ୍ତ ସମାଜ ଗଠନ ପାଇଁ ଆଗେଇ ଆସିବା ପାଇଁ ଆହ୍ୱାନ କରିଛନ୍ତି । ରାଜ୍ୟ ସ୍ତରୀୟ ଆଭାସୀ କାର୍ଯ୍ୟକ୍ରମ ସାରିବା ପରେ ଜିଲ୍ଲାର ସମସ୍ତସରକାରୀ କାର୍ଯ୍ୟାଳୟର ମୁଖ୍ୟ ନିଜର ସମସ୍ତ କର୍ମଚାରୀଙ୍କୁ ସାଧୁତାର ଶପଥ ପାଠ କରାଇଛନ୍ତି । ସୂଚନା ଯୋଗ୍ୟକି,ଆଗାମୀ ୦୩.୧୧.୨୦୨୪ ତାରିଖ ପର୍ଯ୍ୟନ୍ତ ବରଗଡ ଦୁର୍ନୀତି ନିବାରଣ ଶାଖା ପକ୍ଷରୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଗ୍ରାମ ସଭା, ସଚେତନତା ରାଲି ଏବଂ ସ୍କୁଲ, କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗୀତା ଆୟୋଜନ କରି ଲୋକଙ୍କୁ ସଚେତନ କରିବା ଯୋଜନା ରହିଅଛି ।

# ସୁବର୍ଣ୍ଣପୁରରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ



**ସୁବର୍ଣ୍ଣପୁର,୨୮।୧୦(ସଂଚାର ବ୍ୟୁରୋ):** କେନ୍ଦ୍ରୀୟ ଓ ରାଜ୍ୟ ଦୁର୍ନୀତି ନିବାରଣ ଆୟୋଗ ଙ୍କ ନିର୍ଦ୍ଦେଶ କ୍ରମେ ଏବେ ସମଗ୍ର ରାଜ୍ୟରେ ୨୮ ଅକ୍ଟୋବର ରୁ ୦୩ ନଭେମ୍ବର ୨୦୨୪ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ହେଉଛି । ଏହି ଅବସରରେ ସମଗ୍ର ଜିଲ୍ଲାରେ ଦୁର୍ନୀତି ବିରୁଦ୍ଧରେ ଜନ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଆଜି ପୂର୍ବାହ୍ନ ୧୧ ଘଟିକାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ରାଜ୍ୟର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ମାନଙ୍କୁ ସପ୍ତାହ ପାଳନ ଅବସରରେ ଶପଥପାଠ କରାଇଥିଲେ । ଏହି ପରିପ୍ରେକ୍ଷୀରେ ଆଜି ଜିଲ୍ଲାପାଳ ସୁବର୍ଣ୍ଣପୁର ଙ୍କ କାର୍ଯ୍ୟାଳୟ ସ୍ଥିତ ଓସ୍ୱାନ ହଲ ରେ ଜିଲ୍ଲାପାଳ ଶ୍ରୀମତୀ ଅନ୍ୟା ଦାସ , ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ରାମପ୍ରସାଦ ସାହୁ , ଜିଲ୍ଲା ବନ ଖଣ୍ଡ ଅଧିକାରୀ ମଦନଲାଲ ଶର୍ମା, ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଅଶ୍ୱିନୀ ମେହେର , ସୁବର୍ଣ୍ଣପୁର ଦୁର୍ନୀତି ନିବାରଣ ବିଭାଗ ଉପ ଆରକ୍ଷୀ ଅଧିକ୍ଷକ ରିତାଞ୍ଜଳୀ ପ୍ରଧାନ,ନନ୍ଦ କିଶୋର ବଗର୍ତ୍ତୀ ତଥା ଅନ୍ୟାନ୍ୟ ଜିଲ୍ଲା ପଦାଧିକାରୀ, ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟର ଶାଖା ଅଧିକାରୀ, କର୍ମଚାରୀ ଯୋଗଦାନ କରି ଦୁର୍ନୀତି ମୁକ୍ତ ସମାଜ ଗଠନ ନିମନ୍ତେ ଶପଥ ପାଠ କରିଥିଲେ । ସେହିପରି ଉକ୍ତ ସମୟରେ ବିନିକା ବ୍ଲକ ଓସ୍ୱାନ ହଲ ଠାରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ଉପଜିଲ୍ଲାପାଳ ସୌମ୍ୟାରୁପା ରଥ ଅଭିଯୋଗ ଶିବିରରେ ଉପସ୍ଥିତ ଜିଲ୍ଲା ସ୍ତରୀୟ ଅଧିକାରୀ ତଥା ବ୍ଲକ କର୍ମଚାରୀ, ତହସିଲ କର୍ମଚାରୀ ପ୍ରମୁଖ ଦୁର୍ନୀତି ମୁକ୍ତ ସମାଜ ଗଠନ ପାଇଁ ଅଙ୍ଗୀକାରବଦ୍ଧତା ସ୍ୱରୁପ ସାଧୁତାର ଶପଥ ପାଠ କରିଥିଲେ । ଜିଲ୍ଲା ସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ଦୁର୍ନୀତି ନିବାରଣ ଶାଖା ସୁବର୍ଣ୍ଣପୁର ଦ୍ୱାରା ପ୍ରଶାସନ ର ବିଭିନ୍ନ ବିଭାଗ ସହଯୋଗରେ ବିଭିନ୍ନ ସଚେତନତା ସଭା, ଗ୍ରାମ ସଭା, ସାଂସ୍କୃତିକ କାର୍ଯ୍ୟକ୍ରମ, ସହ ଶିକ୍ଷା ବିଭାଗ ତରଫରୁ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ( ଓଡ଼ିଆ ଓ ଇଂରାଜୀ ) ଅନୁଷ୍ଠିତ ହେବ । ଏହା ସହିତ ସମସ୍ତ ଉପଖଣ୍ଡ ଓ ବ୍ଲକ ମାନଙ୍କରେ ମଧ୍ୟ ଏହି ସପ୍ତାହ ଅବସରରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବ ।

# କୁଟିଆ କନ୍ଧ ଉନ୍ନୟନ ସଂସ୍ଥାରେ ହରିଲୁଟ ଅଭିଯୋଗ

## ୧୮ ହଜାର ଆଦିବାସୀଙ୍କ ଭବିଷ୍ୟତ ଅନିଶ୍ଚିତ



**କଳାହାଣ୍ଡି,୨୮।୧୦(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲାରେ ଅନୁସୂଚିତ ଜନଜାତି କୁଟିଆ କନ୍ଧଙ୍କ ପାଇଁ ରାଜ୍ୟ ସରକାର କୁଟିଆ କନ୍ଧ ଉନ୍ନୟନ ସଂସ୍ଥା (କେଜେଡିଏ) ସ୍ଥାପନ କରିଛନ୍ତି। କେବଳ କାଗଜକଲମରେ କୁଟିଆ କନ୍ଧମାନଙ୍କ ବିକାଶ ହୋଇଥିବା ବେଳେ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଅଲଗା ଅଟେ । କୁଟିଆ କନ୍ଧମାନଙ୍କ ବିକାଶ ପାଇଁ ୧୯୮୭ ମସିହାରେ ଲାଞ୍ଜିଗଡ଼ରେ କେଜେଡିଏ ସରକାରୀ ସଂସ୍ଥା ସ୍ଥାପନ ହୋଇଥିଲା। ଲାଞ୍ଜିଗଡ଼ ବ୍ଲକ୍ର ବାନିଗାଁ, ଡେଙ୍ଗସର୍ଗି, ସିମିଲିଭଟା, ବନଗୁଡା, ବେଲମ୍ବା, କପାସୂତା, ନୋଟେନ୍ଡେଲି, ରେଙ୍ଗାପାଲି, ଟୁରିଗୁଡ଼ା, ବାନିପଙ୍ଗା, ରସବଡ୍ଡେଲ, କେନ୍ଦୁଗଡ଼ା, ଭାଟଗୁଡ଼ା, ମୟାଗୁଡ଼ା ସମେତ ୧୪ଟି ଗାଁରେ କେଜେଡିଏ ଅର୍ଥ ଖର୍ଚ୍ଚ ହୋଇଛି! ସେହିଭଳି ଓପିଲେପ ମାଧ୍ୟମରେ ୪୧ଟି ଗାଁରେ ବିଦେଶୀ ଅନୁଦାନରେ ପ୍ରକଳ୍ପ ଚାଲିଛି। ସରକାରୀ ସର୍ଭେ ଅନୁଯାୟୀ ୮୭୫ କୁଟିଆକନ୍ଧ ପରିବାର ଥିବା ବେଳେ ବର୍ତ୍ତମାନ ସର୍ଭେ ହୋଇଥିବା ୩ ହଜାର ୭୫ ପରିବାରରେ ୧୮ ହଜାରରୁ ଅଧିକ କୁଟିଆ କନ୍ଧ ଜନସଂଖ୍ୟା ଅନୁମୋଦନ ପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିସ କରାଯାଇଛି। ବର୍ତ୍ତମାନ ପୂର୍ବରୁ ଅନୁମୋଦନ ହୋଇଥିବା ମାତ୍ର ୧୪ଟି ଗାଁରେ ଜେକେଡିଏ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ପ୍ରତିବର୍ଷ କୋଟି କୋଟି ଟଙ୍କା ସରକାରୀ ଅନୁଦାନ ଚଞ୍ଚକତା କରି ହରିଲୁଟ ଚାଲିଛି । ବହୁ ଅର୍ଥ ଖର୍ଚ୍ଚ ନ ହୋଇ ପଡ଼ିରହିଛି। ତେବେ ଏ ନେଇ ଜଣେ ବିଭାଗୀୟ ଅଧିକାରୀଙ୍କ କହିବା ଅନୁଯାୟୀ ଓପିଲେପ ଜରିଆରେ ଅକ୍ଟୋବର ମାସ ପରେ ପ୍ରାୟ ୨୩୬ଟି ଗାଁରେ କାର୍ଯ୍ୟକାରୀ ହେବା ନଳକୂଅର ପାଣି ଟୋପାଏ ସେମାନଙ୍କ ପାଇଁ ମାତ୍ର ସପନ । ଆଜି ମଧ୍ୟ ଶହ ଶହ କୁଟିଆ କନ୍ଧ ଅବାସ ଯୋଜନାରୁ ବଞ୍ଚିତ ହୋଇ ଝାଟି ମାଟି ଘରେ ମୁଣ୍ଡ ଗୁଞ୍ଜି ରହୁଛନ୍ତି। ହାତଗୁଞ୍ଜା ନଦେଲେ ପଞ୍ଚାୟତ ପ୍ରତିନିଧିମାନେ ଆବାସ ଘର ମଧ୍ୟ ହେଉ ନ ଥିବା ଅଭିଯୋଗ ହୋଇଛି । ଗ୍ରାମସଭାରେ କାଗଜ କଲମ ରେ ହୋଇଯାଉଛି ଜଙ୍ଗଲ ଜମି ପଟ୍ଟା ଓ ଭୂମିହୀନ ପଟ୍ଟାରୁ ହଜାର ଆଦିବାସୀଙ୍କ ପାଇଁ ଜଙ୍ଗଲଜମି ଅଧିକାର ପ୍ରହସନ ପାଲଟିଛି । ଗୋଷ୍ଠୀଗତ ଜଙ୍ଗଲ ଜମି ଅଧିକାର ଓ ବ୍ୟକ୍ତି ଜଙ୍ଗଲ ଜମି ଅଧିକାରରୁ କୁଟିଆ କନ୍ଧମାନେ ବଞ୍ଚିତ ହେଉଛନ୍ତି । ପୁଷ୍ଟିକର ଖାଦ୍ୟର ଅଭାବ, ଝରଣା ପାଣି ସାଙ୍ଗକୁ ସ୍ୱାସ୍ଥ୍ୟ ସଚେତନତା ଅଭାବରୁ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି ଶିଶୁ ଓ ଗର୍ଭବତୀ ଅପପୁଷ୍ଟିର ଶିକାର ହେଉଛନ୍ତି।

# ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର



**ନୟାଗଡ଼,୨୮।୧୦ (ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲା ଅନ୍ତର୍ଗତ ନୂଆଗାଁ ବ୍ଲକରେ ଆଜି ଜିଲ୍ଲାପାଳ ନୟାଗଡ଼ଙ୍କ ବ୍ଲକ ସ୍ତରୀୟ ଯୁଗ୍ମ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଦିଲ୍ଲୀପ କୁମାର ବଳ, ଜିଲ୍ଲା ପରିଷଦ କାର୍ଯ୍ୟ ନିର୍ବାହି ଅଧିକାରୀ ଦେବଦତ୍ତ ପଣ୍ଡା, ଉପ ଜିଲ୍ଲାପାଳ କର୍ଣ୍ଣଦେବ ସମାଦାର ପ୍ରମୁଖ ଯୋଗ ଦେଇଥିଲେ । ଆଜିର ଏହି ଜନ ଶୁଣାଣି ଶିବିରରେ ମୋଟ ୧୮୧ ଗୋଟି ମାମଲା ଗ୍ରହଣ କରାଯାଇଥିଲା । ସେଥି ମଧ୍ୟରୁ ବ୍ୟକ୍ତିଗତ ମାମଲା ୧୬୧ ଗୋଟି ରହିଥିବା ବେଳେ ଗ୍ରାମ୍ୟ ମାମଲା ୧୬ ଗୋଟି ରହିଥିଲା । ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ୪ ଗୋଟି ମାମଲା ରହିଥିଲା । ତୁରନ୍ତ ୧୭ ଗୋଟି ମାମଲାର ସମାଧାନ କରାଯାଇଥିଲା। ଆଜିର ଏହି କାର୍ଯ୍ୟକ୍ରମରେ ସମସ୍ତ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହିଥିଲେ ।

# ବିନା ହାତଗୁଞ୍ଜାରେ ଘୁଞ୍ଚୁନି ଫାଇଲ

**କଳାହାଣ୍ଡି,୨୮।୧୦(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲାର କଳମପୁର ରେ ଥିବା ପଂଚାୟତ ସମିତିରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି । ସାଧାରଣ ଲୋକ ନିଜର କାର୍ଯ୍ୟ ଏଠାରେ ହାସଲ କରିବାରେ ସକ୍ଷମ ହୋଇ ପାରୁନାହିଁ । ଏପଟେ ବିନା କମିଶନରେ ଶ୍ରମିକ ନେତା ତଥା ସାଧାରଣ ଲୋକଙ୍କର ଫାଇଲ ଆଗକୁ ଘୁଞ୍ଚୁନଥିବା କୁହା ଯାଉଛି । ଏହା ସତ୍ତ୍ୱେ ଏହି ଦୁର୍ନୀତିଗ୍ରସ୍ତ କର୍ମଚାରିଙ୍କ ବିରୋଧରେ ଜିଲ୍ଲା ପ୍ରଶାସନ ତରଫରୁ ସେଭଳି ଆଖି ଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଯାହାକୁ ନେଇ ସାଧରଣରେ ଅସନ୍ତୋଷ ପ୍ରକାଶ ପାଉଛି । ଏଠାରେ ଦୀର୍ଘ ବର୍ଷ ଧରି କର୍ମଚାରୀ ମାନେ ରହି ଥିବାରୁ ମନମୁଖୀ କାର୍ଯ୍ୟ ଚଳାଇ ଥିବା ଅଭିଯୋଗ ହେଉଛି । ଏହା ଛଡା ଅଭିଯୋଗ ସତ୍ତ୍ୱେ କୌଣସି କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଅଧିକ ପ୍ରୋତ୍ସାହନ ପାଇଁ ଏଭଳି ଦୁର୍ନୀତି ଖୋର ମନୋଭାବ ପୋଷଣ କରୁଥିବା କୁହା ଯାଉଛି । ଯନ୍ତ୍ରୀ ମାନେ ମଧ୍ୟ ଏଭଳି କାର୍ଯ୍ୟ ଚଳାଇ ଥିବା ଚର୍ଚ୍ଚା ହେଉଛି । ସାଧାରଣ ବଣ୍ଟନ, ସମନ୍ୱିତ ଶିଶୁବିକାଶ, ଜିବିକା ମିଶନ, ବିଧବା, ବାର୍ଦ୍ଧକ୍ୟ , ଓ ଭିନ୍ନକ୍ଷମ ପେନସନ, ଥଇଥାନ ମନରେଗା, ଆଇଏପି, ଏପଡିଆର, ଟିଏଫସି, ଯୋଜନା ସମେତ ବହୁ କାର୍ଯ୍ୟଳୟ ମାଧ୍ୟମରେ ଯୋଜନା ସମ୍ପାଦିତ ହେଉଛି । ହେଲେ ଦାୟିତ୍ୱାଧୀନ କର୍ମଚାରୀ ଓ ଅଧିକାରୀ ମାନଙ୍କ ବେପାରୁଆ ମନୋଭାବ ଯୋଗୁଁ ଆବାସ ଯୋଜନା ରୁ ଏହାର ସୁଫଳ ଲୋକମାନେ ପାଇପାରୁ ନାହାନ୍ତି । ନିଶ୍ଚିତ ଗ୍ରାମୀଣ କର୍ମନିଯୁକ୍ତି ଯୋଜନାରେ ଏହି ବ୍ଲକର ଏକାଧିକ ପଂଚାୟତରେ ଶ୍ରମିକ ମାନଙ୍କ ନାମରେ ମିଥ୍ୟା ମାଷ୍ଟର ରୋଲ ପ୍ରସ୍ତୁତ କରାଯାଇ ଜେସିବି ଓ ଟ୍ରାକ୍ଟର ମାଧ୍ୟମରେ କାର୍ଯ୍ୟ କରାଯାଉ ଥିବା ଅଭିଯୋଗ ହେଉଛି । ଅନ୍ୟ ପକ୍ଷରେ ଏନଜିଓ ସଂସ୍ଥା ଆତ୍ମା ଜରିଆରେ ସରକାର ଅଭିଯୋଗ ଙ୍କ ପକ୍ଷରୁ ସାଧାରଣ ରଣ ଚାଷୀ ମାନଙ୍କ ପାଇଁ ଆସୁଥିବା ବିଭିନ୍ନ ପ୍ରକାର କୃଷି ଭିତ୍ତିକ ସହାୟତା ବାଟମାରଣା ହେଉଛି ।